ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୦/୨୦୨୩ (୧୪ ପୃଷ୍ଠା) | Bhubaneswar, Monday, April 10/2023 | Page 14 | ₹ 7.00
୪୯ଶ ଭାଗ ୧୩୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 49 ISSUE 135 | ମୂଲ୍ୟ ₹୭/-



**ନାଇଟ୍ ରାଇଡର୍ସଙ୍କୁ ଜିତାଇଲେ ରିଙ୍କୁ ସିଂ**

ଗୁଜରାଟ ଟାଇଟନ୍ସ ବିପକ୍ଷ ଆଇପିଏଲ ମ୍ୟାଚରେ ଧୂଆଁଧାର ବ୍ୟାଟିଂ କରି କୋଲକାତା ନାଇଟ୍ ରାଇଡର୍ସଙ୍କୁ ଜିତାଇଛନ୍ତି ରିଙ୍କୁ ସିଂ। ୧୪

୧୦ **ଏସିଡ୍ ଶିକାର ମହିଳାଙ୍କୁ ଭେଟିଲେ ଶାହାରୁଖ୍**

ବଲିଉଡ୍ ସୁପରଷ୍ଟାର ଶାହାରୁଖ୍ ଖାନ୍ କଲିକତାରେ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ମହିଳାଙ୍କୁ ଭେଟିଛନ୍ତି।





କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନ ଓ କଳିଙ୍ଗ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଫାଉଣ୍ଡେଶନ ପକ୍ଷରୁ ରବିବାର ସ୍ଥାନୀୟ କଳାବିକାଶ କେନ୍ଦ୍ରରେ ହେପାଟାଇଟିସ୍-ବି ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗନେଇଥିବା ଛାତ୍ରୀଛାତ୍ର। **(ଫଟୋ-ରାଜକିଶୋର)**

# ସ୍ୱାଭିମାନ ଅଞ୍ଚଳରେ 'ପୁଷ୍ପା-୨'

## ମାଲକାନଗିରିର ଝୁଲା ପୋଲ, ହନ୍ତାଲଗୁଡା ଘାଟି ଓ ଚିତ୍ରକୋଣ୍ଡା ସ୍ପିଲଓ୍ୱେରେ ଶୁଟିଂ ହେବ

**ଭୁବନେଶ୍ୱର,(ବ୍ୟୁରୋ)/ ମାଲକାନଗିରି,୯।୪ (ଡି.ଏନ୍.ଏ.)**

ବକ୍ସ ଅଫିସ୍‌ରେ ରେକର୍ଡ ଭାଙ୍ଗିଥିବା ସାଉଥ୍ ଷ୍ଟାର୍ ଅଲ୍ଲୁ ଅର୍ଜୁନଙ୍କ ସୁପରହିଟ୍ ଚଳଚ୍ଚିତ୍ର 'ପୁଷ୍ପା'ର ସଫଳତା ପରେ ଏବେ 'ପୁଷ୍ପା-୨' ନିର୍ମାଣ ପାଇଁ ପ୍ରକ୍ରିୟା ଚାଲିଛି। ତେବେ ଖୁସିର କଥା ହେଲା, ଏହାର ଶୁଟିଂ ଓଡ଼ିଶାରେ ହେବାକୁ ଯାଉଛି। ମାଲକାନଗିରି ଜିଲାର ସ୍ୱାଭିମାନ ଅଞ୍ଚଳ ଓ ସପ୍ତଧାରାର ବିଭିନ୍ନ ସ୍ଥାନରେ ଅଧିକାଂଶ ଶୁଟିଂ ହେବ। ସ୍ଥାନ ଚୟନ ପରେ ଚଳଚ୍ଚିତ୍ର ନିର୍ମାଣକାରୀ ସଂସ୍ଥା ମୈତ୍ରୀ ମୁଭି ମେକର୍ସ ପକ୍ଷରୁ ମାଲକାନଗିରି ଜିଲାପାଳ ବିଶାଳ ସିଂ ଓ ଆରକ୍ଷୀ ଅଧୀକ୍ଷକ ନିତେଶ ବାଧ୍ୱାନୀଙ୍କୁ ଚିଠି ଲେଖି ଅନୁମତି ଲୋଡ଼ାଯାଇଛି। ଏହି ଖବର ମିଳିବା ପରେ ଓଡ଼ିଆ ସିନେପ୍ରେମୀଙ୍କ ମନରେ ଉତ୍କଣ୍ଠା ପ୍ରକାଶ ପାଇଛି।

ନିକଟରେ ପୁଷ୍ପା-୨ର ପୋଷ୍ଟର ଓ ଟିଜର ରିଲିଜ୍ ହୋଇଥିବାବେଳେ ଏହାକୁ ଦର୍ଶକଙ୍କ ଭରପୂର ପ୍ରଶଂସା ମିଳିଛି। ସୋସିଆଲ ମିଡିଆରେ ଚଳଚ୍ଚିତ୍ରର ଶୁଟିଂକୁ ନେଇ ଅନେକ ପୋଷ୍ଟ ଅପଲୋଡ୍ ହେଉଛି। ଚଳଚ୍ଚିତ୍ର ନିର୍ମାଣ ସଂସ୍ଥାର ଏକ



ମାଲକାନଗିରି ଜିଲାର ହନ୍ତାଲଗୁଡା ଘାଟି।

- **ସ୍ଥାନ ଚୟନ କଲା ପୁଷ୍ପା ଟିମ୍**
- **ଜିଲାପାଳ, ଏସ୍‌ପିଙ୍କୁ ଅନୁମତି ପାଇଁ ଚିଠି**

ଟିମ୍ ଗତ ଏକମାସ ଧରି ମାଲକାନଗିରି ଜିଲାର ବିଭିନ୍ନ ସ୍ଥାନ ବୁଲିବା ପରେ ଶେଷରେ ସ୍ୱାଭିମାନ ଅଞ୍ଚଳର ଝୁଲା ପୋଲ, ହନ୍ତାଲଗୁଡା ଘାଟି ଓ ଚିତ୍ରକୋଣ୍ଡା ସ୍ପିଲଓ୍ୱେରେ ନିର୍ମାଣାଧୀନ ପୋଲ ନିକଟରେ ଶୁଟିଂ କରିବା ପାଇଁ ଯୋଜନା ରହିଛି। ସଂସ୍ଥା ପକ୍ଷରୁ ଫାଇଟ୍ ମାଷ୍ଟର ପିଟର ହାଇନସ୍, କଳା ନିର୍ଦ୍ଦେଶକ ରାମକ୍ରିଷ୍ଣା, ଫାଇଟ୍ ମାଷ୍ଟର ଡ୍ରାଗନ ପ୍ରକାଶ, ସହକାରୀ ପ୍ରଯୋଜକ ସୁବ୍ରମଣ୍ୟମ୍, ସହ ନିର୍ଦ୍ଦେଶକ ପ୍ରସାଦ ମାରିସେଟି, କ୍ୟାମେରା ମ୍ୟାନ୍ ଦେବରାଜ ପ୍ରମୁଖ ୨ଦିନ ଧରି ମାଲକାନଗିରିର ବିଭିନ୍ନ ଅଞ୍ଚଳ ବୁଲି ☞ପୃଷ୍ଠା-୪

# ପ୍ରବାସୀ ଓଡ଼ିଆଙ୍କ ପାଇଁ ନୂଆ ନିର୍ଦ୍ଦେଶାଳୟ

**'ଓଡ଼ିଶା ପରିବାର' ନାମରେ ରାଜ୍ୟ ସରକାର ଏକ ନୂଆ ନିର୍ଦ୍ଦେଶାଳୟ ଖୋଲିବେ। ଏହାଦ୍ୱାରା ଦେଶ ଓ ବିଦେଶରେ ରହୁଥିବା ପ୍ରବାସୀ ଓଡ଼ିଆଙ୍କୁ ସହାୟତା ମିଳିପାରିବ। ବିଶେଷକରି ରାଜ୍ୟ ବାହାରେ ସେମାନେ ଭୋଗୁଥିବା ସମସ୍ୟାର ସମାଧାନ ପାଇଁ ବାଟ ମିଳିବ। ଏହାସହ ରାଜ୍ୟର ବିକାଶରେ ସେମାନେ ଯୋଡ଼ି ହେବାକୁ ଉପଯୁକ୍ତ ପ୍ଲାଟଫର୍ମ ମିଳିବ। ଏହାକୁ ଦୃଷ୍ଟିରେ ରଖି ସରକାର ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଗଠନ କରିବାକୁ ରବିବାର ନୀତିଗତ ନିଷ୍ପତ୍ତି ନେଇଛନ୍ତି। ଏହା ସମେତ ମୋଟ ୭ଟି ପ୍ରସ୍ତାବକୁ ରାଜ୍ୟ କ୍ୟାବିନେଟ୍ ବୈଠକରେ ଅନୁମୋଦନ ଦିଆଯାଇଛି।**

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ସକାଶେ 'ପରିବାର-ଦ ପୋର୍ଟାଲ ଫର୍ ପ୍ରବାସୀ ଓଡ଼ିଆଜ୍-କନେକ୍ଟିଙ୍ଗ ଦ ରୁଟ୍‌ସ' ନାମକ ଉତ୍ସର୍ଗୀକୃତ ପୋର୍ଟାଲ ହେବ। ଏହାସହ

**ରାଜ୍ୟ କ୍ୟାବିନେଟ୍‌ର ନିଷ୍ପତ୍ତି**

- **ଜାପାନରୁ ଭର୍ଚୁଆଲରେ ଅଧ୍ୟକ୍ଷତା କଲେ ମୁଖ୍ୟମନ୍ତ୍ରୀ**
- **୭ ପ୍ରସ୍ତାବକୁ ମିଳିଲା ଅନୁମୋଦନ**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଏକ ପରାମର୍ଶଦାତା ପରିଷଦ ରହିବ। ଏହି ପରିଷଦରେ ସଦସ୍ୟମାନେ ରାଜ୍ୟ ସରକାରଙ୍କ ଦ୍ୱାରା ମନୋନୀତ ହେବେ। ସଦସ୍ୟମାନଙ୍କ ସଂଖ୍ୟା, କାର୍ଯ୍ୟ ଅବଧି ଏବଂ ସଦସ୍ୟତା ସରକାର ନିର୍ଦ୍ଧାରଣ କରିବେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଏହି ପରିଷଦର ସ୍ଥାୟୀ ସଦସ୍ୟ ରହିବେ ଏବଂ ବିଭାଗୀୟ ସଚିବ ଏହାର ଆବାହକ ରହିବେ ବୋଲି ରବିବାର ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ନିଷ୍ପତ୍ତି ହୋଇଛି।



ଜାପାନର କ୍ୱିଟୋରୁ ରବିବାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭର୍ଚୁଆଲ ମାଧ୍ୟମରେ କ୍ୟାବିନେଟ୍ ବୈଠକରେ ଅଧ୍ୟକ୍ଷତା କରୁଛନ୍ତି।

ଅପରାହ୍ନ ୧ଟା ସମୟରେ ରାଜ୍ୟ ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ କ୍ୟାବିନେଟ୍ ବୈଠକ ମୁଖ୍ୟମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। କ୍ୟାବିନେଟ୍‌ରେ ମୋଟ୍ ୭ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି। ମୁଖ୍ୟମନ୍ତ୍ରୀ ଭର୍ଚୁଆଲରେ ଜାପାନର କ୍ୱିଟୋ ସହରରୁ ଏହି ବୈଠକ ସହ ଯୋଡ଼ି ହୋଇଥିବାବେଳେ ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟୱର୍କ (ଓଏସ୍‌ଡବ୍ଲ୍ୟୁଏଏନ୍) ଜରିଆରେ କ୍ୟାବିନେଟ୍ ପ୍ରସ୍ତାବଗୁଡ଼ିକୁ ମଞ୍ଜୁରୀ ଦେଇଛନ୍ତି। ବୈଠକ ପରେ ଲୋକସେବା ଭବନର ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଗଣମାଧ୍ୟମକୁ ସୂଚନା ଦେଇ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ଏବଂ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାଏକ କହିଛନ୍ତି, ଓଡ଼ିଶା ପରିବାର ନିର୍ଦ୍ଦେଶାଳୟ ଏକ ବ୍ୟବସ୍ଥିତ ସରକାରୀ ଅନୁଷ୍ଠାନ, ☞ପୃଷ୍ଠା-୪

## ଝଡ଼ ବର୍ଷା ନେଇ ୧୭ ଜିଲାକୁ ୟେଲୋ ୱାର୍ନିଂ

**ଭୁବନେଶ୍ୱର,୯।୪(ବ୍ୟୁରୋ)**

ରାଜ୍ୟରେ ପାରଦ ଉପରମୁହାଁ ରହିଥିବାବେଳେ ପାଗ ଶୃଙ୍ଖଳା ରହିଛି। ଆସନ୍ତା ୨ରୁ ୩ ଦିନ ମଧ୍ୟରେ ରାଜ୍ୟ ପାଣିପାଗରେ ବିଶେଷ ପରିବର୍ତ୍ତନ ନ ଥିବାବେଳେ କେତେକ ସ୍ଥାନରେ ବିଜୁଳି ଓ ଘଡ଼ଘଡ଼ି ସହ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ସୋମବାର ୧୭ ଜିଲାରେ ଝଡ଼ବର୍ଷା ହେବାର ଆଶଙ୍କା ରହିଥିବାରୁ ସମ୍ପୃକ୍ତ ଜିଲାକୁ ୟେଲୋ ୱାର୍ନିଂ ଦିଆଯାଇଛି। ଏଥିସହ ରାଜ୍ୟରେ ଝଡ଼ବର୍ଷା ନେଇ ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆର୍‌ସି) ସମସ୍ତ ଜିଲାପାଳଙ୍କ ସହ ଆଲୋଚନା କରିଛନ୍ତି। ଝଡ଼ବର୍ଷା ଜନିତ ସ୍ଥିତିର ମୁକାବିଲା ପାଇଁ ପ୍ରସ୍ତୁତ ରହିବା ସହ କ୍ଷୟକ୍ଷତି ଉପରେ ନଜର ରଖିବା ପାଇଁ ଏସ୍‌ଆର୍‌ସି କହିଛନ୍ତି। ସୂଚନାନୁସାରେ, ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ହିମବାହ ବିପଦ**

# ମେ' ଶେଷ ସୁଦ୍ଧା +୨ ପରୀକ୍ଷାଫଳ

## ଆଜିଠୁ ଦୁଇ ପର୍ଯ୍ୟାୟରେ ଖାତାଦେଖା

**ଭୁବନେଶ୍ୱର,୯।୪(ବ୍ୟୁରୋ)**

ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ (ସିଏଚ୍‌ଏସ୍‌ଇ) ଦ୍ୱାରା ପରିଚାଳିତ +୨ ବା ଦ୍ୱାଦଶ ଶ୍ରେଣୀ ପରୀକ୍ଷା ଫଳ ଆସନ୍ତା ମେ' ଶେଷ ସୁଦ୍ଧା ପ୍ରକାଶ ପାଇବ। ଏଥିପାଇଁ ସୋମବାରଠାରୁ ଖାତାଦେଖା ଆରମ୍ଭ ହେଉଛି। ରବିବାର ଏ ସମ୍ପର୍କରେ ସୂଚନା ଦେଇ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ କହିଛନ୍ତି, ଖାତାଦେଖା ପାଇଁ ୬୫ଟି ମୂଲ୍ୟାୟନ କେନ୍ଦ୍ର ଓ ୩୯ଟି ଅନ୍‌ଲାଇନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ପ୍ରଥମ ପର୍ଯ୍ୟାୟ ଖାତାଦେଖା ଏପ୍ରିଲ ୧୦ରୁ ୨୩ ପର୍ଯ୍ୟନ୍ତ ଚାଲିବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ଖାତାଦେଖା ଏପ୍ରିଲ ୨୪ରୁ ମେ' ୭ ଯାଏ ଚାଲିବ। ଏହାପରେ ଟାବୁଲେଶନ ପ୍ରକ୍ରିୟା ଆରମ୍ଭ ହୋଇ ମେ' ତୃତୀୟ ସପ୍ତାହ ସୁଦ୍ଧା ସରିବ। ଏସବୁ ଠିକ୍ ସମୟରେ ସରିଲେ ମେ' ଶେଷ ସୁଦ୍ଧା +୨ ତଥା ଦ୍ୱାଦଶ ଶ୍ରେଣୀ ପରୀକ୍ଷାଫଳ ପ୍ରକାଶ ପାଇପାରିବ ବୋଲି ମନ୍ତ୍ରୀ ଦାଶ ପ୍ରକାଶ କରିଛନ୍ତି।

ସୂଚନାଥାଉ କି, ୪ ଦଫା ଦାବି ନେଇ ୬୬୨ ବର୍ଗ ଅଧ୍ୟାପକମାନେ ଆନ୍ଦୋଳନକୁ ଓହ୍ଲାଇବା ସହ ସରକାରଙ୍କୁ ଚେତାବନୀ ଦେବାରୁ ଖାତାଦେଖାକୁ ନେଇ ଅନିଶ୍ଚିତତା ଦେଖାଦେଇଥିଲା। ତେବେ ମୁଖ୍ୟମନ୍ତ୍ରୀ ବିଦେଶ ଗସ୍ତରୁ ଫେରିବା ପରେ ଅଧ୍ୟାପକଙ୍କ ଦାବି ନେଇ ଆଲୋଚନା ହେବ ବୋଲି ସରକାରଙ୍କ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଅଧ୍ୟାପକମାନେ ସର୍ତ୍ତମୂଳକ ଭାବେ ମୂଲ୍ୟାୟନରେ ସହଯୋଗ କରିବେ ବୋଲି ସଂଘ ନିଷ୍ପତ୍ତି ନେଇଛି। ଖାତାଦେଖାରେ ସହଯୋଗ କରୁଥିବାରୁ ଅଧ୍ୟାପକମାନଙ୍କୁ ଗଣଶିକ୍ଷା ମନ୍ତ୍ରୀ କୃତଜ୍ଞତା ଜଣାଇଛନ୍ତି।

# ନାବାଳକଙ୍କୁ ଜିଭ ଚାଟିବାକୁ କହିଲେ ଦଲାଇ ଲାମା

**ବିବାଦରେ ଭାଇରାଲ୍ ଭିଡିଓ**

**ନୂଆଦିଲ୍ଲୀ,୯।୪**

ତିବ୍ବତୀୟ ଧର୍ମଗୁରୁ ଦଲାଇ ଲାମାଙ୍କ ଏକ ଭିଡିଓକୁ ନେଇ ବିବାଦ ସୃଷ୍ଟି ହୋଇଛି। ଜଣେ ଭାରତୀୟ ନାବାଳକ ପ୍ରଣାମ କରିବା ପାଇଁ ତଳକୁ ନଇଁ ପଡ଼ିଥିବାବେଳେ ୮୭ ବର୍ଷୀୟ ଦଲାଇ ଲାମା ତାଙ୍କ ଓଠରେ ଚୁମ୍ବନ ଦେଉଛନ୍ତି। ଏପରି କି ଧର୍ମଗୁରୁ ତାଙ୍କୁ ନିଜ ଜିଭ ଚାଟିବାକୁ ମଧ୍ୟ କହୁଥିବା ଉକ୍ତ ଭିଡିଓରେ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ବହୁଳ ପ୍ରସାରିତ ଏହି ଭିଡିଓକୁ ନେଇ ଟୁଇଟର ୟୁଜର୍ସ ନାନା ମନ୍ତବ୍ୟ ଦେଇଛନ୍ତି। ଦଲାଇ ଲାମାଙ୍କୁ ଶିଶୁ ଯୌନ ଉତ୍ପୀଡ଼ନ ଅଭିଯୋଗରେ ଗିରଫ କରାଯାଉ ବୋଲି



ଜସ୍ ଓବେରୟ ନାମକ ଜଣେ ୟୁଜର୍ସ ଦାବି କରିଛନ୍ତି। ପ୍ରକାଶ ଯେ, ☞ପୃଷ୍ଠା-୪

# ଭାରତରେ ବାଘ ସଂଖ୍ୟା ବଢୁଛି

**ବ୍ୟାଘ୍ର ଗଣନା**

**୨୦୨୨ରେ ୩,୧୬୭**

**୨୦୧୪ରେ ୨,୨୨୬**

**୨୦୦୬ରେ ୧,୪୧୧**

## 'ଅମୃତ କାଲ୍ କା ଟାଇଗର ଭର୍ସନ' ବୁକ୍‌ଲେଟ୍ ଉନ୍ମୋଚନ କଲେ ପ୍ରଧାନମନ୍ତ୍ରୀ

**ମହୀଶୂର,୯।୪**

୨୦୨୨ ଗଣନା ଅନୁସାରେ ଭାରତରେ ୩,୧୬୭ ବାଘ ଅଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର କର୍ଣ୍ଣାଟକର ମହୀଶୂରରେ ଜାରି କରିଥିବା ଟାଇଗର ସେନ୍‌ସସ୍‌ରୁ ଏହି ତଥ୍ୟ ସାମ୍ନାକୁ ଆସିଛି। ତଥ୍ୟାନୁସାରେ ଦେଶରେ ବାଘସଂଖ୍ୟା ୨୦୦୬ରେ ୧,୪୧୧ ଥିଲା। ୨୦୧୦ରେ ଏହା ୧,୭୦୬କୁ ବୃଦ୍ଧି ପାଇଥିଲା। ୨୦୧୪ରେ ବାଘସଂଖ୍ୟା ୨,୨୨୬ ଥିବାବେଳେ ୨୦୧୮ରେ ୨,୯୬୭କୁ ବଢ଼ିଥିଲା। ଅର୍ଥାତ୍ ୨୦୦୬ରୁ ୨୦୧୮ ମଧ୍ୟରେ ବାଘଙ୍କ ସଂଖ୍ୟା ପ୍ରାୟ ଦୁଇଗୁଣ ବୃଦ୍ଧି ପାଇଛି।





କର୍ଣ୍ଣାଟକର ବାନ୍ଦିପୁର ଟାଇଗର ରିଜର୍ଭରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି।

'ଟାଇଗର ପ୍ରୋଜେକ୍ଟ' ବା ବ୍ୟାଘ୍ର ପ୍ରକଳ୍ପର ୫୦ ବର୍ଷ ପୂର୍ତ୍ତି ଅବସରରେ ପ୍ରଧାନମନ୍ତ୍ରୀ 'ଇଣ୍ଟରନ୍ୟାଶନାଲ ବିଗ୍ କ୍ୟାଟ୍ ଆଲାଏନ୍ସ'ର ଶୁଭାରମ୍ଭ କରିଛନ୍ତି। ବାଘ, ସିଂହ, ଲିଓପାର୍ଡ, ସ୍ନୋ ଲିଓପାର୍ଡ, ପୁମା, ଜାଗୁଆର ଓ ଚିତା ଆଦି ୭ ପ୍ରଜାତିର ବିଗ୍ କ୍ୟାଟ୍‌ଙ୍କ ସୁରକ୍ଷା ତଥା ସଂରକ୍ଷଣ ପାଇଁ ଏହି ଅନ୍ତର୍ଜାତୀୟ ମେଣ୍ଟ କାର୍ଯ୍ୟ କରିବ। ଏହି ଅବସରରେ ମୋଦି 'ଅମୃତ କାଲ୍ କା ଟାଇଗର ଭର୍ସନ' ଶୀର୍ଷକ ଏକ ବୁକ୍‌ଲେଟ୍ ମଧ୍ୟ ଉନ୍ମୋଚନ କରିଛନ୍ତି। ବିଶ୍ୱର ୭୦% ବାଘ ଭାରତୀୟ ଜଙ୍ଗଲଗୁଡ଼ିକରେ ବସବାସ କରୁଥିବାବେଳେ ଆଗାମୀ ୨୫ ବର୍ଷରେ ବାଘବଂଶର ସୁରକ୍ଷା ପାଇଁ ଏଥିରେ ଅନେକ ଯୋଜନା କରାଯାଇଛି। ବାଘସଂଖ୍ୟା ବୃଦ୍ଧି କେବଳ ଭାରତ ନୁହେଁ, ବରଂ ସାରା ବିଶ୍ୱ ପାଇଁ ଏକ ବଡ଼ ସଫଳତା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ମତରେ ଭାରତ ଏପରି ଏକ ଦେଶ, ଯେଉଁଠି ପ୍ରକୃତିର ସୁରକ୍ଷା ଆମ ସଂସ୍କୃତିର ଅଂଶବିଶେଷ। ଭାରତ ବିଶ୍ୱ ଭୂଖଣ୍ଡର ମାତ୍ର ୨.୪% ହୋଇଥିବା ସତ୍ତ୍ୱେ ☞ପୃଷ୍ଠା-୪

## ସଂକ୍ଷେପରେ

### ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲା
## ଆଜି ସୁପ୍ରିମକୋର୍ଟରେ ଶୁଣାଣି

**ନୂଆଦିଲ୍ଲୀ, ୯।୪(ପି.ଟି.):** ୨୦୦୨ ଗୋଧ୍ରା ଟ୍ରେନ୍ ପୋଡି ମାମଲାରେ ଆଜୀବନ ଜେଲଦଣ୍ଡ ପାଇଥିବା କେତେଜଣ ଅପରାଧୀଙ୍କ ଜାମିନ ଆବେଦନର ଶୁଣାଣି ସୋମବାର ସୁପ୍ରିମକୋର୍ଟରେ ଅନୁଷ୍ଠିତ ହେବ। ପ୍ରଧାନ ବିଚାରପତି ଡି.ୱାଇ. ଚନ୍ଦ୍ରଚୂଡ଼, ଜଷ୍ଟିସ୍ ପି.ଏସ୍. ନରସିଂହ ଏବଂ ଜେ.ବି. ପର୍ଡିୱାଲାଙ୍କ ଖଣ୍ଡପୀଠ ଅପରାଧୀମାନଙ୍କ ଆବେଦନର ଶୁଣାଣି କରିବ। ସେମାନେ ଦୋଷାସାବ୍ୟସ୍ତ ରାୟକୁ ଚ୍ୟାଲେଞ୍ଜ କରିଥିଲେ। ଗତ ମାର୍ଚ୍ଚ ୨୪ରେ ଗୁଜରାଟ ସରକାରଙ୍କ ପକ୍ଷରୁ ସଲିସିଟର ଜେନେରାଲ ତୁଷାର ମେହେଟ୍ଟା କେତେଜଣ ଅପରାଧୀଙ୍କ ତଥ୍ୟଭିତ୍ତିକ ବିବରଣୀର ଯାଞ୍ଚ କରିବାକୁ ହେବ ବୋଲି କହିଥିଲେ। ତେବେ ଜଣେ ଅପରାଧୀଙ୍କ ସ୍ତ୍ରୀ କ୍ୟାନ୍ସରରେ ପୀଡ଼ିତ ଥିବାରୁ ତାଙ୍କ ଜାମିନ ଅବଧିକୁ ସୁପ୍ରିମକୋର୍ଟ ବୃଦ୍ଧି କରିଥିଲେ। ୨୦୦୨ ଗୋଧ୍ରା ଟ୍ରେନ୍ ପୋଡ଼ି ମାମଲାରେ ଦୋଷୀସାବ୍ୟସ୍ତ ହୋଇଥିବା ୧୧ ଜଣଙ୍କ ମୃତ୍ୟୁଦଣ୍ଡକୁ ଗୁଜରାଟ ହାଇକୋର୍ଟ କୋହଳ କରି ଆଜୀବନ ଜେଲ ଦଣ୍ଡାଦେଶ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କୁ ମୃତ୍ୟୁଦଣ୍ଡ ଦେବା ଲାଗି ଫେବୃୟାରୀ ୨୦ରେ ଗୁଜରାଟ ସରକାର ସର୍ବୋଚ୍ଚ ନ୍ୟାୟାଳୟରେ ଆବେଦନ କରିଥିଲେ।

## କେରଳ ଟ୍ରେନ୍ ଯାତ୍ରୀଙ୍କୁ ପୋଡ଼ିଦେବା ଘଟଣା ସହ ଆତଙ୍କବାଦ ସମ୍ପୃକ୍ତି

**ନୂଆଦିଲ୍ଲୀ, ୯।୪:** କେରଳ ଟ୍ରେନ୍ ଯାତ୍ରୀଙ୍କ ଦେହରେ ନିଆଁ ଲଗାଇଦେବା ଘଟଣାରେ ଗିରଫ ଅଭିଯୁକ୍ତ ଶାରୁଖ ସୈଫିଙ୍କ ବିରୋଧରେ ହତ୍ୟା ମାମଲା ରୁଜୁ ହୋଇଛି। ଏହା ଆତଙ୍କବାଦ ମାମଲା ସ୍ପଷ୍ଟ ହୋଇଥିବାରୁ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ) ତଦନ୍ତ ଦାୟିତ୍ୱ ନେବ ବୋଲି ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ତେବେ ଅଭିଯୁକ୍ତ କେରଳରେ ଏଭଳି କାଣ୍ଡ ଘଟାଇବା ପଛର ଉଦ୍ଦେଶ୍ୟ ଜଣାପଡ଼ିନାହିଁ। ଗିରଫ ପରେ କୋଝିକୋଡ୍ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସାଧୀନ ଥିବା ଅଭିଯୁକ୍ତ ସୈଫିଙ୍କୁ ଏନ୍ଆଇଏ ଅଫିସରମାନେ ଜେରା କରିଛନ୍ତି। ଏନେଇ ତଦନ୍ତକାରୀ ସଂସ୍ଥା ସ୍ୱରାଷ୍ଟ୍ର ମନ୍ତ୍ରଣାଳୟକୁ ସବିଶେଷ ରିପୋର୍ଟ ପ୍ରଦାନ କରିବ। ସୈଫିଙ୍କ ବିରୋଧରେ ଖୁବ୍‌ଶୀଘ୍ର ୟୁଏପିଏ (ବେଆଇନ କାର୍ଯ୍ୟକଳାପ ପ୍ରତିକାର ଆଇନ) ଲାଗୁ କରାଯିବ ବୋଲି ଏନ୍ଆଇଏ କହିଛି।

## ଅକ୍ଷରା ଥିଏଟର ସହପ୍ରତିଷ୍ଠାତା ଜଲାବାଲା ବୈଦ୍ୟଙ୍କ ପରଲୋକ



**ନୂଆଦିଲ୍ଲୀ, ୯।୪:** କିମ୍ବଦନ୍ତୀ ଥିଏଟର ଅଭିନେତ୍ରୀ ତଥା ଦିଲ୍ଲୀର ଖ୍ୟାତନାମା ଅକ୍ଷରା ଥିଏଟରର ସହପ୍ରତିଷ୍ଠାତା ଜଲାବାଲା ବୈଦ୍ୟଙ୍କର ରବିବାର ପରଲୋକ ହୋଇଯାଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ସେ କିଛିଦିନ ହେଲା ଶ୍ୱାସକ୍ରିୟାଜନିତ ରୋଗରେ ପୀଡ଼ିତ ଥିଲେ। ଲଣ୍ଡନରେ ଜନ୍ମିତ ଜଲାବାଲା ୧୯୬୮ରୁ ଅଭିନୟ ଆରମ୍ଭ କରିଥିଲା। ସେ ସଙ୍ଗୀତ ନାଟକ ଏକାଡେମୀର ଟାଗୋର ଆୱାର୍ଡ, ଦିଲ୍ଲୀ ନାଟ୍ୟସଂଘ ଆୱାର୍ଡ ଆଦି ପୁରସ୍କାରରେ ସମ୍ମାନିତ ହୋଇଛନ୍ତି।



ବୈଶାଖୀ ପାଳନ ଲାଗି ପାକିସ୍ତାନ ଯିବା ପୂର୍ବରୁ ରବିବାର ଅମୃତସରରେ ଶିଖ୍ ତୀର୍ଥଯାତ୍ରୀମାନେ ସ୍ଲୋଗାନ ଦେଉଛନ୍ତି।

# ପ୍ରକଳ୍ପ ବିଳମ୍ବିତ, ଖର୍ଚ୍ଚ ବଢୁଛି
## ସଡ଼କ ପରିବହନ, ରାଜପଥ ପ୍ରୋଜେକ୍ଟ ସବୁଠୁ ପଛୁଆ

**ନୂଆଦିଲ୍ଲୀ,୯।୪**



ଦେଶର ସଡ଼କ ପରିବହନ ଓ ରାଜପଥ କ୍ଷେତ୍ରରେ ଚାଲିଥିବା ପ୍ରକଳ୍ପଗୁଡ଼ିକ ସର୍ବାଧିକ ବିଳମ୍ବିତ ହୋଇଥିବା ଏକ ସରକାରୀ ରିପୋର୍ଟରୁ ଜଣାପଡ଼ିଛି। ଉକ୍ତ ରିପୋର୍ଟ ଅନୁସାରେ ସଡ଼କ ପରିବହନ ଓ ରାଜପଥ କ୍ଷେତ୍ରରେ ୭୧୭ ପ୍ରକଳ୍ପ ମଧ୍ୟରୁ ୪୦୭ ବିଳମ୍ବିତ ହେଇଥିବାବେଳେ ରେଳପଥର ୧୧୪, ପେଟ୍ରୋଲିୟମ୍ ଶିଳ୍ପର ୮୬ ପ୍ରୋଜେକ୍ଟ ବିଳମ୍ବିତ ହୋଇଛି।

ରେଳପଥ କ୍ଷେତ୍ରରେ ୧୭୩ ପ୍ରକଳ୍ପ ମଧ୍ୟରୁ ୧୧୪ ପ୍ରୋଜେକ୍ଟ କାର୍ଯ୍ୟ ମନ୍ଥର ଗତିରେ ଚାଲୁଛି। ପେଟ୍ରୋଲିୟମ୍ ସେକ୍ଟରର ୧୪୬ ପ୍ରକଳ୍ପ ମଧ୍ୟରୁ ୮୬ଟି ପଛରେ ପଡ଼ିଯାଇଥିବା ଭିତ୍ତିଭୂମି ପ୍ରକଳ୍ପ ଫ୍ଲାସ୍ ରିପୋର୍ଟ ୨୦୨୩ ଫେବୃୟାରୀରୁ ଜଣାପଡ଼ିଛି। ୧୫୦ କୋଟି ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର କେନ୍ଦ୍ରୀୟ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକର ତଦାରଖ କାର୍ଯ୍ୟ ପରିସଂଖ୍ୟାନ ଓ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଅଧୀନ ଇନ୍‌ଫ୍ରାଷ୍ଟ୍ରକ୍ଚର ଆଣ୍ଡ୍ ପ୍ରୋଜେକ୍ଟ ମନିଟରିଂ ଡିଭିଜନ୍ (ଆଇପିଏମ୍‌ଡି) କରିଥାଏ। ରିପୋର୍ଟ ଅନୁସାରେ ମୁନିରାବାଦ-ମହବୁବ୍‌ନଗର ରେଳ ପ୍ରକଳ୍ପ ସର୍ବାଧିକ ୨୭୬ ମାସ ବିଳମ୍ବିତ ହୋଇଛି। ଦ୍ୱିତୀୟ ସର୍ବାଧିକ ବିଳମ୍ବିତ ପ୍ରକଳ୍ପ ହେଉଛି ଉଦ୍ଧମପୁର-ଶ୍ରୀନଗର-ବାରମୂଲା ରେଳ ପ୍ରୋଜେକ୍ଟ, ଯାହାକି ୨୪୭ ମାସ ପଛେଇଯାଇଛି। ତୃତୀୟ ସର୍ବାଧିକ ବିଳମ୍ବିତ ପ୍ରକଳ୍ପ ହେଉଛି ବେଲାପୁର-ସିଉଡ୍-ଅର୍ବାନ ଇଲେକ୍ଟ୍ରିଫାଏଡ୍ ଡବଲ୍ ଲାଇନ୍, ଯାହାକି ନିର୍ଦ୍ଧାରିତ ସମୟଠାରୁ ୨୨୮ ମାସ ପଛରେ ପଡ଼ିଯାଇଛି। ଫ୍ଲାସ୍ ରିପୋର୍ଟରେ ୧,୪୧୮ ସେଣ୍ଟ୍ରାଲ ସେକ୍ଟର ଇନ୍‌ଫ୍ରାଷ୍ଟ୍ରକ୍ଚର ପ୍ରୋଜେକ୍ଟ ସମ୍ପର୍କିତ ତଥ୍ୟ ରହିଛି। ସେଥିରୁ ପ୍ରତ୍ୟେକ ପ୍ରକଳ୍ପର ମୂଲ୍ୟ ୧୫୦ କୋଟି କିମ୍ବା ତଦୂର୍ଦ୍ଧ୍ୱ ଟଙ୍କା। ସେହିପରି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରି ନ ଥିବା ୮୨୩ଟି ପ୍ରୋଜେକ୍ଟ ରହିଛି। ୩୪୬ ପ୍ରୋଜେକ୍ଟର ବ୍ୟୟଅଟକଳ ନିର୍ଦ୍ଧାରିତ ବଜେଟକୁ ବଳିଯାଇଛି। ୨୪୨ ପ୍ରକଳ୍ପର ଉଭୟ ସମୟ ଓ ନିର୍ମାଣ ଖର୍ଚ୍ଚ ମୂଳ ଆକଳନଠାରୁ ଢେର ବଢ଼ିଯାଇଛି। ୮୨୩ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟକୁ ଅତିକ୍ରମ କରିଥିବାବେଳେ ୧୫୯ ପ୍ରୋଜେକ୍ଟ ସମ୍ପୂର୍ଣ୍ଣ ହୋଇ ନ ପାରି ଅତିରିକ୍ତ ଭାବେ ବିଳମ୍ବିତ ହୋଇଛି। ଏହି ୧୫୯ ପ୍ରକଳ୍ପ ମଧ୍ୟରୁ ୩୮ଟି ହେଉଛି ମେଗା ପ୍ରୋଜେକ୍ଟ, ଯାହାର ବ୍ୟୟଅଟକଳ ୧,୦୦୦ କୋଟି କିମ୍ବା ତଦୂର୍ଦ୍ଧ୍ୱ ଟଙ୍କା।

ସଡ଼କ ଓ ରାଜପଥ ସେକ୍ଟରରେ ୭୧୭ ପ୍ରୋଜେକ୍ଟକୁ ଅନୁମୋଦନ ମିଳିବା ସମୟରେ ସେଗୁଡ଼ିକ ପାଇଁ ୩,୯୭,୨୫୫.୪୭ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା। କିନ୍ତୁ ନିର୍ମାଣ ବିଳମ୍ବିତ ହୋଇଥିବାରୁ ବର୍ତ୍ତମାନ ସେଗୁଡ଼ିକ ପାଇଁ ୪,୧୪,୪୪୦ କୋଟି ଟଙ୍କା ଅର୍ଥାତ୍ ଅତିରିକ୍ତ ୪.୩% ଅର୍ଥ ଖର୍ଚ୍ଚ କରାଯିବ। ଅନୁରୂପ ଭାବେ ୧୭୩ ରେଲୱେ ପ୍ରୋଜେକ୍ଟ ନିର୍ମାଣ ପାଇଁ ପୂର୍ବରୁ ୩୭,୨୭୬୧.୪୫ କୋଟି ଟଙ୍କା ମଞ୍ଜୁର ହୋଇଥିଲା, ଯାହାକି ଏବେ ୬,୨୬,୬୩୨.୫୨ କୋଟି ଟଙ୍କାରେ ପହଞ୍ଚିଛି। ପେଟ୍ରୋଲିୟମ୍ ସେକ୍ଟରରେ ୧୪୬ଟି ପ୍ରକଳ୍ପ ପାଇଁ ୩,୬୭,୬୧୫.୬୭ କୋଟି ଟଙ୍କା ମଞ୍ଜୁର ହୋଇଥିବାବେଳେ ବିଳମ୍ବ କାରଣରୁ ଏହାର ବର୍ତ୍ତମାନ ଖର୍ଚ୍ଚ ୩,୮୫,୧୧୭.୦୮ କୋଟି ଟଙ୍କାକୁ ବୃଦ୍ଧି ପାଇଛି।

## ସରକାର ବିରୋଧୀ ଗୀତ ପାଇଁ ରାପର ଗିରଫ

**ମୁମ୍ବାଇ, ୯।୪**



ଉମେଶ ଖାଡ଼େ

ସରକାର ବିରୋଧୀ ଗୀତ ଗାଇଥିବା ଜଣେ ମରାଠୀ ରାପରଙ୍କୁ ମୁମ୍ବାଇ ପୋଲିସ ଗିରଫ କରିବା ସହ ତାଙ୍କ ବିରୋଧରେ ମାମଲା ରୁଜୁ କରିଛି। ରାପର ଉମେଶ ଖାଡ଼େଙ୍କ ଅଶ୍ଳୀଳ ଓ ଅପମାନଜନକ ଗୀତ ରାଜନେତା, କୃଷକ ଓ ସାଧାରଣ ଜନତାଙ୍କ ମଧ୍ୟରେ ଉତ୍ତେଜନା ସୃଷ୍ଟି କରିପାରେ ବୋଲି ପୋଲିସ କହିଛି। କ୍ରାଇମ୍ ବ୍ରାଞ୍ଚର ଅଭିଯୋଗ କ୍ରମେ ତାଙ୍କ ବିରୋଧରେ ୱାଡାଲା ଥାନାରେ ମାମଲା ରୁଜୁ ହୋଇଛି। ରାପରଙ୍କର ୨.୫୫ ମିନିଟ୍‌ର ଗୀତ 'ଜନତା ଭୋଙ୍ଗଲି କେଲି'ରେ ସାଧାରଣ ଲୋକଙ୍କୁ ଭକୁଆ ବନାଇବା ପାଇଁ କିପରି ରାଜନୈତିକ ନାଟକବାଜି ଚାଲିଛି, ତାହା ଉଲ୍ଲେଖ କରାଯାଇଛି। ଏହାବ୍ୟତୀତ ଦରଦାମ୍ ବୃଦ୍ଧି, ଧର୍ମ ସହ ରାଜନେତାମାନଙ୍କ ଖେଳ ଏବଂ ସାଧାରଣ ଲୋକଙ୍କ ଆବଶ୍ୟକତା ଓ ସେମାନଙ୍କ ସଂଘର୍ଷ କଥା ଉକ୍ତ ଗୀତରେ ସ୍ଥାନ ପାଇଛି। ଏଥିପାଇଁ ରାପରଙ୍କ ବିରୋଧରେ ଆଇପିସିର ଧାରା ୫୦୪(ଆଇ), ୫୦୫ ଏବଂ ସିଆର୍‌ପିସିର ଧାରା ୪୧ଏ'ରେ ମାମଲା ରୁଜୁ ହୋଇଛି।

## ଘୃଣା ମନ୍ତବ୍ୟ: କାଜଲ ହିନ୍ଦୁସ୍ତାନୀ ଗିରଫ



**ନୂଆଦିଲ୍ଲୀ, ୯।୪**

ଗୁଜରାଟର ଉନା ସହରରେ ରାମନବମୀ ଅବସରରେ ଘୃଣିତ ଭାଷଣ ଦେଇଥିବା ଦକ୍ଷିଣପନ୍ଥୀ କାର୍ଯ୍ୟକର୍ତ୍ତା କାଜଲ ହିନ୍ଦୁସ୍ତାନୀଙ୍କୁ ରବିବାର ଗିରଫ କରାଯାଇଛି। ତାଙ୍କର ଘୃଣିତ ମନ୍ତବ୍ୟକୁ ନେଇ ଏପ୍ରିଲ ୧ରେ ଉନା ସହରରେ ସାମ୍ପ୍ରଦାୟିକ ସଂଘର୍ଷ ଘଟିଥିଲା। ରବିବାର ସକାଳେ ହିନ୍ଦୁସ୍ତାନୀ ପୋଲିସ ନିକଟରେ ଆତ୍ମସମର୍ପଣ କରିବା ପରେ ତାଙ୍କୁ ଗିରଫ କରାଯାଇଥିଲା। କୋର୍ଟରେ ହାଜର ପରେ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି। ହିନ୍ଦୁସ୍ତାନୀ ନିଜକୁ ଜଣେ ଉଦ୍ୟୋଗୀ, ଗବେଷଣା ବିଶ୍ଳେଷକ, ସାମାଜିକ କର୍ମୀ, ଜାତୀୟତାବାଦୀ ଏବଂ ଗର୍ବିତ ଭାରତୀୟ ଭାବେ ଟୁଇଟର ବାୟୋରେ ଲେଖିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ତାଙ୍କର ୯୨ ହଜାରରୁ ଉର୍ଦ୍ଧ୍ୱ ଫଲୋର ଅଛନ୍ତି।

## ରାହୁଲଙ୍କ ବିରୋଧରେ ମାନହାନି ମାମଲା କରିବେ ଆସାମ ମୁଖ୍ୟମନ୍ତ୍ରୀ

**ଗୁଆହାଟୀ, ୯।୪**

ଆଦାନୀ ପ୍ରସଙ୍ଗରେ କଂଗ୍ରେସ ନେତା ରାହୁଲ ଗାନ୍ଧୀ ସୋସିଆଲ ମିଡିଆରେ କରିଥିବା ଏକ ପୋଷ୍ଟ ପାଇଁ ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ତାଙ୍କ ବିରୋଧରେ ମାନହାନି ମାମଲା ଦାଏର କରିବେ ବୋଲି ରବିବାର କହିଛନ୍ତି। ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଅଦାନୀଙ୍କ ସହ ଆସାମ ମୁଖ୍ୟମନ୍ତ୍ରୀଙ୍କର ସମ୍ପର୍କ ରହିଥିଲା ବୋଲି ରାହୁଲ ଶନିବାର ଟୁଇଟ୍ କରିଥିଲେ। ଏହାର ଜବାବରେ ସେ ରାହୁଲଙ୍କୁ କୋର୍ଟରେ ଭେଟିବେ ବୋଲି ବିଶ୍ୱଶର୍ମା କହିଥିଲେ। ଏପ୍ରିଲ ୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆସାମ ଗସ୍ତ ଶେଷ ହେବା ପରେ ବିଶ୍ୱଶର୍ମା ଗୁଆହାଟୀରେ ମାନହାନି ମାମଲା ରୁଜୁ କରିବେ।

## ଶ୍ରୀନଗରରେ ହେବ ଜି୨୦ ବୈଠକ

**ନୂଆଦିଲ୍ଲୀ, ୯।୪**

ଚାଇନା ଓ ପାକିସ୍ତାନର ବିରୋଧ ସତ୍ତ୍ୱେ ଭାରତ ଶ୍ରୀନଗରରେ ଜି୨୦ ବୈଠକ କରିବା ଲାଗି ତାରିଖ ଘୋଷଣା କରିଛି। ଶ୍ରୀନଗରରେ ଜି୨୦ର ବୈଠକ ବନ୍ଦ କରିବା ଲାଗି ପାକିସ୍ତାନ ସରକାର ସାଉଦି ଆରବ, ତୁର୍କୀ ଓ ଚାଇନା ସହ ଲବି ଚଳାଇଥିଲେ। ସେହିପରି ଅରୁଣାଚଳ ପ୍ରଦେଶରେ ଏହି ଗ୍ରୁପ୍‌ର ବୈଠକକୁ ନେଇ ଗତ ମାସରେ ବେଜିଂ ପ୍ରତିକ୍ରିୟା ସ୍ୱରୂପ ଉକ୍ତ ରାଜ୍ୟର ୧୧ଟି ସ୍ଥାନର ନାଁ ବଦଳାଇଥିଲା।

ମେ' ୨୨ରୁ ୨୪ ଶ୍ରୀନଗରରେ ଜି୨୦ର ପର୍ଯ୍ୟଟନ ଉପରେ କାର୍ଯ୍ୟକାରୀ ଗ୍ରୁପ୍ ବୈଠ୍ ଅନୁଷ୍ଠିତ ହେବ। ଅରୁଣାଚଳ ଭଳି ଶ୍ରୀନଗର ବୈଠକରେ ମଧ୍ୟ ଚାଇନା ଯୋଗଦେଇ ନ ପାରେ ବୋଲି କୁହାଯାଉଛି। ସମସ୍ତ ୨୮ ରାଜ୍ୟ ଓ ୮ କେନ୍ଦ୍ରଶାସିତ ଅଞ୍ଚଳରେ ଜି୨୦ ବୈଠକ ହେବ। ଜମ୍ମୁ-କଶ୍ମୀର ଏବଂ ଅରୁଣାଚଳପ୍ରଦେଶ ଭାରତର ଅବିଚ୍ଛେଦ୍ୟ ଅଙ୍ଗ ବୋଲି ଜଣେ ଅଧିକାରୀ କହିଛନ୍ତି। ଅରୁଣାଚଳ ବୈଠକରେ ୫୦ ପ୍ରତିନିଧି ଯୋଗଦେଇଥିଲେ। ଶ୍ରୀନଗର ବୈଠକରେ ମଧ୍ୟ ଅନୁରୂପ ସଂଖ୍ୟକ ପ୍ରତିନିଧି ଯୋଗଦେବେ ବୋଲି ଆଶା କରାଯାଉଛି। କଶ୍ମୀର ଉପତ୍ୟକାରେ ମାନବାଧିକାର ଉଲ୍ଲଂଘନ ହେଉଥିବା ନେଇ ପାକିସ୍ତାନ ଅଭିଯୋଗ କରିଆସୁଥିବାବେଳେ ଏହାକୁ ଖଣ୍ଡନ କରିବା ଲାଗି ସେଠାରେ ଜି୨୦ ବୈଠକ ଅନୁଷ୍ଠିତ କରାଇବା ଭାରତ ପାଇଁ ଏକ ସୁଯୋଗ ବୋଲି କୁହାଯାଉଛି।

## ଲିସେଷ୍ଟର ମେୟର ଦୌଡ଼ରେ ୨ ଭାରତୀୟ ବଂଶୋଦ୍ଭବ

**ଲଣ୍ଡନ, ୯।୪**



ରୀତା ପଟେଲ



ସଞ୍ଜୟ ମୋଧୱାଡ଼ିଆ

ବ୍ରିଟେନର ଲିସେଷ୍ଟର ମେୟର ନିର୍ବାଚନ ଆସନ୍ତା ମାସରେ ହେବାକୁ ଥିବାବେଳେ ଏହି ପଦବୀ ଲାଗି ଦୁଇ ଭାରତୀୟ ବଂଶୋଦ୍ଭବ ପ୍ରାର୍ଥୀଙ୍କ ମଧ୍ୟରେ ଲଢ଼େଇ ହେବାକୁ ଯାଉଛି। କଞ୍ଜରଭେଟିଭ୍ ପାର୍ଟିରୁ କାଉନସିଲର ସଞ୍ଜୟ ମୋଧୱାଡ଼ିଆ ପୂର୍ବତନ ଲେବର କାଉନସିଲର ରୀତା ପଟେଲଙ୍କ ସହ ଲଢ଼ିବେ। ରୀତା ଜଣେ ସ୍ୱାଧୀନ ପ୍ରାର୍ଥୀ ଭାବେ ତାଙ୍କ ପ୍ରଚାର ଅଭିଯାନ ଆରମ୍ଭ କରିଛନ୍ତି। ରୀତା ଲେବର ପାର୍ଟି ଛାଡ଼ିଥିବାରୁ ବର୍ତ୍ତମାନର ମେୟର ସାର୍ ପିଟର ସୌଲସ୍‌ବି ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଗତ ମାସରେ କାଉନସିଲ ବୈଠକରେ ମେୟର କାର୍ଯ୍ୟାଳୟ ହଟାଇବା ଉଦ୍ୟମ ପାଇଁ ରୀତାଙ୍କ ସମେତ ୪ କାଉନସିଲରଙ୍କୁ ୬ ମାସ ଲାଗି ନିଲମ୍ବନ କରାଯାଇଥିଲା। ମେୟର ନିର୍ବାଚନରେ ନର୍ଥ ଏଭିଙ୍ଗଟନ୍ କାଉନସିଲର ମୋଧୱାଡ଼ିଆଙ୍କର ସୌଲସ୍‌ବିଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା ହେବ।

## ଫେରିଲା କୋଭିଡ୍ କଟକଣା

**ନୂଆଦିଲ୍ଲୀ, ୯।୪**

### ଆଜିଠୁ ଦୁଇଦିନ ମକ୍‌ଡ୍ରିଲ୍



ଦେଶର ବିଭିନ୍ନ ଭାଗରେ କିଛିଦିନ ହେଲା କୋଭିଡ୍ ସଂକ୍ରମଣ ମାମଲା ଉଲ୍ଲେଖନୀୟ ଭାବେ ବଢ଼ିଚାଲିଥିବାବେଳେ କେତେକ ରାଜ୍ୟ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିଛନ୍ତି। ସତର୍କତା ଅବଲମ୍ବନ କରିବା ଲାଗି ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି। ହରିୟାଣା ସରକାର ସର୍ବସାଧାରଣ ସ୍ଥାନ ଏବଂ ସ୍କୁଲ୍‌ରେ ମାସ୍କ ପିନ୍ଧିବାକୁ ବାଧ୍ୟତାମୂଳକ କରିବା ସହ କୋଭିଡ୍‌ର ଉପଯୁକ୍ତ ଆଚରଣ ପାଳନ କରିବାକୁ ପରାମର୍ଶ ଦେଇଛନ୍ତି। ସେହିପରି କେରଳ ସରକାର ଗର୍ଭବତୀ ମହିଳା, ବରିଷ୍ଠ ନାଗରିକ ଏବଂ ଗୁରୁତର ରୋଗ ଥିବା ଲୋକମାନଙ୍କ ନିମନ୍ତେ ମାସ୍କକୁ ବାଧ୍ୟତାମୂଳକ କରିଛନ୍ତି। ପଣ୍ଡିଚେରୀରେ ମଧ୍ୟ ମାସ୍କକୁ ବାଧ୍ୟତାମୂଳକ କରାଯାଇଛି।

କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ମନସୁଖ ମାଣ୍ଡବ୍ୟ ସମୀକ୍ଷା ବୈଠକରେ ରାଜ୍ୟଗୁଡ଼ିକୁ ସତର୍କ ରହିବା ସହ ହସ୍ପିଟାଲଗୁଡ଼ିକର ପ୍ରସ୍ତୁତି ଅନୁଧ୍ୟାନ କରିବା ଲାଗି ପରାମର୍ଶ ଦେଇଥିଲେ। ଉଭୟ ସରକାରୀ ଓ ଘରୋଇ ହସ୍ପିଟାଲଗୁଡ଼ିକରେ ଜରୁରୀ ପ୍ରସ୍ତୁତି ଆକଳନ କରିବା ଲାଗି ସୋମବାର ଓ ମଙ୍ଗଳବାର ଦେଶବ୍ୟାପୀ ମକ୍ ଡ୍ରିଲ୍ କରାଯିବ। ହସ୍ପିଟାଲଗୁଡ଼ିକରେ ଆଇସିୟୁ ବେଡ୍, ଅକ୍ସିଜେନ୍ ଯୋଗାଣ ଓ ଅନ୍ୟାନ୍ୟ ଜରୁରୀ କେୟାର ବ୍ୟବସ୍ଥା ଠିକ୍‌ଠାକ୍ ରହିଛି କି ନାହିଁ, ପ୍ରତି ସପ୍ତାହରେ ଏହାର ସମୀକ୍ଷା କରାଯିବ। କୋଭିଡ୍‌ର ସମ୍ଭାବ୍ୟ ଚତୁର୍ଥ ଲହର ପାଇଁ ସତର୍କ ରହିବା ଆବଶ୍ୟକ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ତି। ଓମିକ୍ରନ୍‌ର ସବ୍‌ଭାରିଆଣ୍ଟ ବିଏଫ୍.୭ ଏବଂ ବର୍ତ୍ତମାନର ସବ୍‌ଭାରିଆଣ୍ଟ ଏକ୍ସବିବି୧.୧୬ ଯୋଗୁ ସଂକ୍ରମଣ ବୃଦ୍ଧି ପାଉଛି। ତେବେ ଏହି ସବ୍‌ଭାରିଆଣ୍ଟଗୁଡ଼ିକ ସେତେ ବିପଜ୍ଜନକ ନୁହନ୍ତି ବୋଲି ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

## ତେଜିଲା ଗେହଲଟ୍-ପାଇଲଟ୍ ଲଢ଼େଇ

**ଜୟପୁର,୯।୪**



ଅଶୋକ ଗେହଲଟ୍



ବସୁନ୍ଧରା ରାଜେ



ସଚିନ ପାଇଲଟ୍

୨୦୨୩ ଶେଷ ଆଡ଼କୁ ରାଜସ୍ଥାନ ବିଧାନସଭା ନିର୍ବାଚନ ହେବାକୁ ଥିବାବେଳେ ଶାସକ କଂଗ୍ରେସରେ ଫାଟ ପୁଣିଥରେ ପଦାକୁ ଆସିଛି। ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍‌ଙ୍କୁ ପୁନର୍ବାର ଚ୍ୟାଲେଞ୍ଜ ଦେଇଛନ୍ତି ତାଙ୍କ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ସଚିନ ପାଇଲଟ୍। ପୂର୍ବତନ ଉପମୁଖ୍ୟମନ୍ତ୍ରୀ ପାଇଲଟ୍ ଏଥର ଏଭଳି ପ୍ରସଙ୍ଗ ଉଠାଇ ମୁଖ୍ୟମନ୍ତ୍ରୀଙ୍କୁ ଘେରିଛନ୍ତି, ଯାହାର ଉତ୍ତର ଦଳୀୟ ହାଇକମାଣ୍ଡଙ୍କ ପାଖରେ ମଧ୍ୟ ନାହିଁ।

ପୂର୍ବତନ ମୁଖ୍ୟମନ୍ତ୍ରୀ ବସୁନ୍ଧରା ରାଜେଙ୍କ ସରକାର ଅମଳରେ ହୋଇଥିବା ଦୁର୍ନୀତି ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରତିଶ୍ରୁତି ଦେଇ ବରିଷ୍ଠ କଂଗ୍ରେସ ନେତା ଗେହଲଟ୍ କ୍ଷମତାକୁ ଆସିଥିଲେ। ଏବେ ୪୫ ବର୍ଷୀୟ ପାଇଲଟ୍ ସେହି ଦୁର୍ନୀତିର ତଦନ୍ତ କରାଇ ବସୁନ୍ଧରାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏନେଇ ସେ ମଙ୍ଗଳବାର ଉପବାସ କରି ଧାରଣା ଦେବାକୁ ବାହାରିଛନ୍ତି। ଏକ ଖବରଦାତା ସମ୍ମିଳନୀରେ ପାଇଲଟ୍ କହିଛନ୍ତି, ୨୦୧୮ ବିଧାନସଭା ନିର୍ବାଚନ ପୂର୍ବରୁ ଦିଆଯାଇଥିବା ପ୍ରତିଶ୍ରୁତିକୁ କଂଗ୍ରେସ ସରକାର ପାଳନ କରୁଛନ୍ତି ବୋଲି ଲୋକଙ୍କୁ ସୁନିଶ୍ଚିତ କରାଯିବା ଜରୁରୀ। ଅବକାରୀ ମାଫିଆ, ବେଆଇନ ଖନନ, ଜମି ଜବରଦଖଲ ଏବଂ ଇଣ୍ଡିଆନ୍ ପ୍ରିମିୟର ଲିଗ୍ (ଆଇପିଏଲ୍)ର ପୂର୍ବତନ ମୁଖ୍ୟ ଲଳିତ ମୋଦିଙ୍କ ସତ୍ୟପାଠ ମାମଲାରେ କାର୍ଯ୍ୟାନୁଷ୍ଠାନ ନେବାରେ ସରକାର ବିଫଳ ହୋଇଛନ୍ତି। ନିର୍ବାଚନକୁ ମାତ୍ର ୬-୭ ମାସ ବାକି ଥିବାରୁ ବିରୋଧୀମାନେ କଂଗ୍ରେସରେ ଅନ୍ତର୍ଦ୍ୱନ୍ଦ୍ୱ ଥିବା ନେଇ ଭୋଟରଙ୍କୁ ବିଭ୍ରାନ୍ତ କରିପାରନ୍ତି। ତେଣୁ କାର୍ଯ୍ୟାନୁଷ୍ଠାନ ନିଆଗଲେ ଆମ କଥା ଓ କାର୍ଯ୍ୟରେ କିଛି ଫରକ ନାହିଁ ବୋଲି କଂଗ୍ରେସ କର୍ମୀ ଅନୁଭବ କରିବେ। ଏହି ଅବସରରେ ପାଇଲଟ୍ ଗେହଲଟ୍‌ଙ୍କ ପୁରୁଣା ଭିଡିଓଗୁଡ଼ିକୁ ବଜାଇବାରେ ଲାଗିଛନ୍ତି। ସେଥିରେ ଗେହଲଟ୍ ବସୁନ୍ଧରାଙ୍କ ଦୁର୍ନୀତି ଓ କୁଶାସନ ପ୍ରସଙ୍ଗ ଉଠାଇ ତଦନ୍ତ ପ୍ରତିଶ୍ରୁତି ଦେଇଥିଲେ। ଏହି ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେଲେ ଆମେ ନିର୍ବାଚନକୁ କିପରି ଓହ୍ଲାଇବା ବୋଲି ପାଇଲଟ୍ କହିଛନ୍ତି। ସେ ଆହୁରି କହିଛନ୍ତି, କେନ୍ଦ୍ର ସରକାର କେନ୍ଦ୍ରୀୟ ତଦନ୍ତକାରୀ ଏଜେନ୍ସିଗୁଡ଼ିକୁ ବିରୋଧୀଙ୍କ ବିପକ୍ଷରେ ଲଗାଉଥିବା ଆମେ ସମାଲୋଚନା କରୁଛେ। କିନ୍ତୁ ଆମେ ନିଜ ଏଜେନ୍ସିଗୁଡ଼ିକର ସଦୁପଯୋଗ କିମ୍ବା ଦୁରୁପଯୋଗ କରିପାରୁ ନାହୁଁ। ନିଜ ଦାବି ପୂରଣ ଲାଗି ପାଇଲଟ୍ ଏପ୍ରିଲ ୧୧ରେ ଜୟପୁରସ୍ଥିତ ଶହୀଦ ସ୍ମାରକରେ ଉପବାସ କରି ଧାରଣା ଦେବେ। ଏପ୍ରିଲ ୧୧ ହେଉଛି ମହାତ୍ମା ଜ୍ୟୋତିବା ଫୁଲେଙ୍କ ଜୟନ୍ତୀ। ଜ୍ୟୋତିବା ଓ ଗେହଲଟ୍ ସାଇନି ସମ୍ପ୍ରଦାୟର।

ପ୍ରକାଶ ଯେ, ୨୦୧୮ ଡିସେମ୍ବରରେ କଂଗ୍ରେସ କ୍ଷମତାକୁ ଆସିବା ପରେ ମୁଖ୍ୟମନ୍ତ୍ରୀ ପଦକୁ ନେଇ ଗେହଲଟ୍ ଓ ପାଇଲଟ୍ ମୁହାଁମୁହିଁ ହୋଇଥିଲେ। ୨୦୨୦ ଜୁଲାଇରେ ନେତୃତ୍ୱ ପରିବର୍ତ୍ତନ ଦାବିକରି ପାଇଲଟ୍ କଂଗ୍ରେସରେ ବିଦ୍ରୋହ କରିଥିଲେ। ପ୍ରାୟ ମାସେ ଧରି ଚାଲିଥିବା ଏହି ରାଜନୈତିକ ସଙ୍କଟ ହାଇକମାଣ୍ଡଙ୍କ ହସ୍ତକ୍ଷେପ ପରେ ଥମିଥିଲା। ଆଗକୁ ନିର୍ବାଚନ ଥିବାରୁ ଗେହଲଟ୍-ପାଇଲଟ୍ ଲଢ଼େଇ ପୁଣି ଲମ୍ବିବା ଆଶଙ୍କା କରାଯାଉଛି। ଇତିମଧ୍ୟରେ ଏଆଇସିସିର ରାଜସ୍ଥାନ ପ୍ରଭାରୀ ସୁଖଜିନ୍ଦର ସିଂ ରନ୍ଧାୱା କହିଛନ୍ତି, ପାଇଲଟ୍ ଯେଉଁ ସମୟରେ ଖବରଦାତା ସମ୍ମିଳନୀ ଡାକି ଏସବୁ ଉଠାଉଛନ୍ତି ତାହା ଉପଯୁକ୍ତ ନୁହେଁ। ସେ ରାଜସ୍ଥାନ ଯାଇ ଗେହଲଟ୍‌ଙ୍କୁ ଭେଟିବେ। ବସୁନ୍ଧରାଙ୍କ ବିରୋଧରେ କାହିଁକି କାର୍ଯ୍ୟାନୁଷ୍ଠାନ ନିଆଯାଇ ନାହିଁ ତାହା ମୁଖ୍ୟମନ୍ତ୍ରୀଙ୍କୁ ପଚାରିବେ।

- ବସୁନ୍ଧରାଙ୍କ ଦୁର୍ନୀତିର ତଦନ୍ତ ଦାବିରେ ଅଟଳ
- ମଙ୍ଗଳବାର ଧାରଣା ଦେବେ ପୂର୍ବତନ ଉପମୁଖ୍ୟମନ୍ତ୍ରୀ

## ସଂକ୍ଷେପରେ

### ନିଟ୍ ୟୁଜି ପ୍ରବେଶିକା: ରାଜ୍ୟରେ ୨୭ ପରୀକ୍ଷା କେନ୍ଦ୍ର

**ଭୁବନେଶ୍ୱର,୯।୪(ବ୍ୟୁରୋ):** ଜାତୀୟ ପରୀକ୍ଷା ଏଜେନ୍ସି(ଏନ୍‌ଟିଏ) ପକ୍ଷରୁ ନିଟ୍ ୟୁଜି ପ୍ରବେଶିକା ଆସନ୍ତା ମେ' ୭ରେ ଅନୁଷ୍ଠିତ ହେବ। ଇତିମଧ୍ୟରେ ଆବେଦନ ପ୍ରକ୍ରିୟା ଶେଷ ହୋଇଥିବାବେଳେ ରାଜ୍ୟର ୨୭ଟି ସ୍ଥାନରେ ପରୀକ୍ଷା କେନ୍ଦ୍ର କରାଯାଇଛି। ଅନୁଗୋଳ, ବାଲେଶ୍ୱର, ବ୍ରହ୍ମପୁର, ଭୁବନେଶ୍ୱର, କଟକ, ରାଉରକେଲା, ସମ୍ବଲପୁର, ବଲାଙ୍ଗୀର, ଭବାନିପାଟଣା, କେନ୍ଦୁଝର, ଜୟପୁର, ମାଲକାନଗିରି, ପାରଳାଖେମୁଣ୍ଡି, ଫୁଲବାଣୀ, ରାୟଗଡ଼ା, ପୁରୀ, ବରଗଡ଼, ବାରିପଦା, ଭଦ୍ରକ, ଢେଙ୍କାନାଳ, ଜଗତ୍‌ସିଂହପୁର, ଯାଜପୁର, ଝାରସୁଗୁଡ଼ା, କେନ୍ଦ୍ରାପଡ଼ା, ନବରଙ୍ଗପୁର, ନୂଆପଡ଼ା ଓ ରାଇରଙ୍ଗପୁର ଆଦି ସ୍ଥାନରେ ପରୀକ୍ଷା କେନ୍ଦ୍ର ହେବା ନେଇ ନିଷ୍ପତ୍ତି ହୋଇଛି। ଗତବର୍ଷ ୧୬ଟି ପରୀକ୍ଷା କେନ୍ଦ୍ରରେ ନିଟ୍ ହୋଇଥିବାବେଳେ ଚଳିତବର୍ଷ ଆଉ ୧୧ଟି କେନ୍ଦ୍ର କରାଯାଇଛି। ତେବେ ନିର୍ଦ୍ଧାରିତ ପରୀକ୍ଷା ସୂଚୀର ସପ୍ତାହକ ପୂର୍ବରୁ www.neet.nta.ac.in ୱେବ୍‌ସାଇଟରେ ପ୍ରବେଶପତ୍ର ଉପଲବ୍ଧ ହେବ ବୋଲି ଏନ୍‌ଟିଏ ପକ୍ଷରୁ କୁହାଯାଇଛି।

### ସ୍ତ୍ରୀଙ୍କୁ ଟାଙ୍ଗିଆରେ ହାଣି ହତ୍ୟାକଲେ ସ୍ୱାମୀ

**ଫୁଲବାଣୀ ଅଫିସ/ଗୋଚ୍ଛାପଡ଼ା, ୯।୪:** ପାରିବାରିକ କଳହକୁ କେନ୍ଦ୍ରକରି ଗୋଚ୍ଛାପଡ଼ା ଥାନା ଅଞ୍ଚଳରେ ଏକ ହତ୍ୟାକାଣ୍ଡ ଘଟିଛି। ସ୍ୱାମୀଙ୍କ ଟାଙ୍ଗିଆ ଚୋଟରେ ସ୍ତ୍ରୀଙ୍କର ମୃତ୍ୟୁ ଘଟିଛି। ମୃତା ହେଲେ କ୍ରାଣ୍ଡିବାଲି ଗ୍ରାମର ଲକ୍ଷ୍ମୀ ବିନ୍ଧାଣୀ। ପୋଲିସ ଏହି ଘଟଣାରେ ସ୍ୱାମୀ କଟ୍ରିଙ୍ଗିଆ ପଞ୍ଚାୟତ ବେଲପଦର ଗ୍ରାମର ନାରାୟଣ ବିନ୍ଧାଣୀଙ୍କୁ ଗିରଫ କରିଛି। ସୂଚନା ଅନୁସାରେ, କ୍ରାଣ୍ଡିବାଲି ଗ୍ରାମର ଲକ୍ଷ୍ମୀ ବେଲପଦର ଗ୍ରାମର ନାରାୟଣଙ୍କୁ ବିବାହ କରିଥିଲେ। ପ୍ରାୟ ମାସେ ତଳେ ଉଭୟ କାମଧନ୍ଦା ପାଇଁ କ୍ରାଣ୍ଡିବାଲି ଯାଇ ସେଠାରେ ରହୁଥିଲେ। ଗୁରୁବାର ଅପରାହ୍ନରେ କୌଣସି କଥାକୁ ନେଇ ସେମାନଙ୍କ ମଧ୍ୟରେ ଝଗଡ଼ା ଲାଗିଥିଲା। ସ୍ୱାମୀ ନାରାୟଣ ଏଥିରେ ଉତ୍‌କ୍ଷିପ୍ତ ହୋଇ ସ୍ତ୍ରୀ ଲକ୍ଷ୍ମୀଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ। ସ୍ଥାନୀୟ ଲୋକେ ଲକ୍ଷ୍ମୀଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଗୋଚ୍ଛାପଡ଼ା ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରୁ ବ୍ରହ୍ମପୁର ଏବଂ ପରେ ଭୁବନେଶ୍ୱର ନିଆଯାଇଥିଲା। ଚିକିତ୍ସିତ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ଲକ୍ଷ୍ମୀଙ୍କ ଭାଇ ନୀଳାମ୍ବରଙ୍କ ଏତଲାକ୍ରମେ ପୋଲିସ ନଂ.୫୫/୨୩ରେ ଏକ ହତ୍ୟା ମାମଲା ରୁଜୁ କରିଛି। ହତ୍ୟାକାରୀ ନାରାୟଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି ବୋଲି ଥାନାଧିକାରୀ ରଞ୍ଜିତ କୁମାର ମୁନି ସୂଚନା ଦେଇଛନ୍ତି।

### ନାବାଳକଙ୍କ ଉପରେ ରାସାୟନିକ ଦ୍ରବ୍ୟ ପକାଇ ମହିଳା ଗିରଫ

**ଜୟପୁର,୯।୪(ନି.ପ୍ର.):** କୋରାପୁଟ ଜିଲା ଜୟପୁର ସହରର ଖ୍ରୀଷ୍ଟିଆନପେଟାରେ ପିଲାକଳିରୁ ଜଣେ ନାବାଳକଙ୍କ ଉପରେ ରାସାୟନିକ ଦ୍ରବ୍ୟ ପକାଇ ରବିବାର ଜଣେ ମହିଳା ଗିରଫ ହୋଇଛନ୍ତି। ମହିଳାଙ୍କ ସ୍ୱାମୀ ଫେରାର୍ ଥିବା ଜଣାପଡ଼ିଛି। ପ୍ରକାଶ ଯେ,ଗତ ୪ ତାରିଖରେ ୨ ପରିବାରର ୨ଜଣ ବାଳକଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ଜଣେ ନାବାଳକଙ୍କ ମା' ବାପା ଅନ୍ୟ ନାବାଳକଙ୍କ ମୁହଁରେ କୌଣସି ଏକ ରାସାୟନିକ ଦ୍ରବ୍ୟ ପକାଇ ଦେଇଥିଲେ। ଫଳରେ ନାବାଳକଙ୍କ ମୁହଁ ପୋଡି ଯାଇଛି। ଏନେଇ ଜୟପୁର ଟାଉନ ଥାନାରେ ଅଭିଯୋଗ ହେବାରୁ ପୋଲିସ ମାମଲା ରୁଜୁ କରି ତଦନ୍ତ ପରେ ଅଭିଯୁକ୍ତ ମହିଳାଙ୍କୁ କୋର୍ଟ ଚାଲାଣ କରିଛି। ତାଙ୍କ ସ୍ୱାମୀ ଫେରାର ଥିବା ଟାଉନ ଥାନା ଅଧିକାରୀ ସମ୍ବିତ କୁମାର ବେହେରା ସୂଚନା ଦେଇଛନ୍ତି।

### ହେପାଟାଇଟିସ୍-ବି ସମ୍ପର୍କିତ ପୋଷ୍ଟର ପ୍ରତିଯୋଗିତା

**କଟକ ଅଫିସ, ୯।୪:** ହେପାଟାଇଟିସ୍-ବି ଉପରେ ଆନ୍ତଃବିଦ୍ୟାଳୟ ପୋଷ୍ଟର ପ୍ରତିଯୋଗିତା ଏବଂ ଚିତ୍ରକଳା ପ୍ରଦର୍ଶନୀ କଟକ କଳା ବିକାଶ କେନ୍ଦ୍ରରେ ରବିବାର ଅନୁଷ୍ଠିତ ହୋଇଯାଇଛି। କଳିଙ୍ଗ ଗ୍ୟାଷ୍ଟ୍ରୋ ଏଣ୍ଟେରୋଲୋଜି ଫାଉଣ୍ଡେସନ ଓ କଟକ ଆର୍ଟିଷ୍ଟ ଅର୍ଗାନାଇଜେଶନର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ପ୍ରଫେସର ଡା. ଶିବରାମ ପ୍ରସାଦ ସିଂ ଉଦ୍‌ଘାଟନ କରିଥିଲେ। ଏଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ର ଭାଗ ନେଇ ପୋଷ୍ଟର ତିଆରି କରିଥିଲେ। ଚିତ୍ରଶିଳ୍ପୀ ସଞ୍ଜୀବ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ପ୍ରତିଯୋଗିତାରେ ଡ. ନିରଞ୍ଜନ ରାଉତ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ଚିତ୍ରଶିଳ୍ପୀ ବିଜୟ ମଲ୍ଲିକ, ନମିତା ସାହୁ, ମନୀଷା କର, ବିନ୍ଧାଧର କୁଅଁର, ଦୀପକ ବିଶ୍ୱାଳ, ଲକ୍ଷ୍ମୀଧର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଲକ୍ଷ୍ମୀଧର ରଣା ଧନ୍ୟବାଦ ଦେଇଥିଲେ।

# ୧୦ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଅନୁମୋଦନ

**ରାଜ୍ୟ କ୍ୟାବିନେଟ୍**

### ବଲାଙ୍ଗୀରର ୬, କୋରାପୁଟର ୨, କଟକ ଓ ନବରଙ୍ଗପୁରର ଗୋଟିଏ ପ୍ରକଳ୍ପ



**ଭୁବନେଶ୍ୱର, ୯।୪(ବ୍ୟୁରୋ)**

ରାଜ୍ୟ ସରକାର ଜଳ ଜୀବନ ମିଶନ ଯୋଜନାରେ ବଲାଙ୍ଗୀର ଜିଲାର ୨ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏହି ପ୍ରକଳ୍ପ ଦ୍ୱାରା ବଲାଙ୍ଗୀର ଜିଲାର ୩ଟି ବ୍ଲକ ଅଧୀନରେ ଆସୁଥିବା ୨୪ଟି ପଞ୍ଚାୟତ ଅନ୍ତର୍ଗତ ୧୨୪ଟି ଗ୍ରାମରେ ବସବାସ କରୁଥିବା ପ୍ରାୟ ୧,୦୬,୧୭୫ ଜନସାଧାରଣଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦିଆଯିବ। ସେଥିମଧ୍ୟରୁ ତୁରେଇକେଲା ବ୍ଲକ ଅଧୀନରେ ଥିବା ୧୭ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୮୭ଟି ଗ୍ରାମର ପ୍ରାୟ ୭୦,୦୬୨ ଲୋକ, ବଙ୍ଗୋମୁଣ୍ଡା ବ୍ଲକ ଅଧୀନରେ ଥିବା ୬ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୮ଟି ଗ୍ରାମର ପ୍ରାୟ ୩୦,୯୨୧ ଲୋକ ଓ ମୁରିବାହାଲ ବ୍ଲକ ଅଧୀନରେ ଥିବା ଗୋଟିଏ ପଞ୍ଚାୟତ ଅନ୍ତର୍ଗତ ୯ଟି ଗ୍ରାମର ପ୍ରାୟ ୫୧୯୨ ଲୋକ ଉକ୍ତ ପ୍ରକଳ୍ପ ଦ୍ୱାରା ଲାଭାନ୍ୱିତ ହେବେ। ରବିବାର ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକରେ ପ୍ରକଳ୍ପର କାର୍ଯ୍ୟ ସମ୍ପାଦନ ନିମନ୍ତେ ହାଇଦ୍ରାବାଦର ମେଘା ଇଞ୍ଜିନିୟରିଂ ଆଣ୍ଡ ଇନଫ୍ରାଷ୍ଟ୍ରକ୍ଚର୍ସ ଲିମିଟେଡ୍‌କୁ ୨୦୫ କୋଟି ୩୧ ଲକ୍ଷ ୭୦ ହଜାର ୦୦୧ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏହି ପ୍ରକଳ୍ପ ଆସନ୍ତା ୨୪ ମାସ ମଧ୍ୟରେ କାର୍ଯ୍ୟକାରୀ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ସେହିପରି ବଲାଙ୍ଗୀର ଜିଲାରେ ଆଉ ୪ଟି ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ପ୍ରକଳ୍ପକୁ ଅନୁମୋଦନ ମିଳିଛି। ଜିଲାର ୫ଟି ବ୍ଲକ (ବଲାଙ୍ଗୀର, ପୁଇଁତଳା, ଅଗଲପୁର, ଲୋଇସିଙ୍ଗା ଓ ଦେଓଗାଁ)ର ୪୫ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୨୩୭ଟି ଗ୍ରାମରେ ବସବାସ କରୁଥିବା ୨ ଲକ୍ଷରୁ ଜନସାଧାରଣଙ୍କୁ ଏହି ପ୍ରକଳ୍ପ ପାନୀୟ ଜଳ ଯୋଗାଇବ। ଏହି ପ୍ରକଳ୍ପ କାମ ପାଇଁ ହାଇଦ୍ରାବାଦ୍‌ର ଏନ୍‌ସିସି ଲିମିଟେଡ୍ କମ୍ପାନୀର ୨୧୯ କୋଟି ୯୯ ଲକ୍ଷ ୬୧ ହଜାର ୧୪୧ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଏହିପରି ରାଜ୍ୟ ସରକାର ମୋଟ ୧୦ଟି ପାନୀୟ ଜଳ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। କୋରାପୁଟ ଜିଲାର ଲମତାପୁଟ ଓ କୋରାପୁଟ ବ୍ଲକ ଏବଂ ନବରଙ୍ଗପୁର ଜିଲାର ଡାବୁଗାଁ ବ୍ଲକରେ ୩ଟି ବୃହତ୍ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ କାର୍ଯ୍ୟକାରୀ କରିବା ଲାଗି ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପ ୫୨ଟି ଗ୍ରାମପଞ୍ଚାୟତର ୩୭୫ ଗାଁର ୨,୪୬,୩୪୦ ଜନସାଧାରଣଙ୍କୁ ପାନୀୟ ଜଳ ଯୋଗାଇବ। ଏଥିଲାଗି ଚେନ୍ନାଇର ଲାରସେନ୍ ଆଣ୍ଡ ଟ୍ୟୁବ୍ରୋ ଲିମିଟେଡ କମ୍ପାନୀର ୪୭୯ କୋଟି ୫୦ ଲକ୍ଷ ଟଙ୍କାର ଟେଣ୍ଡରକୁ କ୍ୟାବିନେଟ୍‌ରେ ଅନୁମୋଦନ ମିଳିଛି। ସେହିପରି କଟକ ଜିଲାର ଟାଙ୍ଗୀ-ଚୌଦ୍ୱାର ବ୍ଲକ ୨୩ଟି ଗ୍ରାମପଞ୍ଚାୟତ ଅନ୍ତର୍ଗତ ୧୪୯ଟି ଗ୍ରାମର ୧,୪୭,୫୪୨ ଜନସାଧାରଣଙ୍କୁ ଶୁଦ୍ଧ ପାନୀୟ ଜଳ ଯୋଗାଇବା ନିମନ୍ତେ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପକୁ ମଞ୍ଜୁରୀ ମିଳିଛି। ଏଥିଲାଗି ଅହମଦାବାଦ୍‌ର ଦିନେଶଚନ୍ଦ୍ରା ଆର୍ ଅଗ୍ରୱାଲ ଇନ୍‌ଫ୍ରାକନ ପ୍ରା.ଲି. ଏବଂ ଜେଭି-ଭୁଗାନ ଇନ୍‌ଫ୍ରାକନ ପ୍ରା.ଲି. କମ୍ପାନୀର ୧୫୩ କୋଟି ୫୧ ଲକ୍ଷ ୨୫ ହଜାର ୨୮୧ ଟଙ୍କାର ଟେଣ୍ଡରକୁ ଅନୁମୋଦନ ମିଳିଛି। ଆସନ୍ତା ୨୪ ମାସ ମଧ୍ୟରେ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ଶେଷ କରିବା ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

## ଏଫ୍‌ପିଓକୁ ସହାୟତା ଲାଗି ୩୧୩ କୋଟିର ପାଣ୍ଠି

### ପ୍ରସ୍ତାବକୁ କ୍ୟାବିନେଟ୍ ଅନୁମୋଦନ

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)କୁ ସହାୟତା ପାଇଁ ପାଣ୍ଠି ବ୍ୟବସ୍ଥା ପ୍ରସ୍ତାବକୁ ରବିବାର କ୍ୟାବିନେଟ୍ ବୈଠକରେ ଅନୁମୋଦନ ମିଳିଛି। ରାଜ୍ୟ ଯୋଜନା ଅନ୍ତର୍ଭୁକ୍ତ କୃଷକ ସଙ୍ଗଠନକୁ ସହାୟତା କାର୍ଯ୍ୟକାରିତା ନିମନ୍ତେ ରାଜ୍ୟ ସରକାର ୨୦୨୩-୨୦୨୪ରୁ ୨୦୨୭-୨୦୨୮(୫ବର୍ଷ) ପର୍ଯ୍ୟନ୍ତ ୩୧୩.୬୧ କୋଟି ଟଙ୍କା ଅନୁମୋଦନ କରିଛନ୍ତି। ଏହାଦ୍ୱାରା ହଜାରେରୁ ଊର୍ଦ୍ଧ୍ୱ ଏଫ୍‌ପିଓ, ଅତିକମ୍‌ରେ ୩ ଲକ୍ଷ ଚାଷୀଙ୍କୁ ସାମିଲ କରାଯିବ। ଆସନ୍ତା ୫ବର୍ଷରେ ଋଣ ସଂଯୋଗୀକରଣ, ଆର୍ଥିକ, ବୈଷୟିକ, ଭିତ୍ତିଭୂମି ସହ ଏକତ୍ରୀକରଣ ଏବଂ ବଜାର ସଂଯୋଗୀକରଣ ମାଧ୍ୟମରେ କୃଷି ଉତ୍ପାଦନ ସଙ୍ଗଠନଗୁଡ଼ିକ ସହାୟତା ପାଇବେ। ଏହାଦ୍ୱାରା ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀମାନଙ୍କ ଆୟ ସୁଯୋଗ ଓ ସାମାଜିକ ଅର୍ଥନୈତିକ ବିକାଶ ହୋଇପାରିବ। ଉତ୍ପାଦର ଉଚିତ୍ ମୂଲ୍ୟ ପାଇବା ସହ ଯୋଜନା କାର୍ଯ୍ୟକାରୀର ପ୍ରଥମ ବର୍ଷାନ୍ତେ ଅତିରିକ୍ତ ଅଭିବୃଦ୍ଧି ଆୟ କରିବା ପାଇଁ ଏହି ଯୋଜନା ସାହାଯ୍ୟ କରିବ।

# ଡିଜିଟାଲରେ ପ୍ରଥମ ଥର ହେଲା କ୍ୟାବିନେଟ୍

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

### ଟେକ୍ନୋଲୋଜି ଶାରୀରିକ ଉପସ୍ଥିତିର ଆବଶ୍ୟକତା ଦୂର କରିଛି: ମୁଖ୍ୟମନ୍ତ୍ରୀ

ପ୍ରଥମଥର ପାଇଁ ବିଦେଶରୁ ରାଜ୍ୟ କ୍ୟାବିନେଟ ବୈଠକ ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ପ୍ରତିନିଧି ଦଳ ଜାପାନ ଗସ୍ତରେ ଥିବା ସମୟରେ ସେଠାରୁ ମୁଖ୍ୟମନ୍ତ୍ରୀ ଭିଡିଓ କନ୍‌ଫରେନ୍ସ ଜରିଆରେ କ୍ୟାବିନେଟ୍ ବୈଠକରେ ଯୋଗ ଦେଇଛନ୍ତି। ଓଡ଼ିଶାଠାରୁ ୬ ହଜାର କିଲୋମିଟର ଦୂରରେ ଜାପାନର କ୍ୱିଟୋଠାରୁ ମୁଖ୍ୟମନ୍ତ୍ରୀ ଡିଜିଟାଲ ଜରିଆରେ ବୈଠକ ପରିଚାଳନା କରିଛନ୍ତି। ଅନ୍ୟ କ୍ୟାବିନେଟ୍ ସହଯୋଗୀ ଏହି ସ୍ୱତନ୍ତ୍ର କ୍ୟାବିନେଟ୍ ବୈଠକରେ ଉପସ୍ଥିତ ଥିଲେ। ଏହା ହେଉଛି ପ୍ରଥମ ଡିଜିଟାଲ୍ କ୍ୟାବିନେଟ୍ ବୈଠକ। ମୁଖ୍ୟମନ୍ତ୍ରୀ ବିଦେଶରୁ କ୍ୟାବିନେଟ୍ ବୈଠକ କରିବା ସହ ଓଡ଼ିଶା ଷ୍ଟେଟ୍ ୱାଇଡ୍ ଏରିଆ ନେଟୱର୍କ (ଓସ୍ୱାନ) ମାଧ୍ୟମରେ ଦସ୍ତାବିଜରେ ଦସ୍ତଖତ କରଛନ୍ତି। ଏହି ଅନନ୍ୟ ମଞ୍ଚ (ପ୍ଲାଟଫର୍ମ)କୁ ବ୍ୟବହାର କରି ଡିଜିଟାଲ୍ ମୋଡରେ ମୋହର ମାରିବା ପୂର୍ବରୁ କ୍ୟାବିନେଟ୍ ମନ୍ତ୍ରୀମାନେ ନିଷ୍ପତ୍ତି ଉପରେ ଆଲୋଚନା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି, ଉତ୍ତମ ଶାସନ ଏବଂ ସେବା ବିତରଣରେ ପରିବର୍ତ୍ତନ ଆଣିବାରେ ପ୍ରଯୁକ୍ତିବିଦ୍ୟା (ଟେକ୍ନୋଲୋଜି) ଏକ ସକ୍ଷମ ଉପକରଣ ଭାବରେ କାର୍ଯ୍ୟ କରିଛି। ପ୍ରଯୁକ୍ତିବିଦ୍ୟା ଶାରୀରିକ ଉପସ୍ଥିତିର ଆବଶ୍ୟକତାକୁ ଦୂର କରିଛି। ଏହି ଡିଜିଟାଲ୍ କ୍ୟାବିନେଟ୍ ପ୍ରଯୁକ୍ତିବିଦ୍ୟାର ସୀମା ଏବଂ ଶାସନର ଗତିକୁ ବହୁ ଆଗକୁ ନେଇପାରିଛି। ଓସ୍ୱାନ ହେଉଛି ରାଜ୍ୟର ଗୁରୁତ୍ୱପୂର୍ଣ୍ଣ ସୂଚନା ପ୍ରଯୁକ୍ତିବିଦ୍ୟା, ଯାହାଦ୍ୱାରା ତଥ୍ୟ, ଭିଡିଓ ଏବଂ ଭଏସ୍ ଟ୍ରାଫିକ୍ ବହନ କରିବାରେ ସହଜ ହୋଇଥାଏ। ଆନ୍ତଃବିଭାଗୀୟ ଯୋଗାଯୋଗ ଏବଂ ତଥ୍ୟ ବଣ୍ଟନକୁ ବି ସହଜ କରିଥାଏ।

## ସୁନାବେଶରେ ଝଲସିଲେ ମା'

### ମା' ତାରିଣୀଙ୍କ ଚଇତିପର୍ବ ଆରମ୍ଭ

- ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାବେଶ
- 'ଅନୁଭୂତିରେ ମା' ପୁସ୍ତକ ଉନ୍ମୋଚିତ

**ଘଟଗାଁ,୯।୪(ଡି.ଏନ୍.ଏ)**



ମା' ତାରିଣୀଙ୍କ ସୁନାବେଶ

ଓଡ଼ିଶା ପ୍ରସିଦ୍ଧ କେନ୍ଦୁଝର ଜିଲା ଘଟଗାଁବାସିନୀ ମା' ତାରିଣୀ ଠାକୁରାଣୀଙ୍କ ୮୭ତମ ଚଇତିପର୍ବ ରବିବାର ଶୁଭାରମ୍ଭ ହୋଇଯାଇଛି। ପର୍ବ ୭ ଦିନ ବ୍ୟାପୀ ଚାଲିବାକୁ ଥିବା ବେଳେ ପ୍ରତ୍ୟହ ଦିନ ପୀଠରେ ହୋମଯଜ୍ଞ, ଚଣ୍ଡୀପାଠ, ଭାଗବତ ପାରାୟଣ ପାଠ କରାଯିବ। ପ୍ରଥମ ଦିନ ପୀଠରେ ୩୦ ହଜାର ଶ୍ରଦ୍ଧାଳୁ ମା'ଙ୍କ ସୁନାବେଶ ଦର୍ଶନ କରି ବିମୋହିତ ହୋଇଥିଲେ।

ପ୍ରାତଃ ସମୟରେ ବରିଷ୍ଠ ପୂଜକ ନଟବର ଦେହୁରୀ, ରବୀନ୍ଦ୍ର ଦେହୁରୀ, ଶ୍ୟାମସୁନ୍ଦର ଦେହୁରୀଙ୍କ ସମେତ ୧୫ରୁ ଊର୍ଦ୍ଧ୍ୱ ପୂଜକ ମା'ଙ୍କ ଷୋଡ଼ଶ ଉପଚାର ସହ ହଳଦୀ, ଚନ୍ଦନ, ଗୁଆଘିଅ, ଅଙ୍ଗୁର, ଗଙ୍ଗାଜଳ, କ୍ଷୀର ମହୁରେ ମହାସ୍ନାନ କରାଇବା ଏବଂ ଶାବରୀ ମନ୍ତ୍ରରେ ପୂଜା କରିବା ସହ ମା'ଙ୍କ ସୁନାବେଶ, ମଙ୍ଗଳ ଆଳତି କରାଇଥିଲେ। ୬ଟା ବେଳେ ପହଡ଼ ଖୋଲିବା ପରେ ମା'ଙ୍କ ଚଇତି ପର୍ବର ପ୍ରଥମ ଦର୍ଶନ ଓ ପୂଜାର୍ଚ୍ଚନା ପାଇଁ ଲମ୍ବାଧାଡ଼ିରେ ଶ୍ରଦ୍ଧାଳୁ ପ୍ରବେଶ କରିଥିଲେ। ଅପରାହ୍ନ ୧ଟା ପର୍ଯ୍ୟନ୍ତ ପ୍ରାୟ ୩୦ ହଜାର ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଶନିବାର ସନ୍ଧ୍ୟାରୁ ଭୁବନେଶ୍ୱରସ୍ଥିତ ଦେବୋତ୍ତର କମିଶନର ଶିଶିର ରଥ ଓ ସମ୍ବଲପୁର ଅତିରିକ୍ତ ସହକାରୀ କମିଶନର ରାଜେଶ ରୋଶନ ନନ୍ଦ ତାରିଣୀଙ୍କ ପୀଠରେ ରାତ୍ରିଯାପନ କରି ଅନୁଧ୍ୟାନ କରିଥିଲେ। ସକାଳୁ ମା'ଙ୍କ ଦର୍ଶନ କରିବା ସହ ୮୭ତମ ଚଇତି ପୂଜାର ଶୁଭାରମ୍ଭ କରିଥିଲେ। ଘଟଗାଁ ବ୍ରାହ୍ମଣ ସମାଜ ତରଫରୁ ଦେବୀସ୍ତୁତି ଓ ଗୀତା ପାଠ କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଦେବୋତ୍ତର କମିଶନର 'ଅନୁଭୂତିରେ ମା' ତାରିଣୀ' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସହକାରୀ ଦେବୋତ୍ତର କମିଶନର ରାଜେଶ ରୋଶନ ନନ୍ଦ, ସମ୍ବଲପୁର ଡିଭିଜନାଲ ଇନ୍ସପେକ୍ଟର ଦକ୍ଷିଣ ମାରାଣ୍ଡି, ଦେବୋତ୍ତର ନିରୀକ୍ଷକ ତ୍ରିଲୋଚନ ନାଏକ, ମନ୍ଦିର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜିବ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ମନ୍ଦିର ବରିଷ୍ଠ କର୍ମଚାରୀ ଅକ୍ଷୟ ବେହେରା ପରିଚାଳନା କରିଥିଲେ। ପରେ ପର୍ଯ୍ୟାୟକ୍ରମେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଘଟଗାଁ ଏସ୍‌ଡିପିଓ ସୁଶୀଲ ମିଶ୍ର, ଥାନା ଅଧିକାରିଣୀ ପ୍ରତିଭା ମଞ୍ଜରୀ ସାହୁ, ତହସିଲଦାର ଜନକ ନାଏକ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



୨୦୧୬ରୁ ୨୦୨୨ ମଧ୍ୟରେ ନିଯୁକ୍ତି ପାଇଥିବା ୧୭ହଜାର ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକ ଚାକିରି ନିୟମିତ ଦାବିରେ ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ ପକ୍ଷରୁ ଭୁବନେଶ୍ୱର ଲୋୟର ପିଏମ୍‌ଜିରେ ଅନିର୍ଦ୍ଦିଷ୍ଟ କାଳ ଯାଏ ଧାରଣା।

## ପୂର୍ବତନ ସମିତିସଭ୍ୟଙ୍କ ଘରକୁ ବୋମାମାଡ଼

**କାମାକ୍ଷାନଗର, ୯।୪(ଡି.ଏନ୍.ଏ.)**

**ଜିପ୍ ଜାଳିଦେଲେ**



ରାଜନୈତିକ ଶତ୍ରୁତାକୁ କେନ୍ଦ୍ରକରି ଅଶାନ୍ତ ହୋଇଉଠିଛି ଢେଙ୍କାନାଳ ଜିଲା କାମାକ୍ଷାନଗର ବ୍ଲକ ତୁମୁସିଙ୍ଗା ଥାନା ଅଧୀନ କୋଟଗରା ଗ୍ରାମ। ଶନିବାର ମଧ୍ୟରାତିରେ ପୂର୍ବତନ ସମିତିସଭ୍ୟ ଅଶ୍ୱିନୀ କୁମାର ପରିଡ଼ାଙ୍କ ଘର ଉପରକୁ ବୋମାମାଡ଼ କରାଯାଇଥିବା ଅଭିଯୋଗ ହୋଇଛି। ଅଭିଯୁକ୍ତମାନେ ଗ୍ୟାରେଜରେ ଥିବା ତାଙ୍କ ଜିପ୍ ଜାଳି ଦେଇଛନ୍ତି। ପୋଲିସ ପହଞ୍ଚି ଦୁଇଟି ଅଫୁଟା ବୋମା ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି।

ପୋଲିସ ନିକଟରେ ହୋଇଥିବା ଏତଲାରେ ଦର୍ଶାଯାଇଛି, ଶନିବାର ରାତି ପ୍ରାୟ ସାଢ଼େ ୧୧ଟାରୁ ୧୨ଟା ମଧ୍ୟରେ ଯୋଗୀଡ଼ିହ ଗ୍ରାମର କୃଷ୍ଣଚନ୍ଦ୍ର ଦାସ ଓରଫ୍ କୁଶିଆ, ଅମ୍ଳାନ ଜେନା, କୋଟଗରା ଉପର ଗୋଡ଼ିସାହିର ରଞ୍ଜିତ ପରିଡ଼ା ଏକ ବାଇକ୍‌ରେ ଆସି ଘର କବାଟ ବାଡ଼େଇଥିଲେ। ଅମ୍ଳାନ ଏକ ପିସ୍ତଲ ଏବଂ କୃଷ୍ଣ ଖଣ୍ଡା ଧରି ଘର ବାହାରେ ଆତଙ୍କ ସୃଷ୍ଟି କରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ହତ୍ୟା କରିବାକୁ ଧମକ ଦେଇଥିଲେ। ସେମାନେ ଗ୍ୟାରେଜ୍‌ରେ ଥିବା ଜିପ୍ (ନଂ ଓଆର୍ ୦୫ ୧୫୫୬)କୁ ପେଟ୍ରୋଲ ଢାଳି ନିଆଁ ଲଗାଇ ଦେଇଛନ୍ତି। ଫଳରେ ଗାଡ଼ି ସମ୍ପୂର୍ଣ୍ଣ ଜଳିଯାଇଛି। ଭାଇ ଅରୁଣ କୁମାର ପରିଡ଼ା ଏହି ଘଟଣାର ସାକ୍ଷୀ ରହିଛନ୍ତି। ଏଭଳି କାଣ୍ଡ ଭିଆଇଥିବା ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଶ୍ୱିନୀ ପୋଲିସ ନିକଟରେ ଦାବି କରିଛନ୍ତି। ସୂଚନା ପାଇ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଏ ସଂକ୍ରାନ୍ତରେ ଏସ୍‌ଡିପିଓ ରଞ୍ଜନ କୁମାର ଦେ କୁହନ୍ତି, ଅଭିଯୋଗ ଆଧାରରେ ତୁମୁସିଙ୍ଗା ଥାନାରେ ଏକ ମାମଲା ରୁଜୁ ହୋଇଛି। ଘଟଣାସ୍ଥଳରେ ପହଞ୍ଚି ପୋଲିସ ଛାନଭିନ୍ ଆରମ୍ଭ କରିଛି।

# ଜନଜାତି ଶିକ୍ଷୟିତ୍ରୀ ଏବେ ଦିନମଜୁରିଆ

**ଫୁଲବାଣୀ ଅଫିସ, ୯।୪**

ଅନୁସୂଚିତ ଜନଜାତିର ଜଣେ ଶିକ୍ଷୟିତ୍ରୀ(ଶିକ୍ଷା ସହାୟକ) ଚାକିରି କ୍ଷେତ୍ରରେ ୩ ବର୍ଷ ୮ ମାସ ପୂରଣ କରିସାରିବା ପରେ ଏବେ ତାଙ୍କୁ ଦିନମଜୁରିଆ ସାଜିବାକୁ ପଡ଼ିଛି। ପ୍ରଶାସନର ଅଣଦେଖା ହେତୁ ସେ ଏଭଳି ପରିସ୍ଥିତିର ସମ୍ମୁଖୀନ ହୋଇଛନ୍ତି। ଦେହ ଖରାପ ହେବାରୁ ୩/୪ ଦିନ ମେଡିକାଲରେ ରହିଗଲେ। ସୁସ୍ଥ ହୋଇ ବିଦ୍ୟାଳୟକୁ ଯିବାରୁ ତାଙ୍କ ଛୁଟି ଦରଖାସ୍ତ ଗ୍ରହଣ କଲେନାହିଁ କି କର୍ମକ୍ଷେତ୍ରରେ ଯୋଗଦେବାକୁ ଦେଲେନି ପ୍ରଧାନଶିକ୍ଷକ। ଏହାପରେ ସେ ବ୍ଲକ ଶିକ୍ଷାଧିକାରୀ, ସର୍ବଶିକ୍ଷା ପ୍ରକଳ୍ପ ସଂଯୋଜକ(ଡିପିସି), ଜିଲା ଶିକ୍ଷାଧିକାରୀ ଏବଂ ଜିଲାପାଳଙ୍କ ପାଖରେ ଗୁହାରି ଜଣାଇଲେ। ହେଲେ ସେମାନେ ଖାଲି ଏ ଅଫିସ୍‌ରୁ ସେ ଅଫିସ୍‌କୁ ଯିବାକୁ କହି କିଛି ବୁଝିଲେନାହିଁ। ଫଳରେ ଆଜକୁ ୯ ବର୍ଷ ହେବ ଶିକ୍ଷୟିତ୍ରୀ ଜଣକ ଦିନମଜୁରିଆ କାର୍ଯ୍ୟ କରୁଛନ୍ତି। ଏଭଳି ଘଟଣା କନ୍ଧମାଳ ଜିଲା କ.ନୂଆଗାଁ ବ୍ଲକରେ ଦେଖିବାକୁ ମିଳିଛି।

କ.ନୂଆଗାଁ ବ୍ଲକ ଚାଞ୍ଚେଡ଼ି ପଞ୍ଚାୟତ ଅଧୀନ କାମ୍ବାନାଜୁ ଗ୍ରାମର ଧରିତ୍ରୀ ପ୍ରଧାନ ୨୦୧୧ ଏପ୍ରିଲ ୧୦ରେ ଜିଲାପାଳଙ୍କ ଚିଠି ନଂ.୪୯୧୫ରେ ଶିକ୍ଷା ସହାୟକ ଭାବେ ନିଯୁକ୍ତି ପାଇଥିଲେ। ପ୍ରଥମେ ସେ ଦାରିଙ୍ଗବାଡ଼ି ବ୍ଲକ ବାଡ଼ାବାଙ୍ଗା ପଞ୍ଚାୟତ ଗର୍ଜେଡି ନୂତନ ପ୍ରାଥମିକ ବିଦ୍ୟାଳୟ(ଏନ୍‌ପିଏସ୍)ରେ ଯୋଗଦେଇଥିଲେ। ଏହାପରେ ସର୍ବଶିକ୍ଷା ପ୍ରକଳ୍ପ ସଂଯୋଜକଙ୍କ ନିର୍ଦ୍ଦେଶକ୍ରମେ ତାଙ୍କୁ ସେହିବର୍ଷ ଅଗଷ୍ଟ ୯ରେ କ.ନୂଆଗାଁ ବ୍ଲକ ଚାଞ୍ଚେଡ଼ି ପଞ୍ଚାୟତ ବାନ୍ଧାବାଜୁ ବିଦ୍ୟାଳୟକୁ ବଦଳି କରାଗଲା। ପୁଣି ସେଠାରୁ ସେ ଡେପୁଟେଶନରେ ଜୁଗାପଦର ସ୍କୁଲ ଯାଇ ପାଠ ପଢ଼ାଉଥିଲେ। ପ୍ରଧାନଶିକ୍ଷକଙ୍କ ଚିଠି ନଂ.୩୨/୧୭।୧୨।୨୦୧୪ରେ ରିଲିଭ୍ ହୋଇ ପୁନଃ ବାନ୍ଧାବାଜୁ ବିଦ୍ୟାଳୟରେ କାର୍ଯ୍ୟଭାର ଗ୍ରହଣ କରିଥିଲେ। ଏହାର କିଛିମାସ ପରେ ତାଙ୍କ ଦେହ ଖରାପ ହେଲା। ଫଳରେ ସେ ମେଡିକାଲରେ ଭର୍ତ୍ତି ହେଲେ। ୩/୪ ଦିନ ପରେ ବିଦ୍ୟାଳୟ ଯାଇ ପ୍ରଧାନଶିକ୍ଷକଙ୍କୁ ଛୁଟି ଦରଖାସ୍ତ ଦେବାରୁ ସେ ଗ୍ରହଣ କଲେନାହିଁ। ଆଜିପର୍ଯ୍ୟନ୍ତ ଶିକ୍ଷୟିତ୍ରୀ ଧରିତ୍ରୀ ପ୍ରଧାନ ଏ ଅଫିସ୍‌ରୁ ସେ ଅଫିସ୍‌କୁ ଦୌଡୁଛନ୍ତି। ହେଲେ ତାଙ୍କୁ ନିଯୁକ୍ତି ଦିଆଯାଉନାହିଁ। ଏ ନେଇ ଶିକ୍ଷୟିତ୍ରୀ କହିଛନ୍ତି, ସବୁ ଅଫିସ୍ ଦୌଡ଼ି ନିରାଶ ହେବାପରେ ଜିଲାପାଳଙ୍କୁ ଭେଟିଥିଲି। ସେ କହିଲେ ଏହା ଶିକ୍ଷା ବିଭାଗର କାମ। କ'ଣ ହୋଇଛି ବୁଝିବା। ମୁଁ ଜଣେ ଆଦିବାସୀ ସମ୍ପ୍ରଦାୟର ଶିକ୍ଷୟିତ୍ରୀ ହୋଇ ବି ଏବେ ଦିନମଜୁରିଆ ଭାବେ କାମ କରୁଛି। କେବେ ପ୍ରଶାସନ ମୋ ଦୁଃଖ ଶୁଣିବ ବୋଲି ଧରିତ୍ରୀ ପ୍ରକାଶ କରିଛନ୍ତି। ଏ ସଂକ୍ରାନ୍ତରେ ଜିଲା ଶିକ୍ଷାଧିକାରୀ ପ୍ରମୋଦ କୁମାର ଷଡ଼ଙ୍ଗୀଙ୍କୁ ପଚାରିବାରୁ ଶିକ୍ଷୟିତ୍ରୀଙ୍କ କ୍ଷେତ୍ରରେ କ'ଣ ହୋଇଛି ବୁଝିଲା ପରେ ନିଶ୍ଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।



ପରିବାର ସହ ଶିକ୍ଷୟିତ୍ରୀ ଧରିତ୍ରୀ।

**ଆଜିର ମନ୍ତବ୍ୟ**

"ଜାଲ୍, ମିଛ ତଥା ବିଭ୍ରାନ୍ତିକର ଖବରକୁ ଚିହ୍ନଟ କରିବା ପାଇଁ ସୂଚନା ପ୍ରଯୁକ୍ତି ନିୟମରେ ସଂଶୋଧନ ଆଲୋଚନା ପ୍ରକ୍ରିୟା ଦେଇ ହୋଇଛି। ତଥାପି ଏହାକୁ କାର୍ଯ୍ୟକାରୀ କରିବା ପୂର୍ବରୁ ଆହୁରି ବିଚାରବିମର୍ଶର ଆବଶ୍ୟକତା ରହିଛି। **-କିରେନ୍ ରିଜିଜୁ, କେନ୍ଦ୍ର ଆଇନ ମନ୍ତ୍ରୀ**"

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଖାଇ ବସିଲେ ବଢ଼ଇ ପେଟ**
**ଖାଇ ଖାଇଲେ ଯମର ଭେଟ**
**ଖାଇ ଶୋଇଲେ ବଢ଼ଇ ଆୟୁ**
**ଖାଇ ଚାଲିଲେ ବଢ଼ଇ ବାୟୁ।**

ଖାଇପିଇ ବସି ରହିଲେ ମେଦ ବୃଦ୍ଧି ହେବା ସହ ପେଟ ବଢିଯାଉଥିବାର ଲକ୍ଷ୍ୟ କରାଯାଇଥାଏ। ସଦା ସର୍ବଦା ଖାଦ୍ୟ ଖାଇବା ଦ୍ୱାରା ଶାରୀରିକ ଅସୁସ୍ଥତା ଦେଖାଦେଇଥାଏ। ଖାଦ୍ୟ ଖାଇ ସାରିବା ପରେ ବିଶ୍ରାମ ନେଲେ ଖାଦ୍ୟ ଭଲ ଭାବେ ହଜମ ହେବା ସହ ଏହା ସ୍ୱାସ୍ଥ୍ୟ ପ୍ରତି ହିତକର ହୋଇଥାଏ। ଠିକ ସେହିପରି ଖାଦ୍ୟ ଗ୍ରହଣ ପରେ ଶାରୀରିକ ପରିଶ୍ରମ କରିବା ଫଳରେ ଖାଦ୍ୟ ହଜମ ନ ହେବା ସହ ପେଟ ଖରାପ ହେବାର ସମ୍ଭାବନା ରହିଥାଏ। ସ୍ୱାସ୍ଥ୍ୟ ପ୍ରସଙ୍ଗରେ ଖାଇବାର ଶୈଳୀକୁ ଏଠାରେ ବର୍ଣ୍ଣନା କରାଯାଇଛି।

**ଖତ ବରଷେ**
**ପଙ୍କ ପୁରୁଷେ।**

ଜମିରେ ଖତ ମାତ୍ର ଗୋଟିଏ ବରଷ ପର୍ଯ୍ୟନ୍ତ ଏହାର ଗୁଣ ବା ଲାଭ ଦେଖାଇଥାଏ। ପରନ୍ତୁ ପଙ୍କ ବହୁକାଳ ପର୍ଯ୍ୟନ୍ତ ଗୁଣ ଜମେଇ ରଖିଥାଏ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

# ବିଷାକ୍ତ ଖାଦ୍ୟଖାଇ ୧୫ ଅନ୍ତେବାସୀ ଗୁରୁତର

ବାଲିମେଳା/କୋରୁକୋଣ୍ଡା, ୯।୪ (ଡ଼ି.ଏନ.ଏ.)

ମାଲକାନଗିରି ଜିଲା ବାଲିମେଳା ବିଜ୍ଞାନ ବୈଷୟିକ ମହାବିଦ୍ୟାଳୟ ଛାତ୍ରୀ ନିବାସରେ ରବିବାର ଏକ ଅଭାବନୀୟ ଘଟଣା ଘଟିଛି। ବିଷାକ୍ତ ଖାଦ୍ୟ ଖାଇ ଛାତ୍ରୀନିବାସର ୧୫ ଅନ୍ତେବାସୀ ଗୁରୁତର ହୋଇପଡିବା ଦେଖିବାକୁ ମିଳିଛି। ଏହି ଖବର ଜଣାପଡିବା ପରେ ସ୍ଥାନୀୟ ଅଞ୍ଚଳରେ ଉତ୍ତେଜନା ପ୍ରକାଶ ପାଇଛି। ଖାଦ୍ୟ କିପରି ବିଷାକ୍ତ ହେଲା ଏବଂ ତାହା ଖାଇବାକୁ ଛାତ୍ରୀମାନଙ୍କୁ କିଏ ଦେଲା ଏହାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିଛନ୍ତି ଅଞ୍ଚଳବାସୀ।

ଖବରରୁ ଜଣାପଡିଛି, ମହାବିଦ୍ୟାଳୟର ଛାତ୍ରୀନିବାସରେ ଏହି ଛାତ୍ରୀମାନେ ରହି ଅଧ୍ୟୟନ କରନ୍ତି। ରବିବାର ଛାତ୍ରୀମାନଙ୍କୁ ଛାତ୍ରୀନିବାସ ପକ୍ଷରୁ ସକାଳେ ଉପମା, ଚକୁଳି ତରକାରି ପ୍ରଦାନ କରାଯାଇଥିଲା। ସେମାନେ ଏହି ଖାଦ୍ୟ ଖାଇବାର କିଛି ସମୟ ପରେ ବାନ୍ତି କରି ଗୁରୁତର ଅସୁସ୍ଥ ହୋଇପଡିଥିଲେ। ଏ ସମ୍ପର୍କରେ ସୂଚନା ପାଇ କଲେଜ ଅଧକ୍ଷ ଅମୂଲ୍ୟ ପ୍ରଧାନ ତୁରନ୍ତ ଛାତ୍ରୀନିବାସରେ ପହଞ୍ଚିଥିଲେ। ମାଟ୍ରନ ଅନିତା ପଡ଼ିଆମୀ, ଛାତ୍ରୀନିବାସ ସୁପରିଣ୍ଟେଣ୍ଡେଣ୍ଟ ରଞ୍ଜିତା ତପୋ ଓ କେତେଜଣ ଅଧ୍ୟାପକ ସମ୍ପୃକ୍ତା ଛାତ୍ରୀମାନଙ୍କୁ ଚିକିତ୍ସା ଲାଗି ବାଲିମେଳା ଆଞ୍ଚଳିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଛାତ୍ରୀମାନଙ୍କ ଚିକିତ୍ସା ଜାରି ରହିଛି। ତେବେ ଚିକିତ୍ସାଧୀନ ଛାତ୍ରୀମାନଙ୍କ ମଧ୍ୟରୁ କେତେ ଜଣ ଛାତ୍ରୀ ସୁସ୍ଥ ହୋଇଥିବା ବେଳେ ଅନ୍ୟମାନଙ୍କ ଚିକିତ୍ସା ଚାଲିଥିବା ଡାକ୍ତର ଦେବବ୍ରତ ନାୟକ କହିଛନ୍ତି। ଅନ୍ୟପକ୍ଷରେ ଛାତ୍ରୀମାନେ ଖାଦ୍ୟ ଖାଇବା ପରେ କେଉଁ କାରଣରୁ ହଠାତ ଅସୁସ୍ଥ ହୋଇପଡିଲେ ତାହାର କାରଣ ଏଯାଏ ସ୍ପଷ୍ଟ ହୋଇପାରିନାହିଁ। ଏନେଇ ଅଧକ୍ଷ ପ୍ରଧାନଙ୍କୁ ପଚାରିବାରୁ ସେ ପ୍ରସଙ୍ଗକୁ ଏଡାଇ ଦେବାକୁ ଚେଷ୍ଟା କରିଥିଲେ। ଶେଷରେ ଡିହାଇଡ୍ରେସନ ହେତୁ ଏପରି ପରିସ୍ଥିତି ଉପୁଜିଥିବା କହିଥିଲେ। ବିଷାକ୍ତ ଖାଦ୍ୟ ଖାଇଥିବା ହେତୁ ଏପରି ଘଟଣା ଘଟିଥାଇପାରେ ଅନୁମାନ କରାଯାଉଛି ବୋଲି ଡାକ୍ତର ନାୟକ କହିଥିଲେ। ଅନ୍ୟପକ୍ଷରେ ହଷ୍ଟେଲ ସୁପରିଣ୍ଟେଣ୍ଡେଣ୍ଟ ତପୋ ଏବଂ ମାଟ୍ରନ ପଡ଼ିଆମୀଙ୍କ ପରିଚାଳନାଗତ ତ୍ରୁଟି ଯୋଗୁ ଏଭଳିପରିସ୍ଥିତିଉପୁଜିଲା ବୋଲିଅଭିଯୋଗ ହେଉଛି। ଏ ସମ୍ପର୍କରେ ସୁପରିଣ୍ଟେଣ୍ଡେଣ୍ଟ ତପୋଙ୍କୁ ଫୋନ ଯୋଗେ ପଚାରିବାରୁ ସେ କୌଣସି ଉତ୍ତର ନ ଦେଇ ଫୋନ କାଟି ଦେଇଥିଲେ। ତୁରନ୍ତ ଜିଲା ପ୍ରଶାସନ ଘଟଣାର ନିରପେକ୍ଷ ତଦନ୍ତ କରି ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ଡାକ୍ତରଖାନାରେ ଚିକିତ୍ସାଧୀନ ଥିବା ଅସୁସ୍ଥ ଛାତ୍ରୀମାନେ।

### ଉଚ୍ଚସ୍ତରୀୟ ତଦନ୍ତ ଦାବି କଲେ ଅଞ୍ଚଳବାସୀ

# ୧୧ରେ ଛେନାପୋଡ଼ ସଙ୍ଗୀତ

### ମହାସମାରୋହରେ ପାଳନ ହେବ ଛେନାପୋଡ଼ ଦିବସ

ଭୁବନେଶ୍ୱର,୯।୪(ବ୍ୟୁରୋ) – ଛେନାପୋଡ଼ ଦିବସକୁ ଧୁମ୍‌ଧାମ୍‌ରେ ପାଳନ କରାଯିବ। ଏଥିପାଇଁ ରାଜଧାନୀଠାରୁ ନୟାଗଡ଼ ସବୁଠି ଜୋରଦାର ପ୍ରସ୍ତୁତି ଚାଲିଛି। ନୟାଗଡ଼ ବିକାଶ ମଞ୍ଚ ଏବଂ ଓଡ଼ିଶା ମିଡିଆ ପ୍ରାଇଭେଟ ଲିମିଟେଡ୍ ପକ୍ଷରୁ ଆସନ୍ତା ୧୧ ତାରିଖରେ ଭୁବନେଶ୍ୱର ସୂଚନା ଭବନଠାରେ ସ୍ୱତନ୍ତ୍ର ଉତ୍ସବ ଅନୁଷ୍ଠିତ ହେବ। ରବିବାର ମଞ୍ଚ ପକ୍ଷରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଓଡ଼ିଶା ପ୍ରସିଦ୍ଧ ମିଠା ଛେନାପୋଡ଼ର ଅଧିକ ଲୋକପ୍ରିୟତା ପାଇଁ ଏହା ଏକ ପ୍ରୟାସ। ଉତ୍ସବରେ ଛେନାପୋଡ଼ ସଙ୍ଗୀତର ଶ୍ରୋତାର୍ପଣ ହେବ। ଶୁଭ୍ରାଂଶୁ ପଣ୍ଡା ଏହାକୁ ରଚନା ଓ ପରିକଳ୍ପନା କରିଥିବାବେଳେ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ଅଭିଜିତ ମିଶ୍ର। ଏଥିରେ ଛେନାପୋଡ଼ ମହିମାମଣ୍ଡନ ସାଙ୍ଗକୁ ନୟାଗଡ଼ ଜିଲାର ଐତିହ୍ୟ, ପରମ୍ପରା, ସଂସ୍କୃତି, ପର୍ବପର୍ବାଣି ଓ ମହାପୁରୁଷଙ୍କ ଗାଥା ରହିଛି। ଉତ୍ସବରେ ସଭା, ସମ୍ବର୍ଦ୍ଧନା, ବନ୍ଧୁମିଳନ ଓ ପେଟପୂଜା ସାଙ୍ଗକୁ ପାଲା, ଦାସକାଠିଆ, ବାଘଭାଲୁ ନାଚ, ଠକରା, ଘୁ ଖଞ୍ଜଣି, ପାରମ୍ପରିକ ଓ ଆଧୁନିକ ସଙ୍ଗୀତ ପରିବେଷଣ କରାଯିବ। ଛେନାପୋଡ଼ ଜିଆଇ (ଭୌଗୋଳିକ ସ୍ୱୀକୃତି) ମାନ୍ୟତା ଦେବା ଲାଗି ୨ବର୍ଷ ହେଲା ମଞ୍ଚ ଉଦ୍ୟମ କରିଆସୁଛି। ସେହିପରି ବିଶ୍ୱବିଖ୍ୟାତ ଜ୍ୟୋତିର୍ବିଦ ପଠାଣି ସାମନ୍ତଙ୍କ ଜନ୍ମସ୍ଥଳରେ ଏକ ସ୍ମାରକୀ ନିର୍ମାଣ ଏବଂ ପାଠାଗାର ଆନ୍ଦୋଳନର ପିତାମହ ଦାସିଆ ଅଜାଙ୍କ ଜନ୍ମପୀଠର ବିକାଶ ପାଇଁ ମଞ୍ଚ ଦାବି ହୋଇଛି। ଏହି ସମ୍ମିଳନୀରେ ମଞ୍ଚ ସଦସ୍ୟ ସୁବ୍ରତ କୁମାର ନାୟକ, ଆଶିଷ କୁମାର ରଥ, ସତ୍ୟେନ୍ଦୁ ଶେଖର ମିଶ୍ର, ପ୍ରତ୍ୟୁଷ ଦେବାଶିଷ, ଆଶୁତୋଷ ଦାସ, ଉମାକାନ୍ତ ମହାପାତ୍ର, ସୁଧାଂଶୁ ଶେଖର ସାହୁ, ଅଫ୍‌ତାବ୍ ହୁସେନ, ରାଜକିଶୋର ଡାକୁଆ, ରାଜେଶ ପରି ଓ ରୋହନ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ଏସ୍‌ସିବିରେ ଜଟିଳ ଅସ୍ତ୍ରୋପଚାର

# ରୋଗୀଙ୍କ ଶ୍ୱାସନଳୀରୁ ବାହାରିଲା ଟ୍ୟୁମର

- ଏକ୍‌ମୋ ମେଶିନ ପାଇଁ ବଞ୍ଚିଗଲେ ଯୁବକ
- ରାଜ୍ୟରେ ପ୍ରଥମ

କଟକ ଅଫିସ,୯।୪

କଟକସ୍ଥିତ ଏସ୍‌ସିବି ମେଡିକାଲର ସିଟିଭିଏସ୍ ବିଭାଗରେ ଏକ୍‌ମୋ ମେଶିନ ସହାୟତାରେ ଜଟିଳ ଅସ୍ତ୍ରୋପଚାର ଶନିବାର କରାଯାଇଛି। ଜଣେ ୨୧ ବର୍ଷୀୟ ଯୁବକଙ୍କ ଶ୍ୱାସନଳୀକୁ ବନ୍ଦ କରି ରଖିଥିବା ଏକ ଟ୍ୟୁମରକୁ ବାହାର କରିବାରେ ଡାକ୍ତରମାନେ ସଫଳ ହୋଇଛନ୍ତି। ରୋଗୀ ଜଣକ ହେଲେ ଦେବଗଡ଼ ଜିଲା ବାରକୋଟ ଥାନା ଅନ୍ତର୍ଗତ ଦଣ୍ଡସିଂହାର ଅଞ୍ଚଳର ରିଙ୍କୁ ଲୋହରା। ଏହାଦ୍ୱାରା ଯୁବକଙ୍କ ଜୀବନ ବଞ୍ଚିଯାଇଛି। ରାଜ୍ୟରେ ଏଭଳି ଅସ୍ତ୍ରୋପଚାର ପ୍ରଥମ ଥର ପାଇଁ ଏକ୍‌ମୋ ମେଶିନ୍ ଦ୍ୱାରା କରାଯାଇଥିବା ସିଟିଭିଏସ୍ ବିଭାଗର ମୁଖ୍ୟ ପ୍ରଫେସର ଡା. ମନୋଜ ପଟ୍ଟନାୟକ କହିଛନ୍ତି।

ସୂଚନା ଅନୁସାରେ, ଶ୍ୱାସକ୍ରିୟାରେ ଅସୁବିଧା ହେଉଥିବାରୁ ଗତମାସ ୨୯ ତାରିଖରେ ରିଙ୍କୁ ଏସ୍‌ସିବି ମେଡିକାଲର ପଲ୍‌ମୋନାରୀ ମେଡିସିନ ବିଭାଗରେ ଭର୍ତ୍ତି ହୋଇଥିଲେ। ତାଙ୍କର ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯିବା ପରେ ଶ୍ୱାସନଳୀରେ ଟ୍ୟୁମର ହୋଇଥିବା ଜଣାପଡ଼ିଥିଲା। ଏହା କେବଳ ଅସ୍ତ୍ରୋପଚାର ଦ୍ୱାରା ହିଁ ବାହାର କରାଯାଇପାରିବ ବୋଲି ଡାକ୍ତରମାନେ ନିଶ୍ଚିତ ହୋଇଥିଲେ। ଆବଶ୍ୟକ କାର୍ଯ୍ୟ ପରେ ରୋଗୀଙ୍କୁ ସିଟିଭିଏସ୍ ବିଭାଗକୁ ସ୍ଥାନାନ୍ତର କରାଯାଇଥିଲା। ସିଟିଭିଏସ୍ ବିଭାଗର ମୁଖ୍ୟ ପ୍ରଫେସର ପଟ୍ଟନାୟକ କହିଛନ୍ତି, ଶ୍ୱାସନଳୀ ବନ୍ଦ ଥିବା ହେତୁ ରୋଗୀଙ୍କୁ ଆନାସ୍ଥେସିଆ ଦେବା ଅସମ୍ଭବ ଥିଲା। ସେଥିପାଇଁ ବିକଳ୍ପ ପଦ୍ଧତିରେ ୪ ଜଣିଆ ଡାକ୍ତରୀ ଟିମ୍ ଦ୍ୱାରା ଅସ୍ତ୍ରୋପଚାର କରାଯିବାକୁ ସ୍ଥିର ହୋଇଥିଲା। ଶନିବାର ରୋଗୀଙ୍କୁ ପେନ୍ କିଲର ଦିଆଯାଇ ଛାତି କଟାଯାଇ ଏକ୍‌ମୋ ମେଶିନ୍ ଲଗାଯାଇଥିଲା। ଏହାଦ୍ୱାରା ରୋଗୀଙ୍କ ଶ୍ୱାସନଳୀରୁ ଟ୍ୟୁମର ବାହାର କରାଯାଇଥିଲା। ତାଙ୍କୁ ଏକ୍‌ମୋ ଚିକିତ୍ସାରେ ଗୋଟିଏ ଦିନ ରଖିବା ପରେ ରବିବାର ଏକ୍‌ମୋ ମେଶିନ୍ ଅପସାରଣ କରାଯାଇଥିଲା। ସେ ଏବେ ଭେଣ୍ଟିଲେଟରରେ ଅଛନ୍ତି। ସେ ଆରୋଗ୍ୟ ହେବା ନିମନ୍ତେ ଆହୁରି ୫ ଦିନ ଲାଗିବ। ସେ ଏବେ ବିପଦମୁକ୍ତ ଓ ସୁସ୍ଥ ଥିବା ଡା. ପଟ୍ଟନାୟକ କହିଛନ୍ତି। ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର ପଟ୍ଟନାୟକଙ୍କ ସମେତ ଆସିଷ୍ଟାଣ୍ଟ ପ୍ରଫେସର ଡା. ଚିତ୍ତରଞ୍ଜନ ଥାଟୋଇ, ଏକ୍‌ମୋ ବିଶେଷଜ୍ଞ ଆସିଷ୍ଟାଣ୍ଟ ପ୍ରଫେସର ଡା. ଦେବାଶିଷ ପାଢ଼ୀ ଓ ଆସିଷ୍ଟାଣ୍ଟ ପ୍ରଫେସର ଡା. ସୁବ୍ରତ ନାୟକ ଅସ୍ତ୍ରୋପଚାର କରିଥିଲେ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜି ଆପଣଙ୍କୁ ଅର୍ଥ ସଙ୍କଟ ମଧ୍ୟରେ ଗତି କରିବାକୁ ହିଁ ପଡିବ। ଦିନ ମଧ୍ୟରେ ବିଶେଷ ଭ୍ରମଣଜନିତ ଶାରୀରିକ କ୍ଳାନ୍ତି ଓ ଅବସାଦ ସାୟାହ୍ନେ ଅନୁଭବ କରିବେ। ବନ୍ଧୁଙ୍କ ଗହଣରେ ନୂତନ ସ୍ଥାନ ପରିଦର୍ଶନରେ ଯିବାର ସୂଚନା ରହିଛି। ବ୍ୟବସାୟିକ ସ୍ଥିତି କେତେକାଂଶରେ ଚିନ୍ତାଜନକ ସ୍ଥିତିକୁ ଆସିଯାଇପାରେ।

**ବୃଷ** ଆଜି ହଠାତ୍ ଆନୁଷ୍ଠାନିକ କାମ ସକାଶେ ବିଶେଷ ଭାବେ ଧାଁଦଉଡ କରିବାକୁ ପଡିପାରେ। ବନ୍ଧୁଙ୍କ ପାଇଁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବାରୁ ବ୍ୟସ୍ତତା ବୃଦ୍ଧି ପାଇବ। ସାମୟିକ ଭାବରେ ପୁରାତନ ରୋଗରୁ ପୀଡ଼ା ଅନୁଭବ କରିପାରନ୍ତି। ନିକଟ ସମ୍ପର୍କୀୟଙ୍କ ବିବାଦୀୟ କଥାରେ ମୁଣ୍ଡ ନ ପୂରାଇବା ଭଲ।

**ମିଥୁନ** ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ବଢ଼ି ବଢ଼ି ଯାଉଥିବା କାରଣରୁ ମାନସିକ ସ୍ଥିରତା ରହିବ ନାହିଁ। ଆପଣ ସଙ୍କୋଚବଶତଃ ବନ୍ଧୁଙ୍କ ନିକଟରେ ମନକଥା ପ୍ରକାଶ କରିପାରିବେ ନାହିଁ। ବ୍ୟବସାୟ ଓ ପରିବହନ ମଧ୍ୟ ସାମୟିକ ବାଧାପ୍ରାପ୍ତ ହେବାର ସମ୍ଭାବନା ରହିଛି। ଆର୍ଥିକ ଅନଟନ ଲାଗି ରହିବା କାରଣରୁ ବିଚଳିତବୋଧ କରିପାରନ୍ତି।

**କର୍କଟ** ସହକର୍ମୀଙ୍କ ସହାୟତାରେ ଅର୍ଥ ସମ୍ପର୍କିତ କୌଣସି ଅନୁଚିନ୍ତା ସାୟାହ୍ନେ ଦୂର ହେବ। ଦୀର୍ଘ ଦିନରୁ ଅଟକି ରହିଥିବା କର୍ମକ୍ଷେତ୍ରର ସ୍ଥିତି ଅନୁକୂଳ ହୋଇପାରେ। ଅଫିସ୍‌ରୁ ଫେରନ୍ତା ବାଟରେ କୌଣସି ମୂଲ୍ୟବାନ ଦ୍ରବ୍ୟ ଲାଭ ହେବାର ସୂଚନା ରହିଛି। ଆକସ୍ମିକ ଜଣେ ପୁରୁଣା ବନ୍ଧୁଙ୍କ ଦେଖାପାଇ ମନ ହାଲୁକା ରହିବ।

**ସିଂହ** ଆଜି ମନ କଥାକୁ ମନ ଭିତରେ ରଖି ଇଚ୍ଛା ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। ଟଙ୍କା ପଇସା ଯୋଗାଡ କରିବା ସକାଶେ ବିଭିନ୍ନ ପ୍ରକାର ଫନ୍ଦିଫିକର କରିବାକୁ ପଡିପାରେ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିର କରିବେ। ଶିଳ୍ପ, ବାଣିଜ୍ୟ, ପରିବହନ, ଏଜେନ୍ସି, ସାମ୍ବାଦିକତାରେ ପ୍ରଶଂସିତ ହେବେ।

**କନ୍ୟା** ଅର୍ଥାଭାବ କାରଣରୁ ମାନସିକ ସ୍ଥିତି ସେତେଟା ଭଲ ରହି ନ ପାରେ। ତରବର ନ ହୋଇ ଧୀରସ୍ଥିର ମନ ନେଇ କାମକଲେ ସମସ୍ୟାର ସରଳ ସମାଧାନ ହେବ। ସ୍ୱାର୍ଥର ବଶବର୍ତ୍ତୀ ହୋଇ ନିଜର ଆତ୍ମୀୟମାନେ ହଠାତ୍ ଶତ୍ରୁତା କରିପାରନ୍ତି। ନିର୍ମାଣାଧୀନ କାର୍ଯ୍ୟ ଶେଷ ପର୍ଯ୍ୟାୟକୁ ଯିବା ପୂର୍ବରୁ କୌଣସି ସମସ୍ୟାର ସମ୍ମୁଖୀନ ହେବାକୁ ପଡିପାରେ।

**ତୁଳା** ମନରେ ସୁଖ, ସୌହାର୍ଦ୍ଦ୍ୟ ନ ଥିଲେ ମଧ୍ୟ କେତେକ କାମ କରିବାକୁ ବାଧ୍ୟ ହେବେ। କୌଣସି ଜିନିଷ କ୍ରୟ କରିବା ସକାଶେ ମୋଟା ଅଙ୍କର ଆବଶ୍ୟକତା ପଡିପାରେ। ଜଣେ ବନ୍ଧୁଙ୍କ ଉପସ୍ଥିତିକୁ କେନ୍ଦ୍ର କରି ଝଗଡା ଲାଗିପାରେ। କର୍ମକ୍ଷେତ୍ରରେ, ସଭା ସମିତିରେ, ରାଜନୈତିକ ସ୍ଥିତିରେ ସମ୍ମାନ ଓ ପଦମର୍ଯ୍ୟାଦା ବୃଦ୍ଧି ପାଇବ।

**ବିଛା** ଅତୀତ ଘଟଣା ମନକୁ ବାରମ୍ବାର ଆଲୋଡିତ କରିବା ଫଳରେ ମନ ଭଲ ଲାଗିବ ନାହିଁ। ପ୍ରତ୍ୟେକ କ୍ଷେତ୍ରରେ ଛୋଟ ଛୋଟ ଘଟଣା ପ୍ରତି ଗୁରୁତ୍ୱ ଦିଅନ୍ତୁ ନାହିଁ, ଯାହାକି ସମସ୍ୟା ସୃଷ୍ଟିର କାରଣ ହେବ। ପୂର୍ବଦିନର ବିବାଦକୁ କେନ୍ଦ୍ରକରି ଶତ୍ରୁମାନଙ୍କର ସକ୍ରିୟତା ବୃଦ୍ଧି ପାଇପାରେ। ଅନୁରାଧା ନକ୍ଷତ୍ରର ଆକସ୍ମିକ ଅର୍ଥ ଲାଭ କାରଣରୁ ମନ ପ୍ରଫୁଲ୍ଲ ରହିବ।

**ଧନୁ** କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସମସ୍ୟାକୁ ବୃଦ୍ଧି କରିବାର ଆଶଙ୍କା ମଧ୍ୟ ରହିଛି। ଜମିଜମା କାରବାର କିମ୍ବା ରେଜିଷ୍ଟ୍ରେଶନ ସମ୍ପର୍କିତ ସମସ୍ୟାକୁ ନେଇ ବିବ୍ରତ ରହିପାରନ୍ତି। କ୍ରୀଡ଼ା, କଳା, କାରିଗରି ପ୍ରଭୃତି କ୍ଷେତ୍ରର ପ୍ରତିଯୋଗିତାରେ ସଫଳତା ଯୋଗୁ ମନ ଖୁସି ରହିବ।

**ମକର** ବନ୍ଧୁଙ୍କ ସାହାଯ୍ୟରେ ଆଜିର କାମ ସୁବିଧାରେ ସମ୍ପନ୍ନ ହେବାରେ ଅସୁବିଧା ରହିବ ନାହିଁ। ପଡ଼ୋଶୀଙ୍କ ସହ ବ୍ୟବହାରରେ ସଂଯମତା ରକ୍ଷା ନ କଲେ ବିବାଦଗ୍ରସ୍ତ ହୋଇପଡିବେ। କଳା, ସାହିତ୍ୟ, ସଭାସମିତି ଓ ରାଜନୈତିକ ସ୍ତରରେ ଟେନସନ ଲାଗି ରହିବ। ଚିକିଏ କଥାରେ ରାଗିଯାଇ ଯାହାତାହା କହିବା କାରଣରୁ ସମସ୍ୟା ଆସିପାରେ।

**କୁମ୍ଭ** ବିଭିନ୍ନ ସମସ୍ୟାକୁ ପ୍ରତିହତ କରି କର୍ମକ୍ଷେତ୍ରରେ ନିଜର ସ୍ଥିତିକୁ ସୁଦୃଢ କରିବାରେ ସମର୍ଥ ହେବେ। ଏକ ଭିନ୍ନ ପରିସ୍ଥିତିରେ ଦୀର୍ଘଦିନରୁ ଭାଙ୍ଗି ପଡିଥିବା ସମ୍ପର୍କ ପୁଣି ଯୋଡି ହୋଇଯିବ। ପାରିବାରିକ ସ୍ତରରେ ପିଲାମାନଙ୍କ ପଢା ସମସ୍ୟା ନେଇ ମନ ଭାରାକାନ୍ତ ରହିପାରେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନ କ୍ଷେତ୍ରରେ ସମସ୍ୟା ଦୂର ହେବ।

**ମୀନ** ବିଭିନ୍ନ ସମସ୍ୟା ରହିଥିଲେ ମଧ୍ୟ ହାତକୁ ନେଇଥିବା କାମ ଅଟକିବ ନାହିଁ। ପରିବାରରେ ସନ୍ତାନମାନଙ୍କ କିଛିଟା ଅଭାବ ଓ ଅସୁବିଧା ମନକୁ ଭାରାକ୍ରାନ୍ତ କରିପାରେ। ପରୋକ୍ଷ ଶତ୍ରୁତା କାରଣରୁ ସତର୍କରେ ନ ଚଳିଲେ ବିବାଦ ଭିତରକୁ ଟାଣି ହୋଇ ପାରନ୍ତି। ଚେଷ୍ଟା କରୁଥିବା କାମରେ ଓ ସଫଳତାରେ ଆନନ୍ଦ ଅନୁଭବ କରିବେ।

ଆଜି ବୈଶାଖ କୃଷ୍ଣ ଚତୁର୍ଥୀ ଯୁକ୍ତ ପଞ୍ଚମୀ ସୋମବାର, ଏପ୍ରିଲ ୧୦ ତାରିଖ, ଡ. ଖ୍ରୀଷ୍ଟିଆନ୍ ଫ୍ରେଡ୍‌ରିଚ୍ ସାମୁଏଲ୍ ହାନିମ୍ୟାନ୍ ଜୟନ୍ତୀ, ସମରକବି ବ୍ରଜନାଥ ବଡଜେନା ଜୟନ୍ତୀ, ରାଶି ନକ୍ଷତ୍ର-ଅନୁରାଧା/ବିଛା, ଦିବା ଘ.୦୧।୩୮ ଗତେ, ଜ୍ୟେଷ୍ଠା ନକ୍ଷତ୍ର, ପଞ୍ଚମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୫।୩୬ ଗତେ, ଘ.୦୭।୦୯ ମଧ୍ୟେ, ୧୦।୩୩ ଗତେ, ଘ.୦୧।୦୨ ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ୦୭।୦୯ ଗତେ, ଘ.୦୮।୪୨ ମଧ୍ୟେ ରାହୁକାଳ।



ସ୍ୱାଭିମାନ ଅଞ୍ଚଳରେ ପହଞ୍ଚିଥିବା ପୁଷ୍ପା-୨ ଚଳଚ୍ଚିତ୍ରର ପ୍ରଯୋଜକ, ନିର୍ଦ୍ଦେଶକ ଓ ଅନ୍ୟମାନେ।

## ପ୍ରଥମ ପୃଷ୍ଠାରୁ...

### ସ୍ୱାଭିମାନ ଅଞ୍ଚଳରେ ...

ଦେଖିଥିଲେ। ଆସନ୍ତା ମେ' ପ୍ରଥମ ସପ୍ତାହରେ ଶୁଟିଂ ହେବାକୁ ଧାର୍ଯ୍ୟ କରାଯାଇଥିବା ସୂଚନା ମିଳିଛି। ଜଣେ ସାଧାରଣ ଶ୍ରମିକରୁ ଚନ୍ଦନ କାଠ ଚୋରା ଚାଲାଣକାରୀ ଦସ୍ୟୁ ପାଲଟିଥିବା 'ପୁଷ୍ପା' ଉପରେ ନିର୍ମିତ ଚଳଚ୍ଚିତ୍ରର ପ୍ରଥମ ଭାଗଟି ପ୍ରଥମେ ତେଲୁଗୁ ଓ ପରେ ହିନ୍ଦୀ, ତାମିଲ, କନ୍ନଡ ଭାଷାରେ ୨୦୨୧ ଡିସେମ୍ବରରେ ମୁକ୍ତି ଲାଭ କରିଥିଲା। ଏହି ଚଳଚ୍ଚିତ୍ର ବକ୍ସ ଅଫିସରେ ୧ ହଜାରରୁ ଊର୍ଦ୍ଧ୍ୱ କୋଟି ଟଙ୍କାର ବ୍ୟବସାୟିକ ସଫଳତା ହାସଲ କରିଥିବାବେଳେ ପୁଷ୍ପା୨ ମଧ୍ୟ ସଫଳତା ହାସଲ କରିବ ବୋଲି ନିର୍ଦ୍ଦେଶକ ସୁକୁମାର ଆଶା ପ୍ରକଟ କରିଛନ୍ତି। ଏହି ଚଳଚ୍ଚିତ୍ରରେ ଦକ୍ଷିଣ ଭାରତର ନାୟକ ଅଲ୍ଲୁ ଅର୍ଜୁନ, ନାୟିକା ରଶ୍ମିକା ମାନ୍ଧନା ଓ ସୁନିଲଙ୍କ ଭଳି ବହୁ ଲୋକପ୍ରିୟ କଳାକାର ରହିଛନ୍ତି। ମାଲକାନଗିରି ଜିଲାରେ ବହୁ ପର୍ଯ୍ୟଟନ କ୍ଷେତ୍ର ସହ ଏପରି ଏକ ଚଳଚ୍ଚିତ୍ର ଶୁଟିଂ ପାଇଁ ଉପଯୁକ୍ତ ସ୍ଥାନ ରହିଥିବା ସଂସ୍ଥା ପକ୍ଷରୁ କୁହାଯାଇଛି। ନିକଟରେ ମାଲକାନଗିରିରେ ଶୁଟିଂ ହୋଇଥିବା ଓଡ଼ିଆ ଚଳଚ୍ଚିତ୍ର 'ଦମନ' ମଧ୍ୟ ହିଟ୍ ହୋଇ ଦେଶରେ ଚର୍ଚ୍ଚା ସୃଷ୍ଟି କରି ପାରିଥିଲା।

### ପ୍ରବାସୀ ଓଡ଼ିଆଙ୍କ ପାଇଁ ...

ଯାହା ପୂର୍ବରୁ ନ ଥିଲା। ଏହାଦ୍ୱାରା ଓଡ଼ିଶା ସରକାରଙ୍କ ସହିତ ପ୍ରବାସୀ ଓଡ଼ିଆ ଯୋଗାଯୋଗ ରଖିପାରିବେ। ପ୍ରବାସରେ ରହୁଥିବା ସମୟରେ ଓଡ଼ିଆମାନେ ଯେଉଁ ଅସୁବିଧାର ସମ୍ମୁଖୀନ ହେଉଥିବେ, ତା'ର ସମାଧାନ କରିବା ସହଜ ହେବ। ଏହି ନିର୍ଦ୍ଦେଶାଳୟ ଓଡ଼ିଶାକୁ ବିଶ୍ୱ ଦରବାରରେ ଠିକଣା ଭାବେ ଉପସ୍ଥାପିତ କରିବାର ଏକ ଗୁରୁତ୍ୱପୂର୍ଣ୍ଣ ମାଧ୍ୟମ ହେବାକୁ ଯାଉଛି। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନରେ ଏହା ପରିଚାଳିତ ହେବ। ଏହାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ପ୍ରବାସୀ ଓଡ଼ିଆମାନେ ରାଜ୍ୟ ସରକାରଙ୍କୁ ପରାମର୍ଶ ଦେଇପାରିବା ସହିତ ରାଜ୍ୟର ବିକାଶରେ ଭାଗୀଦାରି ହୋଇପାରିବେ। ଏହାସହିତ ଦେଶ ଓ ବିଦେଶରେ ଥିବା ଓଡ଼ିଆ ସଙ୍ଗଠନଗୁଡ଼ିକୁ ତାଲିକାଭୁକ୍ତ କରିବା, ବ୍ୟକ୍ତିଗତ, ଆନୁଷ୍ଠାନିକ ତଥା ନାଗରିକ ସମାଜ ସ୍ତରରେ ପ୍ରବାସୀ ଓଡ଼ିଆଙ୍କ ସହଭାଗିତାରେ ଭାଷା, ସଂସ୍କୃତି ଓ ଐତିହ୍ୟ, ପର୍ଯ୍ୟଟନ, ହସ୍ତତନ୍ତ, ହସ୍ତଶିଳ୍ପ ଓ କ୍ରୀଡ଼ା ପ୍ରୋତ୍ସାହନର ଉନ୍ନତି ହୋଇପାରିବ। ସେହିପରି ସାଂସ୍କୃତିକ ପ୍ରସାରଣ, କର୍ମଜୀବୀ, ଛାତ୍ର, କ୍ଲିୟରାନ୍ସ ଆଦି ସମ୍ବନ୍ଧୀୟ ସମସ୍ୟାର ସମାଧାନ ପାଇଁ ସରକାରୀ ବିଭାଗଗୁଡ଼ିକ ସହିତ ଏହି ନିର୍ଦ୍ଦେଶାଳୟ ସମନ୍ୱୟ ରଖି ଏକକ ପଏଣ୍ଟ ଭାବେ କାର୍ଯ୍ୟକରିବ। ଓଡ଼ିଆ ଐତିହ୍ୟର ପ୍ରସାର, ଉତ୍କଳ ଦିବସ ପାଳନ ଏବଂ ସୃଜନଶୀଳ ଓଡ଼ିଆ ଲେଖକମାନଙ୍କୁ ନେଇ ନିର୍ଦ୍ଦେଶାଳୟ ବିଶ୍ୱର ବିଭିନ୍ନ ସ୍ଥାନରେ ନିୟମିତ ବ୍ୟବଧାନରେ ଓଡ଼ିଆ ସମ୍ମିଳନୀ ଆୟୋଜନ କରିବ। ଏହାସାଙ୍ଗକୁ ଓଡ଼ିଆ ଭାଷା ସାହିତ୍ୟରେ ଉତ୍କର୍ଷ ଲାଭ କରିଥିବା ଅନବଦ୍ୟ କୃତୀଗୁଡ଼ିକୁ ବିଭିନ୍ନ ଭାରତୀୟ ଓ ଅନ୍ତର୍ଜାତୀୟ ଭାଷାରେ ଅନୁବାଦ କରିବ। କେବଳ ସେତିକି ନୁହେଁ, ଓଡ଼ିଆ ସଂସ୍କୃତି ଓ ଐତିହ୍ୟର ବିକାଶରେ ସମ୍ପୃକ୍ତ ଅନୁଷ୍ଠାନଗୁଡ଼ିକୁ ଏବଂ ଭାରତ ଓ ବିଦେଶରେ ଥିବା ଜଗନ୍ନାଥ ମନ୍ଦିରଗୁଡ଼ିକୁ ତାଲିକାଭୁକ୍ତ କରିବା ଆଦି ବିଷୟକୁ ନେଇ ନିର୍ଦ୍ଦେଶାଳୟ କାର୍ଯ୍ୟ କରିବ।

ମୁଖ୍ୟ ଶାସନ ସଚିବଙ୍କ ଅଧକ୍ଷତାରେ ଏକ କାର୍ଯ୍ୟନିର୍ବାହୀ କମିଟି ଓଡ଼ିଶା ପରିବାର ନିର୍ଦ୍ଦେଶାଳୟର ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା ସହିତ ଗତିଶୀଳ କରିବା ନିମନ୍ତେ ଆବଶ୍ୟକ ଦିଗ୍‌ଦର୍ଶନ ପ୍ରଦାନ କରିବ। ଉନ୍ନୟନ କମିଶନର, ଗୃହ, ଶ୍ରମ ଏବଂ କର୍ମଚାରୀ ବୀମା, ଅର୍ଥ, ଶିଳ୍ପ, ଉଚ୍ଚଶିକ୍ଷା, ଭାଷା, ସାହିତ୍ୟ ଓ ସଂସ୍କୃତି, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ରାଜସ୍ୱ ଏବଂ ବିପର୍ଯ୍ୟୟ ପରିଚାଳନା, ବିଦ୍ୟାଳୟ ଓ ଗଣଶିକ୍ଷା, ପର୍ଯ୍ୟଟନ, ଆଇଟି ଏବଂ କ୍ରୀଡ଼ା ବିଭାଗର ଶାସନ ସଚିବମାନେ ଏହି କମିଟିର ସଦସ୍ୟ ରହିବେ। ରାଜ୍ୟ ସରକାର ଚାହିଁଲେ କାର୍ଯ୍ୟନିର୍ବାହୀ କମିଟିରେ ପରିବର୍ତ୍ତନ କରିପାରିବେ।

ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ସୂଚନା ଦେଇ କହିଛନ୍ତି, ମୁଖ୍ୟମନ୍ତ୍ରୀ ଜାପାନରେ ଥିବାବେଳେ ପ୍ରବାସୀ ଓଡ଼ିଆମାନେ ପୁଣିଥରେ ସେମାନଙ୍କ ଲାଗି ଏକ ସ୍ୱତନ୍ତ୍ର ନିର୍ଦ୍ଦେଶାଳୟ କରିବା ଲାଗି ପ୍ରସ୍ତାବ ଦେଇଥିଲେ। ମୁଖ୍ୟମନ୍ତ୍ରୀ ତାଙ୍କ ବ୍ୟକ୍ତିଗତ ସଚିବଙ୍କୁ ଏ ସମ୍ପର୍କିତ ପ୍ରସ୍ତାବ କେଉଁଠି ଅଟକିଛି ବୋଲି ପଚାରିଲେ। ପ୍ରସ୍ତାବ ପ୍ରସ୍ତୁତ ଥିବାବେଳେ ମୁଖ୍ୟମନ୍ତ୍ରୀ ଓଡ଼ିଶାକୁ ଫେରିବା ପରେ ଏହାକୁ କ୍ୟାବିନେଟ୍ ମଞ୍ଜୁରୀ ମିଳିବ ବୋଲି ସେ କହିଥିଲେ। ହେଲେ ମୁଖ୍ୟମନ୍ତ୍ରୀ ଏହାକୁ ତୁରନ୍ତ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ତେଣୁ ଟେକ୍ନୋଲୋଜି ବ୍ୟବହାର କରାଯାଇ କ୍ୟାବିନେଟ୍ ବୈଠକରେ ଉକ୍ତ ପ୍ରସ୍ତାବକୁ ମଞ୍ଜୁରୀ ଦିଆଯାଇଥିବା ମୁଖ୍ୟ ଶାସନ ସଚିବ କହିଛନ୍ତି। ଏହାବାଦ୍ ରାଜ୍ୟରେ ୧୦ଟି ଗ୍ରାମୀଣ ପାନୀୟ ଜଳ ପ୍ରକଳ୍ପ ପ୍ରତିଷ୍ଠା ଲାଗି ପ୍ରସ୍ତାବ ଅନୁମୋଦିତ ହୋଇଛି। କୋରାପୁଟ, ନବରଙ୍ଗପୁର, ବଲାଙ୍ଗୀର, କଟକରେ ପାଇପ୍ ଜଳ ପ୍ରକଳ୍ପ ହେବ। କୃଷକ ଉତ୍ପାଦକ ସଂଗଠନ (ଏଫ୍‌ପିଓ)କୁ ସହାୟତା ପାଇଁ ପାଣି ବ୍ୟବସ୍ଥା ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି।

### ଝଡ଼ ବର୍ଷା ନେଇ...

ସୋମବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ, ଗଜପତି, ମୟୂରଭଞ୍ଜ, କନ୍ଧମାଳ, ରାୟଗଡା, କୋରାପୁଟ, କେନ୍ଦୁଝର ଓ ଢେଙ୍କାନାଳରେ ଝଡ଼ବର୍ଷା ହେବ। ଏହି ସମୟରେ ପବନର ବେଗ ଘଣ୍ଟା ପ୍ରତି ୪୦ରୁ ୫୦ କିମି ପର୍ଯ୍ୟନ୍ତ ରହିବ। ୧୧ ତାରିଖରେ ମଧ୍ୟ ରାଜ୍ୟର କିଛି ଜିଲାରେ ବିଜୁଳି ଘଡ଼ଘଡ଼ି ସହ ହାଲୁକାରୁ ମଧ୍ୟମ ଧରଣ ବର୍ଷା ହେବାନେଇ ପୂର୍ବାନୁମାନ କରାଯାଇଛି। ଏନେଇ ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ରାୟଗଡା, କନ୍ଧମାଳ, କଳାହାଣ୍ଡି, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଜିଲାକୁ ୟେଲୋ ୱାର୍ନିଂ ଜାରି କରାଯାଇଛି। ସେହିପରି ୧୨ ତାରିଖରେ ମୟୂରଭଞ୍ଜ, କେନ୍ଦୁଝର, ଗଜପତି, ରାୟଗଡା, ନବରଙ୍ଗପୁର, କୋରାପୁଟ ଓ ମାଲକାନଗିରି ଆଦି ଜିଲାରେ ଘଡ଼ଘଡ଼ି ସହ ବର୍ଷା ହେବାର ସମ୍ଭାବନା ରହିଛି। ଅନ୍ୟପକ୍ଷରେ ଶନିବାର ଭଳି ରବିବାର ମଧ୍ୟ ପାରଦ ୪୦ ଡିଗ୍ରୀ ପାଖାପାଖି ରହିଥିଲା। ବାରିପଦାରେ ସର୍ବାଧିକ ତାପମାତ୍ରା ୩୯.୫ ଡିଗ୍ରୀ ରେକର୍ଡ଼ କରାଯାଇଥିବାବେଳେ ଝାରସୁଗୁଡ଼ାରେ ୩୯ ଡିଗ୍ରୀ ସେଲସିୟସ୍ ରହିଥିଲା। ସେହିପରି ରାଜ୍ୟର ୯ ସହରର ତାପମାତ୍ରା ୩୮ ଡିଗ୍ରୀ ଓ ଏହାଠାରୁ ଅଧିକ ଥିଲା। ୧୦ ସହରରେ ତାପମାତ୍ରା ୩୭ ଡିଗ୍ରୀ ବା ତାହାଠାରୁ ଅଧିକ ରେକର୍ଡ କରାଯାଇଥିବାବେଳେ ଅପରାହ୍ନରେ କୋରାପୁଟ, ରାୟଗଡ଼ା, କନ୍ଧମାଳ, ଗଜପତି, ଗଞ୍ଜାମ ଓ ନବରଙ୍ଗପୁରର କିଛି ଅଞ୍ଚଳରେ ଘଡ଼ଘଡ଼ି ସହ ହାଲୁକା ବର୍ଷା ହୋଇଥିଲା।

### ନାବାଳକଙ୍କୁ ଜିଭ ଚାଟିବାକୁ ...

୨୦୧୯ରେ ଦଲାଇ ଲାମା ଏକ ସାକ୍ଷାତ୍‌କାରରେ କହିଥିଲେ, ତାଙ୍କ ଉତ୍ତରାଧିକାରୀ ଜଣେ ମହିଳା ହେବେ। ସେ ପୁଣି ଅତ୍ୟନ୍ତ ଆକର୍ଷଣୀୟା ହୋଇଥିବା ଆବଶ୍ୟକ। ଦଲାଇ ଲାମାଙ୍କ ଏହି ମନ୍ତବ୍ୟକୁ ନେଇ ସେତେବେଳେ ସାରା ବିଶ୍ୱରେ ସମାଲୋଚନା କରାଯାଇଥିଲା। ଶେଷରେ ନିଜ ବିବାଦୀୟ ମନ୍ତବ୍ୟ ପାଇଁ ସେ କ୍ଷମା ମାଗିଥିଲେ।

### ଭାରତରେ ବାଘ ...

ଏଠାରେ ୮% ବିବିଧ ବଣ୍ୟପ୍ରାଣୀ ରହିଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ନୀଳଗିରି ଜିଲାର ମୁଦୁମଲାଇ ହାତୀ କ୍ୟାମ୍ପ ପରିଦର୍ଶନ କରିଥିଲେ। ସେଠାରେ ସେ ହାତୀମାନଙ୍କୁ ଆଖୁ ଖୁଆଇଥିଲେ। ବାନ୍ଦିପୁର ଟାଇଗର ରିଜର୍ଭରେ ପ୍ରଧାନମନ୍ତ୍ରୀ ସଫାରି ଓ ଟୋପି ପରିଧାନ କରି ଏକ ଜିପ୍‌ରେ ପ୍ରାୟ ୨୦ କି.ମି. ବୁଲିଥିଲେ। ହାତରେ କ୍ୟାମେରା ଓ ବାଇନୋକ୍ୟୁଲାର ଧରି ବୁଲୁଥିବାବେଳର ଫଟୋକୁ ପ୍ରଧାନମନ୍ତ୍ରୀ ନିଜ ଟୁଇଟର ହ୍ୟାଣ୍ଡେଲରେ ଶେୟାର କରିଛନ୍ତି। ସୂଚନାଯୋଗ୍ୟ, ୧୯୪୭ରେ ଭାରତ ସ୍ୱାଧୀନ ହେବା ସମୟରେ ଦେଶରେ ପ୍ରାୟ ୪୦,୦୦୦ ବାଘ ଥିଲେ। ଶିକାର ଓ ଜଙ୍ଗଲକ୍ଷୟ ଯୋଗୁ ବାଘବଂଶ ଲୁପ୍ତ ହେଉଥିବା ଏକ ସେନ୍‌ସସ୍‌ରୁ ଜଣାପଡ଼ିବା ପରେ ୧୯୭୩ରେ 'ପ୍ରୋଜେକ୍ଟ ଟାଇଗର' ଆରମ୍ଭ କରାଯାଇଥିଲା। ସେତେବେଳେ ୯ଟି ଟାଇଗର ରିଜର୍ଭ ଥିବାବେଳେ ବର୍ତ୍ତମାନ ଏହି ସଂଖ୍ୟା ୫୩କୁ ବୃଦ୍ଧି ପାଇଛି। ୫୦ ବର୍ଷ ପୂର୍ବେ ଦେଶରେ ୧,୮୦୦ ବାଘ ଥିବା ଅନୁମାନ କରାଯାଉଛି। କିନ୍ତୁ ପୂର୍ବରୁ ବାଘଗଣନା ଉଚିତ ଢଙ୍ଗରେ ହୋଇ ନ ଥିବାରୁ ଏହି ସଂଖ୍ୟା ନିର୍ଭୁଲ୍ ନୁହେଁ ବୋଲି ବିଶେଷଜ୍ଞମାନେ ମତ ଦେଇଛନ୍ତି। ୨୦୦୬ରୁ ପ୍ରତି ୪ ବର୍ଷରେ ବାଘ ଗଣନା ହୋଇଆସୁଛି। ପ୍ରଥମ ଗଣନା ବେଳେ ଦେଶରେ ୧,୪୧୧ ବାଘ ଥିଲେ। ଜନସଂଖ୍ୟା ବୃଦ୍ଧି ଘଟୁଥିବାରୁ ମଣିଷ-ବନ୍ୟପ୍ରାଣୀଙ୍କ ମଧ୍ୟରେ ଲଢ଼େଇ ମଧ୍ୟ ବଢୁଛି। ଲୋକେ ଜଙ୍ଗଲ କାଟି ପଦା କରୁଥିବାରୁ ବଣ୍ୟପ୍ରାଣୀ ନିଜ ବାସସ୍ଥାନ ହରାଇ ବସତିମୁହାଁ ହେଉଛନ୍ତି। ବାଘ ଶିକାରକୁ ଭାରତର ବଣ୍ୟପ୍ରାଣୀ ସଂରକ୍ଷଣ ଆଇନ ଅନୁସାରେ ଅପରାଧ ପର୍ଯ୍ୟାୟଭୁକ୍ତ କରାଯାଇଛି। ଗ୍ଲୋବାଲ୍ ଟାଇଗର ଫୋରମ୍‌ର ରାଜେଶ ଗୋପାଳ କହିଛନ୍ତି, ପ୍ରୋଜେକ୍ଟ ଟାଇଗର ପାଇଁ ଚାଲିଥିବା ଉଦ୍ୟମ ଯୋଗୁ ଭାରତ ବ୍ୟାଘ୍ର ସଂରକ୍ଷଣ କ୍ଷେତ୍ରରେ ଅତୁଳନୀୟ ସଫଳତା ହାସଲ କରିଛି।

ଧରିତ୍ରୀ DHARITRI
ଭୁବନେଶ୍ୱର, ସୋମବାର, ୧୦ ଏପ୍ରିଲ, ୨୦୨୩



**ବୌଦ୍ଧରୁ ପୁରୀ ଗଲା ଦ୍ୱିତୀୟ ପର୍ଯ୍ୟାୟ କାଠ**

ବୌଦ୍ଧ,୯।୪(ସ୍ୱ.ପ୍ର.)-ବିଶ୍ୱପ୍ରସିଦ୍ଧ ପୁରୀ ଘୋଷଯାତ୍ରା ଉପଲକ୍ଷେ ରଥ ନିର୍ମାଣ ପାଇଁ ବୌଦ୍ଧରୁ ଦ୍ୱିତୀୟ ପର୍ଯ୍ୟାୟ କାଠ ପଠାଯାଇଛି। ଶୁକ୍ରବାର ବୌଦ୍ଧରୁ ପ୍ରଥମ ପର୍ଯ୍ୟାୟରେ ୨୮ ଖଣ୍ଡ କାଠ ପଠାଯାଇଥିବା ବେଳେ ରବିବାର ଦିନ ଦ୍ୱିତୀୟ ପର୍ଯ୍ୟାୟରେ ୪୮ ଖଣ୍ଡ ଅସନ, ୬ ଖଣ୍ଡ ଫାସି କାଠକୁ ଦୁଇଟି ଟ୍ରକ୍‌ରେ ପୁରୀକୁ ପଠାଯାଇଛି। କନ୍ଧମାଳ ବ୍ଲକ ନାରାୟଣ ପ୍ରସାଦର ପାଡେଲ ଓ ମଲ୍ଲିକୁଦ ସଂରକ୍ଷିତ ଜଙ୍ଗଲରୁ ମେକାପ ଓ ମହାରଣାମାନଙ୍କ ଦ୍ୱାରା କାଠ ଚିହ୍ନଟ କରାଯିବା ପରେ ପୂଜାର୍ଚ୍ଚନା କରାଯାଇ ସେଗୁଡ଼ିକୁ କଟାଯାଇଥିଲା। ପରେ ଜୟ ଜଗନ୍ନାଥ, ହରିବୋଲ ଓ ହୁଳହୁଳି ପକାଯାଇ ରଥକାଠକୁ ବିଦାୟ ଦିଆଯାଇଥିଲା।

# ବଜ୍ରପାତ ସମ୍ପର୍କିତ ସୂଚନା ଜିଲାପାଳଙ୍କୁ ଆଗୁଆ ଦିଅ: ଏସ୍‌ଆରସି

**ଭୁବନେଶ୍ୱର, ୯।୪(ବ୍ୟୁରୋ)**




କିଛିଦିନ ହେବ ରାଜ୍ୟର ବିଭିନ୍ନ ସ୍ଥାନରେ ବଜ୍ରପାତର ମାତ୍ରା ବଢ଼ିଥିବା ଦେଖିବାକୁ ମିଳିଛି। ଏଥିଯୋଗୁ କେତେକଙ୍କ ଜୀବନ ମଧ୍ୟ ଗଲାଣି। ଜନସାଧାରଣଙ୍କୁ ଏଭଳି ବିପତ୍ତି ସମ୍ବନ୍ଧରେ ଆଗୁଆ ସୂଚନା ଦେବା ସକାଶେ ସରକାରୀ ତତ୍ପରତା ପ୍ରକାଶ ପାଇଛି। ରବିବାର ସ୍ୱତନ୍ତ୍ର ରିଲିଫ୍ କମିଶନର(ଏସ୍‌ଆରସି) ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଭିନ୍ନ ଜିଲାର ଜିଲାପାଳ ଓ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ପ୍ରମୁଖ ଯୋଡ଼ି ହୋଇଥିଲେ। ଏବେ ବଜ୍ରପାତ, ବିଜୁଳି ଓ ବର୍ଷା ସମ୍ପର୍କରେ ପାଣିପାଗ କେନ୍ଦ୍ର ପକ୍ଷରୁ ଆଗୁଆ ସୂଚନା ମିଳିପାରୁଛି। ଏହି ସତର୍କ ସୂଚନା ସବୁ ଜିଲାପାଳଙ୍କୁ ଇମେଲ୍ ଓ ହ୍ୱାଟ୍‌ସଆପ୍ ମାଧ୍ୟମରେ ଅବଗତ କରାଇବା ଲାଗି ଏସ୍‌ଆର୍‌ସି ପାଣିପାଗ କାର୍ଯ୍ୟାଳୟ କର୍ତ୍ତୃପକ୍ଷଙ୍କୁ ପରାମର୍ଶ ଦେଇଛନ୍ତି।

ବିଭିନ୍ନ ଜିଲାରୁ ବଜ୍ରପାତଜନିତ ଦୁର୍ଘଟଣାର ଖବର ଆସୁଥିବାବେଳେ ସେନେଇ ସତର୍କ ସୂଚନା ପାଇବା ମାତ୍ରେ ତୁରନ୍ତ ଖବର ଦିଆଯିବା ଦରକାର। ଏନେଇ ସ୍ଥାନୀୟ ଏବଂ ସାମାଜିକ ଗଣମାଧ୍ୟମ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ଅବଗତ ହୋଇପାରିଲେ ମୂଲ୍ୟବାନ ଜୀବନ ରକ୍ଷା କରାଯାଇପାରିବ। ତେଣୁ ଏନେଇ ଜିଲାପାଳଙ୍କୁ ଅନୁରୂପ ପଦକ୍ଷେପ ଗ୍ରହଣ କରିବାକୁ ସ୍ୱତନ୍ତ୍ର ରିଲିଫ୍ କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଦେଖାଯାଉଛି ଯେ, ବଜ୍ରପାତ ପ୍ରାୟତଃ ଦିନ ୨ଟାରୁ ରାତି ୯ଟା ମଧ୍ୟରେ ସଂଘଟିତ ହେଉଛି। ମୁଖ୍ୟତଃ କୃଷକ, କୃଷି କାର୍ଯ୍ୟରେ ଜଡ଼ିତ ଶ୍ରମିକ, ଜଙ୍ଗଲଜାତ ଦ୍ରବ୍ୟ ସଂଗ୍ରହ କରିବାକୁ ଯାଉଥିବା ଲୋକମାନେ ବିଶେଷ ଭାବେ ଏହି ଦୁର୍ବିପାକର ଶିକାର ହେଉଛନ୍ତି। ଏହି ଅବସରରେ ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟର ନିର୍ଦ୍ଦେଶକ ଏଚ୍. ଆର୍. ବିଶ୍ୱାସ କହିଛନ୍ତି, ଏଭଳି ଅବସ୍ଥା ଆଗାମୀ କିଛିଦିନ ପର୍ଯ୍ୟନ୍ତ ଲାଗି ରହିପାରେ। ଏହି ସମୟ ମଧ୍ୟରେ ବାହାରେ ରହୁଥିବା ଲୋକମାନେ ନିରାପଦ ସ୍ଥାନରେ ଆଶ୍ରୟ ନେବାକୁ ସେ ପରାମର୍ଶ ଦେଇଛନ୍ତି। ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପ୍ରଶମନ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏ ସମ୍ପର୍କରେ ସଚେତନତା ସୃଷ୍ଟି କରିବା ପାଇଁ ଖବରକାଗଜ ଏବଂ ଟେଲିଭିଜନ ମାଧ୍ୟମରେ ସତର୍କ ସୂଚନା ଜାରି କରାଯିବ। ବଜ୍ରପାତ ସମୟରେ କିଭଳି ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରାଯିବ ସେନେଇ ସବୁ ଜିଲାପାଳଙ୍କ ମାଧ୍ୟମରେ ଏହାର ପ୍ରଚାରପ୍ରସାର କରାଯିବ ବୋଲି ସେ କହିଛନ୍ତି।

## ବାଙ୍କୀ ଏସ୍‌ଡିଜେଏମ୍‌ଙ୍କ ବାସଭବନରୁ ଚୋରି

**ବାଙ୍କୀ, ୯।୪(ସ୍ୱ.ପ୍ର.)**

ବାଙ୍କୀ ଉପଖଣ୍ଡସ୍ତରୀୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍(ଏସ୍‌ଡିଜେଏମ୍)ଙ୍କ ଘରୁ ଶନିବାର ବିଳମ୍ବିତ ରାତିରେ ଲୁଟ୍ ହୋଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୋଲିସ ଏକ ମାମଲା(୧୨୮/୨୩) ରୁଜୁ କରିବା ସହ ସାଇଣ୍ଟିଫିକ୍ ଟିମ୍ ଓ ଡଗ୍ ସ୍କ୍ୱାଡ୍ ଦ୍ୱାରା ଛାନ୍‌ଭିନ୍ କରୁଛି। ସିସିଟିଭି ଫୁଟେଜରୁ ଜଣେ ସନ୍ଦିଗ୍ଧଙ୍କୁ ଚିହ୍ନଟ କରାଯାଇଥିବାବେଳେ ତାଙ୍କୁ ଧରିବାକୁ ଉଦ୍ୟମ କରାଯାଉଥିବା ପୋଲିସ ସୂଚନା ଦେଇଛି।

ମିଳିଥିବା ସୂଚନାନୁସାରେ ଶନିବାର ଏସ୍‌ଡିଜେଏମ୍ ସସ୍ମିତା ଶୁଭଦର୍ଶିନୀ ମହାନ୍ତି ଛୁଟିରେ ଥିବାରୁ ବାଙ୍କୀରେ ଅନୁପସ୍ଥିତ ଥିଲେ। ଏହାର ସୁଯୋଗ ନେଇ କିଛି ଦୁର୍ବୃତ୍ତ ବିଳମ୍ବିତ ରାତିରେ ବିଚାରପତିଙ୍କ ସରକାରୀ ବାସଭବନର ତାଲା ଭାଙ୍ଗି ଭିତରେ ପଶିଥିଲେ। ପରେ ଗଡ୍‌ରେଜ୍ ଆଲ୍‌ମିରାକୁ ତାଡ଼ି ଲାପଟପ୍, ଘଣ୍ଟା, ମୋବାଇଲ, ସୁନା ଅଳଙ୍କାର ଏବଂ କିଛି ଟଙ୍କା ସମେତ ବହୁ ଜିନିଷ ଲୁଟି ନେଇଛନ୍ତି। ଏସ୍‌ଡିଜେଏମ୍‌ଙ୍କ ବାସଭବନରେ କାର୍ଯ୍ୟରତ କର୍ମଚାରୀ ରବିବାର ସକାଳେ ଘର କବାଟ ଭଙ୍ଗା ଯାଇଥିବା ଦେଖିବା ପରେ ତୁରନ୍ତ ମାଡାମ୍‌ଙ୍କୁ ଖବର ଦେବା ସହ ଥାନାରେ ଅଭିଯୋଗ କରିଥିଲେ। ଖବର ପାଇ ମାଜିଷ୍ଟ୍ରେଟ ଆସି ଘର ଭିତରେ ଆସବାବ ପତ୍ର ଏପଟ ସେପଟ ହୋଇପଡ଼ିଥିବା ସହ ଆଲ୍‌ମିରାରୁ ବହୁ ଜିନିଷ ନ ଥିବା ଦେଖିବାକୁ ପାଇଥିଲେ। ପୋଲିସ ସାଇଣ୍ଟିଫିକ୍ ଟିମ୍ ଏବଂ ଡଗ୍ ସ୍କ୍ୱାଡ୍ ସହାୟତାରେ ତଦନ୍ତ ଆରମ୍ଭ କରିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ଏକାଧିକ ଟିମ୍ କରାଯାଇ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଉଛି। ଖୁବ୍‌ଶୀଘ୍ର ଅଭିଯୁକ୍ତଙ୍କୁ ଧରାଯିବ ବୋଲି ବାଙ୍କୀ ଥାନା ଅଧିକାରୀ ସୌମେନ୍ଦୁ ତ୍ରିପାଠୀ କହିଛନ୍ତି। ଜଣେ ବିଚାରପତିଙ୍କ ବାସଭବନରୁ ଲୁଟ୍ ହେବା ଘଟଣା ଏବେ ସାରା ସହରରେ ଚର୍ଚ୍ଚାର ବିଷୟ ପାଲଟିଛି।

## ଜଙ୍ଗଲରୁ ନିଖୋଜ ଦଣ୍ଡୁଆଙ୍କ ଝୁଲନ୍ତା ମୃତଦେହ ଜବତ

**ଦଶପଲ୍ଲା,୯।୪(ଡି.ଏନ.ଏ)**

ନୟାଗଡ଼ ଜିଲା ଦଶପଲ୍ଲା କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମରୁ ନିଖୋଜ ଥିବା ଦଣ୍ଡୁଆଙ୍କ ମୃତଦେହ ଜଙ୍ଗଲର ଏକ ଗଛରୁ ଝୁଲନ୍ତା ଅବସ୍ଥାରେ ଉଦ୍ଧାର କରାଯାଇଛି। ମୃତକ ହେଲେ କୃଷ୍ଣଚନ୍ଦ୍ରପୁରପାଟଣା ଗ୍ରାମର ବିଜୟ ନାହାକ । ସେ ଗତ ୫ ଦିନ ହେବ ନିଖୋଜ ଥିଲେ । ରବିବାର ଘୁଘୁଡିପଡ଼ା ଆଲପଙ୍ଗା ଜଙ୍ଗଲରେ ଏକ ଗଛରେ ତାଙ୍କ ଝୁଲନ୍ତା ମୃତଦେହ ଠାବ କରାଯାଇଥିଲା। ବିଜୟ ଘୁଘୁଡିପଡ଼ା ଗ୍ରାମକୁ ଦଣ୍ଡନାଚ କରିବାକୁ ଯାଇଥିବା ବେଳେ ନିଖୋଜ ହୋଇଯାଇଥିଲେ । ପରିବାର ଲୋକଙ୍କ ସହ ଗ୍ରାମବାସୀ ବହୁ ଖୋଜା ଖୋଜି କରିଥିଲେ ମଧ୍ୟ ତାଙ୍କର କୌଣସି ପତ୍ତା ମିଳି ନ ଥିଲା। ଏ ସମ୍ପର୍କରେ ଦଶପଲ୍ଲା ଥାନାରେ ଅଭିଯୋଗ ହୋଇଥିଲା । ଗ୍ରାମବାସୀ ଓ ପରିବାର ଲୋକେ ରବିବାର ଘୁଘୁଡିପଡ଼ାରେ ପହଞ୍ଚି ଗ୍ରାମବାସୀଙ୍କ ସହ ପୋଲିସ ଉପସ୍ଥିତିରେ ଗଛରୁ ମୃତଦେହ ଠାବ କରିଥିଲେ । ତେବେ ଏହି ଘଟଣାକୁ ନେଇ ନାନା କଳ୍ପନା ଜଳ୍ପନା ଲାଗି ରହିଛି । ପୋଲିସ ମୃତଦେହକୁ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ତଦନ୍ତ ଜାରି ରଖିଛି ।

# ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ସମ୍ପୃକ୍ତି

## ଜାଲ୍ ସାର୍ଟିଫିକେଟ ମାମଲା

**ବଲାଙ୍ଗୀର ଅଫିସ, ୯।୪**

ଜାଲ୍ ସାର୍ଟିଫିକେଟ ମାମଲାର କ୍ରାଇମ୍‌ବ୍ରାଞ୍ଚସ୍ତରୀୟ ତଦନ୍ତ ନବମ ଦିନରେ ପହଞ୍ଚିଛି। ଏହି ମାମଲାର ୪ ଅଭିଯୁକ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଟିମ୍ ତିନିଦିନିଆ ରିମାଣ୍ଡରେ ଆଣି ଜେରା କରିବା ପରେ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତରେ ଲାଗିଥିବା କହିଥିଲା। ଶନିବାର ୪ ଅଭିଯୁକ୍ତଙ୍କ ରିମାଣ୍ଡ ଅବଧି ସରିବା ପରେ ବଲାଙ୍ଗୀର ଏସ୍‌ଡିଜେଏମ୍ କୋର୍ଟରେ ହାଜର ପରେ ଜିଲା କାରାଗାରକୁ ପଠାଯାଇଥିଲ।

ରବିବାର କ୍ରାଇମ୍‌ବ୍ରାଞ୍ଚ ଟିମ୍ ବଲାଙ୍ଗୀର ଟାଉନ୍ ଥାନାରୁ ବହୁ ଗୁରୁତ୍ୱପୂର୍ଣ୍ଣ ଫାଇଲ ନେଇଛି। ଏହାସହିତ ଏହି ମାମଲାରେ ସମ୍ପୃକ୍ତ ଅନ୍ୟ ତିନିଜଣଙ୍କୁ ପଚରାଉଚରା କରିଛି। କ୍ରାଇମ୍‌ବ୍ରାଞ୍ଚ ଡିଏସ୍‌ପି ଦେବବ୍ରତ ଚକ୍ର ନିର୍ଦ୍ଦିଷ୍ଟ ଭାବେ ସୂଚନା ଦେଇ ନ ଥିଲେ ମଧ୍ୟ ରିମାଣ୍ଡରେ ଆସିଥିବା ଦୁଇ ମୁଖ୍ୟ ଅଭିଯୁକ୍ତ ମନୋଜ ମିଶ୍ର, ଆଲୋକ ରଞ୍ଜନ ଉଦ୍‌ଗାତା, ଦୁଇ ଜାଲ୍ ସାର୍ଟିଫିକେଟ୍ ବ୍ୟବହାରକାରୀ ତ୍ରିବିହାରୀ ପଣ୍ଡା ଓ ପରେଶ ବୁଡେକଙ୍କ ସୂଚନା ଆଧାରରେ ଜାଲ୍ ସାର୍ଟିଫିକେଟ ମାମଲାରେ ସମ୍ପୃକ୍ତ କେବଳ ବଲାଙ୍ଗୀର ଜିଲାର ୨୦୦ରୁ ଊର୍ଦ୍ଧ୍ୱ ଲୋକଙ୍କ ତାଲିକା ପ୍ରସ୍ତୁତ କରାଯାଇଥିବା ଚର୍ଚ୍ଚାର ବିଷୟ ହୋଇଛି। ଏହି ୨ ଶହରୁ ଊର୍ଦ୍ଧ୍ୱ ଲୋକଙ୍କ ଭିତରେ କେତେଜଣ ଦଲାଲ, ଜାଲ୍ ସାର୍ଟିଫିକେଟ୍ ବ୍ୟବହାର କରିଥିବା ଚାକିରିଆ ଏବଂ ଠକେଇର ଶିକାର ବ୍ୟକ୍ତି ରହିଛନ୍ତି। ଏତେସଂଖ୍ୟକ ଲୋକଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପାଇଁ ପୋଲିସ ସହାୟତା ମଗାଯାଇଛି। ରାଜ୍ୟ ବାହାରକୁ ଏହାର ଚେର ଲମ୍ବିଥିବାରୁ କ୍ରାଇମ୍‌ବ୍ରାଞ୍ଚର ଏକ ଟିମ୍ ରାଜ୍ୟ ବାହାରକୁ ଯିବାକୁ ପ୍ରସ୍ତୁତ ହେଉଛି। ଜିଲା ଭିତରେ ଗିରଫଦାରି ସଂଖ୍ୟା ବଢ଼ିବ ବୋଲି ଚର୍ଚ୍ଚା ହେଉଥିବାବେଳେ ବଲାଙ୍ଗୀର ଜେଲରେ କଏଦୀଙ୍କ ସଂଖ୍ୟା ବୃଦ୍ଧି ଏବେ ମୁଣ୍ଡବ୍ୟଥାର କାରଣ ପାଲଟିଛି। ବଲାଙ୍ଗୀର ଜିଲା କାରାଗାରରେ ୩୯୨ ଜଣ କଏଦୀ ରହିବା ପାଇଁ ବ୍ୟବସ୍ଥା ଥିବା ବେଳେ ଏବେ ଏଠାରେ ୪୦୮ ରହୁଥିବା ଜେଲ ଅଧୀକ୍ଷକ ସର୍ବେଶ୍ୱର ସାହୁ କହିଛନ୍ତି। ଗିରଫଦାରି ବଢ଼ିଲେ ସେମାନଙ୍କୁ କେଉଁଠି ରଖାଯିବ ଏହା ଏବେ ଚିନ୍ତାର ବିଷୟ ପାଲଟିଛି। ଏହି କାରଣରୁ କ୍ରାଇମ୍‌ବ୍ରାଞ୍ଚ ଗିରଫଦାରି ଦିଗକୁ ଅଧିକ ଗୁରୁତ୍ୱ ନ ଦେଇ ଆର୍ଥିକ କାରବାର ଦିଗକୁ ବେଶି ଗୁରୁତ୍ୱ ଦେଉଥିବା କୁହାଯାଉଛି। ଇତିମଧ୍ୟରେ ବଲାଙ୍ଗୀର ପୋଲିସ ଜାଲ୍ ସାର୍ଟିଫିକେଟ ମାମଲାରେ ୧୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। କ୍ରାଇମ୍‌ବ୍ରାଞ୍ଚ ପକ୍ଷରୁ ଏହି ମାମଲାର ତଦନ୍ତ ଗତ ୯ ଦିନ ଧରି ଚାଲିଥିଲେ ମଧ୍ୟ ଏଯାବତ୍ ଜଣଙ୍କୁ ବି ଏନେଇ ଗିରଫ କରାଯାଇନାହିଁ।



ବାଲେଶ୍ୱର ଜିଲା ଚନ୍ଦନେଶ୍ୱର ମହାଦେବଙ୍କ ପୀଠରେ ପ୍ରସିଦ୍ଧ ଚୈତ୍ର ଚଡ଼କ ମେଳାରେ ରବିବାର ଶ୍ରଦ୍ଧାଳୁଙ୍କ ଭିଡ଼।

## ଆପେ ଆପେ ଷ୍ଟାର୍ଟ ହୋଇ ଓଲଟିଲା ବସ୍

**ଇଞ୍ଜିନ ଖରାପ ଯୋଗୁ ରାସ୍ତାରେ ଅଟକିଥିଲା**

**ବୈଶିଙ୍ଗା,୯।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ୧୮ ନଂ. ଜାତୀୟ ରାଜପଥର ଗଡ଼ଦେଉଳିଆ ବଜାର ନିକଟରେ ରବିବାର ମଧ୍ୟାହ୍ନରେ ରାସ୍ତାକଡ଼ରେ ଛିଡ଼ା ହୋଇଥିବା ଏକ ବସ୍ ଆପେ ଆପେ ଷ୍ଟାର୍ଟ ହୋଇ ଗଡ଼ିବା ପରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ରାସ୍ତାକଡ଼କୁ ଓଲଟି ପଡ଼ିବା ସହ ଇଞ୍ଜିନରେ ନିଆଁ ଲାଗି ଯାଇଥିଲା। ତେବେ ବସ୍‌ରେ କେହି ଯାତ୍ରୀ ନ ଥିବାରୁ ଏକ ବଡ଼ ଧରଣର ବିପଦ ଟଳି ଯାଇଛି। ସୂଚନା ଅନୁଯାୟୀ, ବାରିପଦାରୁ ଭୁବନେଶ୍ୱର ଯାଉଥିବା 'ମହାପାତ୍ର ଏରୋକିଙ୍ଗ' ନାମକ ଏକ ଯାତ୍ରୀବାହୀ ବସ୍ ଗଡ଼ଦେଉଳିଆ ବଜାର ନିକଟରେ ଇଞ୍ଜିନ ଖରାପ ଯୋଗୁ ଆଗକୁ ଗଡ଼ି ନ ଥିଲା। ବସ୍‌ରେ ଥିବା ଯାତ୍ରୀମାନଙ୍କୁ ଅନ୍ୟ ବସ୍‌ରେ ଯିବାକୁ ପଡ଼ିଥିଲା। ଉକ୍ତ ବସ୍ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପର ନିକଟସ୍ଥ ଯାତ୍ରୀ ବିଶ୍ରାମାଗାରରେ ବସିଥିଲେ। ଏହି ସମୟରେ ହଠାତ୍ ବସ୍‌ର ଇଞ୍ଜିନ ଷ୍ଟାର୍ଟ ହୋଇ ଆଗକୁ ଗଡ଼ିବାକୁ ଲାଗିଥିଲା। ଏହା ଦେଖି ସେମାନେ ମଧ୍ୟ ବସ୍ ପଛରେ ଦୌଡ଼ିବାକୁ ଲାଗିଥିଲେ। ବସ୍‌ଟି କିଛି ଦୂର ଯାଇ ରାସ୍ତାପାର୍ଶ୍ୱ ନାଳ ଭିତରକୁ ଖସିପଡ଼ିଥିଲା। ପରେ ସେଥିରେ ନିଆଁ ଲାଗିଯିବାରୁ ଦମକଳ ବାହିନୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା। ଏଥିପାଇଁ କିଛିସମୟ ସେହି ବାଟରେ ଯାତାୟତରେ ବାଧା ଉପୁଜିଥିଲା।

## ୧୭୪୦ ଲିଟର ସ୍ପିରିଟ୍ ଜବତ, ୩ ଗିରଫ

**ମଦ ପ୍ରସ୍ତୁତ ପାଇଁ ହେଉଥିଲା ଚାଲାଣ**

**ବ୍ରହ୍ମପୁର ଅଫିସ,୯।୪**

ଅବକାରୀ ଗୋଇନ୍ଦା ଟିମ୍ ରବିବାର ସକାଳେ ବ୍ରହ୍ମପୁରର ଦୁଇଟି ସ୍ଥାନରେ ଚଢ଼ାଉ କରି ୧୭୪୦ ଲିଟର ସ୍ପିରିଟ୍ ଜବତ କରିବା ସହ ଦୁଇଟି ମାମଲାରେ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଗୋପାଳପୁର ଥାନା ଅନ୍ତର୍ଗତ ଭଞ୍ଜବିହାର ଅଞ୍ଚଳର ଶିବାଶିଷ ଡାକୁଆ(୨୦), ଫାସିଗୁଡା ଅଞ୍ଚଳର ଶଙ୍କର ପ୍ରଧାନ (୨୭) ଓ ଅନ୍ୟଜଣେ ସଞ୍ଜୀବ କୁମାର ପ୍ରଧାନ (୨୧)। ସେମାନଙ୍କ ନାଁରେ ୧୬/୨୩ -୨୪ ଏବଂ ୧୭/୨୩-୨୪ରେ ମାମଲା ରୁଜୁ ହୋଇଛି।

ପ୍ରକାଶ ଯେ, ରବିବାର ବ୍ରହ୍ମପୁର ଅବକାରୀ ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ କୁବେର ସେଠୀଙ୍କ ନେତୃତ୍ୱରେ ଏକ ଟିମ୍ କାଲୁଆ ଛକ ନିକଟରେ ଗାଡି ଯାଞ୍ଚ କରୁଥିଲା। ଏହି ସମୟରେ ଏକ ସ୍କୁଟିକୁ ଯାଞ୍ଚ ବେଳେ ସେଥିରେ ୪୦ ଲିଟର ସ୍ପିରିଟ୍ ଥିବା ଜଣାପଡିଥିଲା। ଶିବାଶିଷ ଏହାକୁ ନକଲି ବିଦେଶୀ ମଦ ପ୍ରସ୍ତୁତ ପାଇଁ ନେଉଥିବା ଜେରା ବେଳେ ଅବକାରୀ ଟିମ୍‌ଙ୍କୁ କହିଛନ୍ତି। ତାଙ୍କ ବୟାନକୁ ଆଧାର କରି ଟିମ୍ ବ୍ରହ୍ମପୁର ବଡ଼ଖେମୁଣ୍ଡି ସାହିରେ ଥିବା ଏକ ଗୋଦାମରେ ଚଢାଉ କରି ସେଠାରୁ ୧୫୭ କାର୍ଟୁନ ସ୍ପିରିଟ୍ ଜବତ କରିଥିଲା। ଉକ୍ତ କାର୍ଟୁନଗୁଡିକରେ ୩୭୬୮ ବୋତଲରେ ସ୍ପିରିଟ୍ ରହିଥିଲା। ଉକ୍ତ ଗୋଦାମରୁ ଟିମ୍ ୧୭ ଶହ ଲିଟର ସ୍ପିରିଟ୍ ଜବତ କରିବା ସହ ଶଙ୍କର ଓ ସଞ୍ଜୀବଙ୍କୁ ଗିରଫ କରିଥିଲା। ଜବତ ସ୍ପିରିଟ୍ ଓ ଗାଡ଼ିର ଆନୁମାନିକ ମୂଲ୍ୟ ୧୦ଲକ୍ଷ ଟଙ୍କା ହେବ ବୋଲି ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ସେଠୀ କହିଛନ୍ତି।

## ସାହିଯାତରେ ଆତଙ୍କ ସୃଷ୍ଟି କରି ଯୁବକ ଗିରଫ

**ପୁରୀ ଅଫିସ, ୯।୪**

ସମ୍ପ୍ରତି ଶ୍ରୀକ୍ଷେତ୍ରରେ ସାହିଯାତ ଚାଲିଛି। ରବିବାର ଭୋର ପ୍ରାୟ ସାଢେ ୪ଟାରେ ସାହିଯାତରେ ଜଣେ ଯୁବକଙ୍କ ଉନ୍ମତ୍ତ କାଣ୍ଡ ଦେଖିବାକୁ ମିଳିଛି। ଯୁବକ ଜଣଙ୍କ ବନ୍ଧୁକ ଦେଖାଇ ଆତଙ୍କ ସୃଷ୍ଟି କରିବା ସହ ଧମକଚମକ ଦେଇଥିଲେ। ତେବେ ସ୍ଥାନୀୟ ଲୋକଙ୍କ ସହାୟତାରେ ଟାଉନ ଥାନା ପୋଲିସ ସମ୍ପୃକ୍ତ ଯୁବକଙ୍କୁ କାବୁ କରିବା ପରେ ଗିରଫ କରିଛି। ସମ୍ପୃକ୍ତ ଅଭିଯୁକ୍ତ ହେଲେ ପୁରୀ ବାସେଳି ସାହି ଥାନା ଅନ୍ତର୍ଗତ ମିଶ୍ରସାହି ସାତବଖରା ଯାଗା ଅଞ୍ଚଳର ବାବୁ ସେନ ଓରଫ ଶୟନ ଚାଟାର୍ଜୀ (୩୪)। ପୋଲିସ ତାଙ୍କ ନିକଟରୁ ଗୋଟିଏ ଦେଶୀ ବନ୍ଧୁକ, ଗୋଟିଏ ପିସ୍ତଲ, ଦୁଇଟି ସ୍ମାର୍ଟଫୋନ ଏବଂ ନଗଦ ୨ ହଜାର ଟଙ୍କା ଜବତ କରିଛି। ଏ ନେଇ ଏକ କେସ୍ (ନଂ. ୧୩୦/୨୩) ରୁଜୁ ହୋଇଛି। ସୂଚନା ଅନୁଯାୟୀ, ହରଚଣ୍ଡୀ ସାହି ରୋଡ୍ ଅନ୍ତର୍ଗତ ହନୁମାନ ମନ୍ଦିର ନିକଟରେ ମେଢ଼ ନୃତ୍ୟ ଚାଲିଥିବାବେଳେ ବାବୁ ସେନ୍ ଜୋରଜବରଦସ୍ତ ସେହି ବାଟ ଦେଇ ସ୍କୁଟିରେ ଯିବା ପାଇଁ ଉଦ୍ୟମ କରିଥିଲେ। ସାହିଯାତ ପାଇଁ ପ୍ରବଳ ଭିଡ଼ ଥିବାରୁ ବାଲିସାହିର କେତେଜଣ ଯୁବକ ତାଙ୍କୁ ଅଟକାଇ ଅଲଗା ରାସ୍ତା ଦେଇ ଯିବାକୁ କହିଥିଲେ। ଏହାକୁ ନେଇ ଉଭୟ ପକ୍ଷ ମଧ୍ୟରେ କଥା କଟାକଟି ହୋଇଥିଲା। ଏଥିରେ ବାବୁ ସେନ୍ ରାଗିଯାଇ ତାଙ୍କ ପାଖରେ ଥିବା ବନ୍ଧୁକ ବାହାର କରି ଅଟକାଇଥିବା ଯୁବକମାନଙ୍କ ମୁଣ୍ଡରେ ଲଗାଇ ମାରିଦେବାକୁ ଧମକ ଦେଇଥିଲେ। ପରେ ସ୍ଥାନୀୟ ଯୁବକମାନେ ତାଙ୍କୁ କାବୁ କରି ପୋଲିସ ଜିମା ଦେଇଥିଲେ। ପୋଲିସ ତାଙ୍କୁ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି।

## ଜଳିଗଲା ଗ୍ୟାସ୍ ବୋଝେଇ ଟ୍ରକ୍

**ଭଦ୍ରକ ଅଫିସ, ୯।୪**

ଭଦ୍ରକ ଗ୍ରାମାଞ୍ଚଳ ଥାନା ୧୬ ନମ୍ବର ଜାତୀୟ ରାଜପଥର ଧାମରା ବ୍ରିଜ୍ ନିକଟରେ ରବିବାର ରାତି ପ୍ରାୟ ୧୦ଟା ବେଳେ ଏକ ଗ୍ୟାସ୍ ବୋଝେଇ ଟ୍ରକ୍ ଜଳିଯାଇଛି। ସୂଚନା ଅନୁଯାୟୀ, ଟ୍ରକ୍‌ଟି (ଓଡି୦୫ଏଏନ୍୩୯୭୬)ଟି ନାଇଟ୍ରୋଜେନ ଆମୋନିଆ ଗ୍ୟାସ୍ ପାରାଦୀପରୁ ବୋଝେଇ କରି ମଧ୍ୟପ୍ରଦେଶ ଯାଉଥିଲା। ରାସ୍ତାରେ ଯାଉଥିବା ବେଳେ ଉକ୍ତ ସ୍ଥାନରେ ହଠାତ୍ ଟ୍ରକ୍‌ରେ ନିଆଁ ଲାଗି ଯାଇଥିବା ନେଇ ପଛରେ ଯାଉଥିବା ବାଇକ୍ ଆରୋହୀ ଗାଡ଼ି ଚାଳକଙ୍କୁ ଜଣାଇଥିଲେ। ଚାଳକ ଗାଡ଼ି ଛିଡ଼ା କରି ବାହାରକୁ ପଳାଇ ଆସିଥିଲେ। ଏହାପରେ ଗାଡ଼ିଟି ହୁତୁହୁତୁ ହୋଇ ଜଳିଥିଲା। ଖବର ଲେଖାହେବା ବେଳକୁ ସ୍ଥାନୀୟ ଦମକଳ ବାହିନୀ ପହଞ୍ଚି ନିଆଁ ଲିଭାଇଥିଲା।

SMILE JAYADURGA CHEMICALS
(AN ISO 9001-2015 Certified)
Deals Raw Materials of:
- White Phenyle
- Black Phenyle
- Green Phenyle
- Liquid detergent
- Detergent Powder
- Packaging Materials
- Hand Wash
- Dish Wash
- Toilet Cleaner
- Glass Cleaner
- Sanitizer
- Agarbati

Free Training on all products

Other Chemicals
- Bleaching Powder
- Castic Soda
- HCL Acid
- Sulphuric Acid
- Alum
- Acetic Acid
- Dolomite Powder
- French chalk powder

Plot No.843, Palasuni, Bhubaneswar-751010
Mob.No.-9938069796, 9861049796

# ସରଗିତଳିଆରେ ଡାକ୍ତରୀ ଟିମ୍

**ଯୋଡ଼ା,୯।୪(ଡି.ଏନ.ଏ)**



ଡାକ୍ତରୀ ଟିମ୍ ଯାଞ୍ଚ କରୁଛନ୍ତି।

**ଧରିତ୍ରୀ ପ୍ରଭାବ**

- ଅଞ୍ଚଳରେ ଖୋଲିବ ଟିକାକରଣ କେନ୍ଦ୍ର
- ଶିଶୁଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନୁଧ୍ୟାନ କଲେ

କେନ୍ଦୁଝର ଜିଲା ଯୋଡ଼ା ପୌରପାଳିକା ଅନ୍ତର୍ଗତ ୧୩ ନଂ. ୱାର୍ଡର ସରଗିତଳିଆରେ ୩୦ରୁ ଊର୍ଦ୍ଧ୍ୱ ଶିଶୁ ଅପପୁଷ୍ଟିର ଶିକାର ଆଶଙ୍କା ନେଇ ଧରିତ୍ରୀରେ ଖବର ପ୍ରକାଶ ପରେ ଜିଲା ସ୍ୱାସ୍ଥ୍ୟ ବିଭାଗ ତତ୍ପର ହୋଇଉଠିଛି। ରବିବାର ଏକ ଡାକ୍ତରୀ ଟିମ୍ ଉକ୍ତ ଗାଁକୁ ଯାଇ ଶିଶୁମାନଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଅନୁଧ୍ୟାନ କରିଛନ୍ତି। ଅଞ୍ଚଳରେ ଟିକାକରଣ କେନ୍ଦ୍ର ଖୋଲିବା ଓ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ନେଇ ନିଷ୍ପତ୍ତି ହୋଇଥିବା ଜଣାପଡ଼ିଛି।

ବାସୁଦେବପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଅଧିକାରୀ ଡାକ୍ତର ଲକ୍ଷ୍ମୀକାନ୍ତ ସିଂହଙ୍କ ସୂଚନା ଅନୁଯାୟୀ, ଉକ୍ତ ଗାଁର ଶିଶୁମାନେ ଟିକାଦାନ ନେଇ ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଟିକାକରଣ ପାଇଁ ପ୍ରାୟ ୬ ରୁ ୭ କିଲୋମିଟର ଦୂର ଯିବା ପାଇଁ ପଡୁଥିବାରୁ ଅଧିକାଂଶ ଶିଶୁ ଟିକାକରଣରୁ ବଞ୍ଚିତ ହେଉଛନ୍ତି। ଏଥିପାଇଁ ଆସନ୍ତା ଏକ ସପ୍ତାହ ମଧ୍ୟରେ ଉକ୍ତ ଗାଁରେ ଟିକାକରଣ କେନ୍ଦ୍ର କରାଯିବା ସହିତ ସମସ୍ତ ଶିଶୁଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଯାଞ୍ଚ କରାଯିବ। ପୁଷ୍ଟିହୀନ ଶିଶୁ ଚିହ୍ନଟ ହେଲେ ପୁଷ୍ଟିସାଧନ କେନ୍ଦ୍ରକୁ ପଠାଯିବ ବୋଲି ସେ କହିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଡାକ୍ତରୀ ଟିମ ସହିତ ବାସୁଦେବପୁର ସ୍ୱାସ୍ଥ୍ୟ କେନ୍ଦ୍ର ଡାକ୍ତରୀ ଟିମ୍ ଓ ଯୋଡ଼ା ପୌରପାଳିକା ଅଧିକାରୀମାନେ ଅନୁଧ୍ୟାନ କରିଛନ୍ତି। ଜିଲା ମୁଖ୍ୟ ଚିକିତ୍ସାଳୟର ଆଡିସନାଲ ଡିଷ୍ଟ୍ରିକ୍ଟ ପବ୍ଲିକ ହେଲ୍‌ଥ ଅଫିସର (ଏଡିପିଏଚଓ) ଡାକ୍ତର ପ୍ରଣତିନୀ ନାଏକ, ବାସୁଦେବପୁର ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସକ ଡା. ଏଲ୍‌କେ ସିଂହଙ୍କ ସହ ଟିମ୍ ଶିଶୁମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଅନୁଧ୍ୟାନ କରିଥିଲେ। ପୌରପାଳିକା ପକ୍ଷରୁ ଖେପା ସିଂହ, ରାମଚନ୍ଦ୍ର ପାତ୍ର, ଖୁଣ୍ଟପାଣି ଅଙ୍ଗନୱାଡ଼ି କର୍ମୀ ଚୁଡ଼ାମଣି ବାରିକ ଓ ସ୍ଥାନୀୟ ଆଶା ଦିଦି ଉପସ୍ଥିତ ରହିଥିଲେ। ମାସର ଗୋଟିଏ ଦିନ ଏହି ଅଞ୍ଚଳରେ ଟିକାକରଣ କରାଯିବ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି।

**ପୂର୍ବ ତଟ ରେଳପଥ**

ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETCECONIIBBS 2023012, ତା.31.03.2023ରିଖ

**କାର୍ଯ୍ୟର ନାମ :** ତାଳଚେର-ବିମଳାଗଡ଼ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପ : ତାଳଚେର-ବିମଳାଗଡ଼ ନୂଆ BG ରେଳ ଲିଙ୍କ୍ ପ୍ରକଳ୍ପ ସମ୍ବନ୍ଧୀୟ ଅନ୍ୟ ସମ୍ପର୍କିତ କାର୍ଯ୍ୟ ସହିତ ପୋଲ ନଂ.55(ଚେନେଜ୍ 24485m ଠାରେ 1x24.4m ପ୍ଲେଟ୍ ଗର୍ଡ଼ର), ପୋଲ ନଂ.59 (ଚେନେଜ୍ 26731m ଠାରେ 1x30.5m+2x45.7m+1x30.5m ଷ୍ଟିଲ ଥ୍ରୁ ଗର୍ଡ଼ର)ରେ ଗାର୍ଡ ରେଲ୍‌ଗୁଡ଼ିକୁ ଲଗାଇବା ସହିତ H-ବିମ୍ ସ୍ଲିପରଗୁଡ଼ିକର ଫାବ୍ରିକେସନ, ଯୋଗାଣ ଏବଂ ଲଗାଇବା ତଥା ପୋଲ ନଂ.57 (ଚେନେଜ୍ 25350m ଠାରେ 1x18.3m+15x45.7m+1x18.3m ଷ୍ଟିଲ ଥ୍ରୁ ଗର୍ଡ଼ର)ରେ ଗାର୍ଡ ରେଲ୍‌ଗୁଡ଼ିକୁ ଆଂଶିକ ଲଗାଇବା ସହିତ ଷ୍ଟିଲ ଚ୍ୟାନେଲ ସ୍ଲିପରଗୁଡ଼ିକର ଫାବ୍ରିକେସନ, ଯୋଗାଣ ଏବଂ ଲଗାଇବା ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 274.82 ଲକ୍ଷ, EMD (ଟଙ୍କାରେ): 2,87,400/-, କାର୍ଯ୍ୟ ଶେଷ ହେବା ଅବଧି : 03 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.24.04.2023 ରିଖ 1200 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ ।

ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ http://www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ୍‌ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ୍‌ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଗଚ୍ଛିତ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଭାଗ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଅତିରିକ୍ତ ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ମୁଖ୍ୟ ପ୍ରଶାସନିକ ଅଧିକାରୀ (ନିର୍ମାଣ)/ ଭୁବନେଶ୍ୱର

PR-03/CG/23-24

**ସର୍ବସାଧାରଣ ବିଜ୍ଞପ୍ତି**

ICICI Bank
ICICI Bank Limited

ପଞ୍ଜୀକୃତ କାର୍ଯ୍ୟାଳୟ: ଲ୍ୟାଣ୍ଡମାର୍କ, ରେସ୍ କୋର୍ସ ସର୍କଲ, ଭଦୋଦରା ୩୯୦୦୦୭।
କର୍ପୋରେଟ୍ କାର୍ଯ୍ୟାଳୟ: ଆଇସିଆଇସିଆଇ ବ୍ୟାଙ୍କ ଟାୱାର୍ସ, ବାନ୍ଦ୍ରା-କୁର୍ଲା କମ୍ପ୍ଲେକ୍ସ, ମୁମ୍ବାଇ ୪୦୦ ୦୫୧।

**ସୁନା ନିଲାମ ତଥା ଆମନ୍ତ୍ରଣ ବିଜ୍ଞପ୍ତି**

ନିମ୍ନଦର୍ଶିତ ଋଣଗ୍ରହୀତାମାନଙ୍କୁ ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ (''ଆଇସିଆଇସିଆଇ ବ୍ୟାଙ୍କ'')ଠାରୁ ସେମାନେ ହାସଲ କରିଥିବା ସୁନା ଅଳଙ୍କାର ବଦଳରେ ସୁବିଧା (''ସୁବିଧା'') ବାବଦୀୟ ବକେୟା ଅର୍ଥରାଶି ପୈଠ କରିବା ଲାଗି ନୋଟିସ ଜାରି କରାଯାଇଥିଲା। ସେମାନେ ବକେୟା ଦେୟ ପରିଶୋଧ କରିବାରେ ବିଫଳ ହୋଇଥିବାରୁ, ସେମାନଙ୍କ ଦ୍ୱାରା ବନ୍ଧକ ରଖାଯାଇଥିବା ସୁନା ଅଳଙ୍କାରଗୁଡ଼ିକର ନିଲାମ **ଏପ୍ରିଲ ୨୦, ୨୦୨୩** ଦିନ ସଞ୍ଚାଳନ କରିବା ଲାଗି ଆମେ ବାଧ୍ୟ ହେଉଛୁ। କୌଣସି ଆଗୁଆ ନୋଟିସ ବିନା ଖାତାକୁ ଅପସାରିତ କରିବା/ନିଲାମ ତାରିଖକୁ ବଦଳାଇବାର ପ୍ରାଧିକାର ଆଇସିଆଇସିଆଇ ବ୍ୟାଙ୍କର ରହିଛି । ନିଲାମ ଅନ୍‌ଲାଇନ୍ - **https://jewel-auction.procuretiger.com**ରେ **ଅପରାହ୍ନ ୧୨.୩୦ ଘଟିକାରୁ ୩.୩୦ ଘଟିକା** ମଧ୍ୟରେ ସଞ୍ଚାଳନ କରାଯିବ। ସବିସ୍ତୃତ ନିୟମ ଓ ସର୍ତ୍ତାବଳୀ ପାଇଁ ଦୟାକରି ପ୍ରଦତ୍ତ ୱେବସାଇଟ୍‌ରେ ଲଗ୍ ଇନ୍ କରନ୍ତୁ । ମୃତ ଋଣଗ୍ରହୀତାଙ୍କ କ୍ଷେତ୍ରରେ, ସମସ୍ତ ସର୍ତ୍ତାବଳୀ ଆଇନଗତ ଉତ୍ତରାଧିକାରୀଙ୍କ ପାଇଁ ପ୍ରଯୁଜ୍ୟ ହେବ ।

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ଶାଖାର ନାମ: ଅନୁଗୁଳ | |
| ୦୪୬୦୦୫୦୦୬୩୯୪ | ଭଞ୍ଜ କିଶୋର ପରିଡ଼ା |
| ୦୪୬୦୦୫୦୦୬୮୯୪ | ମାନସ ରଞ୍ଜନ ମିଶ୍ର |
| ୦୪୬୦୦୫୦୦୬୮୯୬ | ଟି କୌଶଲ୍ୟ କୁମାର ସୁବୁଦ୍ଧି |
| ଶାଖାର ନାମ: ଆସିକା | |
| ୧୪୯୮୦୫୦୦୫୮୨୬ | ଦେବପ୍ରସାଦ ଆଚାରୀ |
| ୧୪୯୮୦୫୦୦୬୪୮୭ | ସତ୍ୟନାରାୟଣ ଗୌଡ଼ |
| ଶାଖାର ନାମ: ବାଲିଆପାଳ | |
| ୩୦୫୨୦୫୦୦୭୨୭୫ | ଝାଡ଼େଶ୍ୱର ଜେନା |
| ଶାଖାର ନାମ: ବାଲିସାହି-ସାଳେପୁର | |
| ୭୫୧୭୦୫୦୦୧୦୩୦ | ଅଶୋକ କୁମାର ବେହେରା |
| ଶାଖାର ନାମ: ବାଲୁଗାଁ | |
| ୨୫୫୨୦୫୦୦୧୯୯୭ | ଶିବ ଶଙ୍କର ଜାଲି |
| ଶାଖାର ନାମ: ବଡ଼ବିଲ | |
| ୦୬୪୦୦୫୦୦୨୫୩୪ | ଶୁଭେନ୍ଦୁ ମହାନ୍ତ |
| ଶାଖାର ନାମ: ବ୍ରହ୍ମପୁର - ବଡ଼ ବଜାର | |
| ୨୪୧୯୦୫୦୦୧୬୮୧ | ଶୁଦ୍ଧାନନ୍ଦ ଗୌଡ଼ |
| ଶାଖାର ନାମ: ଭେଉଁରିଆ, ଓଡ଼ିଶା | |
| ୩୬୭୮୦୫୦୦୩୦୫୦ | ସୁବଳୟ ଲୁହାର |
| ଶାଖାର ନାମ: ଭୁବନେଶ୍ୱର | |
| ୦୦୬୧୦୫୦୩୦୨୮୭ | ସବ୍ୟସାଚୀ ନାଥ |
| ୦୦୬୧୦୫୦୨୩୦୬୫ | ଶ୍ରୀକାନ୍ତ କୁମାର ଜେନା |
| ୦୦୬୧୦୫୦୨୦୯୯୯ | ଶ୍ରୀକାନ୍ତ କୁମାର ଜେନା |
| ୦୦୬୧୦୫୦୨୭୫୫୦ | ମନୋଜ କୁମାର ନାୟକ |
| ଶାଖାର ନାମ: ଭୁବନେଶ୍ୱର - ନୟାପଲ୍ଲୀ | |
| ୦୨୮୪୦୫୦୦୭୩୯୫ | ସଚ୍ଚିଦାନନ୍ଦ ସାହୁ |
| ୦୨୮୪୦୫୦୧୦୮୬୯ | ଅଜୟ ଚନ୍ଦ୍ର ସାହୁ |
| ଶାଖାର ନାମ: ଭୁବନେଶ୍ୱର - ବରମୁଣ୍ଡା | |
| ୨୭୯୭୦୫୦୦୦୮୯୮ | ନାରାୟଣ ପଲାଇ |
| ୨୭୯୭୦୫୦୦୦୯୦୪ | ସସ୍ମିତା ଦାସ |
| ଶାଖାର ନାମ: ଭୁବନେଶ୍ୱର - ସାମନ୍ତରାପୁର | |
| ୩୦୫୪୦୫୦୦୦୯୦୪ | ଆଶୁତୋଷ ସେନାପତି |
| ୩୦୫୪୦୫୦୦୧୪୩୮ | ରଞ୍ଜିତା ସେନଗୁପ୍ତା |
| ୩୦୫୪୦୫୦୦୧୪୪୦ | ଅଶ୍ୱିନୀ ମଲ୍ଲିକ |
| ଶାଖାର ନାମ: ଭୁବନେଶ୍ୱର - ଟଙ୍କପାଣି ରୋଡ୍ | |
| ୭୪୧୭୦୫୦୦୦୧୩୪ | ବିଜୟ ମାଧବ ନାୟକ |
| ଶାଖାର ନାମ: ବିଜେପୁର | |
| ୭୨୬୪୦୫୦୦୧୬୩୬ | କିଶୋର ସାହୁ |
| ୭୨୬୪୦୫୦୦୧୬୪୭ | ଗୋପାଳ ସାହୁ |
| ଶାଖାର ନାମ: ବଲାଙ୍ଗୀର | |
| ୦୫୨୫୦୫୦୦୮୬୨୮ | ପ୍ରଶାନ୍ତ ନନ୍ଦ |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ୦୫୨୫୦୫୦୧୦୦୨୪ | ଯୁବରାଜ ଦୀପ |
| ୦୫୨୫୦୫୦୧୦୦୫୮ | ବିବେକାନନ୍ଦ ନାହାକ |
| ଶାଖାର ନାମ: ଚମ୍ପୁଆ, ଓଡ଼ିଶା | |
| ୩୬୮୮୦୫୦୦୨୪୫୫ | ଦେବାଶିଷ ଗିରି |
| ଶାଖାର ନାମ: ଚଣ୍ଡିଖୋଲ | |
| ୨୦୩୪୦୫୦୧୨୬୯୨ | ବିଭୁ ପ୍ରସାଦ ସ୍ୱାଇଁ |
| ଶାଖାର ନାମ: ଚିକିଟି | |
| ୩୨୬୮୦୫୦୦୩୧୪୯ | ସଂଗ୍ରାମ କେଶରୀ ମଣ୍ଡଳ |
| ଶାଖାର ନାମ: ଚୌଦ୍ୱାର | |
| ୧୦୧୩୦୫୦୧୧୨୦୬ | ଚନ୍ଦ୍ରଶେଖର ବିଶୋୟୀ |
| ଶାଖାର ନାମ: କଟକ - କଲେଜ ଛକ | |
| ୨୪୩୩୦୫୦୦୨୭୮୦ | ନିଖିଲ କୁମାର ଯୋଶୀ |
| ଶାଖାର ନାମ: ଢେଙ୍କାନାଳ | |
| ୦୭୭୫୦୫୦୧୦୫୯୮ | ଇନ୍ଦ୍ରମଣି ମହାପାତ୍ର |
| ୦୭୭୫୦୫୦୧୧୯୦୫ | ଦେବରାଜ ମହାନ୍ତି |
| ଶାଖାର ନାମ: ଡୁବୁରୀ | |
| ୨୦୨୩୦୫୦୦୧୫୪୮ | ପବିତ୍ର କୁମାର ରାଉତ |
| ଶାଖାର ନାମ: ହିଞ୍ଜିଳିକାଟୁ, ଓଡ଼ିଶା | |
| ୩୨୭୦୦୫୦୦୧୬୦୨ | କେଶବ ସ୍ୱାଇଁ |
| ୩୨୭୦୦୫୦୦୧୧୬୩ | ସୂର୍ଯ୍ୟ ନାହାକ |
| ଶାଖାର ନାମ: ଜଗତ୍‌ସିଂହପୁର | |
| ୦୪୬୭୦୫୦୦୬୧୨୪ | ତପନ କୁମାର ବାରିକ |
| ଶାଖାର ନାମ: ଯାଜପୁର ଟାଉନ | |
| ୨୧୬୨୦୫୦୦୫୬୫୩ | ସରୋଜିନୀ ସ୍ୱାଇଁ |
| ଶାଖାର ନାମ: ଜଳେଶ୍ୱର | |
| ୦୯୬୨୦୫୦୨୩୧୫୮ | ରତିକାନ୍ତ ବେହେରା |
| ଶାଖାର ନାମ: ଜୟପୁର | |
| ୦୬୪୧୦୫୦୧୮୧୬୩ | ରୁନିତା କୁମାରୀ ପଣ୍ଡା |
| ୦୬୪୧୦୫୦୧୮୨୨୫ | ମୁକ୍ତା ଖରା |
| ଶାଖାର ନାମ: କେନ୍ଦ୍ରାପଡ଼ା | |
| ୦୬୩୯୦୫୦୦୭୧୯୨ | ବିଶ୍ୱ ପ୍ରକାଶ ସାମଲ |
| ୦୬୩୯୦୫୦୦୭୧୬୯ | ଜଗଦୀଶ ପରିଡ଼ା |
| ଶାଖାର ନାମ: ଖଣ୍ଡିଆନଈ | |
| ୪୩୯୨୦୫୦୦୨୪୦୧ | ଶଙ୍କର ଗୌଡ଼ |
| ଶାଖାର ନାମ: ଖୋର୍ଦ୍ଧା | |
| ୦୪୬୪୦୫୦୧୪୪୨୨ | ସୁଶାନ୍ତ ଶ୍ରୀଚନ୍ଦନ |
| ଶାଖାର ନାମ: କୋରାପୁଟ | |
| ୨୫୮୧୦୫୦୦୪୪୯୧ | ବିନାୟକ ବିଭାର |
| ଶାଖାର ନାମ: କୋଟପାଡ଼ | |
| ୩୨୬୧୦୫୦୧୦୦୯୦ | ଚନ୍ଦ୍ରାରୁ ହରିଜନ |
| ଶାଖାର ନାମ: କୁଜଙ୍ଗ | |
| ୩୦୫୩୦୫୦୧୧୬୩୩ | ମାନସ କୁମାର ମାଝୀ |

| ଋଣ ଖାତା ନଂ. | ଗ୍ରାହକଙ୍କ ନାମ |
|---|---|
| ୩୦୫୩୦୫୦୧୧୬୩୪ | ପ୍ରିୟଙ୍କା ପରିଡ଼ା |
| ୩୦୫୩୦୫୦୧୧୬୫୫ | ସୋନିକାନ୍ତ ମଲିକ |
| ଶାଖାର ନାମ: ମାଲକାନଗିରି, ଓଡ଼ିଶା | |
| ୩୬୮୯୦୫୦୦୭୮୦୧ | ରୋହିତ କୁମାର ସାହୁ |
| ୩୬୮୯୦୫୦୦୭୮୧୪ | ବିବେକାନନ୍ଦ ଦଳପତି |
| ୩୬୮୯୦୫୦୦୭୮୨୬ | ବି. ବିକ୍ରମ ପାତ୍ର |
| ଶାଖାର ନାମ: ନୟାଗଡ଼ | |
| ୦୭୮୦୦୫୦୧୯୯୩୮ | ରାକେଶ ଚନ୍ଦ୍ର ପାତ୍ର |
| ୦୭୮୦୦୫୦୨୪୨୪୩ | ଭାଗ୍ୟରଥୀ ନନ୍ଦ |
| ଶାଖାର ନାମ: ପାରାଦୀପ | |
| ୦୭୭୬୦୫୦୦୭୮୦୩ | ମନୋଜ କୁମାର ପରିଡ଼ା |
| ୦୭୭୬୦୫୦୦୮୯୮୯ | ପ୍ରଦୀପ କୁମାର ସେନାପତି |
| ଶାଖାର ନାମ: ପ୍ରତାପ ଶାସନ, ଓଡ଼ିଶା | |
| ୩୬୮୫୦୫୦୦୧୬୨୨ | ତ୍ରିନାଥ ଭୋଇ |
| ଶାଖାର ନାମ: ପୁରୀ | |
| ୦୮୭୫୦୫୦୧୧୮୧୬ | ଦୀନେଶ କୁମାର ମିଶ୍ର |
| ଶାଖାର ନାମ: ପୁରୁଣା ଦଶପଲ୍ଲା | |
| ୩୨୫୮୦୫୦୦୫୫୮୦ | ସରୋଜ ପ୍ରଧାନ |
| ଶାଖାର ନାମ: ରାଇଘର, ଓଡ଼ିଶା | |
| ୩୨୬୨୦୫୦୦୪୬୨୬ | ବିନୟ ଗଇନା |
| ଶାଖାର ନାମ: ରାୟଗଡ଼ା | |
| ୦୭୮୧୦୫୦୦୪୮୧୮ | ଶୈଳବାଳା ହେପ୍ରୁକା |
| ଶାଖାର ନାମ: ରାଉରକେଲା | |
| ୦୧୯୫୦୫୦୧୨୧୫୨ | ଏମ୍ ସୁମିତ ପିଲ୍ଲାଇ |
| ଶାଖାର ନାମ: ସିମିଳିଗୁଡ଼ା | |
| ୧୬୩୨୦୫୦୧୩୯୨୬ | ସୁଶୀଳା ଜେନା |
| ୧୬୩୨୦୫୦୧୮୬୧୦ | କମୁଲୁ ଶିଶା |
| ଶାଖାର ନାମ: ସୁନ୍ଦରଗଡ଼ | |
| ୦୮୭୬୦୫୦୧୦୯୩୨ | ଅଶୋକ ଓରାମ |
| ଶାଖାର ନାମ: ତାଳଚେର | |
| ୦୭୭୩୦୫୦୦୨୩୬୧ | ଉପେନ୍ଦ୍ର କୁମାର ରାଉତ |
| ୦୭୭୩୦୫୦୦୨୨୨୩ | ଉପେନ୍ଦ୍ର କୁମାର ରାଉତ |
| ଶାଖାର ନାମ: ଟାଙ୍ଗୀ | |
| ୩୨୫୯୦୫୦୨୧୮୭୨ | ବସନ୍ତ ବେହେରା |
| ୩୨୫୯୦୫୦୨୧୯୨୧ | ସୌମ୍ୟ ରଞ୍ଜନ ସୁନ୍ଦରା |
| ଶାଖାର ନାମ: ତେଲରାଇ-କାଳିମେଳା | |
| ୩୯୨୩୦୫୦୦୦୯୫୦ | ଦୀପଙ୍କର ଡାଲି |
| ଶାଖାର ନାମ: ଟିକିରି | |
| ୩୦୪୭୦୫୦୦୪୨୨୫ | ବଂଶୀଧର ନାଏକ |
| ଶାଖାର ନାମ: ଉମରକୋଟ | |
| ୦୯୯୫୦୫୦୧୯୭୮୪ | ରାକେଶ କୁମାର ପଟ୍ଟନାଏକ |
| ଶାଖାର ନାମ: ରାୟଗଡ଼ | |
| ୦୯୨୬୦୫୦୦୨୩୮୭ | ଶୁଭ୍ରାଂଶୁ ଶେଖର ମହାନନ୍ଦ |

ତାରିଖ: ୧୦।୦୪।୨୦୨୩
ସ୍ଥାନ: କଟକ, ଜଗତ୍‌ସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ଖୋର୍ଦ୍ଧା, ନୟାଗଡ଼, ପୁରୀ, ବଲାଙ୍ଗୀର, ବରଗଡ଼, ସୁନ୍ଦରଗଡ଼, ଗଞ୍ଜାମ, ଅନୁଗୁଳ, ଢେଙ୍କାନାଳ, ବାଲେଶ୍ୱର, କେନ୍ଦୁଝର, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ରାୟଗଡ଼ା, ସଇଁତଳା

ସ୍ୱା./-
ପ୍ରାଧିକୃତ ଅଧିକାରୀ
ଆଇସିଆଇସିଆଇ ବ୍ୟାଙ୍କ ଲିମିଟେଡ୍ ପାଇଁ

ତୁମର କର୍ତ୍ତବ୍ୟ ହେଲା– ତୁମେ ସର୍ବଦା ସଚେତନ ରହିବ ଯେ, ତୁମର ସଚେତନ ଅନ୍ତରାତ୍ମା ହିଁ ତୁମକୁ ଶାସନ କରିବା ଉଚିତ। ତୁମର ନିମ୍ନପ୍ରକୃତିରୁ ଉଦ୍ଭୁତ କୌଣସି କୁତ୍ସିତ ପ୍ରବେଗ ହାତରେ ତୁମେ କ୍ରୀଡ଼ା ପୁତ୍ତଳିକା ହେବା ଉଚିତ ନୁହେଁ। **–ଶ୍ରୀମା**



# ହିମବାହ ବିପଦ

ନିକଟରେ 'ନେଚର ଜିଓସାଇନ୍ସ ଜର୍ନାଲ'ରେ ରିପୋର୍ଟ ପ୍ରକାଶ ପାଇଛି ଯେ, ଦିନକୁ ଦିନ ତାପମାତ୍ରା ବୃଦ୍ଧି ପାଉଥିବାରୁ ହିମାଳୟର ହିମବାହ (ଗ୍ଲେସିୟର) ଦ୍ରୁତଗତିରେ ତରଳିବାରେ ଲାଗିଛି। ୨୦୦୦ରୁ ୨୦୨୦ ମସିହା ମଧ୍ୟରେ ହିମାଳୟରୁ ୨.୭ ଗିଗା ଟନ୍ (୨୭୦ କୋଟି ଟନ୍) ଓଜନର ବରଫ ତରଳିଛି। ଏହା ୫୭୦ ନିୟୁତ ହାତୀଙ୍କ ଓଜନ ସହିତ ସମାନ ବୋଲି ଗବେଷକମାନେ ଆକଳନ କରିଛନ୍ତି। ବାସ୍ତବରେ ହିମବାହ ତରଳିବା ଯୋଗୁ ଏହାର ଜଳ ସମୁଦ୍ର ମଧ୍ୟକୁ ଚାଲିଯାଉଛି। ଫଳରେ ସମୁଦ୍ରର ଜଳପତ୍ତନ ବୃଦ୍ଧି ପାଇବାରେ ଲାଗିଛି। ଏହା ଦ୍ୱାରା ସାଗର କୂଳବର୍ତ୍ତୀ ଅଞ୍ଚଳ ଜଳପ୍ଲାବିତ ହେବାର ଆଶଙ୍କା ଦେଖାଦେଲାଣି। ଅନ୍ୟପକ୍ଷରେ ହିମାଳୟରୁ ପ୍ରାକୃତିକ ଉପାୟରେ ଝରୁଥିବା ଜଳକୁ ଯେଉଁ ନଦୀଗୁଡ଼ିକ ଧାରଣ କରୁଥିଲେ, ହିମବାହ ଦ୍ରୁତ ତରଳିବା ଯୋଗୁ ସେଗୁଡ଼ିକ ଜଳସଙ୍କଟର ସମ୍ମୁଖୀନ ହେଉଛନ୍ତି। ଫଳରେ ନଦୀ ତଟବର୍ତ୍ତୀ ଅଞ୍ଚଳର ଲୋକଙ୍କୁ ଆବଶ୍ୟକ ପାନୀୟ ଜଳ ମିଳିବା କଷ୍ଟକର ହୋଇପଡ଼ିଲାଣି। ଏଥିସହିତ କୃଷି ଓ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକ ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବା ପରିଲକ୍ଷିତ ହେଉଛି।

ହିମାଳୟ ପର୍ବତମାଳାକୁ ଆଣ୍ଟାର୍କଟିକା ଓ ଆର୍ଟିକ୍ ପରେ ତୃତୀୟ ମେରୁ ଭାବେ ଅଭିହିତ କରାଯାଇଥାଏ। କାରଣ ଏହା ବିଶ୍ୱର ତୃତୀୟ ସର୍ବାଧିକ ହିମବାହ ଧାରଣ କରିରଖିଛି। ୨୦୦୦ରୁ ୨୦୨୦ ମଧ୍ୟରେ ଯେଭଳି ଧରଣର ବରଫ ତରଳିଛି, ତାହା ଗ୍ଲେସିୟର ଲେକ୍ (ହିମବାହ ତରଳି ସୃଷ୍ଟି ହୋଇଥିବା ହ୍ରଦ) ସଂଖ୍ୟା ୪୭ ପ୍ରତିଶତ ବୃଦ୍ଧି କରାଇଛି। ମନୁଷ୍ୟକୃତ କାର୍ଯ୍ୟକଳାପ ଯୋଗୁ ଘଟୁଥିବା ଜଳବାୟୁ ପରିବର୍ତ୍ତନ ଫଳରେ ହିମବାହ ଦ୍ରୁତଗତିରେ ତରଳୁଛି ବୋଲି ବୈଜ୍ଞାନିକମାନେ ବାରମ୍ବାର ସୂଚାଇ ଚାଲିଛନ୍ତି। ଆମେରିକୀୟ ମହାକାଶ ସଂସ୍ଥା ନ୍ୟାଶନାଲ ଏରୋନଟିକ୍ସ ଆଣ୍ଡ୍ ସ୍ପେସ୍ ଆଡ୍‌ମିନିଷ୍ଟ୍ରେଶନ (ନାସା)ର ସାଟେଲାଇଟ୍ ତଥ୍ୟ ଅନୁଯାୟୀ ବିଶ୍ୱତାପନ ଯୋଗୁ ୨୧୦୦ ମସିହା ସୁଦ୍ଧା ସମୁଦ୍ର ଜଳପତ୍ତନ ୨ରୁ ୬ ଫୁଟ ବଢ଼ିଯିବାର ଆକଳନ କରାଯାଇଛି। ବିଶ୍ୱତାପନ ଓ ଜଳବାୟୁ ପରିବର୍ତ୍ତନଜନିତ ଦେଖାଦେଉଥିବା ଅସ୍ୱାଭାବିକ ସ୍ଥିତିକୁ ମଣିଷ କିଭଳି ଆଗକୁ ସମ୍ମୁଖୀନ ହେବ, ତାହା ଏବେ ପ୍ରତ୍ୟେକଙ୍କୁ ଚିନ୍ତାରେ ପକାଇବା କଥା। ଗ୍ଲେସିୟର ଦ୍ରୁତଗତିରେ ତରଳିବା ଯୋଗୁ ଅଚାନକ ବନ୍ୟା ହିମାଳୟ ପାଦଦେଶରେ ବସବାସ କରୁଥିବା ଲୋକଙ୍କ ଧନଜୀବନ କ୍ଷତି ଘଟାଉଛି। ଚାଷଜମି ନଷ୍ଟ ହୋଇଯାଉଥିବାରୁ ଖାଦ୍ୟଶସ୍ୟ ଅଭାବ ପରିଲକ୍ଷିତ ହେଉଛି। ଫଳରେ ସମ୍ପୃକ୍ତ ଅଞ୍ଚଳର ଅର୍ଥନୀତି ଘୋର ପ୍ରଭାବିତ ହେବା ସହିତ ଖାଦ୍ୟସଙ୍କଟ ମଧ୍ୟ ଦେଖାଦେଲାଣି। ଭାରତର ପ୍ରାୟ ୩୦ ପ୍ରତିଶତ ଲୋକ ହିମାଳୟ କଡ଼ରେ ବସବାସ କରୁଥିବାରୁ ସେମାନଙ୍କ ଜୀବନ ଦୁର୍ବିଷହ ହେବାର ସଙ୍କେତ ମିଳିଲାଣି। ୨୦୨୨ ଏପ୍ରିଲରେ କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରୀ ଜିତେନ୍ଦ୍ର ସିଂ ପାର୍ଲାମେଣ୍ଟରେ ଏ ସଂକ୍ରାନ୍ତ ଏକ ପ୍ରଶ୍ନର ଲିଖିତ ଉତ୍ତର ଦେବା ବେଳେ କହିଥିଲେ ଯେ, ଗ୍ଲେସିୟର ତରଳିବା ସମ୍ବନ୍ଧରେ ଅନୁଧ୍ୟାନ କରିବା ଲାଗି କଶ୍ମୀର ବିଶ୍ୱବିଦ୍ୟାଳୟ, ସିକିମ୍ ବିଶ୍ୱବିଦ୍ୟାଳୟ, ଜିଓଲୋଜିକାଲ ସର୍ଭେ ଅଫ୍ ଇଣ୍ଡିଆ, ୱାଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ହିମାଲୟାନ୍ ଜିଓଲୋଜି କାର୍ଯ୍ୟ କରୁଛନ୍ତି। ତେଣୁ ଗ୍ଲେସିୟର ଉପରେ ନିର୍ଭର କରୁଥିବା ନଦୀଗୁଡ଼ିକ ଖରାଦିନେ ଶୁଖିଯାଉଥିବାରୁ ଜଳଯୋଗାଣ ଅନେକାଂଶରେ ବାଧାପ୍ରାପ୍ତ ହେଉଛି ବୋଲି ମନ୍ତ୍ରୀ ସ୍ୱୀକାର କରିଥିଲେ।

କେଉଁ ପ୍ରକାର ଫଳପ୍ରଦ ରଣକୌଶଳ ଗ୍ରହଣ କରାଯାଇ ଏଭଳି ସମସ୍ୟାକୁ ମୁକାବିଲା କରିହେବ, ତାହା ଆଗାମୀ ଦିନରେ ମାନବ ଜାତି ଆଗରେ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଆସନ୍ନ ବିପଦକୁ ଦେଖିପାରୁଥିବା ମଣିଷ ଏବେଠାରୁ ବ୍ୟକ୍ତିଗତ ସ୍ତରରେ ପରିବେଶ ଉପଯୋଗୀ ପଦକ୍ଷେପ ନ ନେଲେ ସମସ୍ତେ ବୁଡ଼ିବା ଭଳି ବିପଦକୁ ଏଡ଼ାଇ ଦିଆଯାଇ ନ ପାରେ।

ହିମବାହ ତରଳିବା ଏକ ପ୍ରାକୃତିକ ପ୍ରବାହ। କିନ୍ତୁ ତାପମାତ୍ରା ବୃଦ୍ଧି ଯୋଗୁ ଏହା ଦ୍ରୁତଗତିରେ ତରଳୁଥିବାରୁ ସମସ୍ୟା ଉପୁଜୁଛି। ଅତ୍ୟଧିକ ହିମବାହ ତରଳିଲେ ତାହା ବିଶ୍ୱ ଜଳବାୟୁ ବ୍ୟବସ୍ଥାକୁ ମଧ୍ୟ ପ୍ରଭାବିତ କରିବ। ସାଧାରଣତଃ ଗ୍ଲେସିୟର ଯୋଗୁ ସୂର୍ଯ୍ୟକିରଣ ପ୍ରତିଫଳିତ ହୋଇ ମହାକାଶକୁ ଚାଲିଯାଇଥାଏ। ଯେହେତୁ ହିମବାହ ଓଭେଇବାରେ ଲାଗିଛି କମ୍ ସୂର୍ଯ୍ୟକିରଣ ପ୍ରତିଫଳିତ ହେଉଛି। ଫଳରେ ପୃଥିବୀପୃଷ୍ଠରେ ତାପମାତ୍ରା ବୃଦ୍ଧି ପାଇବାରେ ଲାଗୁଛି। କେଉଁ ପ୍ରକାର ଫଳପ୍ରଦ ରଣକୌଶଳ ଗ୍ରହଣ କରାଯାଇ ଏଭଳି ସମସ୍ୟାକୁ ମୁକାବିଲା କରିହେବ, ତାହା ଆଗାମୀ ଦିନରେ ମାନବ ଜାତି ଆଗରେ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଆସନ୍ନ ବିପଦକୁ ଦେଖିପାରୁଥିବା ମଣିଷ ଏବେଠାରୁ ବ୍ୟକ୍ତିଗତ ସ୍ତରରେ ପରିବେଶ ଉପଯୋଗୀ ପଦକ୍ଷେପ ନ ନେଲେ ସମସ୍ତେ ବୁଡ଼ିବା ଭଳି ବିପଦକୁ ଏଡ଼ାଇ ଦିଆଯାଇ ନ ପାରେ।

# ସ୍ୱାଭିମାନର ପ୍ରତୀକ ଖଦି



ଡ. ପ୍ରଫୁଲ୍ଲ କୁମାର ସାହୁ

ଭାରତୀୟ ସମ୍ଭ୍ରାନ୍ତପଣର ପ୍ରତୀକ ଖଦି। ସ୍ୱଦେଶୀ, ସ୍ୱରାଜ, ସ୍ୱାଭିମାନ ଓ ସ୍ୱାବଲମ୍ବନର ପ୍ରେରଣା। ଗାନ୍ଧିଜୀଙ୍କ ଦୃଷ୍ଟିରେ ଏହା କେବଳ ଏକ ବସ୍ତ୍ର ନ ଥିଲା, ବରଂ ଥିଲା ଅହିଂସା ଆନ୍ଦୋଳନର ଏକ ଅସ୍ତ୍ର। ସ୍ୱାଧୀନତା ଓ ଅର୍ଥନୈତିକ ସମୃଦ୍ଧି ପାଇଁ ଖଦିବସ୍ତ୍ରକୁ ଗାନ୍ଧିଜୀ ବ୍ୟବହାର କରିଥିଲେ ରାଜନୈତିକ, ସାଂସ୍କୃତିକ ଓ ଅର୍ଥନୈତିକ ଆୟୁଧ ଭାବରେ। ସ୍ୱାଧୀନତା ସଂଗ୍ରାମକୁ ଅଧିକ ଲୋକାଭିମୁଖୀ କରିବା ଲକ୍ଷ୍ୟରେ ବିଦେଶୀ ବସ୍ତ୍ର ପରିବର୍ତ୍ତେ ଖଦିବସ୍ତ୍ର ପରିଧାନ କରିବା ପାଇଁ ଦେଶବାସୀଙ୍କୁ ଆହ୍ୱାନ ଦେଇ ସେ କହିଥିଲେ, ''ଚୁଲି ପରି ଚରଖା ସର୍ବବ୍ୟାପୀ ହେବା ଦରକାର। ତା' ନ ହେଲେ ସହଜରେ ସ୍ୱରାଜ ମିଳିବ ନାହିଁ କି ସୁଧୁରିପାରିବ ନାହିଁ ଦେଶର ଅର୍ଥନୀତି।'' ଗାନ୍ଧିଜୀଙ୍କର ଆହ୍ୱାନକ୍ରମେ ଖଦିକୁ ପ୍ରତ୍ୟକ୍ଷ ଭାବରେ ସ୍ୱାଧୀନତା ଆନ୍ଦୋଳନ ସହିତ ଯୋଡ଼ିବା ପାଇଁ କଂଗ୍ରେସ ମଞ୍ଚରୁ ଗଠନ ହେଲା (୧୯୨୨) ଖଦି କାର୍ଯ୍ୟ ସମିତି। ଏଥିରେ ସରଞ୍ଜାମ, ଉତ୍ପାଦନ ଓ ବିକ୍ରୟ ନାମରେ ତିନୋଟି ଉପବିଭାଗ ସୃଷ୍ଟି କରାଗଲା, ଯା'ର ଦାୟିତ୍ୱରେ ରହିଲେ ଯଥାକ୍ରମେ ମଗନଲାଲ ଗାନ୍ଧୀ, ଲକ୍ଷ୍ମୀଦାସ ପୁରୁଷୋତ୍ତମଜୀ ଓ ବିଠଲଦାସ ଜେରାଜାଣି।

ଖଦି ଆନ୍ଦୋଳନକୁ ଦେଶବ୍ୟାପୀ ପହଞ୍ଚାଇବା ଉଦ୍ଦେଶ୍ୟରେ ସାବରମତୀ ଆଶ୍ରମରେ ପ୍ରତିଷ୍ଠା ହେଲା (୧୯୨୪) ଅଖିଳ ଭାରତ ଖଦି ବୋର୍ଡ। ଗାନ୍ଧିଜୀ ତା'ର ସଭାପତି ରହିଲେ ଏବଂ ଶଙ୍କରଲାଲ ବ୍ୟାଙ୍କର ଓ ଜମୁନାଲାଲ ବଜାଜ୍‌ଙ୍କୁ ଦିଆଗଲା ଯଥାକ୍ରମେ ସମ୍ପାଦକ ଓ କୋଷାଧ୍ୟକ୍ଷ ଦାୟିତ୍ୱ। କେବଳ ରଚନାତ୍ମକ କାର୍ଯ୍ୟ ଭିତରେ ସୀମିତ ନ ରଖି ଏହାକୁ ସ୍ୱାଧୀନତା ସଂଗ୍ରାମର ପ୍ରମୁଖ ଅସ୍ତ୍ର ଭାବରେ ଗ୍ରହଣ କରିବାକୁ କଂଗ୍ରେସ ନିଷ୍ପତ୍ତି ନେଲା ଏବଂ ରାଜନୈତିକ କର୍ମୀ ଓ ରଚନାତ୍ମକ କର୍ମୀ ଭେଦରେ ଦୁଇ ପ୍ରକାର ସଦସ୍ୟଙ୍କୁ ନେଇ ଗଢ଼ିଉଠିଲା (୧୯୨୫) ଅଖିଳ ଭାରତ ଚରଖା ସଂଘ। ଗାନ୍ଧିଜୀଙ୍କ ସଭାପତିତ୍ୱରେ ପରିଚାଳିତ ଏହି ସଂଘରେ ରାଜନୈତିକ କର୍ମୀ ଭାବରେ ଜବାହରଲାଲ ନେହେରୁ, ସର୍ଦ୍ଦାର ବଲ୍ଲଭଭାଇ ପଟେଲ, ଡକ୍ଟର ରାଜେନ୍ଦ୍ର ପ୍ରସାଦ ଓ ରାଜ ଗୋପାଳଚାରୀ ସଦସ୍ୟ ରହିଲେ ଏବଂ ରଚନାତ୍ମକ କର୍ମୀ ଭାବରେ ସ୍ଥାନ ପାଇଲେ ଯମୁନାଲାଲ ବଜାଜ, ଗଙ୍ଗାଧର ରାଓ ଦେଶପାଣ୍ଡେ, ସତୀଶଚନ୍ଦ୍ର ଦାସଗୁପ୍ତା, ଶଙ୍କରଲାଲ ବ୍ୟାଙ୍କର, ମଣିଲାଲ କୋଠାର, କୋଣ୍ଡା ଭେଙ୍କଟୟାପ୍ପା ଓ ଶ୍ରୀକୃଷ୍ଣଦାସ ଜାଜୁ ପ୍ରମୁଖ ବିଶିଷ୍ଟ ଗାନ୍ଧିବାଦୀ ନେତା।

ଗାନ୍ଧିଜୀଙ୍କ ଦୃଷ୍ଟିରେ ଖଦି ବସ୍ତ୍ର କେବଳ ଏକ ରାଜନୈତିକ ଅସ୍ତ୍ର ନ ଥିଲା, ଅଧିକନ୍ତୁ ଏହା ଥିଲା ଏକ ସାଂସ୍କୃତିକ ବିଚାର ଓ ସ୍ୱାବଲମ୍ବନର ସୂତ୍ର। ଗାନ୍ଧିଜୀ ଜାଣିଥିଲେ ଖଦିବସ୍ତ୍ରର ପ୍ରସାର ବା ଚରଖା ଆନ୍ଦୋଳନର ମୂଳଭିତ୍ତି ହେଉଛି କପାଚାଷ। ଭାରତର ମୃତ୍ତିକା କପାଚାଷ ପାଇଁ ଅନୁକୂଳ। ବିଶେଷକରି ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଆଦି ରାଜ୍ୟରେ କପାଚାଷ ଉପରେ ନିର୍ଭର କରି ବଞ୍ଚନ୍ତି ଲକ୍ଷ ଲକ୍ଷ ଚାଷୀ। ଖଦିର ଚାହିଦା ବଢ଼ିଲେ ସେମାନେ ନିଜକୁ ଅଧିକ ସୁରକ୍ଷିତ ମଣିବେ ଏବଂ ସୁଦୃଢ଼ ହେବ ଦେଶର ଅର୍ଥନୀତି।



ଅର୍ଥାତ୍ ଅରଟ କିଛି ସାଧାରଣ ସାମଗ୍ରୀ ନୁହେଁ, ଏହା ଦାରିଦ୍ର୍ୟ ଦୂରୀକରଣର ଏକ ଅମୋଘ ଅସ୍ତ୍ର।

ଗାନ୍ଧିଜୀ କହୁଥିଲେ ମଣିଷର କର୍ମଶୂନ୍ୟ ସମୟକୁ ସର୍ଜନାପୂର୍ଣ୍ଣ ଓ ସଙ୍ଗୀତମୟ କରିଦେବା ନିମନ୍ତେ ଅରଟର ଶକ୍ତି ଅକଳ୍ପନୀୟ। ତେଣୁ ବିଦେଶୀ ବସ୍ତ୍ର ପରିବର୍ତ୍ତେ ହାତବୁଣା ଲୁଗା ପିନ୍ଧିବା ଦ୍ୱାରା ଦେଶର ଷାଠିଏ କୋଟି ଟଙ୍କା ରହିଯିବ, ଯାହା ଆମକୁ କର୍ମଚଞ୍ଚଳ କରିବା ସହିତ ଅର୍ଥନୀତି କ୍ଷେତ୍ରରେ ଆଣିବ ଆଶାନୁରୂପ ସୁଧାର। ଗାନ୍ଧିଜୀ କହୁଥିଲେ, ଖଦି କେବଳ ସ୍ୱଦେଶୀ ନିର୍ଭରଶୀଳତାର ପ୍ରତୀକ ନୁହେଁ, ଏହା ସତ୍ୟ, ଅହିଂସା ଓ ଶୁଦ୍ଧତାର ପ୍ରତୀକ। କୋଟିଏ ଲୋକ ଯଦି ଏକାସାଙ୍ଗରେ ଓ ଏକା ସମୟରେ ସୂତା କାଟିବେ, ତତ୍କାଳ ବଦଳିଯିବ ଭାରତର ଭାଗ୍ୟ। ଲବଣ ସତ୍ୟାଗ୍ରହ ବେଳେ ଗାନ୍ଧିଜୀ ସାବରମତୀ ଆଶ୍ରମ ଛାଡ଼ି ସେବାଗ୍ରାମ ଆଶ୍ରମରେ ଆସି ରହିଲେ ଏବଂ ସେବାଗ୍ରାମ ଆଶ୍ରମରୁ ଆରମ୍ଭ ହେଲା ଚରଖା ସଂଘର ନବ ସଂସ୍କରଣ। ଦ୍ରୁତ ଗତିରେ ବଢ଼ିଲା ଖଦି ବସ୍ତ୍ରର ବ୍ୟବହାର। ଓଡ଼ିଶାରେ ମଧ୍ୟ ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ଗଠନ ହେଲା 'ଉତ୍କଳ ଖଦିମଣ୍ଡଳ'।

ଅସହଯୋଗ ଆନ୍ଦୋଳନ କାଳରୁ ଖଦି ଓ ଖଦଡ଼ ପ୍ରତି ଓଡ଼ିଶାରେ ବଢୁଥିବା ଆଦରକୁ ଦେଖି ଚିର ଦୁର୍ଭିକ୍ଷ ପ୍ରପୀଡ଼ିତ ଓଡ଼ିଶା ଦେଶର ଖଦି ଭଣ୍ଡାର ହେଉ ବୋଲି ଚାହିଁଥିଲେ ଗାନ୍ଧିଜୀ। ଓଡ଼ିଶାବାସୀଙ୍କୁ ଏହି ବାର୍ତ୍ତା ଦେବାପାଇଁ ୧୯୨୭ ମସିହା ଡିସେମ୍ବରରେ ସେ ତୃତୀୟ ଥର ପାଇଁ ଓଡ଼ିଶା ଆସିଥିଲେ, ଯାହା ତାଙ୍କର ଖଦିଗସ୍ତ ନାମରେ ଖ୍ୟାତ। ସତର ଦିନର ଏହି ଗସ୍ତ (୫ରୁ ୨୧ ତାରିଖ) ଅବସରରେ ସେ ଖଦିର ଉପାଦେୟତା ଓ ଆବଶ୍ୟକତା ସମ୍ପର୍କରେ ଭାବଗର୍ଭକ ବକ୍ତବ୍ୟ ରଖିଥିଲେ ବ୍ରହ୍ମପୁର, ଛତ୍ରପୁର, ରସୁଲକୋଣ୍ଡା, ବେଲଗୁଣ୍ଠା, ଆସ୍କା, ଗୋବରା, ବଇରାଣି, ପୋଲସରା, ପୁରୁଷୋତ୍ତମପୁର, ଖଲ୍ଲିକୋଟ, କୋଦଳା, ରମ୍ଭା, ବାଣପୁର, ବୋଲଗଡ଼, ଖୋର୍ଦ୍ଧା, ଜଟଣୀ, ସାକ୍ଷୀଗୋପାଳ, ପୁରୀ, ବାଲେଶ୍ୱର, ଭଦ୍ରକ, ଚାରିବାଟିଆ ଓ କଟକ ଆଦି ଅନେକ ସ୍ଥାନରେ। ଗାନ୍ଧିଜୀଙ୍କ ବକ୍ତବ୍ୟରେ ପ୍ରଭାବିତ ହୋଇ ଓଡ଼ିଆମାନେ ଆଦରି ନେଇଥିଲେ 'କୁଟି ଖାଅ କାଟି ପିନ୍ଧ' ନୀତି। ତେଣୁ ଘରେ ଘରେ ଶୁଭୁଥିଲା ଅରଟର ଘର୍‌ଘର୍ ଶବ୍ଦ। ସେତେବେଳେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶିଳ୍ପ ସାଧନା ଥିଲା ଚରଖା ଆନ୍ଦୋଳନର ଏକ ଗବେଷଣାଗାର। ଏହା ବ୍ୟତୀତ ଖଦିର ପ୍ରାସଙ୍ଗିକତା ଓ ମହିମାକୁ ନେଇ ଓଡ଼ିଆ ସାହିତ୍ୟରେ ପ୍ରକାଶ ପାଇଥିଲା କେତେ କେତେ ବଚନ ଓ ବଖାଣ। କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ର, ବାଞ୍ଛାନିଧି ମହାନ୍ତି ଓ ବୀରକିଶୋର ଦାସ ପ୍ରମୁଖ କବିମାନେ ଥିଲେ ଏହି ପ୍ରୟାସର ଅଗ୍ରସାରଥି।

କାନ୍ତକବି ଲକ୍ଷ୍ମୀକାନ୍ତ ଲେଖିଥିଲେ ଏକା ଅରଟ ହିଁ ମୁକ୍ତିର ବାଟ। ବାସ୍ତବରେ ସେହି ଅରଟକୁ ଅସ୍ତ୍ର କରି ସ୍ୱାଧୀନ ହେଲା ଦେଶ। ବିଶ୍ୱ ଦେଖିଲା ମୁଠାଏ ଲୁଣ ଓ କେରାଏ ସୂତାରୁ ମିଳିଲା ଭାରତର ସ୍ୱାଧୀନତା। ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ପରେ ବି ସ୍ୱଦେଶୀ ନିର୍ଭରଶୀଳତାର ମହାନ୍ ବାର୍ତ୍ତା ପ୍ରଚାର ପାଇଁ ସେବାଗ୍ରାମ ଆଶ୍ରମରେ ଜାରି ରହିଛି ଚରଖାରେ ସୂତାକଟା ଓ ଖଦି କାର୍ଯ୍ୟକ୍ରମ। ଆମର ଜାତୀୟ ପତାକାଠାରୁ ଆରମ୍ଭ କରି ନଥିପତ୍ରର ଆଚ୍ଛାଦନ ପର୍ଯ୍ୟନ୍ତ ଖଦିର ବ୍ୟବହାର କହୁଛି ସେ ଏଯାଏ ହରେଇ ନାହିଁ ତାର ପ୍ରାସଙ୍ଗିକତା। କେବଳ ସ୍ୱଦେଶୀ ଓ ସ୍ୱାଧୀନତାର କଥା ନୁହେଁ, ଏକ ପରିବେଶ ଅନୁକୂଳ ପୋଷାକ ଭାବରେ ଏହା ସବୁକାଳ ପାଇଁ ସ୍ୱାସ୍ଥ୍ୟପକ୍ଷରେ ଅନୁକୂଳ। ବିଶେଷକରି ଆଜିର ଜଳବାୟୁ ପରିବର୍ତ୍ତନ ତଥା ବିଶ୍ୱ ଉତ୍ତାପନ ବୃଦ୍ଧି ପରିପ୍ରେକ୍ଷୀରେ ଅନ୍ୟ ଯେକୌଣସି ସିନ୍ଥେଟିକ୍ ବସ୍ତ୍ରଠାରୁ ଏହା ସର୍ବାଧିକ ଉପଯୋଗୀ। ପରିବେଶ ବିଜ୍ଞାନୀଙ୍କ ମତରେ ଭାରତର ସବୁ ଶିଳ୍ପଠାରୁ କପଡ଼ା ଶିଳ୍ପ ଅଧିକ ପ୍ରଦୂଷିତ ଏବଂ ବିଶ୍ୱସ୍ତରରେ ତେଲ ପରେ କପଡ଼ା ଶିଳ୍ପ ହେଉଛି ଦ୍ୱିତୀୟ ପ୍ରଦୂଷିତ ଉତ୍ସ। ତେଣୁ ବିକଳ୍ପ ଆଧୁନିକତା ଭାବରେ ଖଦିବସ୍ତ୍ରର ଚାହିଦା ବଢ଼ିବା ସ୍ୱାଭାବିକ। ଦିନକୁ ଦିନ କମୁଛି ସରକାରଙ୍କ ପକ୍ଷରୁ ଖଦିକୁ ମିଳୁଥିବା ସହାୟତା ରାଶି। ତେଣୁ ବର୍ଷର କିଛି ନିର୍ଦ୍ଦିଷ୍ଟ ସମୟକୁ ବାଦ୍ ଦେଲେ ଖଦିବୋର୍ଡ ଗ୍ରାହକଙ୍କୁ ଦେଇପାରୁନି ଆକର୍ଷଣୀୟ ରିହାତି। ବିଶେଷକରି ଦିଲ୍ଲୀ ଓ ମୁମ୍ବାଇ ଭଳି ସହରକୁ ଛାଡ଼ିଦେଲେ ପ୍ରାୟ ଅନ୍ୟତ୍ର ଉପଲବ୍ଧ ହୋଇପାରୁନି ଖାଣ୍ଟି ଖଦଡ଼ ଲୁଗା।

ଖଦି ଯେ କେବଳ ରାଜନେତାଙ୍କ ପୋଷାକ, ଏଭଳି ଧାରଣା ବଦଳିବା ଦରକାର। କାରଣ ବର୍ତ୍ତମାନର ଯୁବପିଢ଼ି ପାଇଁ ଖଦିରେ ବି ତିଆରି ହୋଇପାରିବ ବିଭିନ୍ନ ଡିଜାଇନର ପୋଷାକ। ଏହି ବାର୍ତ୍ତା ନେଇ ଆରମ୍ଭ ହୋଇଥିଲା ଖଦି ଫେଶନ ସୋ। ମାତ୍ର ଏହାକୁ ବ୍ୟାପକ କରିବା ପାଇଁ ଆବଶ୍ୟକ ବ୍ୟବସାୟିକ ସଂସ୍ଥାଗୁଡ଼ିକର ଆଗ୍ରହ ଓ ଆନ୍ତରିକତା। ସେମାନେ ଚାହିଁଲେ ଅନ୍ୟ ପୋଷାକ ଭଳି ଖଦିକୁ ନେଇ ନୂତନ ପ୍ରୟୋଗ ହୋଇପାରିବ ଏବଂ ବଜାରକୁ ଆସିପାରିବ ଯୁବପିଢ଼ିଙ୍କୁ ଆକୃଷ୍ଟ କଲାଭଳି ନୂଆ ଡିଜାଇନର ପୋଷାକ। ଅନ୍ୟଥା ଆମ ଉତ୍ତର ପିଢ଼ି ପାଇଁ ଖଦି ଆଉ ରହିବନି ସ୍ୱାଭିମାନର ପ୍ରତୀକ ହୋଇ।

**ଅବସରପ୍ରାପ୍ତ ଅଧ୍ୟକ୍ଷ, ଭଦ୍ରକ**
**ମୋ: ୬୩୭୧୬୪୨୪୬୪**

# ପିଲାଙ୍କ ଜୀବନ ହେଉ ସରସ



ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ

ଜନ୍ମ ହେଲା ଦିନଠୁ ମଣିଷଟିଏ ତା' ଜୀବନ ପଥରେ ଅବିଶ୍ରାନ୍ତ ଭାବେ ଧାଇଁଚାଲିଛି କେବଳ। ମାନସମ୍ମାନ, ଧନସମ୍ପତ୍ତି, ସୁଖସମୃଦ୍ଧି ପଛରେ ଧାଉଁଧାଉଁ ସରିଯାଉଛି ତା'ର ମହାର୍ଘ ସମୟ। ଏହା ଅବଶ୍ୟ ଆମେ ସମସ୍ତେ ଜାଣୁ ଯେ ଆମେ ଜିଉଥିବା ଏଇ ସମୟ ହେଉଛି ତୀବ୍ର ପ୍ରତିଯୋଗିତାର। ଘରେ ବାହାରେ, ଦେଶ ଦୁନିଆରେ ସବୁଠି ଚାଲିଛି ଏବେ ପ୍ରତିଯୋଗିତା। କମର୍ ତୋଡ୍ ପ୍ରତିଯୋଗିତା। ଛାତିଥରା ପ୍ରତିଯୋଗିତା। ଯିଏ ଜିତିଲା ସିଏ ସିକନ୍ଦର୍। ଏଣୁ ଭାଇବନ୍ଧୁ, ସାଙ୍ଗସାଥୀ କେହି ବି ବାଦ୍ ପଡୁନାହାନ୍ତି ଏଇ ପ୍ରତିଯୋଗିତାର ଗଣଦୌଡ଼ରୁ। ସ୍ୱାର୍ଥ ପାଇଁ ସବୁ ଖେଳ। ଆପଣାର ସ୍ୱାର୍ଥସିଦ୍ଧି ପାଇଁ ଏଠି ସମସ୍ତେ ଜଣେ ଜଣେ ପୋଖତ ପ୍ରତିଯୋଗୀ। ଯେଉଁଠି ପ୍ରତିଯୋଗିତା, ସେଇଠି ନ ଥାଏ କୌଣସି ସମ୍ପର୍କର ମୂଲ୍ୟ। ସେଥିପାଇଁ ଯେତେ ନିକଟ ସମ୍ପର୍କୀୟ କି ଘନିଷ୍ଠ ହୋଇଥିଲେ ହେଁ ଜଣେ ଆଉ ଜଣକୁ ଟପିଯିବା ପାଇଁ ହେଉଛି ସଦାସର୍ବଦା ବ୍ୟାକୁଳ। କିଏ କାହାକୁ କେତେ ପଛରେ ପକେଇ ପାରିଲା, ସେଇଠୁ ନିର୍ଦ୍ଧାରିତ ହେଉଛି ମଣିଷଟିର ସଫଳତା ଆଉ ପାରିବାପଣ। ଅନେକଙ୍କ ମୁଣ୍ଡ ଉପରେ ପାଦଥାପି ହେଉପଛେ, ଯିଏ ଯେତେ ଉଚ୍ଚକୁ ଉଠିପାରିଲା, ସିଏ ସେତେ ବଡ଼ଲୋକ ହେଲା, ମହାନ୍ ବୋଲାଇଲା।

ଚୋରି ହେଉ କି ଡକାୟତି, ରାହାଜାନି ହେଉ କି ଦୁର୍ନୀତି, ନ୍ୟାୟ ହେଉ କି ଅନ୍ୟାୟ, ଯେମିତି ପନ୍ଥାରେ ହେଉପଛେ, ଯିଏ ଯେତେ ଅଧିକ ଧନ ଉପାର୍ଜନ କରିପାରିଲା, ସିଏ ସେତେ ଅଧିକ ମାନ୍ୟତା ପାଇଲା, ସେତିକି ସମ୍ମାନର ଅଧିକାରୀ ହୋଇପାରିଲା ଆଜିକାର ଦେଶ ଦୁନିଆରେ, ଜାତି ସମାଜରେ। ଜ୍ଞାନ କି ଆଦର୍ଶ ନୁହେଁ, ଏଇ ଧନ ହିଁ ହେଉଛି ଆଜିକାର ସମୟରେ ବଡ଼ଲୋକ ବା ମହାନ୍ ବ୍ୟକ୍ତିତ୍ୱ ହେବାର ମାପକାଠି। ଠନ୍‌ଠନ୍ ଗୋପାଳା ହିଁ ସବୁକିଛି। ଯାହା ହାତରେ ଏଇ ମହାପ୍ରଭୁ ନାହାନ୍ତି, ସେ ଜଣକ ଯେତେ ଜ୍ଞାନୀଗୁଣି ହୋଇଥିଲେ ହେଁ ପଇସାଟାକର ମାନ୍ୟବେଭାର ପାଇ ପାରୁନାହିଁ କେଉଁଠି ହେଲେ। ଏହାକୁ ଦୃଷ୍ଟିରେ ରଖି ପ୍ରତିଯୋଗିତାରେ ମାତିଛନ୍ତି ସମସ୍ତେ। ତା'ସହିତ ଅନେକଙ୍କୁ ପଛରେ ପକାଇ ଅଧିକରୁ ଅଧିକ ମାତ୍ରାରେ ଧନ ଉପାର୍ଜନ କରିବା ପାଇଁ ହେଉ କି କ୍ଷମତା ହାସଲ କରିବା ଲାଗି ହେଉ, ସମସ୍ତେ ହେଉଛନ୍ତି ଅତ୍ୟନ୍ତ ବିକଳ। ଏଥି ସକାଶେ ଆପଣା ଆପଣାର ବୁଦ୍ଧି ବିବେକକୁ ଜଳାଞ୍ଜଳି ଦେବାକୁ ମଧ୍ୟ ପଶ୍ଚାତ୍‌ପଦ ହେଉନାହାନ୍ତି। ଯେହେତୁ ଆମ ସମସ୍ତଙ୍କ ଅଜ୍ଞାତ ସାରରେ କେବେଠୁ ଗୋଟେ ସୁସ୍ଥ ପ୍ରତିଯୋଗିତା ରୂପାନ୍ତରିତ ହୋଇଗଲାଣି କଠୋର ପ୍ରତିଦ୍ୱନ୍ଦ୍ୱିତାରେ। ତେଣୁ କାହାକୁ ହତ୍ୟା କରିବା ପାଇଁ କି ମଉକା ଦେଖି ଅପଦସ୍ଥ କରିବା ପାଇଁ ମଧ୍ୟ ପଶ୍ଚାତ୍‌ପଦ ହେଉନାହାନ୍ତି ଆଜିକାର ତଥାକଥିତ ସଭ୍ୟ ଶିକ୍ଷିତ ମଣିଷମାନେ।

ଆମ ଜାଣତରେ ହେଉ କି ଅଜାଣତରେ, ଏଇ ପ୍ରତିଯୋଗିତାର ଶତରଞ୍ଜ ଖେଳର ମୋହରା ହୋଇଯାଉଛନ୍ତି ଆମ ପିଲାମାନେ। ସତ କହିବାକୁ ଗଲେ ଏହାର ପ୍ରମୁଖ ତଥା ପ୍ରଥମ କାର୍ପଟଦାର୍ ହେଉଛନ୍ତି ସେଇ ହତଭାଗ୍ୟ ପିଲାମାନଙ୍କର ଉଚ୍ଚାଭିଳାଷୀ ମା'ବାପାମାନେ। ସେମାନେ କେବେହେଲେ ଦୃଷ୍ଟିପାତ କରୁନାହାନ୍ତି ପିଲାଙ୍କ ଶକ୍ତି କି ସାମର୍ଥ୍ୟ ଉପରେ। ବରଂ ସେମାନଙ୍କୁ ନେଇ ବହୁତ ବଡ଼ବଡ଼ ସ୍ୱପ୍ନ ଦେଖିବାକୁ ଆରମ୍ଭ କରି ଦେଉଛନ୍ତି ପିଲାଟିର ଜନ୍ମ ପରକ୍ଷଣଠାରୁ। ଏପରି ସ୍ୱପ୍ନ, ଯାହାକୁ



ସାକାର କରିବା ଅତ୍ୟନ୍ତ କଠିନ ବ୍ୟାପାର। ତାଙ୍କ ପିଲାଟା ଯଦି ଜନ୍ମହେବା କ୍ଷଣି ଏକାଥରକେ ଖୁବ୍ ଧନୀ ହୋଇଯାଆନ୍ତା କି ବହୁତ ବଡ଼ ବିଦ୍ୱାନ୍ ହୋଇଯାଆନ୍ତା, ନତୁବା ଡାକ୍ତର ଇଞ୍ଜିନିୟର କି ଆଇଏଏସ୍ ଅଫିସର ହୋଇ ପୁଳାପୁଳା ଅର୍ଥ ଉପାର୍ଜନ କରିପାରନ୍ତା, ତେବେ ଖୁବ୍‌ଭଲ ହୁଅନ୍ତା ବୋଧହୁଏ! କିନ୍ତୁ ଏହା କ'ଣ ସମ୍ଭବ? ମଞ୍ଜିରୁ ଅଙ୍କୁରିତ ହେଉଁ ହେଉଁ କେବେ କ'ଣ ଫୁଲ କି ଫଳ ଦେଲାଣି କେଉଁ ଗଛ ଯେ ଏହା ସମ୍ଭବ ହେବ? ଏ ପ୍ରକାର ସ୍ୱପ୍ନ ସମ୍ପୂର୍ଣ୍ଣ ଅବାସ୍ତବ। ଏ କଥା ପିଲାଟିର ଭାଇବନ୍ଧୁ, ମା'ବାପା, ଗୁରୁ ଗୁରୁଜନ ସମସ୍ତେ ଜାଣନ୍ତି। ତଥାପି ସେମାନଙ୍କ ଅହେତୁକ ସ୍ୱପ୍ନକୁ ସାକାର କରିବା ପାଇଁ ଆରମ୍ଭ ହୋଇଯାଉଛି କାମନାର ଯଜ୍ଞ, ଯହିଁରେ ବଳିର ବୋଦା ହେବାକୁ ପଡୁଛି ବିଚରା ଛୁଆମାନଙ୍କୁ। ଫଳରେ ଆଜିକାଲି ମୂଳରୁ ନଷ୍ଟ ହୋଇଯାଉଛି ସେମାନଙ୍କର ଶୈଶବ ତଥା ବାଲ୍ୟ ଚପଳତା।

ଆଜିକାର ପିଲାମାନଙ୍କର ଆପଣାର ରୁଚି କି ପସନ୍ଦ ବୋଲି କିଛି ନାହିଁ। ସବୁକିଛି ନିୟନ୍ତ୍ରିତ ହେଉଛି ସେମାନଙ୍କ ଅଭିଭାବକମାନଙ୍କ ଦ୍ୱାରା। ଗଧପିଠିରେ ବୋଝ ଲଦିଲା ପରି ପିଲାଙ୍କ ଉପରେ ଲଦି ଦିଆଯାଉଛି ମା'ବାପାଙ୍କ ଇଚ୍ଛା ଏବଂ ସ୍ୱପ୍ନର ବୋଝ। ତେଣୁ ବଗିଚାର ଫୁଲଗଛଟିଏ ପଲ୍ଲବିତ ହେଲା ପରି ପୂର୍ଣ୍ଣ ବିକଶିତ ହୋଇପାରୁ ନାହିଁ ସେମାନଙ୍କ ପ୍ରତିଭା, ସୁଜ୍ଞାନ ଆଉ ସୁଗୁଣ। ଯେହେତୁ ପରୀକ୍ଷାରେ ସର୍ବୋଚ୍ଚ ମାର୍କ ପ୍ରାପ୍ତି ହେଉଛି ପିଲାଟିର ସଫଳତାର ପରିମାପକ। ତେଣୁକରି ପିଲାଙ୍କ ମାନସିକ ତଥା ବୌଦ୍ଧିକ ଶକ୍ତିର ଯଥୋଚିତ ବିକାଶ ପାଇଁ ମାତା ପିତାମାନେ ଅତ୍ୟନ୍ତ ଯତ୍ନଶୀଳ ହେବା ଛାଡ଼ି କେବଳ ସ୍କୁଲପାଠ ଭିତରେ ଆବଦ୍ଧ କରିରଖୁଛନ୍ତି ସେମାନଙ୍କୁ। ସାଙ୍ଗସାଥୀ ମେଳ କି ଜାତିଜାତିକା ଖେଳ, କିଛି ବି ଜୁରୁନି ସେମାନଙ୍କ ଭାଗ୍ୟରେ। ଯେତେବେଳେ ଦେଖିବ ଖାଲି ପାଠ ଆଉ ପାଠ। ସ୍କୁଲବହିକୁ ଛାଡ଼ିଦେଲେ, ଆଉ ଅନ୍ୟ କେଉଁ ସ୍ଥାନରୁ କି ଅନ୍ୟ କାହା ପାଖରୁ, କ'ଣ କିଛି ବି ଶିଖିବାକୁ ମିଳିବ ନାହିଁ ଆମ ପିଲାମାନଙ୍କୁ? ହେଲେ ସେଥିପ୍ରତି ଦୃଷ୍ଟି ଦେଉଛି କିଏ?

ଏବେ ଗାମଲାରେ ବନ୍‌ସାଇ ଗଛ ଲଗେଇବା ହେଉଛି ଆଧୁନିକ ସଭ୍ୟ ମଣିଷଙ୍କ ଏକ ସଉକ। ଏମିତି ବାମନ ଗଛଟିରେ ଫୁଲ ଫୁଟିଲେ କେତେ ଅବା ଫୁଟିବ? ଫଳିବ ଅବା କେତେ? ଯେଉଁ ଗଛଟି ମାଟି ପାଇଲେ ବିଶାଳ ହୋଇ ବଢ଼ିପାରେ, ଅନେକଙ୍କ ସେବାରେ ଲାଗିପାରେ, ସେଇ ଗଛଟିକୁ ଗାମଲାରେ ରଖି ଯେତେ ଯତ୍ନକଲେ କି ଖତସାର ଦେଇ ବଢ଼ାଇଲେ, ବଢ଼ି ପାରିବ କେତେ? ଏମିତି ଗଛଟିଏ କେଉଁ ପକ୍ଷୀକୁ ବାସ ଦେଇପାରିବ ନା ଗ୍ରାସ ଦେଇପାରିବ କାହାକୁ? ବନ୍‌ସାଇ ଗଛର ଦୟନୀୟ ଅବସ୍ଥା ଭଳି ଆଜିକାଲି ଅତ୍ୟନ୍ତ ଦୟନୀୟ ହୋଇଯାଉଛି ଆମ ପିଲାଙ୍କର ଅମୂଲ୍ୟ ଜୀବନ। କେବଳ ଘର ଭିତରେ ସୀମିତ କରି ରଖାଯାଉଛି ସେମାନଙ୍କୁ। ଏହା ହିଁ ସବୁଠାରୁ ବଡ଼ ଚିନ୍ତାର ବିଷୟ। ତଥାପି କେହି ସଚେତନ ହେଉନାହାନ୍ତି କି ଦୃଷ୍ଟି ଦେଉନାହାନ୍ତି ଏଥିପ୍ରତି। ଘର ସଜେଇବା ପାଇଁ ହୁଏତ ଖୁବ୍ ମନଲୋଭା ଦେଖାଯାଇପାରେ ବନ୍‌ସାଇ ଗଛ, ବଜାରରେ ଉଚ୍ଚ ମୂଲ୍ୟଯୁକ୍ତ ମଧ୍ୟ ହୋଇପାରେ, ହେଲେ ପରିବେଶ ପାଇଁ ଏହା କେତେ ଉପଯୋଗୀ? ଧୀରମନ ସ୍ଥିର ଚିତ୍ତରେ ଏହା କେହି କେବେ ବିଚାର କରିଛନ୍ତି କି? ବନ୍‌ସାଇ ଗଛର ଛାଇ କୌଣସି କାମକୁ ନୁହେଁ। ଏତକ ବୁଝୁଛନ୍ତି କି ସଭ୍ୟ ମଣିଷମାନେ। ପିଲାଙ୍କ ଜୀବନ ହେଉ ସରସ ସୁନ୍ଦର। ସେମାନଙ୍କୁ ସମ୍ବେଦନଶୀଳ ସୁନାଗରିକ କରି ଗଢ଼ିତୋଳିବା ହେଉ ଆମ ସମସ୍ତଙ୍କ ଧ୍ୟେୟ।

**ଭାରତୀ କୁଟୀର, ଦୁଙ୍ଗୁରିପାଲି, ସୁବର୍ଣ୍ଣପୁର**
**ମୋ–୮୨୪୯୮୦୭୨୬୨**

## ଏଇ ଭାରତରେ

୧୦୦ ବର୍ଗଫୁଟ ଜାଗାରେ ଚାଷ କରି ଲକ୍ଷାଧିକ ଟଙ୍କା ରୋଜଗାର କରିବା ବିଷୟ ଶୁଣି ଆଶ୍ଚର୍ଯ୍ୟ ଲାଗୁଥିବ। ହେଲେ ଏହା ସତ୍ୟ। ନୋଏଡାର ଅବସରପ୍ରାପ୍ତ ଇଂ ରମେଶ ଗେରା ୧୦୦ ବର୍ଗଫୁଟ ଘରେ କେସର ଚାଷ କରି ଅନେକ ଲକ୍ଷ ଟଙ୍କା ରୋଜଗାର କରିବା ସହ ଅନ୍ୟମାନଙ୍କୁ ଏହି ଚାଷ ସମ୍ପର୍କରେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ୧୯୮୦ରେ ଏନ୍‌ଆଇଟି କୁରୁକ୍ଷେତ୍ରରୁ ଇଲେକ୍ଟ୍ରିକାଲ ଇଞ୍ଜିନିୟରିଂରେ ଡିଗ୍ରୀ ହାସଲ କରିଛନ୍ତି। ଦୀର୍ଘ ୩୫ ବର୍ଷ ଚାକିରି କରିବା ପରେ ଅବସର ନେଇ ଏବେ ଏହି ଚାଷ କରୁଛନ୍ତି ୬୪ ବର୍ଷୀୟ ରମେଶ। ଭାରତର କଶ୍ମୀରରେ କେବଳ କେସର ଚାଷ ହେଉଛି। କିନ୍ତୁ ରମେଶଙ୍କ ଏହି ସଫଳତା ଅନେକଙ୍କୁ କୌଣସି ସ୍ଥାନରେ କେସର ଚାଷ କରିବାର ବାଟ ଦେଖାଇଛି। ସେ ଦକ୍ଷିଣ କୋରିଆରୁ ଅତ୍ୟାଧୁନିକ କୃଷି ସମ୍ପର୍କରେ ଶିକ୍ଷା କରିବା ପରେ ଏହି ଚାଷ କରୁଛନ୍ତି। କେସର ଚାଷ ପାଇଁ ଗୋଟିଏ ପର୍ଯ୍ୟାୟରେ ୪ ମାସ ସମୟ ଲାଗୁଛି ଓ ଏହି ସମୟରେ କେସର ଉତ୍ପାଦନ ହୋଇପାରୁଛି। ଚାଷ ପାଇଁ ଅଧିକ ଖର୍ଚ୍ଚ କହିଲେ କେବଳ ବିଦ୍ୟୁତ୍ ଖର୍ଚ୍ଚ ଯାହା ୪ରୁ ୫ ହଜାର ପଡୁଛି। ପ୍ରଥମେ ସେ ୪ ଲକ୍ଷ ମଞ୍ଜିକୁ ୨ ଲକ୍ଷ ଟଙ୍କା ଦେଇ କଶ୍ମୀରରୁ ଆଣିଥିଲେ। ଉତ୍ପାଦନ ପରେ ସେ ୧ କେଜି କେସରକୁ ୨.୫ ଲକ୍ଷ ଟଙ୍କାରେ ବିକୁଛନ୍ତି ଏବଂ ଖୁଚୁରାରେ ବିକିଲେ ୩.୫ ଲକ୍ଷ ଟଙ୍କା ପାଉଛନ୍ତି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଏପ୍ରିଲ ୧୯୯୮

- ଜାପାନ ପ୍ରଧାନମନ୍ତ୍ରୀ ରୁତାରୋ ହାସିମୋତୋ ଦେଶରେ ଟିକସ କାଟ ଯୋଜନା ଘୋଷଣା କରିଛନ୍ତି।
- ସୌଦିଆରବର ମକ୍କାଠାରେ ହଜ ଯାତ୍ରାର ଅନ୍ତିମ ଦିବସରେ ଦଳାଚକଟା ଘଟି ଶତାଧିକ ମୁସଲିମ୍ ତୀର୍ଥଯାତ୍ରୀଙ୍କର ପ୍ରାଣହାନୀ।
- ପଳାତକ ଅପରାଧୀ ଘୋଷିତ ଆସାମ ମିଳିତ ମୁକ୍ତି ସାମ୍ମୁଖ୍ୟ (ଉଲ୍‌ଫା)ର ଉପାଧ୍ୟକ୍ଷ ପ୍ରଦୀପ ଗୋଗୋଇ ଗିରଫ।

## ଚିରନ୍ତନୀ

ଜୀବନର ଭାବନାରେ ବହିଯାଏ ମୋର ପ୍ରତିକ୍ଷଣ,
ନାହିଁ ବେଳ କରିବାକୁ ମୁକ୍ତି ଅବା ମୃତ୍ୟୁର ଚିନ୍ତନ,
ଲଭିଅଛି ଯେ ସମ୍ପଦ ଏ ମର ଜୀବନେ,
ମିଳଇ ସେ କେବେ କେଉଁ ଅମର ଭୁବନେ?
ଏ ଜୀବନେ ଲଭିଛି ଯେ ନିଧି
ତୁଚ୍ଛ କରିଦିଏଁ ସ୍ୱର୍ଗ ସିଦ୍ଧି,
ଭୋଗିବାକୁ ତାହା
ବେଳ ନାହିଁ, ଆହା!
କିବା ଲୋଡ଼ା
ସ୍ୱର୍ଗ ଯୋଡ଼ା? –(ପୁରୀ–ମନ୍ଦିର)

–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su | do | ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| | | | | | | | 1 | |
| 7 | | | | | 1 | 9 | | |
| | 5 | | | | 3 | 7 | | 6 |
| | | 2 | | 5 | | | | |
| 5 | | | 1 | 4 | 9 | | | |
| | 3 | | | | 7 | | | 1 |
| | | | 2 | | | | 7 | |
| | 9 | 3 | | | | 5 | | |
| | | | | | 4 | | 3 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 9 | 6 | 8 | 4 | 7 | 3 | 1 | 5 | 2 |
| 2 | 4 | 7 | 1 | 6 | 5 | 9 | 3 | 8 |
| 1 | 5 | 3 | 2 | 9 | 8 | 6 | 7 | 4 |
| 7 | 1 | 9 | 3 | 2 | 4 | 5 | 8 | 6 |
| 6 | 8 | 2 | 9 | 5 | 7 | 3 | 4 | 1 |
| 4 | 3 | 5 | 8 | 1 | 6 | 7 | 2 | 9 |
| 8 | 9 | 6 | 7 | 3 | 2 | 4 | 1 | 5 |
| 3 | 2 | 1 | 5 | 4 | 9 | 8 | 6 | 7 |
| 5 | 7 | 4 | 6 | 8 | 1 | 2 | 9 | 3 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶିକାରୀଙ୍କ କବ୍‌ଜାରେ ବଜ୍ରକାପ୍ତା

ମହାଶୟ,

ବଜ୍ରକାପ୍ତା ଶିକାର ବଢ଼ିଚାଲିଛି। ଅନେକ ଦେଶରେ ଆଇନ ଅନୁଯାୟୀ ବଜ୍ରକାପ୍ତାର ମାଂସ, କାତି ଓ ଚମଡ଼ା ପାଇଁ ଶିକାରୀମାନେ ଏହି ଜୀବଙ୍କୁ ହତ୍ୟା କରୁଛନ୍ତି। ଗତ ୨୦ ବର୍ଷରେ ବଜ୍ରକାପ୍ତା ଅବୈଧ କାରବାର ବୃଦ୍ଧି ପାଇଛି। ସଂରକ୍ଷିତ ସ୍ତନ୍ୟପାୟୀ ପ୍ରାଣୀଙ୍କ ତାଲିକାରେ ସର୍ବାଧିକ ବ୍ୟବସାୟ ବା ଆମଦାନୀ–ରପ୍ତାନି ହେଉଥିବା ପ୍ରାଣୀଙ୍କ ମଧ୍ୟରେ ବଜ୍ରକାପ୍ତା ପ୍ରମୁଖ। ଚାଇନାର ପାରମ୍ପରିକ ଔଷଧ ପାଇଁ ଏସୀୟ ପ୍ରଜାତିର ବଜ୍ରକାପ୍ତା ବହୁ ସଂଖ୍ୟାରେ ହ୍ରାସ ପାଇଯାଇଛନ୍ତି। ଆମ ରାଜ୍ୟରେ ଅନେକ ସମୟରେ ବଜ୍ରକାପ୍ତ ଚୋରାଚାଲାଣ ଧରାପଡୁଛି। ହେଲେ ଫଳ କିଛି ହେଉନାହିଁ। ବନ୍ୟପ୍ରାଣୀ ସୁରକ୍ଷା ଆଇନକୁ ଆହୁରି କଡ଼ାକଡ଼ି କରି ଶିକାରୀ ତଥା ଚୋରା ଚାଲାଣକାରୀମାନଙ୍କୁ ରୋକାଯାଇପାରିବ। ଏଭଳି ଯଦି ଏହି ବିଲୁପ୍ତପ୍ରାୟ ବନ୍ୟପ୍ରାଣୀ ବଜ୍ରକାପ୍ତାର ଶିକାର ବଢ଼ିଚାଲିବ ଜୈବ ବିବିଧତା ଉପରେ ପ୍ରଭାବ ନିଶ୍ଚୟ ପଡ଼ିବ।

**–ଇଂ. ସତ୍ୟନାରାୟଣ ମାଝି, ଏକତାଳୀ, ଯଶିପୁର, ମୟୂରଭଞ୍ଜ,**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଆଜି କ'ଣ କେଉଁଠି

ଭୁବନେଶ୍ୱର
- ବିଶ୍ୱ ହୋମିଓପାଥି ଦିବସ, ଅଭିନ୍ନଚନ୍ଦ୍ର ମେଡିକାଲ କଲେଜ ଏବଂ ହସ୍ପିଟାଲ ପରିସର, ପୂର୍ବାହ୍ନ ୧୦ଟା।
- ରାଜ୍ୟ ପେନ୍‌ସନର୍ସ ଫାଉଣ୍ଡେଶନ ପକ୍ଷରୁ ଧାରଣା, କଲେକ୍ଟର ଅଫିସ ସମ୍ମୁଖ, ପୂର୍ବାହ୍ନ ୧୧ଟା।
- ଓଡ଼ିଶା ପାଠାଗାର ମହାସଂଘ ପକ୍ଷରୁ ବାର୍ଷିକ ସମ୍ମିଳନୀ, ରେଡ୍‌କ୍ରସ ଭବନ,ଅପରାହ୍ନ ୩ଟା।
- ୨୧ତମ ଏକାମ୍ର ନୃତ୍ୟ ମହୋତ୍ସବ-୨୦୨୩, ଉତ୍କଳ ରଙ୍ଗମଞ୍ଚ, ଅପରାହ୍ନ ୪ଟା।
- ଅଷ୍ଟବିଂଶ ବାର୍ଷିକ ଉତ୍ସବ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ନୀଳାଦ୍ରିବିହାର, ସନ୍ଧ୍ୟା ୬ଟା।
- ୧୧ତମ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ସମାରୋହ 'ରାଗମାଳା', ସୂଚନା ଭବନ, ସନ୍ଧ୍ୟା ୬ଟା ୩୦।

ବାଲିଅନ୍ତା
- ରାମଲୀଳାର ନାଟକ ସୀତା ଠାବ, କାକରୁଦ୍ରପୁର ପତିତପାବନ ମନ୍ଦିର ନିକଟ ପଡ଼ିଆ, ରାତି ୧୧ଟା ୩୦।
- ରାମଲୀଳାର ନାଟକ ସୀତାଚୋରି, ଗୋଟଲବିନ୍ଧା ସୀତା ରାମେଶ୍ୱର ମନ୍ଦିର ସମ୍ମୁଖ, ରାତି ୧୧ଟା ୩୦।
- ରାମଲୀଳାର ନାଟକ ବାଳିବଧ, ବେଣୁପୁର ରାମଲୀଳା ପଡ଼ିଆ, ରାତି ୧୧ଟା ୩୦।

କଟକ
- ପ୍ରାଇଭେଟ୍ ହୋମିଓପାଥିକ୍ ପ୍ରାକ୍ଟିଶନର ଆସୋସିଏଶନ୍‌ର ୮ମ ବାର୍ଷିକ ସମ୍ମିଳନୀ, ଶହୀଦ ଭବନ, ପୂର୍ବାହ୍ନ ୧୦ଟା।

ବଡ଼ମ୍ବା
- ଜିଲାପାଳଙ୍କ ଜନଶୁଣାଣି ଶିବିର, ବଡ଼ମ୍ବା ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପୂର୍ବାହ୍ନ ୧୧ଟା।

ପୁରୀ
- ଭକ୍ତକବି ସାଲବେଗ ସାଂସ୍କୃତିକ ପରିଷଦ ପକ୍ଷରୁ ସାଲବେଗଙ୍କ ମହାପ୍ରୟାଣ ଉପଲକ୍ଷେ ସାରସ୍ୱତ ସଭା, ଭକ୍ତସାଲବେଗ ପୀଠ, ପୂର୍ବାହ୍ନ ୧୦ଟା ୩୦।
- କିରନ ଜ୍ୟୋତି ସଙ୍ଗୀତ ପରିଷଦ ପକ୍ଷୀରୁ ଓଡ଼ିଆ ନଦୀଆ ସଂକୀର୍ତ୍ତନ ଉନ୍ମୋଚନ ଉତ୍ସବ, ଶ୍ୟାମ ସୁନ୍ଦର ମଠ ପୂର୍ବାହ୍ନ ୧୧ଟା।
- ବୀଣାପାଣି ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ଅପରାହ୍ନ ୫ଟା ୩୦।

## ଫେରାର କଏଦୀ ଧରାପଡ଼ିଲେ

**ବାରଙ୍ଗ,୯।୪(ଡି.ଏନ୍.ଏ.):** ଜାମୁଝରିସ୍ଥିତ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରୁ ପ୍ରାତଃ ଭ୍ରମଣରେ ଯାଇ ଫେରାର ହୋଇଯାଇଥିବା ଜଣେ କଏଦୀଙ୍କୁ ପୋଲିସ ଗିରଫ କରି ରବିବାର କୋର୍ଟଚାଲାଣ କରିଛି। ସେ ହେଲେ ସୁନ୍ଦରଗଡ଼ ହେମଗିରି ଥାନା ଅଧୀନ ବାଙ୍ଗୁର କୋଲଗ୍ରାମର ନବୀନ ପାତ୍ର। ପ୍ରକାଶ ଯେ, ୨୩ ଡିସେମ୍ବର ୨୦୨୨ରେ ବିଜୁ ପଟ୍ଟନାୟକ ମୁକ୍ତାକାଶ କାରାଶ୍ରମରେ ଆଜୀବନ କାରାଦଣ୍ଡରେ ଦଣ୍ଡିତ ହୋଇ ସଜା କାଟୁଥିବା ନବୀନ ଏବଂ ତାଙ୍କର ଅନ୍ୟ ଜଣେ ସହଯୋଗୀଙ୍କ ସହ ପ୍ରାତଃ ଭ୍ରମଣରେ ଯାଇ ଆଶ୍ରମକୁ ଆଉ ଫେରି ନ ଥିଲେ। ଆଶ୍ରମ ସୁପରିଣ୍ଟେଣ୍ଡେଣ୍ଟ ସରୋଜ କୁମାର ବିଶ୍ୱାଳ ଉଭୟଙ୍କୁ ଖୋଜାଖୋଜି କରିଥିଲେ ମଧ ସନ୍ଧାନ ପାଇ ନ ଥିଲେ। ଏନେଇ ସେ ଚନ୍ଦକା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଏକ ମାମଲା (ନଂ.୩୧୩/୨୨)ରୁଜୁକରି ତଦନ୍ତ ଆରମ୍ଭ କରିଥିଲା। ଗତ ୭ ତାରିଖରେ ବିଶେଷ ସୂତ୍ରରୁ ଖବରପାଇ ଚନ୍ଦକା ପୋଲିସ ଲେମ୍ପିପଡା ଥାନାଧିକାରୀଙ୍କ ସହାୟତାରେ ନବୀନଙ୍କୁ ଗିରଫ କରିଥିଲା। ଥାନାରେ ପଚରାଉଚରା ପରେ ନବୀନ ତାଙ୍କ ଦୋଷ ସ୍ୱୀକାର କରିଥିଲେ। ରବିବାର ପୋଲିସ ନବୀନଙ୍କୁ ଗିରଫ କରିଥିଲା।

# ୧୧ ବର୍ଷରେ ୧୦ ହଜାର ଶିଶୁଙ୍କ ସୁରକ୍ଷିତ ଜନ୍ମ

## ପ୍ରତିଷ୍ଠା ଦିବସ ପାଳିଲା ଜଗନ୍ନାଥ ହସ୍ପିଟାଲ

- ଶୂନ ଶିଶୁ ଓ ମାତୃମୃତ୍ୟୁ ହାର
- ନିଓନୋଟାଲ କ୍ଷେତ୍ରରେ ୯୮% ସଫଳ

ଭୁବନେଶ୍ୱର, ୯।୪ (ବ୍ୟୁରୋ)



ପ୍ରତିଷ୍ଠା ଉତ୍ସବରେ ଅତିଥି ଭାବେ ଯୋଗଦେଇଥିବା ବିଶେଷଜ୍ଞମାନେ।

୨୦୧୨ରେ ଭୁବନେଶ୍ୱରରେ ପ୍ରତିଷ୍ଠା ହୋଇଥିବା ଜଗନ୍ନାଥ ହସ୍ପିଟାଲ ଇତି ମଧ୍ୟରେ ସଫଳତାର ୧୧ବର୍ଷ ଅତିକ୍ରମ କରିଛି। ରବିବାର ହସ୍ପିଟାଲର ୧୧ତମ ପ୍ରତିଷ୍ଠା ଦିବସ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସକାଳେ ଆୟୋଜିତ ସମ୍ମିଳନୀରେ ରାଜ୍ୟର ବିଭିନ୍ନ ଅଞ୍ଚଳରୁ ପେଡିଆଟ୍ରିକ୍ ସ୍ପେଶିଆଲିଷ୍ଟମାନେ ଯୋଗଦେଇ ଶିଶୁଙ୍କ କ୍ଷେତ୍ରରେ ଦେଖା ଦେଉଥିବା ବିଭିନ୍ନ ସଂକ୍ରମଣ, ସ୍ୱାସ୍ଥ୍ୟ ସମସ୍ୟା ଓ ଚିକିତ୍ସା ଆଦି ଉପରେ ଆଲୋକପାତ କରିଥିଲେ। ଇଣ୍ଡିଆନ୍ ଏକାଡେମୀ ଅଫ୍ ପେଡିଆଟ୍ରିକ୍ସ (ଆଇଏପି)ର ସଭାପତି ଡା. ଉପେନ୍ଦ୍ର କିଞ୍ଜାୱାଡେକର ଯୋଗଦେଇ ଶିଶୁଙ୍କ କ୍ଷେତ୍ରରେ ବ୍ୟାକ୍ଟେରିଆକୁ କିପରି ସଫଳ ଭାବେ ମୁକାବିଲା କରାଯାଇ ପାରିବ ସେନେଇ ତଥ୍ୟାତ୍ମକ ମତ ରଖିଥିଲେ। ଆଇଏପିର ୨୦୨୪ ପାଇଁ ସଭାପତି ଭାବେ ମନୋନୀତ ହୋଇଥିବା ଡା. ଜି.ଭି. ବାଶଭାରାଜ୍ ଯୋଗଦେଇ ଭାଇରାଲ ସଂକ୍ରମଣର ସ୍ପେକ୍ଟ୍ରମ ଉପରେ ଆଲୋକପାତ କରିଥିଲେ। ପେଡିଆଟ୍ରିକ୍ କାର୍ଡିଓଲୋଜି ଡା. ହେମନ୍ତ କୁମାର ନାୟକ ନବଜାତ ଶିଶୁଙ୍କ କ୍ଷେତ୍ରରେ ହୃଦ୍‌ଘାତ ସମ୍ପର୍କରେ ତଥ୍ୟ ରଖିଥିଲେ। କୋଲକାତାର ଡା. ଜୟଦୀପ ଚୌଧୁରୀଙ୍କ ସମେତ ଅନ୍ୟ ଅତିଥି ଡାକ୍ତରମାନେ ବିଭିନ୍ନ ଶିଶୁ ରୋଗ ଓ ତାହାର ଚିକିତ୍ସା ଉପରେ ଆଲୋଚନା କରିଥିଲେ। ପରେ ସନ୍ଧ୍ୟାରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

ହସ୍ପିଟାଲର ମ୍ୟାନେଜିଂ ଡାଇରେକ୍ଟର ଅରିଜିତ୍ ମହାପାତ୍ର କହିଛନ୍ତି, ଜଗନ୍ନାଥ ହସ୍ପିଟାଲ ସହରରେ ପ୍ରଥମକରି ଲେଭଲ-୩ ସୁପର ସ୍ପେଶାଲ ପେଡିଆଟ୍ରିକ୍ ହସ୍ପିଟାଲ ଭାବେ ଚିକିତ୍ସା ସେବା ଯୋଗାଇଥିଲା। ଏଠାରେ ନ୍ୟୁରୋଲୋଜି ପେଡିଆଟ୍ରିକ୍, କାର୍ଡିଓ ପେଡିଆଟ୍ରିକ୍, ସର୍ଜରୀ, ହେମାଟୋଲୋଜି, ଅର୍ଥୋପେଡିକ୍ ଭଳି ସମସ୍ତ ବିଭାଗର ପେଡିଆଟ୍ରିକ୍ ସ୍ପେଶାଲିଷ୍ଟମାନେ ଅଛନ୍ତି। ସ୍ତ୍ରୀ ଓ ପ୍ରସୂତି ରୋଗ ଚିକିତ୍ସା କ୍ଷେତ୍ରରେ ସମସ୍ତ ପ୍ରକାର ଉନ୍ନତମାନର ଅସ୍ତ୍ରୋପଚାର ବା ଲାପ୍ରୋସ୍କୋପି, ହାଇରିସ୍କ ପ୍ରେଗ୍‌ନାନ୍ସି (ସମୟ ପୂର୍ବରୁ ପିଲାଙ୍କର ଜନ୍ମ) ଚିକିତ୍ସା ମଧ ସଫଳତାର ସହ କରାଯାଏ। ଏଠାରେ ମାସକୁ ପ୍ରାୟ ୧୦୦ଟି ଡେଲିଭରି କରାଯାଉଛି। ୧୧ବର୍ଷ ମଧ୍ୟରେ ପ୍ରାୟ ୧୦ହଜାର ଶିଶୁଙ୍କ ସୁରକ୍ଷିତ ଜନ୍ମ କରାଯାଇଛି। ସରକାରଙ୍କ ଦ୍ୱାରା ପ୍ରଦତ୍ତ ସମସ୍ତ ଗାଇଡ୍‌ଲାଇନ୍‌କୁ ପାଳନ କରାଯାଇ ଚିକିତ୍ସା କରାଯାଉଛି। ଓଡ଼ିଶାରେ ପୂର୍ବାପେକ୍ଷା ଶିଶୁ ଓ ମାତୃ ମୃତ୍ୟୁହାର କମିଛି। ତେବେ ହସ୍ପିଟାଲରେ ଏହି ହାର ଶୂନ ବା ଏଭଳି କୌଣସି କେସ୍ ହୋଇନାହିଁ। ଅପରପକ୍ଷେ ଏଠାରେ ନିଓନୋଟାଲ (ପ୍ରି ମାଚ୍ୟୁର ବା ଜଟିଳ କେସ) ସର୍ଭାଇଭାଲ ଖୁବ୍ ଭଲ ରହିଛି। ଏ କ୍ଷେତ୍ରରେ ହସ୍ପିଟାଲ ୯୮ ପ୍ରତିଶତ ସଫଳତା ହାସଲ କରିଥିବା ଡା. ମହାପାତ୍ର କହିଛନ୍ତି। ହସ୍ପିଟାଲର ଡାଇରେକ୍ଟର ଡା. ବିଶ୍ୱଜିତ୍ ମିଶ୍ର କହିଛନ୍ତି, ହସ୍ପିଟାଲକୁ ଆସୁଥିବା ପ୍ରତ୍ୟେକ ରୋଗୀଙ୍କୁ ଆମେ ଉତ୍ତମ ଚିକିତ୍ସା ସହିତ ସ୍ୱତନ୍ତ୍ର ସେବା ଯୋଗାଇ ଦେଉଛୁ। ଏଠାରେ ୧୨ଟି ନ୍ୟୁବର୍ନ ଆଇସିୟୁ ବେଡ୍ ଓ ୪ଟି ପିଆସିୟୁ ବେଡ୍ ରହିଛି। ସେହିପରି ହସ୍ପିଟାଲରେ ୨୪ଘଣ୍ଟିଆ ପେଡିଆଟ୍ରିକ୍ ଓ ଗାଇନିକ୍ ସେବା ଉପଲବ୍ଧ ହେଉଛି। କୋଭିଡ୍ ସମୟରେ ଅନ୍ୟ ହସ୍ପିଟାଲଗୁଡିକରେ ଡେଲିଭରି କରୁ ନ ଥିବାବେଳେ ଏଠାରେ ୬ ମାସରେ ୫୦ଟି ଡେଲିଭରି କରାଯାଇଥିବା ଡା. ମିଶ୍ର କହିଛନ୍ତି।


ପୁରୀ ବାଲିସାହି ପକ୍ଷରୁ ସାହିଯାତରେ ଶନିବାର ରାତିରେ ବାହାରିଥିବା ମା' କାଳୀ ତାଙ୍କ ମୁଖରୁ ଅଗ୍ନି ଉଦ୍‌ଗୀରଣ କରୁଛନ୍ତି। (ଫଟୋ- ଯଜ୍ଞେଶ୍ୱର)

## ୧୭ରେ ଆନ୍ଦୋଳନକୁ ଓହ୍ଲାଇବ ଓଡିଶା ଫାର୍ମାସିଷ୍ଟ ସଂଘ

ଭୁବନେଶ୍ୱର, ୯।୪ (ବ୍ୟୁରୋ)

୧୨ ଦଫା ଦାବି ନେଇ ଆସନ୍ତା ୧୭ ତାରିଖରେ ଓଡିଶା ଫାର୍ମାସିଷ୍ଟ ସେବା ସଂଘ ଆନ୍ଦୋଳନକୁ ଓହ୍ଲାଇବ। ରବିବାର ସେକ୍ରେଟାରୀଏଟ୍ ଆସୋସିଏସନ ଭବନଠାରେ ଅନୁଷ୍ଠିତ ସାଧାରଣ ପରିଷଦ ବୈଠକରେ ଏହି ନିଷ୍ପତ୍ତି ହୋଇଛି। ଉକ୍ତଦିନ ଓଡିଶାର ସମସ୍ତ ସରକାରୀ ନିରାମୟ କେନ୍ଦ୍ର ଓ ବେସରକାରୀ ଔଷଧ ଦୋକାନ ବନ୍ଦ ରହିବ। ଯେଉଁମାନେ କାର୍ଯ୍ୟ କରିବେ ସେମାନେ ନିଶ୍ଚିତ ଭାବେ ଅଣଫାର୍ମାସିଷ୍ଟ ହୋଇଥିବେ ଓ ସେମାନେ ଔଷଧ ବଣ୍ଟନ କଲେ ରୋଗୀଙ୍କର ଯାହା ଅସୁବିଧା ହେବ ସେଥିପାଇଁ ଫାର୍ମାସିଷ୍ଟମାନେ ଦାୟୀ ରହିବେ ନାହିଁ ବୋଲି ସଂଘ ସମ୍ପାଦକ ଶ୍ରୀକାନ୍ତ ଜେନା କହିଛନ୍ତି। ଅପରପକ୍ଷେ ଅଣଫାର୍ମାସିଷ୍ଟଙ୍କୁ ଚିହ୍ନଟ କରି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି।

## ଝାରପଡ଼ା ଜେଲରେ ପରେଡ୍

# ଅଭିଯୁକ୍ତଙ୍କୁ ଚିହ୍ନିଲେ ନୂଆ ଏସ୍ଆଇ

ଭୁବନେଶ୍ୱର,୯।୪ (ବ୍ୟୁରୋ)


ପରେଡ଼ରେ ସାମିଲ ହୋଇଥିବା ପୋଲିସ ଅଧିକାରୀ ଓ କର୍ମଚାରୀମାନେ।

ଭୁବନେଶ୍ୱର ସହାରଞ୍ଚଳ ଜିଲା ପୋଲିସ (ୟୁପିଡି) ପକ୍ଷରୁ ରବିବାର ଝାରପଡ଼ା ସ୍ୱତନ୍ତ୍ର ଜେଲରେ ବିଚାରଧୀନ କଏଦୀଙ୍କ ପରେଡ କରାଯାଇଛି। ଏହି ପରେଡରେ ଭୁବନେଶ୍ୱରରେ ନବନିଯୁକ୍ତ ୩୯ଜଣ ଏସ୍ଆଇ ଅଭିଯୁକ୍ତଙ୍କୁ ଚିହ୍ନିଥିଲେ। ଏସ୍ଆଇଙ୍କ ସମେତ ୫୨ଜଣ ପୋଲିସ ଅଧିକାରୀ ଏହି ପରେଡ୍‌ରେ ଭାଗ ନେଇଥିଲେ। ବିଶେଷକରି ଏସ୍ଆଇମାନେ ଗତ ୧ରୁ ୭ ତାରିଖ ମଧ୍ୟରେ ସମ୍ପତ୍ତିଗତ ମାମଲାରେ ଜେଲ୍‌ରେ ଥିବା ୨୭ଜଣ ଅଭିଯୁକ୍ତଙ୍କୁ ପ୍ରତ୍ୟକ୍ଷ ଚିହ୍ନିଥିଲେ। ଏଥିସହ ଗତ ସପ୍ତାହରେ ଜେଲରୁ ମୁକୁଳିଥିବା ଅଭିଯୁକ୍ତଙ୍କ ତଥ୍ୟ ମଧ ରଖିଥିଲେ। ସେହିପରି ପୋଲିସ ଅଧିକାରୀମାନେ ଜେଲରେ ଥିବା ପୁରୁଣା ଅଭିଯୁକ୍ତଙ୍କୁ ଚିହ୍ନିଥିଲେ। ତେବେ ପ୍ରତି ରବିବାର ଜେଲ ପରେଡ କରାଯାଉଥିବାବେଳେ ମାସରେ ୨ଥର ଏଭଳି ସମସ୍ତଙ୍କୁ ନେଇ କାର୍ଯ୍ୟକ୍ରମ କରିବାକୁ ଲକ୍ଷ ରଖାଯାଇଥିବା ଅତିରିକ୍ତ ଡିସିପି ପ୍ରକାଶ ଚନ୍ଦ୍ର ପାଲ କହିଛନ୍ତି। ଏହି ପରେଡ୍ ଦ୍ୱାରା ଅଭିଯୁକ୍ତଙ୍କୁ ପରବର୍ତ୍ତୀ ସମୟରେ ପୋଲିସ ଅଧିକାରୀମାନେ ଚିହ୍ନି ପାରିବେ ବୋଲି ସେ କହିଛନ୍ତି।

ପୋଲିସ ମାନୁଆଲ ଅନୁଯାୟୀ, ଜେଲରେ ରହୁଥିବା ଅଭିଯୁକ୍ତଙ୍କ ଉପରେ ପ୍ରତ୍ୟେକ ଥାନାର ଅଧିକାରୀ ନଜର ରଖିବାର ନିୟମ ରହିଛି। ବିଶେଷକରି ଚୋରି, ଲୁଟ୍, ଡ଼କାୟତି ଭଳି ମାମଲାରେ ସମ୍ପୃକ୍ତ ଥିବା ଅଭିଯୁକ୍ତଙ୍କ ସଂକ୍ରାନ୍ତରେ ପୋଲିସ ତଥ୍ୟ ରଖିବ। ଏଥିସହ ପ୍ରତ୍ୟେକ ସପ୍ତାହରେ ଜେଲକୁ କେତେ ଅଭିଯୁକ୍ତ ଆସିଲେ ଓ କେତେ ମୁକୁଳିଲେ ସେନେଇ ତଥ୍ୟ ରଖିବାର ନିୟମ ରହିଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com


@ ରବୀନ୍ଦ୍ର


@ ଦେବୁପ୍ରସାଦ


@ ଗଣେଶ


@ ସୁନୀଲ


@ ଶୁଭମ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟ ବିବେଚିତ ଫଟୋ ପ୍ରକାଶ ପାଇବ।

## ରାଜ୍ୟରେ ଆଉ ୯୭ କରୋନା ସଂକ୍ରମିତ ଚିହ୍ନଟ

ଭୁବନେଶ୍ୱର, ୯।୪ (ବ୍ୟୁରୋ)



ରାଜ୍ୟରେ କରୋନା ସଂକ୍ରମଣ ଧୀରେ ଧୀରେ ବଢ଼ିବାରେ ଲାଗିଛି। ଗତ ୨୪ ଘଣ୍ଟାରେ ୪୯୪୮ଟି ନମୁନା ଟେଷ୍ଟ ହୋଇଥିବାବେଳେ ସେଥିରୁ ଆଉ ୯୭ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଅନ୍ୟପକ୍ଷରେ ୨୯ଜଣ ସଂକ୍ରମିତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ନୂତନ ସଂକ୍ରମିତଙ୍କୁ ମିଶାଇ ଏବେ ରାଜ୍ୟରେ ୫୫୬ଜଣ ସକ୍ରିୟ ଆକ୍ରାନ୍ତ ରହିଥିବା ସୂଚନା ମିଳିଛି।



ଟାଇଗର ପ୍ରୋଜେକ୍ଟର ୫୦ତମ ପୂର୍ତ୍ତି ଅବସରରେ ବ୍ୟାଘ୍ର ସଂରକ୍ଷଣ ସଚେତନତା ନେଇ ରବିବାର ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲୁକା କଳା।


ଭୁବନେଶ୍ୱର ଲୋହିଆ ଏକାଡେମୀଠାରେ ରବିବାର ସାମାଜିକ ଅନୁଷ୍ଠାନ ପ୍ରୟାସର ୧୬ତମ ବାର୍ଷିକ ବୈଠକ ଏବଂ ଅନାଥ ତଥା ଅସହାୟ ପିଲାଙ୍କୁ ସହାୟତା ପ୍ରଦାନ ଅବସରରେ ଅତିଥି ଓ ଅନ୍ୟମାନେ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ସୋମବାର, ୧୦ ଏପ୍ରିଲ, ୨୦୨୩



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୪।୨୦୨୩

| | |
|---|---|
| ୬,୫୩,୬୦୮ ଟଙ୍କା | |
| ସୁନା | ୭୫୦ ମିଲିଗ୍ରାମ୍ |
| ରୁପା | ୨.୨୦୦ ଗ୍ରାମ୍ |

## ସଂକ୍ଷେପରେ

### ଚୋରାମଦ ବିକ୍ରିକୁ ବିରୋଧ କରି ଲୋକଙ୍କ ଉନ୍ମତ୍ତକାଣ୍ଡ

ନିମାପଡ଼ା,୯।୪(ଡି.ଏନ୍.ଏ.)- ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ମୁସଲମାନ ବସ୍ତି ନିକଟରେ ଚାଲିଥିବା ବେଆଇନ ଚୋରା ଦେଶୀ ମଦ କାରବାରକୁ ବିରୋଧ କରି ସ୍ଥାନୀୟ ଉତ୍ତ୍ୟକ୍ତ ଲୋକେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଲୋକେ ବିରୋଧ କରି ଏସ୍.କେ ହାରୁନ୍ ନାମକ ଜଣେ ବ୍ୟକ୍ତିଙ୍କ ପାନ ଦୋକାନ ପାଖରେ ଶନିବାର ହୋହଲ୍ଲା କରିଥିଲେ। ଉତ୍ତ୍ୟକ୍ତ ଲୋକଙ୍କ ମଧ୍ୟରୁ ୫/୭ ଜଣ ଯୁବକ ହାରୁନଙ୍କ ପାନ ଦୋକାନରେ ପଶି ଫ୍ରିଜ୍, ଟିଭି, ଫ୍ୟାନ୍, ଚୋରା ଦେଶୀ ମଦପେଟି ସମେତ ବିଭିନ୍ନ ଆସବାବପତ୍ର ଭଙ୍ଗାରୁଜା, ଫିଙ୍ଗାଫୋପଡ଼ା କରିଥିଲେ। ଏଥିସହ ତାଙ୍କ ସ୍ତ୍ରୀ ନୁଝୁରୀ ବିବିଙ୍କୁ ଗାଳିଗୁଲଜ କରି ମାଡ଼ମାରି ବିଭିନ୍ନ ଧମକଚମକ ଦେଇଥିଲେ। ଦୋକାନରୁ ୧୦ ହଜାର ଟଙ୍କା ଲୁଟିନେଇଥିବାବେଳେ ଭଙ୍ଗାରୁଜାରେ ଦୋକାନର ୧ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଏନେଇ ନୁଝୁରୀ ୫ ଆକ୍ରମଣକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବସ୍ତି ନିକଟ ରାସ୍ତାକଡ଼ରେ ଦୀର୍ଘଦିନ ଧରି ଅବାଧରେ ମଦ କାରବାର ଚାଲିଥିବାବେଳେ ସେଠାରେ ନିଶାସକ୍ତଙ୍କ ଉପଦ୍ରବ ବଢ଼ିବାରେ ଲାଗିଥିଲା। ଏଥିଯୋଗୁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ପ୍ରତିକାର ବ୍ୟବସ୍ଥା କରା ନ ଯିବାରୁ ଲୋକମାନେ ଅତିଷ୍ଠ ହୋଇ ଏପରି ପଦକ୍ଷେପ ନେଇଥିଲେ। ଆକ୍ରମଣର ଶିକାର ହୋଇ ନୁଝୁରୀ ବିବି ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

### ୫୬ ମଇଁଷି ଉଦ୍ଧାର, ଡ୍ରାଇଭର ଫେରାର

ଖୋର୍ଦ୍ଧା ଅଫିସ,୯।୪: ଗତ କିଛିଦିନର ନୀରବତା ପରେ ପୁଣି ୧୬ ନମ୍ବର ଜାତୀୟ ରାଜପଥରେ ଗୋରୁ ମାଫିଆ ମାତିଛନ୍ତି। ଖୋର୍ଦ୍ଧା ସଦର ଥାନା ପୋଲିସ ଏକ ଢାବା ନିକଟରୁ ୫୬ ମଇଁଷି ବୋଝେଇ ଗାଡିକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୧୭/୨୩) ରୁଜୁ ହୋଇଛି। ପୋଲିସ ଉଦ୍ଧାର ମଇଁଷିକୁ ନୟାଗଡ଼ସ୍ଥିତ ଏକ ଗୋଶାଳାକୁ ପଠାଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋରୁ ବୋଝେଇ ଗାଡି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଖବରପାଇ ଏକ ଟିମ୍ ରାଜପଥରେ ଛକି ରହିଥିଲେ। ରାସ୍ତା ଉପରେ ପୋଲିସକୁ ଦେଖି ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ପୋଲିସ ମଇଁଷିଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ସେମାନଙ୍କର ସେବା ପରେ ନୟାଗଡର ଏକ ଗୋଶାଳାକୁ ପଠାଯାଇଥିଲା।

# ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଅସମ୍ଭାଳ ଭିଡ଼

ପୁରୀ ଅଫିସ, ୯।୪:

ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି। ବଡ଼ଦାଣ୍ଡରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇଥିବାବେଳେ ମରିଚିକୋଟ ଛକ ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ସେହିପରି ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥିଲା। ପୁରୀରେ ଭକ୍ତ ତଥା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ମରିଚିକୋଟ ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ନାଲିରଙ୍ଗର ମ୍ୟାଟ୍ ପକାଯାଇଛି। ଯାହାଫଳରେ ପ୍ରବଳ ଖରାରେ ଭକ୍ତମାନଙ୍କ ଗୋଡ଼ ତାତିବ ନାହିଁ। ଭକ୍ତମାନେ ଅନେକ ସମୟ ଧରି ବଡ଼ଦାଣ୍ଡରେ ଠିଆହୋଇ ରହିଥିବା ଦେଖିବାକୁ ମିଳିଥିଲା। ଶନିମନ୍ଦିର ଛକଠାରୁ ଧାଡ଼ି ଲମ୍ବିଥିଲା। କେତେଜଣ ଭକ୍ତ ପାଣି ନ ପାଇ ଡହଳବିକଳ ହୋଇଥିଲେ।

ଅପରପକ୍ଷେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଏସ୍‌ପି କନଓ୍ୱର ବିଶାଲ ସିଂଙ୍କ ସହ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା। ଏସ୍‌ପି ନିଜେ ଭକ୍ତଙ୍କ ସହ ଆଲୋଚନା କରିଥିଲେ। ପ୍ରବଳ ଗହଳି କାରଣରୁ ଯେପରି ଭକ୍ତଙ୍କର କୌଣସି ସମସ୍ୟା ନ ଉପୁଜେ କିମ୍ବା ଆହତ ନ ହୁଅନ୍ତି ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ନିଆରା ଢଙ୍ଗରେ ଅର୍ଥାତ ମାନବ ଶୃଙ୍ଖଳ ମଧ୍ୟରେ ଭକ୍ତଙ୍କୁ ବାରିକେଡ ମଧ୍ୟରେ



ଭକ୍ତମାନଙ୍କୁ ପୋଲିସ ଅଧିକାରୀ ଶୃଙ୍ଖଳିତ ଭାବେ ଯିବାକୁ ପରାମର୍ଶ ଦେଉଛନ୍ତି ।

### ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସର ମାନବ ଶୃଙ୍ଖଳ

ଦର୍ଶନ ପାଇଁ ଛଡ଼ାଯାଇଥିଲା। ଭକ୍ତମାନେ ଯେପରି ଦୌଡ଼ାଦୌଡ଼ି କରି ଯାଇପାରିବେ ନାହିଁ ସେଥିପାଇଁ ଭକ୍ତମାନଙ୍କ ଆଗରେ ପୋଲିସ କର୍ମଚାରୀମାନେ ମାନବ ଶୃଙ୍ଖଳ କରି ଚାଲି ଚାଲି ଯାଇଥିଲେ। ଭକ୍ତମାନେ ସେମାନଙ୍କ ପଛେ ପଛେ ବ୍ୟାରିକେଡ ଦେଇ ଯାଇଥିଲେ। ଜଣେ ଅତିରିକ୍ତ ଏସ୍‌ପି, ୨ ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର ଏବଂ ୧୫ଜଣ ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ନିୟୋଜିତ ରହିଥିଲେ। ଅପରପକ୍ଷରେ ପ୍ରବଳ ଜନ ସମାଗମ କାରଣରୁ ପୁରୀରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ଫଳରେ ଟ୍ରାଫିକ ଡିଏସ୍‌ପି, ଇନ୍ସପେକ୍ଟର ଓ ପୋଲିସ କର୍ମଚାରୀମାନେ ଟ୍ରାଫିକ ସମସ୍ୟା ଦୂର ପାଇଁ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା।

# ସତ୍ୟସାଇ ସେବା ସମିତି, ପୁରୀ ଶାଖାର ସୁବର୍ଣ୍ଣ ଜୟନ୍ତୀ



ସତ୍ୟସାଇ ସେବା ସମିତି ପକ୍ଷରୁ ବାହାରିଥିବା ଶୋଭାଯାତ୍ରା ।

ପୁରୀ ଅଫିସ, ୯।୪:

ତିନିଦିନ ଧରି ଶ୍ରୀକ୍ଷେତ୍ରରେ ଚାଲିଥିବା ସତ୍ୟସାଇ ସେବା ସମିତି, ପୁରୀ ଶାଖାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍ଥାନରୁ ସାଇଭକ୍ତମାନେ ଯୋଗଦେଇଥିଲେ। ରାଧାବଲ୍ଲଭ ମଠ ମହନ୍ତ ରାମକୃଷ୍ଣ ଦାସଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ତିନିଦିନ ଧରି ବାଲ୍ ବିକାଶ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଭକ୍ତି ସଙ୍ଗୀତ ପରିବେଷଣ କରାଯାଇଥିଲା। ଏହି ଅବସରରେ ସତ୍ୟସାଇ ସେବା ସଙ୍ଗଠନର ରାଜ୍ୟ ସଭାପତି ଡ. ସତ୍ୟସ୍ୱରୂପ ପଟ୍ଟନାୟକ ଯୋଗଦେଇ 'ସାଇ କୈବଲ୍ୟ' ପତ୍ରିକାକୁ ଉନ୍ମୋଚନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତିର ପୂର୍ବମଣ୍ଡଳ ସଭାପତି ନାରାୟଣ ପ୍ରସାଦ ଯୋଗଦେଇଥିଲେ। ୫୦ଜଣ ଗୁରୁଜନ, ବୟୋଜ୍ୟେଷ୍ଠ ସାଇଭକ୍ତଙ୍କୁ ପୂଜନ କରାଯାଇଥିଲା। ସେହିପରି କାର୍ଯ୍ୟକ୍ରମର ଉଦ୍‌ଯାପନୀ ଦିବସରେ ଶୋଭାଯାତ୍ରାରେ ସତ୍ୟସାଇ ବାବାଙ୍କ ପ୍ରତିମୂର୍ତ୍ତି ନଗର ପରିକ୍ରମା କରାଯାଇଥିଲା। କାର୍ଯ୍ୟକ୍ରମରେ ଅତିଥି ଭାବେ ଉପଜିଲାପାଳ ଭବତାରଣ ସାହୁ ଯୋଗଦେଇ ଶୋଭାଯାତ୍ରାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ୫୦ଜଣଙ୍କୁ ପ୍ରସାଦ ଓ ବସ୍ତ୍ର ବଣ୍ଟନ କରାଯାଇଥିଲା। ସୁବର୍ଣ୍ଣ ଜୟନ୍ତୀ କାର୍ଯ୍ୟକ୍ରମରେ ପ୍ରାକ୍ତନ ରାଜ୍ୟ ସଭାପତି ପ୍ରଫେସର ହରିକୃଷ୍ଣ ଦାଶ, ରାଜ୍ୟ ସେବା ସଂଯୋଜକ ରମାକାନ୍ତ ଦାଶ, ସନାତନ ସାରଥିର ସମ୍ପାଦକ ଡ. ସୁଧାଂଶୁ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତ କାର୍ଯ୍ୟକ୍ରମକୁ ଜିଲା ସାଇ ସଙ୍ଗଠନର କର୍ମକର୍ତ୍ତାମାନେ ପରିଚାଳନା କରିଥିଲେ।



ପିପିଲିର ଇନ୍‌ଫୋର୍ସ ଏକାଡେମୀ ପକ୍ଷରୁ ସମ୍ବର୍ଦ୍ଧିତ କୃତୀ ଛାତ୍ରୀଛାତ୍ରମାନେ ।

# 'ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣିଦିଏ'

ପିପିଲି,୯।୪(ସ୍ୱ.ପ୍ର.):

ପିପିଲିର ଇନଫୋର୍ସ ଏକାଡେମୀ ପକ୍ଷରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ସ୍ଥାନୀୟ ମାଣିକ ଗାର୍ଡେନଠାରେ ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜେପ୍ରାଟେକ ନିର୍ଦ୍ଦେଶକ ଇଂ.ଜେନାମଣି ଆଶିଷ ରଞ୍ଜନ ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳତାର ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ। ଦୃଢ ଇଚ୍ଛାଶକ୍ତି ସର୍ବଦା ସଫଳତା ଦିଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଓଡିଶା ପୋଲିସ

### ଇନ୍‌ଫୋର୍ସ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଶୁକଲାଲ୍ ମୁଣ୍ଡା, ଅବସରପ୍ରାପ୍ତ ସିଆର୍‌ପିଏଫ୍ ନକୁଳ ମହାପାତ୍ର, ଅବସରପ୍ରାପ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଭଗବାନ ପରିଡା, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀରେ ପ୍ରଶିକ୍ଷଣ ପାଇ ଜିଲା ଓଡିଶା ପୋଲିସରେ ୨୪ଜଣ, କମିଶନରେଟ ପୋଲିସରେ ୫ଜଣ, ଅବକାରୀ ବିଭାଗରେ ୨ଜଣ କନଷ୍ଟେବଲ ଓ ସବ୍‌ଇନ୍ସପେକ୍ଟର ଜଣେ, ଟ୍ରାଫିକ ପୋଲିସରେ ୨ଜଣ, ଜେଲ ଓ୍ୱାର୍ଡରରେ ଜଣେ, ରେଲ୍‌ୱେ ଗ୍ରୁପ ଡିରେ ୬ଜଣ, ଏସ୍‌ଏସ୍‌ସି ଜିଡିରେ ଜଣେ ମୋଟ ୪୩ଜଣ କୃତିତ୍ୱ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷକ ଜ୍ୟୋତିପ୍ରକାଶ ସାହୁ, ସିଦ୍ଧେଶ୍ୱର ବେହେରା, ସରୋଜ ମହାନ୍ତି, ସୌମ୍ୟରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, କାଳୁ ଚରଣ ପ୍ରମୁଖଙ୍କୁ ଦକ୍ଷ ପ୍ରଶିକ୍ଷକଭାବେ ମଧ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀପକ କୁମାର ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ପୁରାତନ ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।





ଓଡ଼ିଶା କଲେଜ କର୍ପୋରେଶନ ଲିମଟେଡ୍ ପକ୍ଷରୁ ପୁରୀ ଗୋପାଳପୁରଠାରେ ସହର ପରିକ୍ରମା ପାଇଁ ବାହାରିଥିବା ଡିଜିଟାଲ୍ ସାକ୍ଷରତା ସଚେତନତା ରଥ ।

# ଶାନ୍ ଆଗ୍ରୋ ଇଣ୍ଡଷ୍ଟ୍ରିଜର ଉଦଘାଟନୀ ଉତ୍ସବ

### ନୂତନ ୱେବସାଇଟ୍ ଉନ୍ମୋଚିତ

ପୁରୀ ଅଫିସ, ୯।୪:

ପୁରୀ ସଦର ବ୍ଲକ ଅଧୀନ ଶାସନ ଦାମୋଦରପୁର ପଞ୍ଚାୟତରେ ୨୦୨୨ ମସିହାରେ ଗଢି ଉଠିଥିବା ଶାନ୍ ଆଗ୍ରୋ ଇଣ୍ଡଷ୍ଟ୍ରିଜର ଉଦଘାଟନୀ ଉତ୍ସବ ରବିବାର ସ୍ଥାନୀୟ ବଡଦାଣ୍ଡସ୍ଥିତ ତାଜ ରେସିଡେନ୍ସଠାରେ ଅନୁଷ୍ଠିତ ହୋଇଯାଇଛି। ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବରିଷ୍ଠ ଆଇନଜୀବୀ ଅନିଲ କୁମାର ରାୟ ଏବଂ ସମ୍ମାନିତ ଅତିଥି ଭାବେ ଶାସନ ଦାମୋଦର ପୁର ସରପଞ୍ଚ ରଜେଶ ଦାଶ ଯୋଗଦାନ କରିଥିଲେ। ସମଗ୍ର ରାଜ୍ୟର ଚାଷୀଙ୍କୁ ଧାନଚାଷ ପାଇଁ ଉନ୍ନତ କିସମର ବିହନ ସହ ଯନ୍ତ୍ରପାତି, ବୈଷୟିକ ସହାୟତା, ଜୈବିକ ସାର ଯୋଗାଇବା ଉପରେ ଏହି ଇଣ୍ଡଷ୍ଟ୍ରି କାର୍ଯ୍ୟ କରିବ। ବର୍ତ୍ତମାନ ଏହି ଇଣ୍ଡଷ୍ଟ୍ରି ରାଜ୍ୟର ମୟୂରଭଞ୍ଜ, ଅନୁଗୋଳ, ଭଦ୍ରକ, ବାଲେଶ୍ୱର, ପୁରୀ ଜିଲାରେ କାର୍ଯ୍ୟ କରୁଛି। ଇଣ୍ଡଷ୍ଟ୍ରି ପକ୍ଷରୁ ନୂତନ ଋଷୀୟ ଜ୍ଞାନ କୌଶଳରେ ଜାନ୍ ଗ୍ରାନୁଲ ଉତ୍ପାଦନ ପ୍ରସ୍ତୁତ କରାଯାଇଛି। ଏହା ଏଭଳି ମୃର୍ତ୍ତିକା କଣ୍ଡିସନର ଯାହା ଧାନ, ଗହମ, ମକା, ଆଖୁ, ବାଜରା, ଡାଲି ଜାତୀୟ ଫସଲର ମ୍ୟାଜିକ ଭଳି କାମ କରେ। ଇଣ୍ଡଷ୍ଟ୍ରିର ଧାନ ବିହନ ବ୍ୟବହାର କରି ଚାଷୀ ବେଶ୍ ଉପକୃତ ହୋଇଥିବାରୁ ଆଗାମୀ ଦିନରେ ରାଜ୍ୟର ପ୍ରତ୍ୟେକ ଜିଲାରେ ଚାଷୀଙ୍କୁ ନେଇ ଚାଷୀ ସମ୍ମିଳନୀ ଆୟୋଜନ କରିବାକୁ ଲକ୍ଷ୍ୟ ରଖାଯାଇଛି ବୋଲି ଆୟୋଜକ ମାନେ ମତବ୍ୟକ୍ତ କରି କହିଥିଲେ। ଉଦ୍‌ଘାଟନ ଅବସରରେ ଇଣ୍ଡଷ୍ଟ୍ରିର ୱେବସାଇଟ୍ ଲୋକାର୍ପିତ ହୋଇଥିଲା। ଏହି ୱେବସାଇଟ୍ ଦ୍ୱାରା ଚାଷୀମାନେ ସମସ୍ତ ପ୍ରକାର ଉପାଦେୟ ତଥ୍ୟ ପାଇପାରିବେ ବୋଲି ଖବରଦାତା ସମ୍ମିଳନୀରେ ଆୟୋଜକମାନେ ସୂଚନା ଦେଇ କହିଥିଲେ। ଅନୁଷ୍ଠାନର ପରିଚାଳକ ଦିନେଶ ଦାସ, ସୂର୍ଯ୍ୟ ନାରାୟଣ ମିଶ୍ର ଏବଂ ସସ୍ମିତା ସାହୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନ କରିବା ସହ ବିଭିନ୍ନ ଦିଗ ଉପରେ ବିବରଣୀ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ଜିଲାରୁ ବ୍ୟକ୍ତିବିଶେଷମାନେ ଯୋଗଦାନ କରିଥିଲେ।

# ବିଶ୍ୱ ହିନ୍ଦୁ ପରିଷଦର ଶ୍ରୀରାମାବତରଣ ଉତ୍ସବ



ଉତ୍ସବ ଓ ଧର୍ମସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ନିମାପଡ଼ା,୯।୪(ଡି.ଏନ୍.ଏ.)

ବିଶ୍ୱ ହିନ୍ଦୁ ପରିଷଦ ନିମାପଡ଼ା ପ୍ରଖଣ୍ଡ ପକ୍ଷରୁ ଶ୍ରୀରାମାବତରଣ ଉତ୍ସବ ଓ ଏକ ଧର୍ମସଭା, ଧାର୍ମିକ ସମାବେଶ ନିମାପଡ଼ା ପୁରୁଣା ବସ୍‌ଷ୍ଟାଣ୍ଡସ୍ଥିତ ଗଜଲକ୍ଷ୍ମୀ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଇଛି। ଅତିଥି ଭାବେ ପରିଷଦର ରାଜ୍ୟ ସଂଗଠନ ସମ୍ପାଦକ ମହେଶ ସାହୁ, ବଜରଙ୍ଗ ଦଳର ରାଜ୍ୟ ସହ ସଂଯୋଜକ ପ୍ରଭାତ ତ୍ରିପାଠୀ, ରାଜ୍ୟ ସଂଗଠକ ସମ୍ପାଦକ ଶରତ ପ୍ରଧାନ, ଡ. ଅମୂଲ୍ୟ ପ୍ରସାଦ ଦାଶ, ବିଜୟ ବାବା, ପରିଷଦର ରାଜ୍ୟ ସହସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ ପ୍ରମୁଖ ଯୋଗଦେଇ ଉତ୍ସବର ଲକ୍ଷ୍ୟ, ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ପରିଷଦ ଓ ବଜରଙ୍ଗ ଦଳର ପ୍ରାୟ ୨ଶହ କାର୍ଯ୍ୟକର୍ତ୍ତାଙ୍କ ଏକ ଶୋଭାଯାତ୍ରା ସରସ୍ୱତୀ ଶିଶୁମନ୍ଦିରଠାରୁ ବାହାରି ବିଭିନ୍ନ ନାରା ଦେଇ ସହର ପରିକ୍ରମା କରିଥିଲା। ଏହି ଶୋଭାଯାତ୍ରାରେ ୭୦ଟି ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ କରିବା ସହ ପ୍ରଭୁ ଶ୍ରୀରାମ, ଲକ୍ଷ୍ମଣ, ସୀତା, ହନୁମାନଙ୍କ ବେଶରେ ଭକ୍ତମାନେ ସଜ୍ଜିତ ହୋଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ। ଗେରୁଆ ପତାକା, ଘଣ୍ଟଘଣ୍ଟି, ବାଦ୍ୟଧ୍ୱନିରେ ସାରା ସହର ବଜାର ଓ ସଭାସ୍ଥଳୀ ପ୍ରକମ୍ପିତ ହେଉଥିଲା। ରଞ୍ଜନ ପ୍ରଧାନ, ମନୋରଞ୍ଜନ ପାତ୍ର, ନୀହାର ମହାରଣା, ସଞ୍ଜୟ ବାରିକ, ରଞ୍ଜନ ନାୟକ, ଅଶ୍ୱିନୀ ଓଝା, ଅନିଲ ବେହେରା ପ୍ରମୁଖ ଉତ୍ସବ ପରିଚାଳନା କରିବା ସହ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।



ଶାନ୍ ଆଗ୍ରୋ ଇଣ୍ଡଷ୍ଟ୍ରିଜ ପକ୍ଷରୁ ନୂତନ ୱେବସାଇଟ୍‌କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି ।

# ମଙ୍ଗଳା ବିଜ୍ଞାନ ମହାବିଦ୍ୟାଳୟର ବାର୍ଷିକୋତ୍ସବ

ନିମାପଡ଼ା,୯।୪(ଡି.ଏନ୍.ଏ.)

ନିମାପଡ଼ା ମଙ୍ଗଳା ଆବାସିକ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ୧୩ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ଅତିଥି ଭାବେ ଶିକ୍ଷାବିତ୍ ଗଗନ ରଥ, ଅଧ୍ୟାପକ ସୁବ୍ରତ ମହାନ୍ତି, ଡାଇମଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ଚିରଞ୍ଜୀବୀ ସ୍ୱାଇଁ, ଅଧ୍ୟାପିକା କଳ୍ପନା ପ୍ରଧାନ, ସାମାଜିକ କର୍ମୀ ଆରତି ପ୍ରହରାଜ, ଦୀପଙ୍କର ଲେଙ୍କା, ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଶିକ୍ଷକ କାର୍ତ୍ତିକ ନାୟକ, ମଙ୍ଗଳା ଆବାସିକ ମହାବିଦ୍ୟାଳୟ ଅଧକ୍ଷ ସଚ୍ଚିଦାନନ୍ଦ ଛାଟୋଇ, କଲେଜ ପରିଚାଳନା ନିର୍ଦ୍ଦେଶକ ଶିକ୍ଷାବିତ୍ ଚିନ୍ତାମଣି ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତା, ବିକାଶର ମାପକାଠି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। କଲେଜ ପକ୍ଷରୁ ଗଠିତ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। ଛାତ୍ରୀଛାତ୍ରଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କଲେଜ ପକ୍ଷରୁ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ରୋଜାଲିନ୍ ଉପସ୍ଥାପନା ଓ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅସୀମା ମଲ୍ଲିକ, ଏଲୋରା ପ୍ରିୟଦର୍ଶିନୀ ପ୍ରମୁଖ ଉତ୍ସବ ପରିଚାଳନା କରିଥିଲେ। କଲେଜ ପରିଚାଳନା ନିର୍ଦ୍ଦେଶକ ବରାଳ ଅତିଥି ପରିଚୟ ପ୍ରଦାନ ସହ ସ୍ୱାଗତ ଭାଷଣ ଦେଇଥିଲେ। ଟ୍ରଷ୍ଟ ପକ୍ଷରୁ ୨୦ ଜଣ ମେଧାବୀ ଛାତ୍ରୀଛାତ୍ରଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା ଓ ପ୍ରୋତ୍ସାହନ ଯୋଗାଇ ଦିଆଯାଇଛି।

### ୨୦ ମେଧାବୀଙ୍କୁ ଉଚ୍ଚଶିକ୍ଷା ପାଇଁ ସହାୟତା





ବାର୍ଷିକ ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# 'କର୍ମଚାରୀ-ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରହିବ'

ପୁରୀ ଅଫିସ,୯।୪:

ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନ ଏବଂ ପୁରୀ ବିଦ୍ୟୁତ କର୍ମଚାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡ଼େରେଶନର ଅଧକ୍ଷ ତଥା ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ଭାରତ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ମୋହନ ଶର୍ମା, ଉତ୍ତର ପୂର୍ବାଞ୍ଚଳ ସମ୍ପାଦକ ରମଣ ତିୱାରୀ, ଆଞ୍ଚଳିକ ସମ୍ପାଦକ ବୈଜନାଥ ପ୍ରସାଦ ସିଂହ, ରାଜ୍ୟ ଫେଡେରେଶନ ଉପସଭାପତି ତଥା ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘର ସଭାପତି କୈଳାସ ରାୟ, ଟାଟା ପାୱାର ମାନବ ସମ୍ବଳ ବିଭାଗର ବରିଷ୍ଠ ମହାପ୍ରବନ୍ଧକ

### ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ବୁଧୀଶ କୁମାର ବେହେରା, ଡ. ପ୍ରବୋଧ କୁମାର ମହାନ୍ତି, ଓଡ଼ିଶା ନିଗମ ଯନ୍ତ୍ରୀ ସଂଘର ଉପସଭାପତି ଜାଫ୍ରନ୍ ମହାପାତ୍ର, ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଭିନ୍ନ କର୍ମଚାରୀ ସଂଘର ନେତାମାନେ ବିଦ୍ୟୁତ ଉଦ୍ୟୋଗର ଘରୋଇକରଣକୁ ବିରୋଧ କରିବା ସହ ଆଗାମୀ ଦିନରେ ଉପଭୋକ୍ତା ଏବଂ ଶ୍ରମିକ କର୍ମଚାରୀଙ୍କ ଅଧିକାର ସୁରକ୍ଷା ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଶ୍ରମିକ ନେତାମାନେ କହିଥିଲେ, ଶକ୍ତିସେବା ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ଘରୋଇ କମ୍ପାନୀମାନଙ୍କ ଲାଭଖୋର ଇଚ୍ଛା ସାଧାରଣ ସ୍ୱାର୍ଥର ପରିପନ୍ଥୀ। ଘରୋଇ କମ୍ପାନୀମାନେ ଉପଭୋକ୍ତାଙ୍କ ସ୍ୱାର୍ଥ ପରିବର୍ତ୍ତେ ସର୍ବଦା ନିଜର ମୁନାଫା ବୃଦ୍ଧି ପାଇଁ ଚିନ୍ତା କରୁଛନ୍ତି। ଏହାକୁ ତୀବ୍ର ବିରୋଧ କରାଯିବା ସହିତ ଆଗାମୀ ଦିନରେ ସଂଗ୍ରାମ ଜାରି ରହିବ। ସରକାର ବିଦ୍ୟୁତ ଉଦ୍ୟୋଗର ଘରୋଇକରଣକୁ ପରିହାର କରି ଉପଭୋକ୍ତା ଓ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ସାଧନ ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ସେମାନେ ମତ ଦେଇଥିଲେ। ସମ୍ମିଳନୀରେ ପୁରୀ ବିଦ୍ୟୁତ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି, ବୃନ୍ଦାବନ ବେହେରା, ସି.ଭି.ଏନ୍. ରାଓ, ନିରଞ୍ଜନ ପାଣିଗ୍ରାହୀ, ରବିନାରାୟଣ ଦାସ, ରାମସ୍ୱାମୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ ଶ୍ରମିକ ଅଧିକାରର ସୁରକ୍ଷା, ଶ୍ରମିକ ଓ ଉପଭୋକ୍ତା ଶୋଷଣର ଉଚ୍ଛେଦକରଣ, ସମୟୋଚିତ ମଜୁରି ନିର୍ଦ୍ଧାରଣ ଏବଂ ସମାନ କାମକୁ ସମାନ ମଜୁରି ଭଳି ନୀତି ଅନୁପାଳନ ପାଇଁ ସରକାରଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବା ସହିତ ଆଗାମୀ ଦିନ ପାଇଁ ସଂଘର ଯୋଜନା ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ଫେଡେରେଶନର ଅଧକ୍ଷ ଭାବେ ରାମକୃଷ୍ଣ ପଣ୍ଡା, ଉପାଧକ୍ଷ କୈଳାସ ରାୟ, ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ, କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ପ୍ରତାପ ଏବଂ ଅନ୍ୟ କର୍ମକର୍ତ୍ତା ମନୋନୀତ ହୋଇ ଥିଲେ। ଅଧିବେଶନ ଶେଷରେ କୈଳାସ ରାୟ ସଂଘର ପତାକା ଅବତରଣ କରିଥିଲେ।

## ସଂକ୍ଷେପରେ

### ଚୋରାମଦ ବିକ୍ରିକୁ ବିରୋଧ

ନିମାପଡ଼ା,୯।୪(ଡି.ଏନ୍.ଏ.)- ନିମାପଡ଼ା ଏନ୍ଏସି ଅନ୍ତର୍ଗତ ପାଟପୁର ମୁସଲମାନ ବସ୍ତି ନିକଟରେ ଚାଲିଥିବା ବେଆଇନ ଚୋରା ଦେଶୀ ମଦ କାରବାରକୁ ବିରୋଧ କରି ସ୍ଥାନୀୟ ଉତ୍ୟକ୍ତ ଲୋକେ ଉନ୍ମତ୍ତକାଣ୍ଡ ଘଟାଇଛନ୍ତି। ଲୋକେ ବିରୋଧ କରି ଏସ୍.କେ ହାରୁନ୍ ନାମକ ଜଣେ ବ୍ୟକ୍ତିଙ୍କ ପାନ ଦୋକାନ ପାଖରେ ଶନିବାର ହୋହଲ୍ଲା କରିଥିଲେ। ଉତ୍ୟକ୍ତ ଲୋକଙ୍କ ମଧ୍ୟରୁ ୫/୭ ଜଣ ଯୁବକ ହାରୁନଙ୍କ ପାନ ଦୋକାନରେ ପଶି ଫ୍ରିଜ୍, ଟିଭି, ଫ୍ୟାନ୍, ଚୋରା ଦେଶୀ ମଦପେଟି ସମେତ ବିଭିନ୍ନ ଆସବାବପତ୍ର ଭଙ୍ଗାରୁଜା, ଫିଙ୍ଗାଫୋପଡ଼ା କରିଥିଲେ। ଏଥିସହ ତାଙ୍କ ସ୍ତ୍ରୀ ନୁଖୁରୀ ବିବିଙ୍କୁ ଗାଳିଗୁଲଜ କରି ମାଡ଼ମାରି ବିଭିନ୍ନ ଧମକଚମକ ଦେଇଥିଲେ। ଦୋକାନରୁ ୧୦ ହଜାର ଟଙ୍କା ଲୁଟିନେଇଥିବାବେଳେ ଭଙ୍ଗାରୁଜାରେ ଦୋକାନର ୧ ଲକ୍ଷ ଟଙ୍କାର ସାମଗ୍ରୀ ନଷ୍ଟ ହୋଇଯାଇଛି। ଏନେଇ ନୁଖୁରୀ ୫ ଆକ୍ରମଣକାରୀଙ୍କ ବିରୋଧରେ ଅଭିଯୋଗ କରିଛନ୍ତି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ବସ୍ତି ନିକଟ ରାସ୍ତାକଡ଼ରେ ଦୀର୍ଘଦିନ ଧରି ଅବାଧରେ ମଦ କାରବାର ଚାଲିଥିବାବେଳେ ସେଠାରେ ନିଶାସକ୍ତଙ୍କ ଉପଦ୍ରବ ବଢ଼ିବାରେ ଲାଗିଥିଲା। ଏଥିଯୋଗୁ ସ୍ଥାନୀୟ ବାସିନ୍ଦା ବାରମ୍ବାର ଅବକାରୀ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପ୍ରତିକାର ବ୍ୟବସ୍ଥା କରା ନ ଯିବାରୁ ଲୋକମାନେ ଅତିଷ୍ଠ ହୋଇ ଏପରି ପଦକ୍ଷେପ ନେଇଥିଲେ। ଆକ୍ରମଣର ଶିକାର ହୋଇ ନୁଖୁରୀ ବିବି ଆହତ ହୋଇ ନିମାପଡ଼ା ମେଡିକାଲରେ ଚିକିତ୍ସିତ ହେଉଛନ୍ତି।

### ୫୬ ମଇଁଷି ଉଦ୍ଧାର, ଡ୍ରାଇଭର ଫେରାର

ଖୋର୍ଦ୍ଧା ଅଫିସ,୯।୪: ଗତ କିଛିଦିନର ନୀରବତା ପରେ ପୁଣି ୧୬ ନମ୍ବର ଜାତୀୟ ରାଜପଥରେ ଗୋରୁ ମାଫିଆ ମାତିଛନ୍ତି। ଖୋର୍ଦ୍ଧା ସଦର ଥାନା ପୋଲିସ ଏକ ଢାବା ନିକଟରୁ ୫୬ ମଇଁଷି ବୋଝେଇ ଗାଡିକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୧୭/୨୩) ରୁଜୁ ହୋଇଛି। ପୋଲିସ ଉଦ୍ଧାର ମଇଁଷିକୁ ନୟାଗଡ଼ସ୍ଥିତ ଏକ ଗୋଶାଳାକୁ ପଠାଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋରୁ ବୋଝେଇ ଗାଡି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଖବରପାଇ ଏକ ଟିମ୍ ରାଜପଥରେ ଛକି ରହିଥିଲେ। ରାସ୍ତା ଉପରେ ପୋଲିସକୁ ଦେଖି ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ପୋଲିସ ମଇଁଷିଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା। ସେମାନଙ୍କର ସେବା ପରେ ନୟାଗଡର ଏକ ଗୋଶାଳାକୁ ପଠାଯାଇଥିଲା।

### ଛାତରୁ ଖସିପଡ଼ି ବ୍ୟବସାୟୀ ଗୁରୁତର

ବୋଲଗଡ,୯।୪(ଡି.ଏନ୍.ଏ.) ବୋଲଗଡ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ହରିପୁରପାଟଣା ଗ୍ରାମର ଦାଶରଥି ସୁବୁଦ୍ଧି ଶନିବାର ଘର ଛାତରୁ ଖସିପଡି ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳେ ଦାଶରଥି ଛାତ ପାର୍ଶ୍ୱରେ ଥିବା ଗଛରୁ ପିଜୁଳି ତୋଳୁଥିବା ବେଳେ ଅସାବଧାନତାରୁ ତଳକୁ ଖସିପଡ଼ିଥିଲେ। ପରିବାରଲୋକେ ଓ ଗ୍ରାମବାସୀ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବଣିକ ମହାସଂଘ ସଭାପତି ପାଣ୍ଡବ ସାହୁ ସୁବୁଦ୍ଧିଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ରାଜଧାନୀରେ ଗ୍ୟାଙ୍ଗ୍ ସକ୍ରିୟ, ଟ୍ରାକିଂରେ ପୋଲିସ ଫେଲ୍

ଭୁବନେଶ୍ୱର,୯।୪(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଚୋରିଠୁ ଆରମ୍ଭ କରି ଛିନ୍ତାଇ, ଅପହରଣ, ମାର୍‌ପିଟ ଭଳି ଘଟଣା ପ୍ରତ୍ୟହ ଘଟିବାରେ ଲାଗିଛି। ଏହିସବୁ ଘଟଣା ପଛରେ ଏକାଧିକ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହୁଥିବା କୁହାଯାଉଥିବାବେଳେ ପୋଲିସ ତା'ର ଟେର୍ ପାଇପାରୁନାହିଁ। ଅପରାଧ ଘଟିବା ପରେ ଅଭିଯୋଗ ଆସିଲେ ପୋଲିସ ତତ୍ପରତା ଦେଖାଇବା ସହ ଚଢ଼ାଉ କରୁଛି। ଫଳରେ ଗ୍ୟାଙ୍ଗ୍ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଅପରାଧୀମାନେ ବିଭିନ୍ନ ଗଳାବାଟ ଦେଇ ଖସିଯିବାକୁ ସୁଯୋଗ ପାଉଛନ୍ତି। ଫଳରେ ସହରରେ ଅପରାଧ ବୃଦ୍ଧି ପାଇବା ସହ ସହରବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଏକ ବିବାଦୀୟ ଜମିକୁ ନିଜ ଅଧୀନକୁ ଆଣିବା ପାଇଁ ସୁପାରି ନେଇ ରାତିଅଧରେ ବସ୍ ଯୋଗେ ଏକ ଗ୍ୟାଙ୍ଗ୍‌ର ଶତାଧିକ ଲୋକ ଦଳବଦ୍ଧ ହୋଇ ଜେସିବି ଲଗାଇ ଦୋକାନ ଘର ଭାଙ୍ଗିବା ସହ ଲୁଟ୍ କରିବା ଏହାର ନଗ୍ନ ଉଦାହରଣ। ଘଟଣାରେ ୭ ବାଉନ୍‌ସରଙ୍କ ସମେତ ୧୪ ଜଣଙ୍କୁ ପୋଲିସ ଗିରଫ କରିଥିଲେ ମଧ୍ୟ ମାଷ୍ଟରମାଇଣ୍ଡ ରାଘବ ଜେନାଙ୍କ ସମେତ ଏକାଧିକ ବ୍ୟକ୍ତି ଏବେବି ଫେରାର ଅଛନ୍ତି। ଘଟଣାକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ମାଷ୍ଟରମାଇଣ୍ଡକୁ ଧରିବା ତ ଦୂରର କଥା, ସେ ଏବେ କେଉଁଠି ତାହାର ପତ୍ତା ନ ପାଇବା ପୋଲିସର କାର୍ଯ୍ୟଦକ୍ଷତାକୁ

### ଘଟଣା ଘଟିବା ପରେ ନିଦ ଭାଙ୍ଗୁଛି

ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସହରରେ ଆହୁରି ୩ରୁ ୪ ଗ୍ୟାଙ୍ଗ୍ ସକ୍ରିୟ ରହିଥିବା ଖୋଦ୍ ଡିସିପି ଖବରଦାତା ସମ୍ମିଳନୀରେ କହିବା ସହ ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଥିଲେ। କିନ୍ତୁ ଏଯାବତ୍ ସେହି ଗ୍ୟାଙ୍ଗ୍ ସମ୍ପର୍କରେ କୌଣସି ସୁରାକ୍ ମିଳିପାରିନାହିଁ। ଅପରାଧୀଙ୍କୁ ଟ୍ରାକିଂ କରିବାରେ ପୋଲିସ ବିଫଳ ହୋଇଛି। ସେହିଭଳି ଗତବର୍ଷ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ବାର୍‌ରେ ପ୍ରବେଶ ପାଇଁ ଅନୁମତି ନ ଦେବାରୁ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ୩୦ରୁ ଅଧିକ ଯୁବକ ଗ୍ୟାଙ୍ଗ୍ ହୋଇ ବସ୍‌ରେ ଆସି ଆକ୍ରମଣ କରିଥିଲେ। ଘଟଣାରେ ପୋଲିସ କେତେଜଣ ଯୁବକଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ସଞ୍ଜୀବଙ୍କୁ ଏଯାବତ୍ ଧରିପାରିନାହିଁ। ତେବେ ସଞ୍ଜୀବ ଏକ ନିର୍ଦ୍ଦିଷ୍ଟ ଦଳର ଛାତ୍ରନେତା ଥିବାରୁ ପୋଲିସ ଗିରଫ କରୁ ନ ଥିବା କୁହାଯାଉଛି। କେବଳ ଏହି ଦୁଇଟି ଘଟଣା ନୁହେଁ, ପୂର୍ବରୁ ମଧ୍ୟ କେବିଏନ୍ ଗ୍ୟାଙ୍ଗ୍ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ପୋଲିସ ଧରପଗଡ଼ କରିଥିଲା। ଅନ୍ୟପକ୍ଷେ ଓଡ଼ିଶାକୁ ବାହାର ରାଜ୍ୟର ଗ୍ୟାଙ୍ଗ୍ ଆସି ଅନେକ ସମୟରେ ଚୋରି, ଡକାୟତି, ଛିନ୍ତାଇ ଭଳି ଅପରାଧ ଘଟାଉଥିବା ନଜିର ରହିଛି। ହେଲେ ଗ୍ୟାଙ୍ଗ୍ ସଦସ୍ୟମାନେ ହୋଟେଲରେ ରହି ଖୁଲମ୍‌ଖୁଲା ସହରରେ ବୁଲି ବୁଲି ଅପରାଧ କରୁଥିଲେ ମଧ୍ୟ ପୋଲିସ ସେମାନଙ୍କ ଟେର୍ ନ ପାଇବା ଚିନ୍ତାର କାରଣ ପାଲଟିଛି।

ଏନେଇ ଡିସିପି ପ୍ରତୀକ ସିଂ କହିଲେ, ପୋଲିସ ପକ୍ଷରୁ ସହରରେ ଅପରାଧ ଘଟାଉଥିବା ଗ୍ୟାଙ୍ଗ୍‌କୁ ଧରିବାକୁ ଚେଷ୍ଟା କରାଯାଉଛି। ଲୋକମାନେ କୌଣସି ଅପରାଧର ଶିକାର ହେଲେ ଭୟ ନ କରି ଆଗକୁ ଆସି ଅଭିଯୋଗ କଲେ ପୋଲିସ ପଦକ୍ଷେପ ନେବ ବୋଲି ଡିସିପି କହିଛନ୍ତି।

# 'ସ୍ମୃତି ସାନ୍ତ୍ୱନା'ର ଦ୍ୱାଦଶ ବିଷୁବ ମହୋତ୍ସବ



ଅତିଥିମାନେ ପତ୍ରିକା 'ସ୍ମୃତି ଶାନ୍ତ୍ୱନା'ର ବିଶେଷ ସଂଖ୍ୟାକୁ ଉନ୍ମୋଚନ କରୁଛନ୍ତି।

ଭୁବନେଶ୍ୱର,୯।୪(ବ୍ୟୁରୋ)

ଓଡ଼ିଆ ପତ୍ରିକା 'ସ୍ମୃତି ସାନ୍ତ୍ୱନା'ର ଦ୍ୱାଦଶ ବିଷୁବ ମହୋତ୍ସବ ରବିବାର ବୁଦ୍ଧ ମନ୍ଦିରଠାରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ମୁଖ୍ୟବକ୍ତା ଭାବେ କବି ରାଜୀବ ପାଣି, ସମ୍ମାନିତ ଅତିଥି ଭାବେ ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ପତ୍ରିକାର ବିଷୁବ ସ୍ୱତନ୍ତ୍ର ସଂଖ୍ୟା ୨୦୨୩ ଓ ଡ. ସୁମିତ୍ରା ମିଶ୍ରଙ୍କ ଅନୁବାଦ ପୁସ୍ତକ ମୋ ଜୀବନ ସତ୍ୟାନୁସନ୍ଧାନର ଏକ କାହାଣୀ ଲୋକାର୍ପିତ ହୋଇଥିଲା। ସମ୍ପାଦିକା ସବିତାରାଣୀ ବେହେରା ସମ୍ପାଦକୀୟ ବକ୍ତବ୍ୟ ପ୍ରଦାନ କରିଥିଲେ। ମହୋତ୍ସବରେ କବି ରାଜୀବ ପାଣି, ଡ. ନଳିନୀ ପ୍ରଭା ଦାସ, ଡ. ଅପରାଜିତା ମହାପାତ୍ର, ମୀରା ରଥ, ଆଶାରାଣୀ ପଣ୍ଡା ଓ ଆରତୀ ମହାନ୍ତିଙ୍କୁ ସ୍ମୃତି ସାନ୍ତ୍ୱନା ବିଷୁବ ସାହିତ୍ୟ ସମ୍ମାନରେ ସମ୍ମାନିତ କରାଯାଇଥିଲା। କବି ଅନିମା ପଟ୍ଟନାୟକଙ୍କ ସଭାପତିତ୍ୱରେ ଅମ୍ବିକା ସ୍ୱାଇଁ, ମୋନିକା ମହାପାତ୍ର ଓ ନୀହାରିକା ବରାଳଙ୍କ ସଂଯୋଜନାରେ କବିତା ଆସର ଆୟୋଜିତ କରାଯାଇଥିଲା। ଡ. ଗୀତାଶ୍ରୀ ପ୍ରିୟମ୍ବଦାଙ୍କ ସଂଯୋଜନାରେ ଆୟୋଜିତ ଉତ୍ସବରେ ଡ. ପ୍ରତିମା ରାଣୀ ଷଙ୍ଗୀ ବେଦପାଠ କରିଥିଲେ। ନିରୂପମା କର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। କବି ବିଜୟ ଲକ୍ଷ୍ମୀ ସାହୁ ଧନ୍ୟବାଦ ଜଣାଇଥିଲେ।

### ଖସିଲା କାଫେ ସିଲିଂ

ଗୋପ,୯।୪(ଡି.ଏନ୍.ଏ.)

ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ପୁରୀ ଜିଲା ଗୋପ ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଏହି ବ୍ଲକ ପରିସରରେ ହୋଇଥିବା ମହିଳା କାଫେର ଛାତରୁ ସିଲିଂ ହଠାତ୍ ଗଳିପଡ଼ିଛି। କାଫେ ତିଆରି କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଆଳରେ ଚଳୁ ହୋଇଥିବାରୁ ତୁରନ୍ତ ଭିଜିଲାନ୍ସ ତଦନ୍ତ କରାଯାଇ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମହିଳା ମହାସଂଘ ପକ୍ଷରୁ ଦାବି ହୋଇଛି। ତେବେ ଗତବର୍ଷ ଗୋପ ବ୍ଲକ ପରିସରରେ ମହିଳାଙ୍କ ନିମନ୍ତେ କାଫେ ଖୋଲାଯାଇଥିଲା। ଜିଲାରେ ଏହି କାଫେ ପ୍ରଥମକରି ଖୋଲାଯିବା ସହ ଗୋପ ମହିଳା ମହାସଂଘ ଏହାର ଦାୟିତ୍ୱ ହାତକୁ ନେଇଥିଲା। କିନ୍ତୁ ଏହି କାଫେର କାର୍ଯ୍ୟାଦେଶ ଜନୈକ ଯନ୍ତ୍ରୀଙ୍କ ନାମରେ ଥିବାବେଳେ ଜଣେ ଅନାମଧେୟ ଠିକାଦାର ଉକ୍ତ କାମ କରିଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ୨/୩ ଦିନ ତଳେ କାଫେରେ ଲୋକେ ଖାଇବା ସମୟରେ ସିଲିଂ ହଠାତ୍ ଗଳି ପଡ଼ିଥିଲା। ଅପରପକ୍ଷେ ନିମ୍ନମାନର କବାଟ, ଝରକା ସହିତ ଅନ୍ୟ ସମସ୍ତ କାର୍ଯ୍ୟ ନିମ୍ନମାନ ହୋଇଥିବା ଅଭିଯୋଗ ହୋଇଛି।

# ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଅସମ୍ଭାଳ ଭିଡ଼



ପୁରୀ ଅଫିସ, ୯।୪:

ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି। ବଡ଼ଦାଣ୍ଡରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇଥିବାବେଳେ ମରିଚିକୋଟ ଛକ ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ସେହିପରି ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥିଲା। ପୁରୀରେ ଭକ୍ତ ତଥା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ମରିଚିକୋଟ ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ନାଲିରଙ୍ଗର ମ୍ୟାଟ୍ ପକାଯାଇଛି। ଯାହାଫଳରେ ପ୍ରବଳ ଖରାରେ ଭକ୍ତମାନଙ୍କ ଗୋଡ଼ ତାତିବ ନାହିଁ। ଭକ୍ତମାନେ ଅନେକ ସମୟ ଧରି ବଡ଼ଦାଣ୍ଡରେ ଠିଆହୋଇ ରହିଥିବା ଦେଖିବାକୁ ମିଳିଥିଲା। ଶନିମନ୍ଦିର ଛକଠାରୁ ଧାଡ଼ି ଲମ୍ବିଥିଲା। କେତେଜଣ ଭକ୍ତ ପାଣି ନ ପାଇ ଉଦ୍‌ବେଳବିକଳ ହୋଇଥିଲେ।

ଅପରପକ୍ଷେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଏସ୍‌ପି କନୱର ବିଶାଲ ସିଂଙ୍କ ସହ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା। ଏସ୍‌ପି ନିଜେ ଭକ୍ତଙ୍କ ସହ ଆଲୋଚନା କରିଥିଲେ। ପ୍ରବଳ ଗହଳି କାରଣରୁ ଯେପରି ଭକ୍ତଙ୍କର କୌଣସି ସମସ୍ୟା ନ ଉପୁଜେ କିମ୍ବା ଆହତ ନ ହୁଅନ୍ତି ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ନିଆରା ଢଙ୍ଗରେ ଅର୍ଥାତ ମାନବ ଶୃଙ୍ଖଳ ମଧ୍ୟରେ ଭକ୍ତଙ୍କୁ ବାରିକେଡ ମଧ୍ୟରେ ଦର୍ଶନ ପାଇଁ ଛଡ଼ାଯାଇଥିଲା। ଭକ୍ତମାନେ ଯେପରି ଦୌଡ଼ାଦୌଡ଼ି କରି ଯାଇପାରିବେ ନାହିଁ ସେଥିପାଇଁ ଭକ୍ତମାନଙ୍କ ଆଗରେ ପୋଲିସ କର୍ମଚାରୀମାନେ ମାନବ ଶୃଙ୍ଖଳ କରି ଚାଲି ଚାଲି ଯାଇଥିଲେ। ଭକ୍ତମାନେ ସେମାନଙ୍କ ପଛେ ପଛେ ବ୍ୟାରିକେଡ ଦେଇ ଯାଇଥିଲେ। ଜଣେ ଅତିରିକ୍ତ ଏସ୍‌ପି, ୨ ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର ଏବଂ ୧୫ଜଣ ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ନିୟୋଜିତ ରହିଥିଲେ। ଅପରପକ୍ଷରେ ପ୍ରବଳ ଜନ ସମାଗମ କାରଣରୁ ପୁରୀରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ଫଳରେ ଟ୍ରାଫିକ ଡିଏସ୍‌ପି, ଇନ୍ସପେକ୍ଟର ଓ ପୋଲିସ କର୍ମଚାରୀମାନେ ଟ୍ରାଫିକ ସମସ୍ୟା ଦୂର ପାଇଁ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା।

# ହରିହର ବିଦ୍ୟାପୀଠରେ ଆଲୁମିନି ମିଟ୍

ଭୁବନେଶ୍ୱର,୯।୪(ବ୍ୟୁରୋ)

ହରିହର ବିଦ୍ୟାପୀଠ ସରକାରୀ ଉଚ୍ଚ ବିଦ୍ୟାଳୟର ଆଲୁମିନି ମିଟ୍ ସହ ଏକ ନିଆରା ବନ୍ଧୁ ମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ନାଗେଶ୍ୱରଟାଙ୍ଗି ବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ସମ୍ମାନିତ ଅତିଥି ଭାବେ ପୂର୍ବତନ କର୍ପୋରେଟର ସୀମା ନାୟକ, ହରିହର ଆଲୁମିନି ସଭାପତି ନୃପେଶ ନାୟକ, ସୀମାଞ୍ଚଳ ମଲ୍ଲିକ ଯୋଗଦେଇଥିଲେ। ଗୁରୁ-ଶିଷ୍ୟର ମହାନ୍ ପରମ୍ପରାକୁ ସ୍ମରଣ କରିବା ସହିତ ଅଧୁନା ସମୟରେ ରାଷ୍ଟ୍ର ଗଠନରେ ଗୁରୁଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି କାର୍ଯ୍ୟକ୍ରମରେ ମତ ପ୍ରକାଶ ପାଇଛି। କାର୍ଯ୍ୟକ୍ରମକୁ ବିଦ୍ୟାଳୟର ପୂର୍ବତନ ଗୁରୁ ଶେଷଦେବ ସାହୁ ସଂଯୋଜନା କରିବା ସହିତ, ସବିତା ଶତପଥୀ, ସୁଶାନ୍ତ ସାମଲ ପ୍ରମୁଖଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏ ଅବସରରେ ୧୯୮୨ରୁ ୨୦୨୨ ମଧ୍ୟରେ ଅଧ୍ୟୟନ କରୁଥିବା ପୁରାତନ ବିଦ୍ୟାର୍ଥୀଙ୍କ ମଧ୍ୟରେ ବନ୍ଧୁମିଳନ, ରକ୍ତଦାନ ଶିବିର, ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ତ୍ରିଲୋଚନ ଦାଶ ପରିଚାଳନା କରିଥିବାବେଳେ ଶାଶ୍ୱତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।।

# ସରିଲା ସର୍ବଭାରତୀୟ ଗାନ୍ଧୀଶିଳ୍ପ ବଜାର

### ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବେପାର

ଭୁବନେଶ୍ୱର,୯।୪(ବ୍ୟୁରୋ)



ଏକାମ୍ର ହାଟଠାରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀଶିଳ୍ପ ବଜାର' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ରାଜ୍ୟରୁ ୧୨୫ଜଣ କାରିଗର ନିଜ ନିଜର ହସ୍ତଶିଳ୍ପର ପସରା ମେଲାଇଥିବାବେଳେ ମୋଟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଡୋଭ୍ ଅନୁଗୋଳର ସମ୍ପାଦକ ଅନିଲ କୁମାର ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ କୁମାର ସାହୁ, ପ୍ରକଳ୍ପ ସଂଯୋଜକ ରବୀନ୍ଦ୍ର ସେନାପତି, ସଂଗ୍ରାମ କେଶରୀ ନାୟକ, ରାଜସ୍ଥାନର ନିପୁଣ କାରିଗର ଅରବିନ୍ଦ ଖତ୍ରୀ, ମହାରାଷ୍ଟ୍ରର କାରିଗର ରାଜେଶ ରୋଡ଼ା, ଛତିଶଗଡ଼ର ମୈତ୍ରୀ ବୋଷ, ପଣ୍ଡିଚେରୀର ଜୟନ୍ତୀ, ତାମିଲନାଡୁର କେ.ସି. ନଳିନୀ, ତ୍ରିପୁରାର ନମିତା ଦେଓନାଥ, ଭୋପାଳର ପ୍ରତିମା ବାନୋ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସେନାପତି ଧନ୍ୟବାଦ ଜଣାଇଥିଲେ।

# ବଦ୍‌ମାସ ଏକାଦଶ ଚାମ୍ପିୟନ

ଖୋର୍ଦ୍ଧା ଅଫିସ,୯।୪

କାଇପଦର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କାଇପଦରସ୍ଥିତ ମା'ବଘେଇ ଖେଳପଡିଆରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍(କେପିଏଲ୍) କ୍ରିକେଟ ଟୁର୍ନାମେଣ୍ଟରେ ବଦମାସ୍ ଏକାଦଶ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମହାକାଳ ମାଇନ୍ସ କ୍ଲବ ଓ ବଦ୍‌ମାସ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମହାକାଳ ମାଇନ୍ସ କ୍ଲବ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବୀରେନ ମଙ୍ଗରାଜଙ୍କ ୪୨ରନ ବଳରେ ଦଳ ୧୫ ଓଭରରେ ୪ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରିଥିଲା। ଜବାବରେ ବଦମାସ ଏକାଦଶ ୫ ଉଇକେଟ ବିନିମୟରେ ୧୨୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦ୍ଦେବ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ନିଷ୍ଟ ପବ୍ଲିକ ସ୍କୁଲର ବାର୍ଷିକ ଉତ୍ସବ 'ଉଡାନ'



ଭୁବନେଶ୍ୱର, ୯।୪ (ବ୍ୟୁରୋ)

ନିଷ୍ଟ ପବ୍ଲିକ ସ୍କୁଲର ନବମ ବାର୍ଷିକ ଉତ୍ସବ 'ଉଡାନ' ବିଦ୍ୟାଳୟର ପରିଚାଳନା ନିର୍ଦ୍ଦେଶକ ଶୁଭ୍ରାଂଶୁ ଶେଖର ପାଢ଼ୀଙ୍କ ଅଧ୍ୟକ୍ଷତାରେ ରବିବାର ପାଳିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଅବସରପ୍ରାପ୍ତ ଡିଜିପି ସଞ୍ଜୀବ ମାରିକ୍, ମୁଖ୍ୟବକ୍ତା ଭାବେ ବ୍ୟଙ୍ଗ କବି ଜ୍ଞାନ ହୋତା ଓ ସମ୍ମାନିତ ଅତିଥି ଭାବରେ ଆନ୍ତର୍ଜାତିକ ବାସ୍ତୁବିତ୍ ମନୋଜ କୁମାର ଲେଙ୍କା ଯୋଗଦେଇଥିଲେ। ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ପାଢ଼ୀ ବାର୍ଷିକ ବିବରଣୀ ପାଠ କରିଥିଲେ। ବିଭିନ୍ନ ଶ୍ରେଣୀରେ ପ୍ରଥମ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯାଇଥିଲା। ସମସ୍ତ ଛାତ୍ରୀଛାତ୍ରଙ୍କ ଦ୍ୱାରା ପରିବେଷିତ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିମୋହିତ ହୋଇପଡ଼ିଥିଲେ। କୁନି କୁନି ପିଲାଙ୍କ ସୋସିଆଲ ମିଡ଼ିଆ ଆକ୍ଟ ସମସ୍ତଙ୍କ ମନକୁ ବେଶ ଛୁଇଁ ପାରିଥିଲା। ବିଦ୍ୟାଳୟ ଅଧ୍ୟକ୍ଷା ପ୍ରଜ୍ଞା ପାରମିତା ପାଢ଼ୀ, ପରିଚାଳନା କମିଟି ଶିକ୍ଷୟିତ୍ରୀଶିକ୍ଷକଙ୍କ ସହଯୋଗରେ ଉଡାନ ସଫଳତାର ଶୀର୍ଷରେ ପହଞ୍ଚି ପାରିଥିଲା। ବିଦ୍ୟାଳୟର ଶିକ୍ଷୟିତ୍ରୀ ଜ୍ୟୋତି ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# 'କର୍ମଚାରୀ-ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ସଂଗ୍ରାମ ଜାରି ରହିବ'

ପୁରୀ ଅଫିସ,୯।୪:

### ରାଜ୍ୟ ବିଦ୍ୟୁତ୍ କର୍ମଚାରୀ ଫେଡେରେଶନର ସୁବର୍ଣ୍ଣ ଜୟନ୍ତୀ ସମାରୋହ

ଓଡ଼ିଶା ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନ ଏବଂ ପୁରୀ ବିଦ୍ୟୁତ କର୍ମଚାରୀ ସଂଘର ସୁବର୍ଣ୍ଣ ଜୟନ୍ତୀ ସମାରୋହ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ସମାରୋହରେ ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡ଼େରେଶନର ଅଧ୍ୟକ୍ଷ ତଥା ଶ୍ରମିକ ନେତା ରାମକୃଷ୍ଣ ପଣ୍ଡା ଅଧ୍ୟକ୍ଷତା କରିଥିଲେ। ଆଞ୍ଚଳିକ ଭାରତ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ମୋହନ ଶର୍ମା, ଉତ୍ତର ପୂର୍ବାଞ୍ଚଳ ସମ୍ପାଦକ ରମଣ ତିୱାରୀ, ଆଞ୍ଚଳିକ ସମ୍ପାଦକ ବୈଜନାଥ ପ୍ରସାଦ ସିଂହ, ରାଜ୍ୟ ଫେଡେରେଶନ ଉପସଭାପତି ତଥା ପୁରୀ ବିଦ୍ୟୁତ୍ କର୍ମଚାରୀ ସଂଘର ସଭାପତି କୈଳାସ ରାୟ, ଟାଟା ପାୱାର ମାନବ ସମ୍ବଳ ବିଭାଗର ବରିଷ୍ଠ ମହାପ୍ରବନ୍ଧକ ବୁଧୀଶ କୁମାର ବେହେରା, ଡ. ପ୍ରବୋଧ କୁମାର ମହାନ୍ତି, ଓଡ଼ିଶା ନିଗମ ଯନ୍ତ୍ରୀ ସଂଘର ଉପସଭାପତି ଜାଫ୍ରନ୍ ମହାପାତ୍ର, ଓମ୍ ପ୍ରକାଶ ମିଶ୍ର, ରାଜ୍ୟ ବିଦ୍ୟୁତ କର୍ମଚାରୀ ଫେଡେରେଶନର ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ ପ୍ରମୁଖ ଅତିଥି ଭାବେ ମଞ୍ଚାସୀନ ଥିଲେ। ବିଭିନ୍ନ କର୍ମଚାରୀ ସଂଘର ନେତାମାନେ ବିଦ୍ୟୁତ ଉଦ୍ୟୋଗର ଘରୋଇକରଣକୁ ବିରୋଧ କରିବା ସହ ଆଗାମୀ ଦିନରେ ଉପଭୋକ୍ତା ଏବଂ ଶ୍ରମିକ କର୍ମଚାରୀଙ୍କ ଅଧିକାର ସୁରକ୍ଷା ପାଇଁ ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ। ଶ୍ରମିକ ନେତାମାନେ କହିଥିଲେ, ଶକ୍ତିସେବା ସମେତ ଅନ୍ୟାନ୍ୟ ଅତ୍ୟାବଶ୍ୟକ ସେବା କ୍ଷେତ୍ରରେ ଘରୋଇ କମ୍ପାନୀମାନଙ୍କ ଲାଭଖୋର ଇଚ୍ଛା ସାଧାରଣ ସ୍ୱାର୍ଥର ପରିପନ୍ଥୀ। ଘରୋଇ କମ୍ପାନୀମାନେ ଉପଭୋକ୍ତାଙ୍କ ସ୍ୱାର୍ଥ ପରିବର୍ତ୍ତେ ସର୍ବଦା ନିଜର ମୁନାଫା ବୃଦ୍ଧି ପାଇଁ ଚିନ୍ତା କରୁଛନ୍ତି। ଏହାକୁ ତୀବ୍ର ବିରୋଧ କରାଯିବା ସହିତ ଆଗାମୀ ଦିନରେ ସଂଗ୍ରାମ ଜାରି ରହିବ। ସରକାର ବିଦ୍ୟୁତ ଉଦ୍ୟୋଗର ଘରୋଇକରଣକୁ ପରିହାର କରି ଉପଭୋକ୍ତା ଓ ଶ୍ରମିକ କର୍ମଚାରୀଙ୍କ ସ୍ୱାର୍ଥ ସାଧନ ଦିଗରେ କାର୍ଯ୍ୟ କରିବା ଉଚିତ ବୋଲି ସେମାନେ ମତ ଦେଇଥିଲେ। ସମ୍ମିଳନୀରେ ପୁରୀ ବିଦ୍ୟୁତ ସଂଘ ସମ୍ପାଦକ ରମେଶ ଚନ୍ଦ୍ର ମହାନ୍ତି, ବୃନ୍ଦାବନ ବେହେରା, ସି.ଭି.ଏନ୍. ରାଓ, ନିରଞ୍ଜନ ପାଣିଗ୍ରାହୀ, ରବିନାରାୟଣ ଦାସ, ରାମସ୍ୱାମୀ ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ। ବିଦ୍ୟୁତ ଶ୍ରମିକ ଅଧିକାରର ସୁରକ୍ଷା, ଶ୍ରମିକ ଓ ଉପଭୋକ୍ତା ଶୋଷଣର ଉଚ୍ଛେଦକରଣ, ସମୟୋଚିତ ମଜୁରି ନିର୍ଦ୍ଧାରଣ ଏବଂ ସମାନ କାମକୁ ସମାନ ମଜୁରି ଭଳି ନୀତି ଅନୁପାଳନ ପାଇଁ ସରକାରଙ୍କୁ ସଂଘ ପକ୍ଷରୁ ଅନୁରୋଧ କରାଯାଇ ପ୍ରସ୍ତାବ ଗୃହୀତ ହୋଇଥିଲା। ଏହି ଅବସରରେ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହେବା ସହିତ ଆଗାମୀ ଦିନ ପାଇଁ ସଂଘର ଯୋଜନା ଖସଡ଼ା ପ୍ରସ୍ତୁତ କରାଯାଇଥିଲା। ରାଜ୍ୟ ଫେଡେରେଶନର ଅଧ୍ୟକ୍ଷ ଭାବେ ରାମକୃଷ୍ଣ ପଣ୍ଡା, ଉପାଧ୍ୟକ୍ଷ କୈଳାସ ରାୟ, ସାଧାରଣ ସମ୍ପାଦକ ସତ୍ୟବାଦୀ ବାଘ, କୋଷାଧ୍ୟକ୍ଷ ଭାବେ ବସନ୍ତ କୁମାର ପ୍ରତାପ ଏବଂ ଅନ୍ୟ କର୍ମକର୍ତ୍ତା ମନୋନୀତ ହୋଇ ଥିଲେ। ଅଧିବେଶନ ଶେଷରେ କୈଳାସ ରାୟ ସଂଘର ପତାକା ଅବତରଣ କରିଥିଲେ।

## ସଂକ୍ଷେପରେ

### ବାଇକ୍ ଚୋରି କରୁଥିବା ଯୁବକ ଗିରଫ

ଭୁବନେଶ୍ୱର,୯।୪(ବ୍ୟୁରୋ) - ଖଣ୍ଡଗିରି ଥାନା ପୋଲିସ ଜଣେ ବାଇକ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ସୌରଭ ଦାସ। ତାଙ୍କଠାରୁ ୨ଟି ଚୋରା ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତ ଗୋଟିଏ ବାଇକ ଭୁବନେଶ୍ୱରରୁ ଓ ଅନ୍ୟଟି ଯାଜପୁରରୁ ଚୋରି କରିଥିଲେ। ତାହାକୁ ନିଜେ ବ୍ୟବହାର କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି।

ସୂଚନାନୁଯାୟୀ, ଅଭିଯୋଗକାରୀ ଦିଲୀପ ପ୍ରଧାନ ଘଟଣାଦିନ ରାଜଧାନୀ କଲେଜ ନିକଟରେ ଥିବା ତାଙ୍କର ଦୋକାନଙ୍କୁ ଯାଉଥିବା ସମୟରେ ରାସ୍ତା ଜାମ ହେତୁ ଏକ ମେଡିସିନ ଦୋକାନ ପାଖରେ ଗାଡିଟିକୁ ପାର୍କ କରି ନିଜେ ଗାଡି ଚଳାଚଳରେ ସହଯୋଗ କରୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ସୌରଭ ତାଙ୍କ ବାଇକକୁ ଚୋରି କରିନେଇଥିଲେ। ୧୦ ମିନିଟ୍ ପରେ ଦିଲୀପ ଫେରି ଆସି ଗାଡି ନ ଥିବା ଦେଖି ଖୋଜାଖୋଜି କରିଥିଲେ। ଗାଡି ନ ପାଇବାରୁ ଶେଷରେ ଥାନାରେ ଚୋରି ଅଭିଯୋଗ କରିଥିଲେ।

### ଅଷ୍ଟପ୍ରହର ନାମଯଜ୍ଞ

ବୋଲଗଡ଼,୯।୪(ଡି.ଏନ୍.ଏ.)
ବୋଲଗଡ଼ ବ୍ଲକ ଅନ୍ତର୍ଗତ ଚୁଡ଼ା ଗ୍ରାମର ଗେଡିମୁଣ୍ଡିଆ ମଠ ପରିସରସ୍ଥିତ ପତିତପାବନ ଦେବଙ୍କ ପୀଠରେ ରବିବାର ସପ୍ତମ ବାର୍ଷିକ ଅଷ୍ଟପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଏନେଇ ଅପରାହ୍ନରେ ଆୟୋଜିତ କଳସଯାତ୍ରାରେ ଗ୍ରାମର ଶତାଧିକ ମହିଳା ପୁରୁଷ ଅଂଶଗ୍ରହଣ କରିଥିଲେ। ପୂଜାର୍ଚ୍ଚନା ପରେ ଗ୍ରାମ ନିକଟ ଚଣ୍ଡିପୋଖରୀରୁ ପବିତ୍ର ଜଳକଳସ ଧରି ସଂକୀର୍ତ୍ତନ ଦଳ ସହ ଗ୍ରାମ ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚି ସ୍ଥାପନ କରିଥିଲେ। ମଙ୍ଗଳବାର ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ନାମଯଜ୍ଞର ପ୍ରଥମ ଦିବସରେ ଅଧିବାସ ସୂର୍ଯ୍ୟପୂଜା, କଳସଯାତ୍ରା ଓ ନାମ ସଂକୀର୍ତ୍ତନ ହୋଇଥିଲା। ଶେଷ ଦିବସରେ ନଗରକୀର୍ତ୍ତନ ଦହିଖେଳ ଓ ଯମୁନାସ୍ନାନ ହେବା ପାଇଁ ସ୍ଥିର ହୋଇଛି। ଗେଡିମୁଣ୍ଡିଆ ପୂଜାକମିଟି ସଦସ୍ୟ ଓ ଚୁଡା, ଡାବରଧୁଆ ପାଟଣା ଗ୍ରାମବାସୀଙ୍କ ମିଳିତ ସହଯୋଗରେ ଆୟୋଜିତ ନାମଯଜ୍ଞରେ ଭୁବନେଶ୍ୱର ଇସ୍କନ ମନ୍ଦିର ପକ୍ଷରୁ ଏକ ୨୦ଜଣିଆ ସଂକୀର୍ତ୍ତନ ମଣ୍ଡଳୀ ଯୋଗ ଦେଇଛନ୍ତି।

### ସତ୍ୟସାଇ ସେବା ସମିତିର ସୁବର୍ଣ୍ଣ ଜୟନ୍ତୀ

ପୁରୀ ଅଫିସ, ୯।୪: ତିନିଦିନ ଧରି ଶ୍ରୀକ୍ଷେତ୍ରରେ ଚାଲିଥିବା ସତ୍ୟସାଇ ସେବା ସମିତି ପୁରୀ ଶାଖାର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ବିଭିନ୍ନ ସ୍ଥାନରୁ ସାଇଭକ୍ତମାନେ ଯୋଗଦେଇଥିଲେ। ରାଧାବଲ୍ଲଭ ମଠର ମହନ୍ତ ରାମକୃଷ୍ଣ ଦାସଙ୍କ ଦ୍ୱାରା ଉତ୍ସବ ଉଦ୍‌ଘାଟିତ ହୋଇଥିଲା। ତିନିଦିନ ଧରି ବାଲ୍ ବିକାଶ ଛାତ୍ରୀଛାତ୍ରଙ୍କ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ସଙ୍ଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ସାଇ ସଙ୍ଗଠନର କର୍ମକର୍ତ୍ତା ପରିଚାଳନା କରିଥିଲେ।

# ୨ ମାସରେ ଭୁଶୁଡ଼ିଲା ରମାଦେବୀ ବିଶ୍ୱବିଦ୍ୟାଳୟ ପାଚେରି

## ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ନିର୍ମାଣ ହୋଇଥିଲା

- ନିମ୍ନମାନର କାମ ହୋଇଥିବା ଅଭିଯୋଗ
- ଭେଣ୍ଡିଂ ଜୋନ୍‌କୁ ଦାୟୀ କଲେ କୁଳପତି

ଭୁବନେଶ୍ୱର,୯।୪ (ବ୍ୟୁରୋ)



ରମାଦେବୀ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଦୃଷ୍ଟିରେ ରଖି ନୂଆ ପାଚେରି ନିର୍ମାଣ ହୋଇଥିଲା। ଜନପଥକୁ ଲାଗି ରହିଥିବା ଏହି ନବନିର୍ମିତ ପାଚେରି ୨ ମାସ ଗଲା ନାହିଁ। ମଙ୍ଗଳବାର ସକାଳ ପ୍ରାୟ ୬ଟା ୪୫ରେ ୧୨ ଫୁଟ ଉଚ୍ଚ ପାଚେରୀର ପ୍ରାୟ ୫୦୦ ମିଟର ବିଶ୍ୱବିଦ୍ୟାଳୟ ପାର୍ଶ୍ୱକୁ ଭୁଶୁଡି ପଡିଥିଲା। ଉଚ୍ଚଶବ୍ଦ ଶୁଣି ନିକରେ ଥିବା ଦୋକାନୀ, ପିଜି ଏବଂ ପିଏଚ୍‌ଡି ହଷ୍ଟେଲରେ ଥିବା ଛାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଏଥିସହ କୁଳପତି ପରାଜିତା ଚୌଧୁରୀ ସେଠାରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ତରବରିଆ ଭାବେ ନିମ୍ନମାନର କାର୍ଯ୍ୟ ହୋଇଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁରୁଣା ପଚେରି ଉପରେ ନୂଆ ଇଟା ଥୋଇ ବିନା ପିଲରରେ ନିର୍ମାଣ କରାଯାଇଥିବାରୁ ଏପରି ସ୍ଥିତି ଉପୁଜିଲା ବୋଲି ଦୋକାନୀମାନେ କହିଛନ୍ତି। ପାଚେରି କଡ଼ରେ ଥିବା ଭେଣ୍ଡିଂ ଜୋନ୍‌ରେ ପ୍ରାୟ ୩୦ଟି ଦୋକାନ ରହିଛି। ବିଭିନ୍ନ ଦୋକାନରେ ୧୦ରୁ ଅଧିକ ଲୋକଥିବାବେଳେ ଯଦି ପାଚେରିଟି ରାସ୍ତା ପାର୍ଶ୍ୱକୁ ଥିବା ଭେଣ୍ଡିଂ ଜୋନ୍ ଉପରେ ପଡ଼ିଥାନ୍ତା, ତେବେ ବଡ଼ କ୍ଷୟକ୍ଷତି ଘଟିଥାନ୍ତା ବୋଲି ରୁଦ୍ରପ୍ରତାପ ବେହେରା ନାମକ ଜଣେ ଦୋକାନୀ କହିଛନ୍ତି। ସେହିପରି ପୂର୍ବାହ୍ନରେ ପାଚେରି କଡ଼ ବଗିଚାରେ ଏକ କାର୍ଯ୍ୟକ୍ରମ ପାଇଁ ବୈଠକ ଥିବାବେଳେ ଏହାପୂର୍ବରୁ ତାହା ଭୁଶୁଡି ପଡିଥିବାରୁ ବଡ଼ ଦୁର୍ଘଟଣା ଟଳି ଯାଇଥିବା ଛାତ୍ରୀମାନେ ପ୍ରକାଶ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବିଶ୍ୱବିଦ୍ୟାଳୟ କୁଳପତି ଅପରାଜିତା ଚୌଧୁରୀ ଏହି ଘଟଣା ପାଇଁ ପାଚେରି କଡ଼ରେ ଥିବା ଭେଣ୍ଡିଂ ଜୋନ୍‌କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା। ଭେଣ୍ଡି ଜୋନ୍‌ର ଡ୍ରେନ୍ ପାଚେରି ତଳେ ଦିଆଯାଇଛି। ଏଥିପାଇଁ ପାଚେରି ମୂଳରୁ ପାଣି ବାହାରିବା ସହ ଦୁର୍ବଳ କରିଦେଇଥିଲା। ବିଶ୍ୱ ବିଦ୍ୟାଳୟ ଭିତରକୁ ପାଚେରି ତଳ ଦେଇ ଡ୍ରେନ୍ ପାଣି ଆସୁଥିବାରୁ ବିଏମ୍‌ସି ଓ ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲୁ। ଏହି କାମ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି)କୁ ଦିଆଯାଇଥିଲା। ସେମାନେ ଏହି ପାଚେରିରେ ପିଲର ଦେଇଥିଲେ କି ନାହିଁ ସେ ବିଷୟରେ କୌଣସି ମନ୍ତବ୍ୟ ଦେଇପାରିବିନି ବୋଲି କୁଳପତି କହିଛନ୍ତି।



ବୋଲଗଡ଼: ଚୁଡ଼ା ଗ୍ରାମର ଗେଡିମୁଣ୍ଡିଆ ମଠ ପରିସର ପତିତପାବନ ଦେବଙ୍କ ପୀଠରେ ଅଷ୍ଟପ୍ରହର ନାମଯଜ୍ଞ ଉପଲକ୍ଷେ ଅନୁଷ୍ଠିତ କଳସ ଶୋଭାଯାତ୍ରା।

# ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ




ମହୋତ୍ସବରେ ଉପସ୍ଥିତ ଅତିଥିମାନେ।

ବାଲକାଟୀ, ୯।୪(ଡି.ଏନ୍.ଏ.)
ରାଜଧାନୀ ଉପକଣ୍ଠ ଯଶୁଆପୁର ଗ୍ରାମରେ ରବିବାର ଷଷ୍ଠ ଯଶଆପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପରିବେଶବିତ୍ ଦିଲ୍ଲୀପ ଶ୍ରୀଚନ୍ଦନ ମଞ୍ଚାସୀନ ଥିଲେ। ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଇକ ଆଖଡ଼ା ଓ ଏକକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ଶିକ୍ଷବିତ୍ ବିଧୁଭୂଷଣ ନାୟକ ଉପସ୍ଥିତ ଥିଲେ।

# ମହାପ୍ରଭୁଙ୍କ ଦର୍ଶନ ନିମନ୍ତେ ଭକ୍ତଙ୍କ ଗହଳି



ପୁରୀ ଅଫିସ, ୯।୪:
ମହାପ୍ରଭୁଙ୍କ ଦର୍ଶନ ପାଇଁ ରବିବାର ଭକ୍ତଙ୍କ ପ୍ରବଳ ଗହଳି ଦେଖିବାକୁ ମିଳିଛି। ବଡ଼ଦାଣ୍ଡରେ ଭକ୍ତମାନେ ଘଣ୍ଟା ଘଣ୍ଟା ଧରି ଧାଡ଼ିରେ ଛିଡ଼ା ହୋଇଥିବାବେଳେ ମରିଚିକୋଟ ଛକ ପର୍ଯ୍ୟନ୍ତ ଧାଡ଼ି ଲମ୍ବିଥିଲା। ସେହିପରି ବେଳାଭୂମିରେ ପର୍ଯ୍ୟଟକଙ୍କ ଗହଳି ଲାଗିରହିଥିଲା। ପୁରୀରେ ଭକ୍ତ ତଥା ପର୍ଯ୍ୟଟକଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏଥିପାଇଁ ପ୍ରଶାସନ ପକ୍ଷରୁ ମରିଚିକୋଟ ଠାରୁ ଶ୍ରୀମନ୍ଦିର ପର୍ଯ୍ୟନ୍ତ ରାସ୍ତାରେ ନାଲିରଙ୍ଗର ମ୍ୟାଟ୍ ପକାଯାଇଛି। ଯାହାଫଳରେ ପ୍ରବଳ ଖରାରେ ଭକ୍ତମାନଙ୍କ ଗୋଡ଼ ତାତିବ ନାହିଁ। ଭକ୍ତମାନେ ଅନେକ ସମୟ ଧରି ବଡ଼ଦାଣ୍ଡରେ ଠିଆହୋଇ ରହିଥିବା ଦେଖିବାକୁ ମିଳିଥିଲା। ଶନିମନ୍ଦିର ଛକଠାରୁ ଧାଡ଼ି ଲମ୍ବିଥିଲା। କେତେଜଣ ଭକ୍ତ ପାଣି ନ ପାଇ ଡହଳବିକଳ ହୋଇଥିଲେ।

ଅପରପକ୍ଷେ ଭିଡ଼ ନିୟନ୍ତ୍ରଣ ପାଇଁ ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ପୋଲିସ ମୁତୟନ କରାଯାଇଥିଲା। ଅନ୍ୟ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସହ ଏସ୍‌ପି କନୱର ବିଶାଲ ସିଂଙ୍କ ସହ ଉପସ୍ଥିତ ରହି ଭିଡ଼ ନିୟନ୍ତ୍ରଣ କରୁଥିବା ଦେଖିବାକୁ ମିଳିଥିଲା। ଏସ୍‌ପି ନିଜେ ଭକ୍ତଙ୍କ ସହ ଆଲୋଚନା କରିଥିଲେ। ପ୍ରବଳ ଗହଳି କାରଣରୁ ଯେପରି ଭକ୍ତଙ୍କର କୌଣସି ସମସ୍ୟା ନ ଉପୁଜେ କିମ୍ବା ଆହତ ନ ହୁଅନ୍ତି ସେଥିପାଇଁ ପୋଲିସ ପ୍ରଶାସନ ପକ୍ଷରୁ ଏକ ନିଆରା ଢଙ୍ଗରେ ଅର୍ଥାତ ମାନବ ଶୃଙ୍ଖଳ ମଧ୍ୟରେ ଭକ୍ତଙ୍କୁ ବାରିକେଡ ମଧ୍ୟରେ ଦର୍ଶନ ପାଇଁ ଛଡ଼ାଯାଇଥିଲା। ଭକ୍ତମାନେ ଯେପରି ଦୌଡ଼ାଦୌଡ଼ି କରି ଯାଇପାରିବେ ନାହିଁ ସେଥିପାଇଁ ଭକ୍ତମାନଙ୍କ ଆଗରେ ପୋଲିସ କର୍ମଚାରୀମାନେ ମାନବ ଶୃଙ୍ଖଳ କରି ଚାଲି ଚାଲି ଯାଇଥିଲେ। ଭକ୍ତମାନେ ସେମାନଙ୍କ ପଛେ ପଛେ ବ୍ୟାରିକେଡ ଦେଇ ଯାଇଥିଲେ। ଜଣେ ଅତିରିକ୍ତ ଏସ୍‌ପି, ୨ ଜଣ ଡିଏସ୍‌ପି, ୮ଜଣ ଇନ୍ସପେକ୍ଟର ଏବଂ ୧୫ଜଣ ଅଧିକାରୀଙ୍କ ସମେତ ଅନ୍ୟ ପୋଲିସ କର୍ମଚାରୀ ନିୟୋଜିତ ରହିଥିଲେ। ଅପରପକ୍ଷରେ ପ୍ରବଳ ଜନ ସମାଗମ କାରଣରୁ ପୁରୀରେ ଟ୍ରାଫିକ ସମସ୍ୟା ଦେଖାଯାଇଥିଲା। ଫଳରେ ଟ୍ରାଫିକ ଡିଏସ୍‌ପି, ଇନ୍ସପେକ୍ଟର ଓ ପୋଲିସ କର୍ମଚାରୀମାନେ ଟ୍ରାଫିକ ସମସ୍ୟା ଦୂର ପାଇଁ ବ୍ୟସ୍ତ ଥିବା ଦେଖିବାକୁ ମିଳିଥିଲା।

## 'ସୁନ୍ଦର ସାସ୍ଥ୍ୟ ପାଇଁ ସନ୍ତୁଳନ ଖାଦ୍ୟ ଜରୁରୀ'

ପୁରୁଣା ଭୁବନେଶ୍ୱର,୯।୪(ଡି.ଏନ୍.ଏ.)
ସ୍ୱାସ୍ଥ୍ୟ ଠିକ୍ ରହିଲେ ମଣିଷ ଦୀର୍ଘଜୀବୀ ରୁହେ। ଏହି ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସନ୍ତୁଳନ ଖାଦ୍ୟର ଆବଶ୍ୟକତା ରହିଛି। ସ୍ଥାନୀୟ ବ୍ରାହ୍ମଣ ନିଯୋଗ ସମିତି ପରିସରରେ ଫ୍ରି ବ୍ଲଡ୍ ଟେଷ୍ଟ କ୍ୟାମ୍ପ ଅବସରରେରେ ଉପସ୍ଥିତ ଡାକ୍ତରମାନେ ଏହା କହିଛନ୍ତି। କ୍ୟାମ୍ପରେ ପ୍ରାୟ ୧୨୦ଜଣ ରୋଗୀ ରକ୍ତ ପରୀକ୍ଷା କରାଇଥିଲେ। ବ୍ରାହ୍ମଣ ନିଯୋଗ ଅନୁକୂଲ୍ୟରେ ଭୁବନେଶ୍ୱର ଇନଷ୍ଟିଚ୍ୟୁଟ୍ ଅଫ ଲାଇଫ ଷ୍ଟାଇଲ ସହଯୋଗରେ କ୍ୟାମ୍ପରେ ବିରଞ୍ଚି ନାରାୟଣ ପତି, ଦାଶରଥି ଗରାବଡୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଛାତରୁ ଖସିପଡ଼ି ବ୍ୟବସାୟୀ ଗୁରୁତର

ବୋଲଗଡ,୯।୪(ଡି.ଏନ୍.ଏ.)
ବୋଲଗଡ ବ୍ଲକ ଖଙ୍ଗୁରିଆ ପଞ୍ଚାୟତ ହରିପୁରପାଟଣା ଗ୍ରାମର ଦାଶରଥି ସୁବୁଦ୍ଧି ଶନିବାର ଘର ଛାତରୁ ଖସିପଡି ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳେ ଦାଶରଥି ଛାତ ପାର୍ଶ୍ୱରେ ଥିବା ଗଛରୁ ପିଜୁଳି ତୋଳୁଥିବା ବେଳେ ଅସାବଧାନତାରୁ ତଳକୁ ଖସିପଡ଼ିଥିଲେ। ପରିବାରଲୋକେ ଓ ଗ୍ରାମବାସୀ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବଣିକ ମହାସଂଘ ସଭାପତି ପାଣ୍ଡବ ସାହୁ ସୁବୁଦ୍ଧିଙ୍କୁ ଭେଟି ସ୍ୱାସ୍ଥାବସ୍ଥା ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# 'ଦୃଢ଼ ଇଚ୍ଛାଶକ୍ତି ସଫଳତା ଆଣିଦିଏ'

## ଇନ୍‌ଫୋର୍ସ ପକ୍ଷରୁ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା

ପିପିଲି,୯।୪(ସ୍ୱ.ପ୍ର.):
ପିପିଲିର ଇନଫୋର୍ସ ଏକାଡେମୀ ପକ୍ଷରୁ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ରବିବାର ସ୍ଥାନୀୟ ମାଣିକ ଗାର୍ଡେନଠାରେ ଅନୁଷ୍ଠାନର ନିର୍ଦ୍ଦେଶକ ସରୋଜ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜେପ୍ରାଟେକ ନିର୍ଦ୍ଦେଶକ ଇଂ.ଜେନାମଣି ଆଶିଷ ରଞ୍ଜନ ଜେନା ଯୋଗଦେଇ ଛାତ୍ରୀଛାତ୍ରଙ୍କ ସଫଳତାର ମାର୍ଗଦର୍ଶନ ଉପରେ ଆଲୋକପାତ କରିଥିଲେ। ଦୃଢ ଇଚ୍ଛାଶକ୍ତି ସର୍ବଦା ସଫଳତା ଦିଏ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମ୍ମାନିତ ଅତିଥିଭାବେ ଓଡିଶା ପୋଲିସ ପ୍ରଶିକ୍ଷଣ କେନ୍ଦ୍ରର ନିର୍ଦ୍ଦେଶକ ଶୁକଲାଲ୍ ମୁଣ୍ଡା, ଅବସରପ୍ରାପ୍ତ ସିଆର୍‌ପିଏଫ୍ ନକୁଳ ମହାପାତ୍ର, ଅବସରପ୍ରାପ୍ତ ଅଗ୍ନିଶମ ବିଭାଗ ଅଧିକାରୀ ଭଗବାନ ପରିଡା, ମନୋରଞ୍ଜନ ମହାପାତ୍ର ପ୍ରମୁଖ ଯୋଗଦେଇ କୃତୀ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମରେ ଏକାଡେମୀରେ ପ୍ରଶିକ୍ଷଣ ପାଇ ଜିଲା ଓଡିଶା ପୋଲିସରେ ୨୪ଜଣ, କମିଶନରେଟ ପୋଲିସରେ ୫ଜଣ, ଅବକାରୀ ବିଭାଗରେ ୨ଜଣ କନଷ୍ଟେବଲ ଓ ସବ୍‌ଇନ୍ସପେକ୍ଟର ଜଣେ, ଟ୍ରାଫିକ ପୋଲିସରେ ୨ଜଣ, ଜେଲ ୱାର୍ଡରରେ ଜଣେ, ରେଲ୍‌ୱେ ଗ୍ରୁପ ଡିରେ ୬ଜଣ, ଏସ୍‌ଏସ୍‌ସି ଜିଡିରେ ଜଣେ ମୋଟ ୪୩ଜଣ କୃତିତ୍ୱ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଶିକ୍ଷକ ଜ୍ୟୋତିପ୍ରକାଶ ସାହୁ, ସିଦ୍ଧେଶ୍ୱର ବେହେରା, ସରୋଜ ମହାନ୍ତି, ସୌମ୍ୟରଞ୍ଜନ ପ୍ରଧାନ, ପ୍ରଫୁଲ୍ଲ କୁମାର ସାହୁ, କାଳୁ ଚରଣ ପ୍ରମୁଖଙ୍କୁ ଦକ୍ଷ ପ୍ରଶିକ୍ଷକଭାବେ ମଧ୍ୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଦୀପକ କୁମାର ସ୍ୱାଇଁ ସଭା ପରିଚାଳନା କରିଥିବା ବେଳେ ଅନୁଷ୍ଠାନର ପୁରାତନ ପ୍ରଶିକ୍ଷଣ ଛାତ୍ରୀଛାତ୍ରଙ୍କ ସହ ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

# ମହାବିଦ୍ୟାଳୟର ବାର୍ଷିକୋତ୍ସବ

ନିମାପଡ଼ା,୯।୪(ଡି.ଏନ୍.ଏ.)
ନିମାପଡ଼ା ମଙ୍ଗଳା ଆବାସିକ ଯୁକ୍ତ ୨ ବିଜ୍ଞାନ ମହାବିଦ୍ୟାଳୟର ୨ ଦିନିଆ ୧୩ତମ ବାର୍ଷିକୋତ୍ସବ ଓ ପୁରସ୍କାର ବିତରଣ ସମାରୋହ ରବିବାର ଉଦ୍‌ଯାପିତ ହୋଇଛି। ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ୍ ଗଗନ ରଥ, ଅଧ୍ୟାପକ ସୁବ୍ରତ ମହାନ୍ତି, ଡାଇମଣ୍ଡ ଚାରିଟେବୁଲ ଟ୍ରଷ୍ଟ ସଭାପତି ଚିରଞ୍ଜୀବୀ ସ୍ୱାଇଁ, ଅଧ୍ୟାପିକା କଳ୍ପନା ପ୍ରଧାନ, ସାମାଜିକ କର୍ମୀ ଆରତି ପ୍ରହରାଜ, ଦୀପଙ୍କର ଲେଙ୍କା, ଏରବଙ୍ଗ ଉଚ୍ଚ ବିଦ୍ୟାଳୟ ଏନ୍‌ସିସି ଶିକ୍ଷକ କାର୍ତ୍ତିକ ନାୟକ, ମଙ୍ଗଳା ଆବାସିକ ମହାବିଦ୍ୟାଳୟ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ଛାଟୋଇ, କଲେଜ ପରିଚାଳନା ନିର୍ଦ୍ଦେଶକ ଶିକ୍ଷାବିତ୍ ଚିନ୍ତାମଣି ବରାଳ ପ୍ରମୁଖ ଉପସ୍ଥିତ ଥିଲେ। କଠିନ ପରିଶ୍ରମ, ଦୃଢ଼ ଇଚ୍ଛାଶକ୍ତି ହିଁ ସଫଳତା, ବିକାଶର ମାପକାଠି ବୋଲି ଅତିଥିମାନେ ମତପ୍ରକାଶ କରିଥିଲେ। ନିଷ୍ଠା ଓ ଅଧ୍ୟବସାୟ ରହିଲେ ଆଜିର ଛାତ୍ରୀଛାତ୍ର ଭବିଷ୍ୟତରେ ସମାଜରେ ଜଣେ ଜଣେ ପ୍ରତିଷ୍ଠିତ ବ୍ୟକ୍ତି, ଚରିତ୍ରବାନ୍ ନାଗରିକ, ଭଲ ମଣିଷ ହୋଇପାରିବେ ବୋଲି କହିଥିଲେ। କଲେଜ ପକ୍ଷରୁ ଏକ ନିଆରା ଢଙ୍ଗରେ ଗଠିତ ହୋଇଥିବା ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟକ୍ରମକୁ ଅତିଥିମାନେ ପ୍ରଶଂସା କରିଥିଲେ। ମୁଖ୍ୟତଃ ସ୍ୱଚ୍ଛତା, ଶିକ୍ଷା, ସ୍ୱାସ୍ଥ୍ୟ, ନିଶାକୁ ନା, ଆତ୍ମନିର୍ଭରଶୀଳତା ହିଁ ଟ୍ରଷ୍ଟର ମୂଳମନ୍ତ୍ର ଓ ମୂଳ ଲକ୍ଷ୍ୟ ବୋଲି ଟ୍ରଷ୍ଟ ପକ୍ଷରୁ କୁହାଯାଇଛି।

# ବ୍ରାହ୍ମଣୀଦେବୀ କ୍ରିକେଟ ପ୍ରିମିୟର ଲିଗ୍ ଉଦ୍‌ଯାପିତ

ବାଣପୁର,୯।୪(ଡି.ଏନ୍.ଏ.)
ନରେନ୍ଦ୍ରପୁର ପଞ୍ଚାୟତ ଅନ୍ତର୍ଗତ ଗମେଇ ଗ୍ରାମର ମା'ବ୍ରାହ୍ମଣୀ ଦେବୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦୁଇଦିନ ଧରି ଚାଲିଥିବା କ୍ରିକେଟ ପ୍ରିମିୟର ଲିଗ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଗମେଇ ଗ୍ରାମର ମା'ବ୍ରାହ୍ମଣୀ ଦେବୀ ଯୁବକ ସଂଘ ଓ ଭେଟେଶ୍ୱର ଗ୍ରାମର ଭେଟିନାଥ ଦେବ କ୍ରିକେଟ କ୍ଲବ ମଧ୍ୟରେ ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଏଥିରେ ମା'ବ୍ରାହ୍ମଣୀ ଦେବୀ ଯୁବକ ସଂଘ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥିଭାବେ ନରେନ୍ଦ୍ରପୁର ସରପଞ୍ଚ ସବିତା ଦାସ ଓ ସମ୍ମାନିତ ଅତିଥିଭାବେ ଭେଟେଶ୍ୱର ପୂର୍ବତନ ସରପଞ୍ଚ ଜିତେନ୍ଦ୍ର କୁମାର ଭୋଳ, ପୂର୍ବତନ ଜିଲାପରିଷଦ ସଦସ୍ୟ ନାରାୟଣ ପାଲଟାସିଂହ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଅତିଥିମାନେ ପୁରସ୍କାର ପ୍ରଦାନ କରିବା ସହ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରିଥିଲେ।

# ବଦ୍‌ମାସ ଏକାଦଶ ଚାମ୍ପିୟନ




## କାଇପଦର ପ୍ରିମିୟର ଲିଗ୍ କ୍ରିକେଟ

ଖୋର୍ଦ୍ଧା ଅଫିସ,୯।୪
କାଇପଦର କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ କାଇପଦରସ୍ଥିତ ମା'ବଘେଇ ଖେଳପଡିଆରେ ଚାଲିଥିବା କାଇପଦର ପ୍ରିମିୟର ଲିଗ୍(କେପିଏଲ୍) କ୍ରିକେଟ ଟୁର୍ନାମେଣ୍ଟରେ ବଦମାସ୍ ଏକାଦଶ ଚାମ୍ପିୟନ ହୋଇଛି। ରବିବାର ଫାଇନାଲ ମ୍ୟାଚ୍ ମହାକାଳ ମାଇନ୍ସ କ୍ଲବ ଓ ବଦ୍‌ମାସ ଏକାଦଶ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ୍ ଜିତି ମହାକାଳ ମାଇନ୍ସ କ୍ଲବ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ବୀରେନ ମଙ୍ଗରାଜଙ୍କ ୪୨ରନ ବଳରେ ଦଳ ୧୫ ଓଭରରେ ୪ ଉଇକେଟ ବିନିମୟରେ ୧୨୮ରନ ସଂଗ୍ରହ କରିଥିଲା। ଜବାବରେ ବଦମାସ ଏକାଦଶ ୫ ଉଇକେଟ ବିନିମୟରେ ୧୨୯ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ପପୁ ଚମ୍ପତି ଓ ବିଜୟ ରଣା ମ୍ୟାଚ୍ ପରିଚାଳନା କରିଥିଲେ। ରାଜେଶ କୁମାର ସୁବୁଦ୍ଧି ସ୍କୋରର ଦାୟିତ୍ୱ ତୁଲାଇଥିଲେ। ଉଦ୍‌ଯାପନୀ ମ୍ୟାଚରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର, ଚିଲିକା ବିଧାୟକ ପ୍ରଶାନ୍ତ ଜଗଦେବ, ଜିଲା ପରିଷଦ ଅଧ୍ୟକ୍ଷା ରୂପଶ୍ରୀରାଣୀ ଗୁମାନସିଂ, ବିଜୟ ଅରିସଲ, ସମିତି ସଭ୍ୟ ବିଭୁପ୍ରସାଦ ବଳିୟାରସିଂ, ମନୋରମା ସ୍ୱାଇଁ ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।

# ନିୟୁ ମର୍ନିଂ କ୍ଲବ ଜିତିଲା

ବୋଲଗଡ଼,୯।୪(ଡି.ଏନ୍.ଏ.)
ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ଗେଡ଼ିଆପଲ୍ଲୀ ପଞ୍ଚାୟତର ଶାମୁକାପାଟଣାସ୍ଥିତ ଗୁଡ଼ପାଙ୍ଗି ଖେଳପଡ଼ିଆରେ ମହାବୀର କ୍ଲବ ପକ୍ଷରୁ ଚାଲିଥିବା ୧୦ତମ ଫୁଟ୍‌ବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚ୍ ନିୟୁ ମର୍ନିଂ କ୍ଲବ ପାଣିଓରା ଏବଂ ମା'ଡୁମଣି କ୍ଲବ ବଡ଼ବେରଣା ମଧ୍ୟରେ ହୋଇଥିଲା। ମ୍ୟାଚ୍ ଶେଷ ସୁଦ୍ଧା ଉଭୟ ଟିମ୍ କେହି କାହାରିକୁ ଗୋଲ୍ ଦେଇପାରି ନ ଥିଲେ। ଫଳରେ ଟାଇବ୍ରେକରରେ ନିୟୁ ମର୍ନିଂ କ୍ଲବ ୫-୪ ଗୋଲରେ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଦୟାନ ଖାଁଙ୍କ ନେତୃତ୍ୱରେ ତପନ କୁମାର ନାୟକ, ପ୍ରକାଶ ପରିଡା ଓ ଦାଶରଥି ଖୁଣ୍ଟିଆ ପ୍ରମୁଖ ରେଫରିଭାବେ ଦାୟିତ୍ୱ ତୁଲାଇଥିଲେ। ଆୟୋଜିତ ପୁରସ୍କାର ବିତରଣ ସଭାରେ ବିଜେଡି ରାଜ୍ୟ ସମ୍ପାଦକ ପ୍ରଦୀପ କୁମାର ସାହୁ ମୁଖ୍ୟ ଅତିଥି, ବେଗୁନିଆ ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟ ବକ୍ତା, ସ୍ଥାନୀୟ ସମିତି ସଭ୍ୟ ରଞ୍ଜନ କୁମାର ପଣ୍ଡା, ଅତିରିକ୍ତ କମିଶନର ବନ୍ଦୋବସ୍ତ ଓ ଚକବନ୍ଦୀ କୋର୍ଟ ଅଫିସର କୈଳାସ ଚନ୍ଦ୍ର ବେହେରା, ସାମାଜିକକର୍ମୀ ଭାଗବତ ମହାପାତ୍ର, ବିରଞ୍ଚି କୁମାର ଜଗଦ୍ଦେବ, ତପନ କୁମାର ପ୍ରଧାନ ଓ କୃଷକ ନେତା କାହ୍ନୁ ଚରଣ ବେହେରା ସମ୍ମାନିତ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିୟନ ଟିମକୁ ୪ହଜାର ଟଙ୍କା ସହ ଟ୍ରଫି ଏବଂ ରନରଅପ୍ ଟିମ୍‌କୁ ୩ହଜାର ଟଙ୍କା ଓ ଟ୍ରଫି ପ୍ରଦାନ କରାଯାଇଥିଲା। ମିହିର ରଞ୍ଜନ ମହାପାତ୍ର, ସଞ୍ଜୟ କୁମାର ତରେଇ, ଦାଶରଥି ନାୟକ ପ୍ରମୁଖ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।



ଅତିଥିଙ୍କଠାରୁ ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ସଂକ୍ଷେପରେ

### ଦଳୀୟ ସଙ୍ଗଠନକୁ ସୁଦୃଢ଼ କରିବାକୁ ଆହ୍ୱାନ

**କଟକ ସଦର କଂଗ୍ରେସର ସାଧାରଣ ବୈଠକ**

କଟକ ସଦର,୯।୪(ଡି.ଏନ୍.ଏ.): କଟକ ସଦର ବ୍ଲକ କଂଗ୍ରେସ କମିଟିର ସାଧାରଣ ବୈଠକ ରବିବାର ୪୨ ମୌଜା ଅନ୍ତର୍ଗତ ଶ୍ରୀରାମଠାରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନ ମଣ୍ଡଳୀ ସଭାପତି ରାମଚନ୍ଦ୍ର ଗୋଚ୍ଛାୟତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଜିଲା କଂଗ୍ରେସ ସଭାପତି ମାନସ ଚୌଧୁରୀ, ବରିଷ୍ଠ ନେତା ରବି ମଲ୍ଲିକ, ମନୋଜ ବିଶ୍ୱାଳ, ଦିଲୀପ ମହାନ୍ତି, ସୀତାକାନ୍ତ ପଣ୍ଡା, ମାନସ ପ୍ରଧାନ, ନିରଞ୍ଜନ ଲେଙ୍କା, ଅନିଲ ଦାସ, ଉଗ୍ରସେନ ଭୂୟାଁ, ପ୍ରଭାତ ଖଟୁଆ, ନିରଞ୍ଜନ ବେହେରା, ରଞ୍ଜନ ସେନାପତି, ରସିଦ୍ ଖାଁ, ମଧୁସୂଦନ ସେନାପତି, ରଷି କାଣ୍ଡି ପ୍ରମୁଖ ଯୋଗଦେଇ ତୃଣମୂଳ ସ୍ତରରୁ ଦଳୀୟ ସଙ୍ଗଠନକୁ ସୁଦୃଢ କରିବା ପାଇଁ ଆହ୍ୱାନ ଜଣାଇଥିଲେ। ବୁଥ୍‌ସ୍ତରରୁ ସମସ୍ତ ଦଳୀୟ କାର୍ଯ୍ୟକ୍ରମ ସଞ୍ଚାଳନ ପାଇଁ ପ୍ରସ୍ତାବ ଗୃହୀତ ହୋଇଥିଲା। ଜିଲା ଉପସଭାପତି ଶିଶିର କୁମାର ରଥ ଧନ୍ୟବାଦ ଦେଇଥିଲେ।

### ଭାଜପାର 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ

ଚୌଦ୍ୱାର,୯।୪(ଡି.ଏନ୍.ଏ.): ଚୌଦ୍ୱାର ଅଞ୍ଚଳରେ ଭାଜପାର 'ଗାଁ ଗାଁ ଚାଲ, ଘର ଘର ଚାଲ' ଅଭିଯାନ କାର୍ଯ୍ୟକ୍ରମ ରବିବାରଠାରୁ ଆରମ୍ଭ ହୋଇଛି। ଓବିସି ମୋର୍ଚ୍ଚା ମଣ୍ଡଳ ସଭାପତି ପ୍ରକାଶ ସାହୁଙ୍କ ନେତୃତ୍ୱରେ ପାଇକେରାପୁର ଗ୍ରାମରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ଓବିସି ମୋର୍ଚ୍ଚା ସାଧାରଣ ସମ୍ପାଦକ ଇଂ. ଜ୍ଞାନେନ୍ଦ୍ର ସ୍ୱାଇଁ ଅତିଥି ଭାବେ ଯୋଗଦେଇଥିଲେ। ଏହି ଗ୍ରାମର ବାରିକ ସାହି, ତେଲି ସାହି ଓ ଗୋପାଳ ସାହି ଭ୍ରମଣ କରି କେନ୍ଦ୍ର ସରକାରଙ୍କ ଜନକଲ୍ୟାଣ ଯୋଜନା ଓ ରାଜ୍ୟ ସରକାର ଓବିସିମାନଙ୍କ ପ୍ରତି କରିଥିବା ପକ୍ଷପାତିତା ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ନିଗମ ପ୍ରସାଦ ସାହୁ, ବସନ୍ତ ଦାସ, ଲକ୍ଷ୍ମୀନାରାୟଣ ସାହୁ, ଚନ୍ଦନ ନାୟକ, ଧୀରଞ୍ଜନ ସାହୁ, ହେମଲତା ସାହୁ, ଶଙ୍କର ବେହେରା, ମାୟାଧର ସ୍ୱାଇଁଙ୍କ ସମେତ ବହୁ କାର୍ଯ୍ୟକର୍ତ୍ତା ସାମିଲ ହୋଇଥିଲେ।

### ଶିରିଡ଼ି ସାଇ ମନ୍ଦିର ପ୍ରତିଷ୍ଠା ପ୍ରସ୍ତୁତି ବୈଠକ

କଟକ ସଦର, ୯।୪(ଡି.ଏନ୍.ଏ.): କଟକ-ପାରାଦୀପ ରାସ୍ତାପାର୍ଶ୍ୱ ସୋମପୁରଠାରେ ଶିରିଡ଼ି ସାଇବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠା ପାଇଁ ପ୍ରସ୍ତୁତି ବୈଠକ ଶନିବାର ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆସନ୍ତା ୨୦ରୁ ୨୩ ତାରିଖ ମଧ୍ୟରେ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ ହେବ। ଜଗତ୍‌ସିଂହପୁର ଜିଲାର ୧୫ ଜଣ ପଣ୍ଡିତ ଓ ମହାରାଷ୍ଟ୍ର ଶିରିଡିରୁ ୨ ଜଣ ପୂଜକ ଯୋଗଦେଇ ଏହି କାର୍ଯ୍ୟ ସମ୍ପନ୍ନ କରିବେ ବୋଲି ବୈଠକରେ ମତପ୍ରକାଶ ପାଇଥିଲା। ମନ୍ଦିର ଟ୍ରଷ୍ଟ ବୋର୍ଡ ସଭାପତି ରବୀନ୍ଦ୍ର ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ବୈଠକରେ ଟ୍ରଷ୍ଟି ନୃସିଂହ ଚରଣ ସ୍ୱାମୀ, ରାମଚନ୍ଦ୍ର ବେହେରା, ମଧୁସୂଦନ ବେହେରା, ପଦ୍ମନାଭ ବେହେରା, ଜଗନ୍ନାଥ ମହାନ୍ତି, ସତ୍ୟ ଜେନା, କାର୍ତ୍ତିକ ରାୟ, ଦୁର୍ଗା ପ୍ରସାଦ ନାୟକ, ଅଜଗର ଅଲ୍ଲୀ ଯୋଗଦେଇଥିଲେ।

# ଖୁଣ୍ଟୁଣୀ ବନାଞ୍ଚଳରେ ଚନ୍ଦକାର ୨୪ ହାତୀଙ୍କ ଉତ୍ପାତ

■ଫସଲ ନଷ୍ଟ, ଚାଷୀ ଆତଙ୍କିତ

■ହାତୀ ଘଉଡ଼ାଇବା ପାଇଁ ଚାଷୀଙ୍କୁ ଦିଆଗଲା ହାଇମାଷ୍ଟ ଟର୍ଚ୍ଚ

ଖୁଣ୍ଟୁଣୀ, ୯।୪(ଡି.ଏନ୍.ଏ.)

ଚନ୍ଦକା ଜଙ୍ଗଲରୁ ଆସିଥିବା ୨୪ ଟିକିଆ ହାତୀପଲ କିଛିଦିନ ହେବ ଖୁଣ୍ଟୁଣୀ ବନାଞ୍ଚଳରେ ପ୍ରବେଶ କରିଛି। ଏହାକୁ ନେଇ ଧାନ ଓ ପରିବା ଫସଲ କରିଥିବା ଚାଷୀ ଆତଙ୍କିତ ହୋଇପଡିଛନ୍ତି। ହାତୀପଲ ଧାନ ଓ ଆଖୁ ଖାଇବା ସହ ଲୋକଙ୍କ ବଗିଚାରେ ଥିବା କଦଳୀ, ଅମୃତଭଣ୍ଡା ଗଛ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ହେଲେ ଏଥିପାଇଁ ଚାଷୀମାନେ ଭୟଭୀତ ନ ହେବାକୁ ବନ ବିଭାଗ ପକ୍ଷରୁ କୁହାଯିବା ସହ ହାତୀ ଘଉଡାଇବା ପାଇଁ ହାଇମାଷ୍ଟ ଲାଇଟ୍ ପ୍ରଦାନ କରାଯାଇଛି।

ମିଳିଥିବା ସୂଚନା ଅନୁଯାୟୀ, ଏହି ହାତୀପଲ ଗୁରୁବାର ଚନ୍ଦକାରୁ ଆସି ମହାନଦୀର କନ୍ଦରପୁର ଘାଟ ପାର ହୋଇ ଖୁଣ୍ଟୁଣୀ-ଘଣ୍ଟିଖାଲ ରାସ୍ତାରେ ଯାଇ ହରିପୋଲେଇ ପାହାଡ ତଳେ ରହିଥିଲେ। ପରେ ଶନିବାର ରାତିରେ ସୁନିଆଁମୁହଁ ସଂରକ୍ଷିତ ଜଙ୍ଗଲରେ ପ୍ରବେଶ କରିଥିଲେ। ଏହି ହାତୀପଲରେ ୯ ମାଈହାତୀ, ୬ ଦନ୍ତା ଓ ୯ ଛୁଆ ହାତୀ ଅଛନ୍ତି। ଖାଦ୍ୟ ଓ ପାନୀୟ ଅନ୍ୱେଷଣରେ ହାତୀପଲ



ହାତୀପଲ ରାସ୍ତା ପାର ହେଉଛନ୍ତି।

ଜଙ୍ଗଲରୁ ଆସି କଖଡ଼ି, ନାରଙ୍ଗବସ୍ତ, ସୁନିଆଁମୁହଁ, ଲିଙ୍ଗାପଦା, ମଞ୍ଚେଶ୍ୱର, ବ୍ରାହ୍ମଣବସ୍ତ ଗ୍ରାମରେ ପଶି ଧାନ, ଆଖୁ ସମେତ ପରିବା ଫସଲ ନଷ୍ଟ କରିଥିବା କେତେଜଣ ଚାଷୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଚାଷୀ ସିଦ ଖଟୁଆ କହିଛନ୍ତି, ହାତୀଙ୍କ ପାଇଁ ଚାଷୀମାନଙ୍କ ନିଦ ହଜିଯାଇଛି। ୩ ଦିନ ମଧ୍ୟରେ କେତେଜଣ ଚାଷୀଙ୍କ ଫସଲ ନଷ୍ଟ ହୋଇଛି। ଅନ୍ୟ ଚାଷୀମାନେ ହାତୀଙ୍କ କବଳରୁ ଫସଲ ରକ୍ଷା କରିବା ପାଇଁ ସଜାଗ ରହିଥିବା ସେ କହିଛନ୍ତି। ଅପରପକ୍ଷରେ ଖୁଣ୍ଟୁଣୀ ବନାଞ୍ଚଳ ଅଧିକାରୀ ନୀଳମାଧବ ସାହୁ କହିଛନ୍ତି, ଚାଷୀମାନେ ଭୟଭୀତ ହୁଅନ୍ତୁ ନାହିଁ। ବନବିଭାଗ ଚାଷୀମାନଙ୍କ ସହିତ ସଜାଗ ଅଛି। ଗତ ୨ ଦିନ ମଧ୍ୟରେ ଖୁଣ୍ଟୁଣୀ, ରାଧାକିଶୋରପୁର, ଓରନ୍ଦା, କୁସପଙ୍ଗି, ଗୋବରା, କୁମାରପୁର, ଛଅଗାଁ, କଣ୍ଡରେଇ, ମଞ୍ଚେଶ୍ୱର, ଗୁରୁଡିଝାଟିଆ ଆଦି ପଞ୍ଚାୟତର ଚାଷୀଙ୍କୁ ୧୨୦ଟି ହାଇମାଷ୍ଟ ଡିଜିଟାଲ ଟର୍ଚ୍ଚ ଲାଇଟ୍ ପଞ୍ଚାୟତ ପ୍ରତିନିଧିଙ୍କ ଜରିଆରେ ପ୍ରଦାନ କରାଯାଇଛି। ଏହି ଟର୍ଚ୍ଚ ଲାଇଟ୍‌ରେ ୩ଟି ସୁଇଚ୍ ରହିଛି। ହାତୀଙ୍କ ଆଖି ଉପରେ ଏହି ଲାଇଟ୍ ପଡିବା ଦ୍ୱାରା ସେମାନେ ଆଉ ଆଗକୁ ଯାଇପାରିବେ ନାହିଁ। ଅନ୍ୟ ସୁଇଚ୍ ମାରିଲେ ଖୁବ୍‌ଜୋରରେ ଲାଇଟ୍ ଦପ୍‌ଦପ୍ ହେବା ଦ୍ୱାରା ହାତୀ ସେହି ସ୍ଥାନ ଛାଡି ପଳାଇଯିବ। ଆଗାମୀ ଦିନରେ ଅନ୍ୟ ଚାଷୀମାନଙ୍କୁ ଏହି ଟର୍ଚ୍ଚ ଲାଇଟ୍ ଯୋଗାଇ ଦିଆଯିବ। ଜଙ୍ଗଲ ବିଭାଗ ପକ୍ଷରୁ ହାତୀ ଘଉଡାଳି, ପାରା ଷ୍ଟାଫ୍‌ଙ୍କୁ ସ୍ୱତନ୍ତ୍ର ଭ୍ୟାନ୍ ଯୋଗାଇ ଦିଆଯାଇଛି। ହାତୀ ଦ୍ୱାରା ଯେଉଁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି, ସେମାନେ ଅଭିଯୋଗ କଲେ ତଦନ୍ତ କରାଯାଇ କ୍ଷତିପୂରଣ ଦିଆଯିବା ବ୍ୟବସ୍ଥା କରାଯିବ ବୋଲି ସେ କହିଛନ୍ତି।

# ପାନୀୟ ଜଳ ପ୍ରକଳ୍ପ ପାଇଁ ୧୫୩ କୋଟି ୫୧ ଲକ୍ଷ ଅନୁମୋଦନ




ଖବରଦାତା ସମ୍ମିଳନୀରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ସହ ଦୁଇ ବିଧାୟକ।

କଟକ ଅଫିସ,୯।୪

**କଟକ ଜିଲାକୁ ମୁଖ୍ୟମନ୍ତ୍ରୀଙ୍କ ସହାୟତା**

କଟକ ଜିଲାରେ ଏକ ବୃହତ୍ ଗ୍ରାମ୍ୟ ପାନୀୟ ଜଳଯୋଗାଣ ପ୍ରକଳ୍ପ ନିମନ୍ତେ ୧୫୩ କୋଟି ୫୧ ଲକ୍ଷ ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଛନ୍ତି। ଉକ୍ତ ପ୍ରକଳ୍ପ ଦ୍ୱାରା ସାଲେପୁର ନିର୍ବାଚନ ମଣ୍ଡଳୀର ୧୩ଟି ପଞ୍ଚାୟତ, ଟାଙ୍ଗୀ-ଚୌଦ୍ୱାର ନିର୍ବାଚନ ମଣ୍ଡଳୀର ୫ଟି ପଞ୍ଚାୟତ ଓ ଆଠଗଡ଼ ନିର୍ବାଚନ ମଣ୍ଡଳୀର ୫ଟି ପଞ୍ଚାୟତରେ ଜଳ ଯୋଗାଣ କରାଯିବ। ଏହାଦ୍ୱାରା ମୋଟ ୧୪୯ଟି ଗ୍ରାମରେ ବାସ କରୁଥିବା ୧,୪୭,୫୪୨ ଲୋକ ପାନୀୟ ଜଳ ପାଇବେ। ୨୪ ମାସ ମଧ୍ୟରେ ଉକ୍ତ ପ୍ରକଳ୍ପ କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିବା କଟକ ସର୍କିଟ ହାଉସ୍‌ରେ ରବିବାର ଆୟୋଜିତ ଖବରଦାତା ସମ୍ମିଳନୀରେ କୃଷିମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ସୂଚନା ଦେଇଛନ୍ତି। ଏଥିସହ କୃଷକ ସଙ୍ଗଠନର କାର୍ଯ୍ୟକାରିତା ପାଇଁ ୨୦୨୩-୨୪ରୁ ୨୦୨୭-୨୮ ପର୍ଯ୍ୟନ୍ତ ୫ ବର୍ଷରେ ମୋଟ ୩୧୩.୬୧ କୋଟି ଟଙ୍କା ମୁଖ୍ୟମନ୍ତ୍ରୀ ଅନୁମୋଦନ କରିଥିବା ମନ୍ତ୍ରୀ ସ୍ୱାଇଁ କହିଛନ୍ତି। ୧ ହଜାରରୁ ଊର୍ଦ୍ଧ୍ୱ କୃଷକ ସଙ୍ଗଠନ ଅତି କମ୍‌ରେ ୩ ଲକ୍ଷ ଚାଷୀଙ୍କୁ ସାମିଲ କରି ଆଗାମୀ ୫ ବର୍ଷ ମଧ୍ୟରେ ଋଣ ସଂଯୋଗୀକରଣ, ଓଡ଼ିଶାର କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ଆୟ ବୃଦ୍ଧି, ସାମାଜିକ ତଥା ଅର୍ଥନୈତିକ ବିକାଶ ଏହି ସହାୟତାର ମୂଳ ଲକ୍ଷ୍ୟ। କୃଷି ଉତ୍ପାଦର ଉଚିତ ମୂଲ୍ୟ ପାଇବା ସହ ଯୋଜନା କାର୍ଯ୍ୟକାରୀ ହେବାର ପ୍ରଥମ ବର୍ଷ ଶେଷରେ ଅତିରିକ୍ତ ଅଭିବୃଦ୍ଧି ଆୟ ପାଇବାରେ ଏହି ଯୋଜନା ସହାୟକ ହେବ ବୋଲି ସେ କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର-କଟକ ବିଧାୟକ ସୌଭିକ ବିଶ୍ୱାଳ ଉପସ୍ଥିତ ଥିଲେ।




କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଅଙ୍ଗିକା ଡ୍ୟାନ୍ସ ଏକାଡେମୀ ପକ୍ଷରୁ ରବିବାର ଅନୁଷ୍ଠିତ ନବରସ ଡ୍ୟାନ୍ସ ଫେଷ୍ଟିଭାଲରେ କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଦେବେନ୍ଦ୍ର ସଭାପତି, ପ୍ରଶାନ୍ତ ସମ୍ପାଦକ

କଟକ ଅଫିସ,୯।୪

**ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ନୂତନ କର୍ମକର୍ତ୍ତା**

ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ସାଧାରଣ ଅଧିବେଶନ ଛତ୍ରବଜାରସ୍ଥିତ ଗଣେଶ ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସଙ୍ଗଠନର ସମ୍ବିଧାନ ସଂଶୋଧନ ସହ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ଭାବେ ଦେବେନ୍ଦ୍ର ନାଥ ସାହୁ ନିର୍ବାଚିତ ହୋଇଥିଲେ। ସେହିପରି ସାଧାରଣ ସମ୍ପାଦକ ଭାବେ ପ୍ରଶାନ୍ତ କୁମାର ସାହୁ, କୋଷାଧ୍ୟକ୍ଷ ରବୀନ୍ଦ୍ର ନାଥ ସାହୁ, ଉପସଭାପତି ଭାବେ ସୁନୀଲ କୁମାର ସାହୁ, ତ୍ରିନାଥ ସରାଫ, ମିଳନ କୁମାର ସାହୁ, ବାସୁଦେବ ସାହୁ, ପର୍ଶୁରାମ ସାହୁ, ସୁବାସ ଚନ୍ଦ୍ର ବେହେରା, ଯୁବ ସଙ୍ଗଠନ ସଭାପତି ଭାବେ ବିନୋଦ ଚନ୍ଦ୍ର ସାହୁ, ଯୁବ ସମ୍ପାଦକ ଭାବେ ଭୀମସେନ ସାହୁ ନିର୍ବାଚିତ ହୋଇଥିଲେ। ପ୍ରଥମ ଥର ପାଇଁ ନିଖିଳ ଉତ୍କଳ ମଧୁବୈଶ୍ୟ ସମାଜର ମହିଳା ସଙ୍ଗଠନ ଗଠନ କରାଯାଇଥିଲା। ବିଭିନ୍ନ ଜିଲାରୁ ପ୍ରାଦେଶିକ ସଭ୍ୟ, ଆଜୀବନ ସଭ୍ୟ, ପୃଷ୍ଠପୋଷକ ସଭ୍ୟ, ମହିଳା ସଭ୍ୟା ଓ ଜିଲାସ୍ତରୀୟ କର୍ମକର୍ତ୍ତା ଯୋଗଦେଇଥିଲେ। ଏହି ଅବସରରେ ନବ ନିର୍ବାଚିତ ପ୍ରତିନିଧିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ନିର୍ବାଚିତ ହୋଇଥିବା କର୍ମକର୍ତ୍ତାଙ୍କ ସହ ଅନ୍ୟମାନେ।

# 'ସକାରାତ୍ମକ ବିଚାରଧାରାରେ ଆଇନସେବା ମିଳିବା ଦରକାର'

କଟକ ଅଫିସ,୯।୪

**ଆଇନ ସଚେତନତା ସମ୍ପର୍କିତ ଆଲୋଚନାଚକ୍ର**

ଆଇନ ସେବା ସଙ୍ଗଠନ ଲିଗାଲ ଏଡ୍ କାଉନସିଲ୍ ପକ୍ଷରୁ ଆଇନ ସେବା ଓ ଜନ ସଚେତନତା ଉପରେ ଏକ ଆଲୋଚନାଚକ୍ର ଚହଟାଘାଟସ୍ଥିତ ଚହଟେଶ୍ୱର ମନ୍ଦିର ପରିସରରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବିଚାରପତି ରତିକାନ୍ତ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଥିଲେ, ସକାରାତ୍ମକ ବିଚାରଧାରାରେ ସାଧାରଣ ଜନତାଙ୍କୁ ଆଇନସେବା ମିଳିବା ଦରକାର। ଏହି ନୀତି ଆଧାରରେ ଆଇନ ସେବା ସଂଗଠନ ସାଧାରଣ ଜନତାଙ୍କ ପାଖରେ ପହଞ୍ଚିବା ସ୍ୱାଗତଯୋଗ୍ୟ ପଦକ୍ଷେପ। ସମ୍ମାନିତ ଅତିଥି ଆଇନଜୀବୀ ଅଜୟ କୁମାର ବରାଳ କହିଥିଲେ, ଆଇନଜୀବୀଙ୍କ ଜୀବନଜୀବିକା କ୍ଷେତ୍ରରେ ଥିବା ସୁବିଧାସୁଯୋଗ ଉପଯୋଗ ହେଲେ ବୃହତ୍ତର ସ୍ୱାର୍ଥ ସାଧନ ହେବ। ଅନ୍ୟତମ ଅତିଥି ଭାବେ ଆଇନଜୀବୀ ସନାତନ ଦାସ ଯୋଗଦେଇ କହିଥିଲେ, ସମାଜରେ ନ୍ୟାୟିକ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଦିଗରେ ଆଇନଜୀବୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ଆଇନଜୀବୀ ଦୁଃଖୀଶ୍ୟାମ ଦାସ ଅଧ୍ୟକ୍ଷତା କରି ସମାଜରେ ଦଳିତ, ନିଷ୍ପେସିତ, ଅବହେଳିତ ଲୋକଙ୍କୁ ମାଗଣା ଆଇନ ସେବା ସହାୟତା କ୍ଷେତ୍ରରେ ଏହି ଅନୁଷ୍ଠାନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଛି ବୋଲି କହିଥିଲେ। ଅନୁଷ୍ଠାନର ସମ୍ପାଦକ ତଥା ଆଇନଜୀବୀ ଦେବେନ୍ଦ୍ର ନାରାୟଣ ପଟ୍ଟନାୟକ ସ୍ୱାଗତ, ପଣ୍ଡିତ ଦିଲୀପ କୁମାର ସାବତ ଶିବ ସ୍ତୁତି ଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କିଶୋର ଚନ୍ଦ୍ର ସ୍ୱାଇଁ, ଅଶୋକ କୁମାର ଦଳାଇ, ଆଲୋକ କୁମାର ପଣ୍ଡା, ନରେନ୍ଦ୍ର କୁମାର ସାହୁ, ସୌମ୍ୟସାରଥି ଦାସ, ରଞ୍ଜନ କୁମାର ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆଇନଜୀବୀ କବୀର କୁମାର ଜେନା ଧନ୍ୟବାଦ ଦେଇଥିଲେ।

# ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କଲେ ରାଜ୍ୟ ନିରାମୟ ଉପଦେଷ୍ଟା

ଚୌଦ୍ୱାର,୯।୪(ଡି.ଏନ୍.ଏ.)

ରାଜ୍ୟ ନିରାମୟ ଉପଦେଷ୍ଟା ରଞ୍ଜନ ବିଶ୍ୱାଳ ରବିବାର ଚୌଦ୍ୱାର ସହରାଞ୍ଚଳ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ସେଠାରେ ଥିବା ନିରାମୟ କେନ୍ଦ୍ର ଅନୁଧ୍ୟାନ କରିବା ସହ କେନ୍ଦ୍ର ଦାୟିତ୍ୱରେ ଥିବା ଡା. ରବୀନ୍ଦ୍ର ମହାପାତ୍ରଙ୍କ ସହିତ ସ୍ୱାସ୍ଥ୍ୟକେନ୍ଦ୍ରର ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ରୋଗୀ ସଂଖ୍ୟାକୁ ଦୃଷ୍ଟିରେ ରଖି ଆଉ ଜଣେ ଡାକ୍ତରଙ୍କ ଆବଶ୍ୟକତା ଥିବା ଉପଲବ୍ଧି କରିବା ସହିତ ଏ ସମ୍ପର୍କରେ ବିଭାଗୀୟ ଅଧିକାରୀଙ୍କ ସହିତ ଆଲୋଚନା କରିବେ ବୋଲି ବିଶ୍ୱାଳ କହିଥିଲେ। ଏହି ପରିଦର୍ଶନବେଳେ ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲ, ସୁବ୍ରତ ସାମଲ, ଯୁବ ସଙ୍ଗଠକ ଅର୍ଜୁନ ପଣ୍ଡା ଉପସ୍ଥିତ ଥିଲେ।

# ନଦୀ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉ

କଟକ ଅଫିସ,୯।୪

**ନଦୀ ପୂଜନ, ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ**

ଭାଜପା ପ୍ରତିଷ୍ଠା ଦିବସ ତଥା ସେବା ସପ୍ତାହ ପାଳନ ଅବସରରେ ରବିବାର ସ୍ଥାନୀୟ ଗଡ଼ଗଡିଆ ଘାଟଠାରେ କଟକ ନଗର ଭାଜପା ପକ୍ଷରୁ ନମାମି ଗଙ୍ଗେ(ନଦୀ ପୂଜନ) ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପା କଟକ ନଗର ସଭାପତି ଲଲାଟେନ୍ଦୁ ବଡୁ, ନମାମି ଗଙ୍ଗେ ରାଜ୍ୟ ସଭାପତି ମହେଶ୍ୱର ସାହୁ, ସହ ସଂଯୋଜକ ଅଶୋକ ରଥ, ଜିଲା ସଂଯୋଜକ ଦୁର୍ଯ୍ୟୋଧନ ଲେଙ୍କା, ସହ ସଂଯୋଜକ ସଞ୍ଜୀବ ରଣା, ସ୍ୱଚ୍ଛ ଭାରତ ଜିଲା ସଂଯୋଜକ ନଳିନୀ ରାୟ, ନଗର ସଂଯୋଜକ କାମାକ୍ଷା ପ୍ରସାଦ ମିଶ୍ର, କୃଷକ ମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଦୀପ୍ତି ରଞ୍ଜନ ଜେନା, ତାରାପ୍ରସାଦ ମହାନ୍ତି, ଭାଗୀରଥି ଦଳେଇ, ପ୍ରବୀଣା ମହାପାତ୍ର, ନିତାଇ ଚରଣ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ। ଦଳୀୟ କର୍ମକର୍ତ୍ତାମାନେ ମହାନଦୀକୁ ପ୍ରଣାମ କରି ମହାନଦୀ କୂଳରେ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମ କରିଥିଲେ। ଏହି ଅବସରରେ ଗଡ଼ଗଡିଆ ମଣ୍ଡପରେ ଅନୁଷ୍ଠିତ ବୈଠକରେ ମୁଖ୍ୟ ଅତିଥି ମହେଶ୍ୱର ସାହୁ ଯୋଗଦେଇ ମହାନଦୀ ସମେତ ଓଡ଼ିଶାର ସମସ୍ତ ନଦୀର ସୁରକ୍ଷା ନିମନ୍ତେ ରାଜ୍ୟ ସରକାର ପଦକ୍ଷେପ ନେବା ପାଇଁ ଦାବି ରଖିବାକୁ ସମସ୍ତଙ୍କୁ ନିବେଦନ କରିଥିଲେ। ସେହିପରି ନଗର ସଭାପତି ବଡୁ ଯୋଗଦେଇ ଚାଷରେ ରାସାୟନିକ ସାର ପ୍ରୟୋଗ ବଦଳରେ ଜୈବିକ ପଦ୍ଧତିରେ ଚାଷ କରିବାକୁ କହିଥିଲେ।




ଗଡଗଡ଼ିଆ ଘାଟଠାରେ ନଦୀ ପୂଜନ ଓ ସ୍ୱଚ୍ଛ ଭାରତ କାର୍ଯ୍ୟକ୍ରମରେ ଉପସ୍ଥିତ ଭାଜପା କର୍ମକର୍ତ୍ତା।

# ବିଶ୍ୱସ୍ତରୀୟ ପ୍ରକଳ୍ପରେ ମେୟରଙ୍କ ଭୂମିକା ନାହିଁ: ଗିରିବାଳା

କଟକ ଅଫିସ,୯।୪

କଟକ ମହାନଗର ନିଗମ(ସିଏମ୍‌ସି) ମେୟର ସୁବାସ ସିଂଙ୍କ ତଥ୍ୟ ଅନୁଯାୟୀ ସହରରେ ନିର୍ମାଣାଧୀନ ବିଶ୍ୱସ୍ତରୀୟ ପ୍ରକଳ୍ପ ତାଙ୍କର ମୁଖ୍ୟ ଆକର୍ଷଣ ଥିଲା। ହେଲେ ସେଗୁଡିକର ଯୋଜନା ବହୁ ଆଗରୁ ହୋଇଛି। ଏଥିରେ ମେୟରଙ୍କ ଭୂମିକା କିଛି ନାହିଁ। କଂଗ୍ରେସ ବିଧାୟକ ମହମ୍ମଦ ମୋକିମ ବିଧାନସଭାରେ ଏନେଇ ବାରମ୍ବାର ଦାବି ଉଠାଇବା ପରେ କାର୍ଯ୍ୟ ଆରମ୍ଭ ହୋଇଛି। ସେହିପରି ସହରରୁ ମଶା ନିପାତ କରିବା ପାଇଁ ମେୟର ଦେଇଥିବା ପ୍ରତିଶ୍ରୁତି ପାଣିର ଗାର ହୋଇଛି। ସହରରେ ଅନେକ ସମସ୍ୟାର ସମାଧାନ କରିବାରେ ମେୟର ବିଫଳ ହୋଇଛନ୍ତି। ସିଏମ୍‌ସି କାଉନସିଲ୍‌ର ଏକବର୍ଷ ପୂର୍ତ୍ତି ଅବସରରେ ମେୟର ସିଂ ସହରବାସୀଙ୍କ ନିକଟରେ ନିଜର ସଫଳତା ଦର୍ଶାଇବାକୁ ଯାଇ ଅନେକ ମିଥ୍ୟା କାଳ୍ପନିକ କାହାଣୀର ଅବତାରଣା କରିଛନ୍ତି ବୋଲି କଟକ ନଗର କଂଗ୍ରେସର ପୂର୍ବତନ ସଭାନେତ୍ରୀ ଗିରିବାଳା ବେହେରା ରବିବାର ସେଲ୍‌ଟର ଛକସ୍ଥିତ ବିଧାୟକ ମୋକିମଙ୍କ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି।




ଖବରଦାତା ସମ୍ମିଳନୀରେ କଂଗ୍ରେସ ନେତ୍ରୀ ଗିରିବାଳା ବେହେରାଙ୍କ ସହ ଅନ୍ୟମାନେ।

ସିଏମ୍‌ସି କାଉନ୍‌ସିଲ ଗଠନକୁ ଗତ ୭ ତାରିଖରେ ଏକ ବର୍ଷ ପୂରଣ ହୋଇଛି। ଏହି ୧ ବର୍ଷ ମଧ୍ୟରେ ସହରର ଉନ୍ନତି ନେଇ ମେୟର ୭ ତାରିଖ ଏକ ଖବରଦାତା ସମ୍ମିଳନୀ କରି ରିପୋର୍ଟ ପ୍ରଦାନ କରିଥିଲେ। ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ନିର୍ମାଣାଧୀନ ପ୍ରକଳ୍ପଗୁଡିକ କଥା କହି ମେୟର ବାହା ବା ନେଉଛନ୍ତି। ଏସ୍‌ସିବି ମେଡିକାଲକୁ ବିଶ୍ୱସ୍ତରୀୟ କରିବା ପାଇଁ ଗତ ୩ ବର୍ଷ ଧରି କାର୍ଯ୍ୟ ଜାରି ରହିଛି। ସେଥିରେ ଅନ୍ତର୍ଭୁକ୍ତ ମହାନଦୀ ପଠା ପୋତେଇ ଓ ନବୀକରଣ, ରାଣୀହାଟ ୱାଚ୍ ଟାୱାର ନିର୍ମାଣ, ତାଳଦଣ୍ଡା କେନାଲ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଆଦି ଅନ୍ତର୍ଭୁକ୍ତ। ବାରବାଟୀ ଦୁର୍ଗ ଓ ଗଡଖାଇର ପୁନରୁଦ୍ଧାର କାର୍ଯ୍ୟ ସରିନାହିଁ। ଚଣ୍ଡୀମନ୍ଦିର ସୌନ୍ଦର୍ଯ୍ୟକରଣ, ନେତାଜୀ ବସ୍ ଟର୍ମିନାଲ, ୬ ଟିକିଆ ରାସ୍ତା ନିର୍ମାଣ ରାଜ୍ୟ ସରକାରଙ୍କ ତତ୍ତ୍ୱାବଧାନରେ ଚାଲିଛି। ଏହି ଉନ୍ନତୀକରଣ କାର୍ଯ୍ୟ ବିଧାୟକ ମୋକିମଙ୍କ ଯୋଗୁ ସମ୍ଭବ ହୋଇପାରିଛି। ବିଧାନସଭାରେ ମୋକିମ ବାରମ୍ବାର ଦାବି କରିବା ପରେ ବିଡାନାସୀ ମୁଖ୍ୟ ଡ୍ରେନ୍ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। କିନ୍ତୁ ମେୟରଙ୍କ ଅପାରଗତା ଯୋଗୁ ଏହି କାର୍ଯ୍ୟ ଧିମେଇ ଯାଇଛି। ସେହିପରି ମୋକିମଙ୍କ ଯୋଗୁ ପେଟାନାଳର ଉନ୍ନତୀକରଣ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି। ଗୋରାକବରର ଉନ୍ନତୀକରଣ ପାଇଁ ବିଧାୟକଙ୍କ ଉନ୍ନୟନ ପାଣ୍ଠିରୁ ଅର୍ଥ ଦିଆଯିବା ପରେ କାମ ଆରମ୍ଭ ହୋଇଥିଲା। ଡ୍ରେନ୍ ସଫା କରାଯାଉଥିଲେ ମଧ୍ୟ ବର୍ଷା ହେଲେ ସହରବାସୀ ଜଳବନ୍ଦୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। କେବଳ ପ୍ରଚାର ଓ ପ୍ରସାରରେ ୧ ବର୍ଷ ସରିଛି ବୋଲି ବେହେରା କହିଛନ୍ତି। ଏହି ଖବରଦାତା ସମ୍ମିଳନୀରେ କର୍ପୋରେଟର ସନ୍ତୋଷ କୁମାର ଭୋଳ, ଲିଜାରାଣୀ ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, ସୁବାଶିଷ ପଟ୍ଟନାୟକ, ଜେ. କାମେଶ୍ୱର ରାଓ, ବଟକୃଷ୍ଣ ସାହୁ, ଜନାର୍ଦ୍ଦନ ପରିଡା ଉପସ୍ଥିତ ଥିଲେ।

ଏନେଇ ମେୟର ସିଂ କହିଛନ୍ତି, କଂଗ୍ରେସ ଔଷଧ ବିକଳରେ ତାଟିଆ କାମୁଡୁଛି। ସହର ଉନ୍ନତିମୂଳକ କାର୍ଯ୍ୟରେ ବିଧାୟକଙ୍କ ଆଦୌ ଯୋଗଦାନ ନାହିଁ। ଲୋକେ କଂଗ୍ରେସକୁ ପ୍ରତ୍ୟାଖ୍ୟାନ କରିଛନ୍ତି। କାମବେଳେ ସେମାନେ କୁଆଡ଼େ ଯାଇଥିଲେ। ଗିରିବାଳା ଅବାସ୍ତବ କଥା କହୁଛନ୍ତି। କର୍ମଜୀବୀ ମହିଳା ହଷ୍ଟେଲ ତିଆରି, ପୋଖରୀ ପୁନରୁଦ୍ଧାରଠାରୁ ଆରମ୍ଭ କରି ରାସ୍ତାଘାଟ ନିର୍ମାଣ କରାଯାଇଛି। ସେହିପରି ହକି ବିଶ୍ୱକପ୍ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ଓ ଐତିହାସିକ ବାଲିଯାତ୍ରା ଆୟୋଜନ ସଫଳତାର ସହ କରାଯାଇଛି।



ପୁରୀ ବାଲିସାହି ପକ୍ଷରୁ ସାହିଯାତ ଅବସରରେ ବାହାରିଥିବା ଦୁର୍ଗାମେଢ଼



କାଳୀ ମେଢ଼



ନାଗା



ବସୁଦେବ ଶ୍ରୀକୃଷ୍ଣଙ୍କୁ ନନ୍ଦ ରାଜାଙ୍କ ଗୃହକୁ ନେଉଛନ୍ତି।



ନୃସିଂହ ମେଢ଼



ଫୁଲମେଢ଼ ଦୁର୍ଗା



ହନୁମାନ



ଚକୁଳିଆ ପଣ୍ଡା

## ପ୍ରେମିକଙ୍କ ଘର ଆଗରେ ଧାରଣାକୁ ନେଇ ଯୁବତୀଙ୍କୁ ମାଡ଼ ଅଭିଯୋଗ

**ଅସ୍ତରଙ୍ଗ,୯।୪(ଡି.ଏନ୍.ଏ.)**

ପ୍ରେମରେ ପ୍ରତାରଣା ପାଇବା ପରେ ୨୮ ବର୍ଷୀୟ ପ୍ରେମିକଙ୍କ ଘର ଆଗରେ ଦୀର୍ଘଦିନ ଧରି ଧାରଣାରେ ବସିଥିଲେ। ସେଠାରେ ଆକ୍ରୋଶର ଶିକାର ହେବାରୁ ପ୍ରେମିକଙ୍କ ସମେତ ୧୬ ଜଣଙ୍କ ବିରୋଧରେ ଅସ୍ତରଙ୍ଗ ଥାନାରେ ରବିବାର ପ୍ରେମିକା ଜଣକ ଅଭିଯୋଗ କରିଛନ୍ତି। ଅଭିଯୋଗକୁ ଭିତ୍ତି କରି ପୋଲିସ ତଦନ୍ତ କରୁଥିବାବେଳେ ପୀଡ଼ିତାଙ୍କୁ ଥାନାକୁ ଡାକି ବୟାନ ରେକର୍ଡ କରିଛି। ଖବର ଲେଖାହେବା ବେଳକୁ ମାମଲା ରୁଜୁ ହୋଇ ନ ଥିବା ଜଣାପଡ଼ିଛି।

ସୂଚନା ମୁତାବକ, ଅସ୍ତରଙ୍ଗ ବ୍ଲକ ଅଞ୍ଚଳର ଜଣେ ଯୁବତୀଙ୍କ ସହ ନଗର ପଞ୍ଚାୟତର ସଂପୃକ୍ତ ଯୁବକଙ୍କର ଫୋନ୍ ଜରିଆରେ ପ୍ରେମ ଆରମ୍ଭ ହୋଇଥିଲା। ଏପରି କି ଯୁବକ ଜଣକ ଯୁବତୀଙ୍କ ସହ ଶାରୀରିକ ସମ୍ପର୍କ ରଖିବା ସହ ବିବାହ ପ୍ରତିଶ୍ରୁତି ଦେଇଥିଲେ। ସେମାନଙ୍କ ଭିତରେ ଦୀର୍ଘ ୪ ବର୍ଷର ସମ୍ପର୍କ ଥିବାବେଳେ ଯୁବତୀଙ୍କୁ ଚାକିରି ଦେବା ନାଁରେ ବ୍ରହ୍ମପୁର ନେଇ ସେଠାରେ ୨ ମାସରୁ ଊର୍ଦ୍ଧ୍ୱ ରଖିବାରୁ ସେ ଗର୍ଭବତୀ ହୋଇଥିଲେ। ଯୁବତୀଙ୍କ ଗର୍ଭଧାରଣ ବିଷୟରେ ଜାଣିବା ପରେ ଯୁବକ ପ୍ରଲୋଭନ ଦେଖାଇ ଗର୍ଭ ନଷ୍ଟ କରିବା ସହ ଘରକୁ ପଠାଇ ଦେଇଥିଲେ। ପରେ ତାଙ୍କ ସହ ସମ୍ପର୍କ ଛିନ୍ନ କରିଦେଇଥିଲେ। ଏଥିରେ ଯୁବତୀ ଜଣକ କିଛି ଉପାୟ ନ ପାଇ ସଂପୃକ୍ତ ଯୁବକଙ୍କୁ ବିବାହ କରିବାକୁ ଜିଦ୍ ଧରି ତାଙ୍କ ଘର ସମ୍ମୁଖରେ ଧାରଣାରେ ବସିଥିଲେ। ଯୁବକଙ୍କ ସମ୍ପର୍କୀୟ କାଠଫାଳିଆ, ଝାଡ଼ୁ, କଟୁରି ଓ ଲୁହାଖଡ଼ିକାରେ ଯୁବତୀଙ୍କୁ ଆକ୍ରମଣ କରିବା ସହ ଜୀବନରୁ ମାରିଦେବାକୁ ଧମକ ଦେଇ ତାଙ୍କୁ ଉଲଗ୍ନ କରିଦେଇଥିବା ସେ ଥାନାରେ ଅଭିଯୋଗ କରିଛନ୍ତି।

# ୨୪ ଘଣ୍ଟା ପରେ ବି ପୋଲିସ ହାତ ଖାଲି

### ଜଙ୍ଗଲରୁ ଯୁବକଙ୍କ ମୃତଦେହ ଜବତ ଘଟଣା

**ପୁରୀ ଅଫିସ, ୯।୪**

ପୁରୀ ସଦର ଥାନା ଅଧୀନ ବାସୁଦେବପୁର ପଞ୍ଚାୟତ ପଥରପଦା ବଣୁଆ ସାହିର ମାନସ ପ୍ରଧାନଙ୍କ ମୃତଦେହକୁ କ୍ଷତାକ୍ତ ଅବସ୍ଥାରେ ଏକ ଜଙ୍ଗଲ ନିକଟରୁ ଶନିବାର ପୋଲିସ ଜବତ କରିଥିଲା। ମାନସଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ନେଇ ପରିବାର ଲୋକଙ୍କ ପକ୍ଷରୁ ଥାନାରେ ଅଭିଯୋଗ ହୋଇଥିଲା। ଏହାକୁ ଭିତ୍ତି କରି ପୋଲିସ ଏକ ମାମଲା ରୁଜୁ ସହ ତଦନ୍ତ ଜାରି ରଖିଛି। ତେବେ ଘଟଣାକୁ ୨୪ ଘଣ୍ଟା ବିତିଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୋଲିସ ସଫଳ ହୋଇପାରିନାହିଁ। ପ୍ରେମ ସମ୍ପର୍କକୁ ନେଇ ମାନସଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଥିବାବେଳେ ପୋଲିସ ଏପର୍ଯ୍ୟନ୍ତ ପ୍ରକୃତ କାରଣ ସ୍ପଷ୍ଟ କରିନାହିଁ। ଏ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି।

ଅଭିଯୋଗ ଅନୁଯାୟୀ, ଜଣେ ଯୁବତୀଙ୍କ ସହ ମାନସଙ୍କର ପ୍ରେମ ସମ୍ପର୍କ ରହିଥିଲା। ଯାହାକୁ ନେଇ ଦୁଇମାସ ତଳେ ସମ୍ପୃକ୍ତ ଯୁବତୀଙ୍କ ସମ୍ପର୍କୀୟମାନେ ମାନସଙ୍କୁ ପାଟିତୁଣ୍ଡ କରିଥିଲେ। ପରେ ଘଟଣାର ସମାଧାନ ହୋଇଥିଲ। ତେଣୁ ସେହି ପ୍ରେମ ସମ୍ପର୍କକୁ ନେଇ ହତ୍ୟା କରାଯାଇଥିବା ମାନସଙ୍କ ପରିବାର ଲୋକେ ଅଭିଯୋଗ ଆଣିବା ସହ ସନ୍ଦେହ ପ୍ରକାଶ କରିଛନ୍ତି। ସୂଚନା ଅନୁଯାୟୀ, ଗତ ୬ ତାରିଖରେ ମାନସ ନିଖୋଜ ଥିବା ବେଳେ ଶନିବାର ସକାଳୁ ତାଙ୍କର ମୃତଦେହ ମିଳିଥିଲା। ମାନସଙ୍କ ବାପା ଚନ୍ଦ୍ରଶେଖର ପ୍ରଧାନଙ୍କ କହିବା ଅନୁଯାୟୀ, ୬ ତାରିଖ ପୂର୍ବାହ୍ନ ୧୦.୩୦ରୁ ୧୧ଟା ମଧ୍ୟରେ ମାନସଙ୍କ ମୋବାଇଲକୁ ଏକ ଫୋନ ଆସିଥିଲା। ଏହି ସମୟରେ ମାନସ ଖାଉଥିଲେ। ତେବେ ଫୋନ ଆସିବା ପରେ ସେ ଅଧାଖିଆରୁ ଉଠି ଘରୁ ଚାଲିଯାଇଥିଲେ। ପରେ ଆଉ ଘରକୁ ଫେରି ନ ଥିଲେ। ରାତି ୮ଟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି କରିଥିଲେ। ତେବେ ମାନସ ସାଙ୍ଗମାନଙ୍କ ସହ ମିଶି ରୋଷେଇ କରିଥାଇପାରନ୍ତି ଭାବି ଘରଲୋକେ ଶୋଇପଡ଼ିଥିଲେ। ମାତ୍ର ୭ତାରିଖ ସକାଳେ ମାନସଙ୍କ ଗାଡ଼ି ଘରର କିଛି ଦୂରରେ ଥୁଆ ହୋଇଥିବା ଦେଖିବାକୁ ପାଇଥିଲେ। ତେଣୁ ସନ୍ଦେହ ହେବାକୁ ଘର ଲୋକ ଖୋଜାଖୋଜି କରିବା ସହ ଥାନାରେ ଏତଲା ଦେଇଥିଲେ। ସେହିପରି ୮ତାରିଖରେ ଗାଁରେ ଜଣକ ଘରେ ଥିବା ସିସିଟିଭି ଫୁଟେଜ ଯାଞ୍ଚ କରିବା ସମୟରେ ତାଙ୍କ ବଡ ପୁଅ ମୋବାଇଲକୁ ଏକ ଫୋନ ଯାଇଥିଲା। ପରେ ଘଟଣାସ୍ଥଳକୁ ଆସି ମୃତଦେହଟି ତାଙ୍କ ପୁଅର ବୋଲି ସେ ଚିହ୍ନଟ କରିଥିଲେ। ପୋଲିସ ତଦନ୍ତ କରି ଘଟଣାର ସତ୍ୟାସତ୍ୟ ଉନ୍ମୋଚନ ସହ ଅଭିଯୁକ୍ତମାନଙ୍କୁ ଗିରଫ କରୁ ବୋଲି ସେ ଦାବି କରିଛନ୍ତି। ଅପରପକ୍ଷରେ ମାନସଙ୍କ ଶରୀରକୁ ଧାରୁଆ ଅସ୍ତ୍ରରେ ଆଘାତ କରାଯାଇଥିବା ଜଣାପଡୁଛି ବୋଲି ସଦର ଏସ୍‌ଡିପିଓ କିଶୋର ଚନ୍ଦ୍ର ମୁଣ୍ଡ ଶନିବାର କହିଥିଲେ। ମାନସଙ୍କ ବାପାଙ୍କ ଅଭିଯୋଗ ଅନୁଯାୟୀ ପୋଲିସ ପକ୍ଷରୁ ହତ୍ୟା ମାମଲା ରୁଜୁ କରାଯାଇ ତଦନ୍ତ କରାଯାଉଛି ବୋଲି ସେ ସୂଚନା ଦେଇଥିଲେ। ତେବେ ଘଟଣାର ୨୪ ଘଣ୍ଟା ପରେ ବି ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିପାରିନାହିଁ। ଫଳରେ ପୋଲସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନ ଉଠିଛି। ତେବେ ଏନେଇ ସଦର ଥାନା ଅଧିକାରୀ ସୁଶାନ୍ତ କୁମାର ବେହେରା କହିଛନ୍ତି, ଘଟଣାର ବିଭିନ୍ନ ଦିଗକୁ ନେଇ ତଦନ୍ତ ଚାଲିଛି। ଦିନେ ଦୁଇଦିନ ଭିତରେ ଅଭିଯୁକ୍ତମାନଙ୍କୁ ଗିରଫ କରିବାରେ ପୋଲିସ ସକ୍ଷମ ହେବା ସହ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି ଆଶା ରହିଛି।

## ଖସିଲା ମହିଳା କାଫେ ସିଲିଂ



- ଉଦ୍‌ଘାଟନକୁ ପୂରିନି ବର୍ଷେ
- ମହିଳା ମହାସଂଘର ଭିଜିଲାନ୍ସ ତଦନ୍ତ ଦାବି

**ଗୋପ,୯।୪(ଡି.ଏନ୍.ଏ.)**

ମହିଳାଙ୍କୁ ସ୍ୱାବଲମ୍ବୀ କରିବାକୁ ରାଜ୍ୟ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବାବେଳେ ଗୋପ ବ୍ଲକରେ ଏହାର ବ୍ୟତିକ୍ରମ ଦେଖାଦେଇଛି। ଗୋପ ବ୍ଲକ ପରିସରରେ ହୋଇଥିବା ମହିଳା କାଫେର ଛାତରୁ ସିଲିଂ ହଠାତ୍ ଗଳିପଡ଼ିଛି। କାଫେ ତିଆରି କାର୍ଯ୍ୟରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ଆଳରେ ଚଳୁ ହୋଇଥିବାରୁ ତୁରନ୍ତ ଭିଜିଲାନ୍ସ ତଦନ୍ତ କରାଯାଇ ସମ୍ପୃକ୍ତ ଯନ୍ତ୍ରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ମହିଳା ମହାସଂଘ ପକ୍ଷରୁ ଦାବି ହୋଇଛି। ତେବେ ଗତବର୍ଷ ଗୋପ ବ୍ଲକ ପରିସରରେ ମହିଳାଙ୍କ ନିମନ୍ତେ କାଫେ ଖୋଲାଯାଇଥିଲା। ପୁରୀ ଜିଲାରେ ଏହି କାଫେ ପ୍ରଥମକରି ଖୋଲାଯିବା ସହ ଗୋପ ମହିଳା ମହାସଂଘ ଏହାର ଦାୟିତ୍ୱ ହାତକୁ ନେଇଥିଲା। କିନ୍ତୁ ଏହି କାଫେର କାର୍ଯ୍ୟାଦେଶ ଜନୈକ ଯନ୍ତ୍ରୀଙ୍କ ନାମରେ ଥିବାବେଳେ ଜଣେ ଅନାମଧେୟ ଠିକାଦାର ଉକ୍ତ କାମ କରିଥିଲେ। ନିମ୍ନମାନର କାର୍ଯ୍ୟ ଯୋଗୁ ୨/୩ ଦିନ ତଳେ କାଫେରେ ଲୋକେ ଖାଇବା ସମୟରେ ସିଲିଂ ହଠାତ୍ ଗଳି ପଡ଼ିଥିଲା। ଅପରପକ୍ଷେ ନିମ୍ନମାନର କବାଟ, ଝରକା ସହିତ ଅନ୍ୟ ସମସ୍ତ କାର୍ଯ୍ୟ ନିମ୍ନମାନ ହୋଇଥିବା ଅଭିଯୋଗ ହୋଇଛି। ଏପରି କି ପାନୀୟ ଜଳ, ବୈଦ୍ୟୁତିକ ଜିନିଷ ଠିକ୍‌ରେ କାର୍ଯ୍ୟ କରୁନାହିଁ। ଏପରି ସ୍ଥାନରେ ସାଧାରଣ ଲୋକେ ଓ ବିଭାଗ ଅଧିକାରୀ ଓ କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ରହିଥିବା ଅଭିଯୋଗ ହୋଇଛି। ଗୋପ ମହିଳା ମହାସଂଘ ସଭାନେତ୍ରୀ ମୀନାକ୍ଷୀ ପୃଷ୍ଟିଙ୍କୁ ଏ ବାବଦରେ ପଚାରିବାରେ, ଦାୟିତ୍ୱ ନେବାର ବର୍ଷେ ନ ପୂରୁଣୁ କାଫେର ସିଲିଂ ଖସିବା ସହ ଅନ୍ୟାନ୍ୟ ଅସୁବିଧା ଉପୁଜିଲାଣି। ବିଡିଓ ଦୀପ୍ତିରାଣୀ ଦାସ ମରାମତି କାର୍ଯ୍ୟ ତୁରନ୍ତ କରାଯିବ ବୋଲି କହିଥିଲେ।

# ବସ୍ ଯାତାୟାତ ନେଇ ମିଳିତ ବୈଠକ

**ପିପିଲି,୯।୪(ଡି.ଏନ୍.ଏ.):**

ପିପିଲି ବଜାର ଦେଇ ବସ୍ ଚଳାଚଳ ନେଇ ପିପିଲି ବଜାର ବ୍ୟବସାୟୀ ସଂଘ କାର୍ଯ୍ୟାଳୟରେ ମିଳିତ ସାମୂହିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପିପିଲି ବଜାର ବ୍ୟବସାୟୀ ସଂଘର ସଭାପତି ରାକେଶ କୁମାର ମହାପାତ୍ର, ସିଦ୍ଧେଶ୍ୱର ବ୍ୟବସାୟୀ ସଂଘର ସଭାପତି ଧୀରେନ୍ଦ୍ର ସାମନ୍ତରାୟ ଓ କର୍ମକର୍ତ୍ତା, ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, ପିପିଲି ଏନ୍‌ଏସି ଅଧକ୍ଷ ସେକ୍



ପୂର୍ବତନ ବିଧାୟକ ଯୁଧିଷ୍ଠିର ସାମନ୍ତରାୟ, ପିପିଲି ଏନ୍‌ଏସି ଅଧକ୍ଷ ସେକ୍ ବାବୁ ଏବଂ ଅନ୍ୟମାନେ ।

ବାବୁଙ୍କ ସମେତ ବରିଷ୍ଠ ନାଗରିକ ଓ ବ୍ୟବସାୟୀମାନେ ଉପସ୍ଥିତ ଥିଲେ। ପିପିଲି ବଜାର ଦେଇ ବସ୍ ଚଳାଚଳ କରିବାରୁ ଟ୍ରାଫିକ ସମସ୍ୟା ହେବାରୁ ଏହାକୁ ଶୃଙ୍ଖଳିତ କରିବା ପାଇଁ ଆଲୋଚନା କରାଯାଇଥିଲା। ବଜାର ଦେଇ ଯାତାୟାତ କରୁଥିବା ଭାରିଯାନ ଉପରେ କଟକଣା, ରାସ୍ତାର ଉଭୟ ପାର୍ଶ୍ୱରେ ଥିବା ଜବରଦଖଲ ଗୃହକୁ ଉଚ୍ଛେଦ, ବଜାରରେ ଆହୁରି ଷ୍ଟ୍ରିଟ୍ ଲାଇଟ୍ ଲଗାଯିବ ବୋଲି ନିଷ୍ପତ୍ତି ହୋଇଛି। ଏ ସମ୍ପର୍କରେ ପ୍ରଶାସନିକ ଅଧିକାରୀଙ୍କୁ ଅବଗତ କରାଯିବା ସହ ମାଇକ୍‌ରେ ସଚେତନ କରାଯିବ ବୋଲି ଜଣାପଡ଼ିଛି। ଅନ୍ୟପଟେ ପିପିଲି ବଜାର ଦେଇ ବସ୍ ଯାତାୟାତ କରିବା ଫଳରେ ଛାତ୍ରୀଛାତ୍ର, ଯାତ୍ରୀ ଓ ସ୍ଥାନୀୟ ଦୋକାନୀ ଠିକ୍ ସମୟରେ ଗନ୍ତବ୍ୟ ସ୍ଥଳରେ ପହଞ୍ଚି ପାରୁଛନ୍ତି। ଏନେଇ ସେମାନେ ପୂର୍ବତନ ବିଧାୟକ ସାମନ୍ତରାୟଙ୍କ ଏଭଳି କାର୍ଯ୍ୟକୁ ପ୍ରଶଂସା କରିଛନ୍ତି।

## ଛାତରୁ ଖସିପଡ଼ି ବ୍ୟବସାୟୀ ଗୁରୁତର

**ବୋଲଗଡ,୯।୪(ଡି.ଏନ୍.ଏ.):**

ବୋଲଗଡ ବ୍ଲକ ଖଇଁରିଆ ପଞ୍ଚାୟତ ହରିପୁରପାଟଣା ଗ୍ରାମର ଦାଶରଥି ସୁବୁଦ୍ଧି ଶନିବାର ଘର ଛାତରୁ ଖସିପଡି ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ତାଙ୍କୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ସୂଚନା ମୁତାବକ, ସକାଳେ ଦାଶରଥି ଛାତ ପାର୍ଶ୍ୱରେ ଥିବା ଗଛରୁ ପିଜୁଳି ତୋଳୁଥିବା ବେଳେ ଅସାବଧାନତାରୁ ତଳକୁ ଖସିପଡ଼ିଥିଲେ। ପରିବାରଲୋକେ ଓ ଗ୍ରାମବାସୀ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ବଣିକ ମହାସଂଘ ସଭାପତି ପାଣ୍ଡବ ସାହୁ ସୁବୁଦ୍ଧିଙ୍କୁ ଭେଟି ସ୍ୱାସ୍ଥାବସ୍ଥା ପଚାରି ବୁଝିବା ସହ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

# ଶୃଙ୍ଖଳା, ଶିକ୍ଷାକୁ ଅଧିକ ଗୁରୁତ୍ୱ ଦେବା ଆବଶ୍ୟକ

**ଗୋପ,୯।୪(ଡି.ଏନ୍.ଏ.)**

### ମାଟିଆଖାତ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ

ଆଜିର ସମୟରେ ଛାତ୍ରୀଛାତ୍ରଙ୍କ ଶୃଙ୍ଖଳା, ସଂସ୍କାର ସହିତ ଶିକ୍ଷାକୁ ଅଧିକ ମାତ୍ରାରେ ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି। ଗୋପ ମାଟିଆଖାତସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସପ୍ତଦଶ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ମୁଖ୍ୟ ଅତିଥି ଭାବେ ଗୋପ ବ୍ଲକ ମଣ୍ଡଳ ଉନ୍ନୟନ ଅଧିକାରିଣୀ ଦୀପ୍ତିରାଣୀ ଦାସ ଯୋଗଦେଇ ଏହା କହିଛନ୍ତି। ବିଦ୍ୟାଳୟ ସମ୍ପାଦକ ତଥା ସ୍କୁଲ ପ୍ରତିଷ୍ଠାତା ଅଜୟ ନାୟକ ଏଥିରେ ସଭାପତିତ୍ୱ କରିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ଗୋପ ବ୍ଲକ ଉପାଧ୍ୟକ୍ଷ ବନରଞ୍ଜନ ପଟ୍ଟନାୟକ, ଶିକ୍ଷାବିତ୍ ରାମଚନ୍ଦ୍ର ସେନାପତି, ସ୍କୁଲ ପ୍ରଧାନ ଆଚାର୍ଯ୍ୟ ଅଶୋକ ବାରିକ ପ୍ରମୁଖ ଯୋଗଦେଇ ଆଜିର ସମାଜରେ ଛାତ୍ରୀଛାତ୍ର ଶିକ୍ଷା ସହିତ ଜଣେ ଭଲ ମଣିଷ ହେବା ଦରକାର ବୋଲି ମତ ରଖିଥିଲେ। ମୁଖ୍ୟ ବକ୍ତା ପଟ୍ଟନାୟକ ସରକାରୀସ୍ତରରେ ସ୍କୁଲଗୁଡ଼ିକୁ ୫-ଟି ସ୍କୁଲ କରାଗଲେ ମଧ୍ୟ ଶିକ୍ଷାର ଅଗ୍ରଗତି କ୍ଷେତ୍ରରେ ସଫଳତା ହାସଲ କରିପାରୁନାହିଁ। ବେସରକାରୀ ସ୍କୁଲ ଅନେକ ଭଲ ମଣିଷ ତିଆରି କରିପାରୁଥିବାବେଳେ ଶିକ୍ଷା ବିଭାଗର ଉଚ୍ଚପଦସ୍ଥ ଅଧିକାରୀ ଏଥିପ୍ରତି ଦୃଷ୍ଟି ଦେବା ଉଚିତ୍ ବୋଲି କହିଥିଲେ। ଉତ୍ସବରେ ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ସ୍କୁଲ ଶିକ୍ଷକ ପ୍ରକାଶ ନାୟକ, ଦେବାଶିଷ ଭଟ୍ଟ, ରାଜଲକ୍ଷ୍ମୀ ଜେନା ପ୍ରମୁଖ ପରିଚାଳନା କରିଥିଲେ।




ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ ।

# ଜମି ସମସ୍ୟାର ସମାଧାନ ଦାବି ତେଜିଲା

### ଆଜି ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଘେରାଉ

**ପୁରୀ ଅଫିସ, ୯।୪:**



ବୈଠକରେ ଯୋଗ ଦେଇଥିବା ଜମି ସମସ୍ୟା ସମାଧାନ ମଞ୍ଚର କର୍ମକର୍ତ୍ତାମାନେ ।

ମଠ, ମନ୍ଦିର ଏବଂ ପୌରାଞ୍ଚଳ ଜମିରେ ବାସ କରୁଥିବା ଲୋକଙ୍କୁ ଜମିପଟ୍ଟା ପ୍ରଦାନ ସହ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଜମି ସମସ୍ୟା ସମାଧାନ ମଞ୍ଚ ଦାବି କରିଛି। ଏନେଇ ମଞ୍ଚ ପକ୍ଷରୁ ଏକ ବୈଠକ ରବିବାର ମାଟିଆପଡ଼ାସ୍ଥିତ ଭୈରବୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମଞ୍ଚର ସଭାପତି ଆଇନଜୀବୀ ଶରତ କୁମାର ରାୟଗୁରୁ ସଭାପତିତ୍ୱ କରି କହିଥିଲେ, ଜିଲାରେ ମଠ ମନ୍ଦିର ଓ ପୌରାଞ୍ଚଳ ଜମିରେ ପୁରୁଷାନୁକ୍ରମେ ଘରଦ୍ୱାର କରି ବାସ କରୁଥିଲେ ମଧ୍ୟ ପ୍ରଜାଙ୍କୁ ସରକାର ପଟ୍ଟା ଦେଉନାହାନ୍ତି। ପ୍ରଜାସ୍ୱତ୍ୱ ଅଧିକାର ବଳରେ ସ୍ଥାୟୀ ରୟତ ଭାବେ ବାସ କରୁଥିବା ଲୋକଙ୍କ ଜମିକୁ ଶ୍ରୀମନ୍ଦିର ପ୍ରଶାସନ ନିଜ ଜମି ବୋଲି ଦାବି କରିବା ଆଇନ ବିରୋଧୀ। ଏଥିପାଇଁ ମଞ୍ଚ ଆନ୍ଦୋଳନ କରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଥିଲା। ଶ୍ରୀମନ୍ଦିର ପ୍ରଶାସନ ଏବଂ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ରାୟର ଉଲ୍ଲଂଘନ କରି ୟୁନିଫର୍ମ ପଲିସିରେ ଜମି କିଣାବିକା ପାଇଁ ମସୁଧା କରି ବିଭ୍ରାନ୍ତି କରୁଛନ୍ତି। ତାହାକୁ ବିରୋଧ କରାଯିବା ସହ ପଟ୍ଟା ପାଇବା ଦାବି ବଳବତ୍ତର ରହିବ ଓ ଲଢେଇ ଜୋରଦାର ହେବ ବୋଲି ରାୟଗୁରୁ ପ୍ରକାଶ କରିଛନ୍ତି। ୟୁନିଫର୍ମ ପଲିସି ପ୍ରତ୍ୟାହାର ସହ ପ୍ରଜାସ୍ୱତ୍ୱ ଦେଇ ଖଜଣା ଧାର୍ଯ୍ୟ କରି ଲୋକଙ୍କୁ ପଟ୍ଟା ଦେବାକୁ ଦାବି କରାଯାଇଛି। ଏ ନେଇ ସୋମବାର ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ଘେରାଉ କରାଯିବାକୁ ବୈଠକରେ ସ୍ଥିର ହୋଇଛି। ବୈଠକରେ ମଞ୍ଚର ସଭାପତିଙ୍କ ସମେତ ବିଜୟ କୁମାର ପାଣି, ଡମ୍ବରୁଧର ଦାଶ, ଯୋଗେନ୍ଦ୍ର କୁମାର ପଣ୍ଡା, ଲଡୁ କିଶୋର ସାହୁ, ହରିହର ବେହେରା, ବିଜୟ ରଥ, ପ୍ରକାଶ ସେଠୀ, ବିଜୟ ବାରିକ, ଶ୍ରୀଧର ବେହେରା, ବାବନ ଜେନା ଏବଂ ମନୋରଞ୍ଜନ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଚୋରା ମୋବାଇଲ, ସ୍କୁଟି ବିକ୍ରି ବେଳେ ୨ ଗିରଫ

ଭୁବନେଶ୍ୱର,୯।୪ (ବ୍ୟୁରୋ) - ଚୋରା ମୋବାଇଲ ଫୋନ୍ ଓ ସ୍କୁଟି ବିକ୍ରି କରୁଥିବାବେଳେ ଶହୀଦନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ପୁରୀର ପ୍ରତାପ ସାମଲ ଓ ଅନୁଗୋଳର ଅରବଜ ଖାନ୍ ଓରଫ ବିଟ୍ଟୁ। ସେମାନଙ୍କଠାରୁ ୫ଟି ଚୋରା ମୋବାଇଲ ଫୋନ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତ ପ୍ରତାପ ଓ ସହଯୋଗୀ ବିଟ୍ଟୁ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ ସାମ୍ନାରେ ରାସ୍ତାରେ ଲୋକଙ୍କୁ ଅଟକାଇ ମୋବାଇଲ ଓ ସ୍କୁଟିକୁ କମ୍ ଦାମରେ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ସେସବୁ ସାମଗ୍ରୀର ପ୍ରମାଣପତ୍ର ଦେଖାଇପାରି ନ ଥିଲେ। ପଚରାଉଚରାବେଳେ ସେଗୁଡିକ ଚୋରା ବୋଲି ସ୍ୱୀକାର କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

### ବାଇକ ଚୋରି କରୁଥିବା ଯୁବକ ଗିରଫ

ଭୁବନେଶ୍ୱର,୯।୪(ବ୍ୟୁରୋ) - ଖଣ୍ଡଗିରି ଥାନା ପୋଲିସ ଜଣେ ବାଇକ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ସୌରଭ ଦାସ। ତାଙ୍କଠାରୁ ୨ଟି ଚୋରା ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତ ଗୋଟିଏ ବାଇକ ଭୁବନେଶ୍ୱରରୁ ଓ ଅନ୍ୟଟି ଯାଜପୁରରୁ ଚୋରି କରିଥିଲେ। ତାହାକୁ ନିଜେ ବ୍ୟବହାର କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି। ସୂଚନାନୁଯାୟୀ, ଅଭିଯୋଗକାରୀ ଦିଲୀପ ପ୍ରଧାନ ଘଟଣାଦିନ ରାଜଧାନୀ କଲେଜ ନିକଟରେ ଥିବା ତାଙ୍କର ଦୋକାନଙ୍କୁ ଯାଉଥିବା ସମୟରେ ରାସ୍ତା ଜାମ ହେତୁ ଏକ ମେଡିସିନ ଦୋକାନ ପାଖରେ ଗାଡିଟିକୁ ପାର୍କ କରି ନିଜେ ଗାଡି ଚଳାଚଳରେ ସହଯୋଗ କରୁଥିଲେ। ଏହାର ସୁଯୋଗ ନେଇ ଅଭିଯୁକ୍ତ ସୌରଭ ତାଙ୍କ ବାଇକକୁ ଚୋରି କରିନେଇଥିଲେ। ୧୦ ମିନିଟ୍ ପରେ ଦିଲୀପ ଫେରି ଆସି ଗାଡି ନ ଥିବା ଦେଖି ଖୋଜାଖୋଜି କରିଥିଲେ। ଗାଡି ନ ପାଇବାରୁ ଶେଷରେ ଥାନାରେ ଚୋରି ଅଭିଯୋଗ କରିଥିଲେ।

### ବିଜେବି ୭୪ର ୩୦ତମ ବାର୍ଷିକ ସମ୍ମିଳନୀ

ଭୁବନେଶ୍ୱର,୯।୪(ବ୍ୟୁରୋ)- ବକ୍ସି ଜଗବନ୍ଧୁ ବିଦ୍ୟାଧର(ବିଜେବି) ମହାବିଦ୍ୟାଳୟର ପ୍ରାକ୍ତନ ଛାତ୍ର ସଂଗଠନ ବିଜେବି ୭୪ର ୩୦ତମ ବାର୍ଷିକ ସମ୍ମିଳନୀ ଓ ବନ୍ଧୁମିଳନ କାର୍ଯକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଏକ ହୋଟେଲରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଶ୍ୱବିଜୟୀ ପାଣିଗ୍ରାହୀଙ୍କ ସଭାପତିତ୍ୱ କରିଥିଲେ। ୨୦୦୨ରେ ସ୍ଥାପିତ ଏହି ଅନୁଷ୍ଠାନ ବିଦ୍ୟାଦାନ ସହ ବୃକ୍ଷରୋପଣ, ସ୍ୱାସ୍ଥ୍ୟ ସଚେତନତା, ସହରକୁ ସବୁଜ ସୁନ୍ଦର କରିବା ସହ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ଛାତ୍ରୀଛାତ୍ରଙ୍କୁ ସମ୍ମାନିତ କରିବା ଆଦି କାର୍ଯ୍ୟ ହାତକୁ ନେଇଥିବା ସମ୍ମନଳନୀରେ ମତ ପ୍ରକାଶ ପାଉଛି। କାର୍ଯ୍ୟକ୍ରମରେ ଯୁବ ସାମ୍ବାଦିକ କୌସ୍ତୁଭ ଦାସଙ୍କୁ ବିଜେବି ୭୪ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମରେ ସଂଗଠନର ସମ୍ପାଦକ କେଦାର ପଟ୍ଟନାୟକ, ଡା. ସୁରେନ୍ଦ୍ରନାଥ ସ୍ୱାଇଁ, ପୂର୍ବତନ ପ୍ରଶାସକ କୃଷ୍ଣଚନ୍ଦ୍ର ପାତ୍ର, ରୋଟାରିଆନ୍ ତାରିଣୀ ପ୍ରସାଦ ମହାନ୍ତି, ଇଂ ଅସୀମାନନ୍ଦ ମହାନ୍ତି, ବରିଷ୍ଠ ଆଇନଜୀବୀ ମନୋଜ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ୨ ମାସରେ ଭୁଶୁଡିଲା ରମାଦେବୀ ବିଶ୍ୱବିଦ୍ୟାଳୟ ପାଚେରି

**ରାଷ୍ଟ୍ରପତିଙ୍କ ଗସ୍ତ ପୂର୍ବରୁ ନିର୍ମାଣ ହୋଇଥିଲା**

- ନିମ୍ନମାନର କାମ ହୋଇଥିବା ଅଭିଯୋଗ
- ଭେଣ୍ଡିଂ ଜୋନ୍‌କୁ ଦାୟୀ କଲେ କୁଳପତି

ଭୁବନେଶ୍ୱର,୯।୪ (ବ୍ୟୁରୋ)



ରମାଦେବୀ ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଗସ୍ତକୁ ଦୃଷ୍ଟିରେ ରଖି ନୂଆ ପାଚେରି ନିର୍ମାଣ ହୋଇଥିଲା। ଜନପଥକୁ ଲାଗି ରହିଥିବା ଏହି ନବନିର୍ମିତ ପାଚେରି ୨ ମାସ ଗଲା ନାହିଁ। ମଙ୍ଗଳବାର ସକାଳ ପ୍ରାୟ ୬ଟା ୪୫ରେ ୧୨ ଫୁଟ ଉଚ୍ଚ ପାଚେରୀର ପ୍ରାୟ ୫୦୦ ମିଟର ବିଶ୍ୱବିଦ୍ୟାଳୟ ପାର୍ଶ୍ୱକୁ ଭୁଶୁଡି ପଡିଥିଲା। ଉଚ୍ଚଶବ୍ଦ ଶୁଣି ନିକରେ ଥିବା ଦୋକାନୀ, ପିଜି ଏବଂ ପିଏଚ୍‌ଡି ହଷ୍ଟେଲରେ ଥିବା ଛାତ୍ରୀମାନେ ଭୟଭୀତ ହୋଇପଡ଼ିଥିଲେ। ଘଟଣାସ୍ଥଳରେ କିଛି ସମୟ ଧରି ଉତ୍ତେଜନା ସୃଷ୍ଟି ହୋଇଥିଲା। ଖବର ପାଇ ପୋଲିସ ସେଠାରେ ପହଞ୍ଚିଥିଲା। ଏଥିସହ କୁଳପତି ପରାଜିତା ଚୌଧୁରୀ ସେଠାରେ ପହଞ୍ଚି ଅନୁଧ୍ୟାନ କରିଥିଲେ। ତରବରିଆ ଭାବେ ନିମ୍ନମାନର କାର୍ଯ୍ୟ ହୋଇଥିବା ଛାତ୍ରୀମାନେ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ପୁରୁଣା ପଚେରି ଉପରେ ନୂଆ ଇଟା ଥୋଇ ବିନା ପିଲରରେ ନିର୍ମାଣ କରାଯାଇଥିବାରୁ ଏପରି ସ୍ଥିତି ଉପୁଜିଲା ବୋଲି ଦୋକାନୀମାନେ କହିଛନ୍ତି। ପାଚେରି କଡ଼ରେ ଥିବା ଭେଣ୍ଡିଂ ଜୋନ୍‌ରେ ପ୍ରାୟ ୩୦ଟି ଦୋକାନ ରହିଛି। ବିଭିନ୍ନ ଦୋକାନରେ ୧୦ରୁ ଅଧିକ ଲୋକଥିବାବେଳେ ଯଦି ପାଚେରିଟି ରାସ୍ତା ପାର୍ଶ୍ୱକୁ ଥିବା ଭେଣ୍ଡିଂ ଜୋନ୍ ଉପରେ ପଡ଼ିଥାନ୍ତା, ତେବେ ବଡ଼ କ୍ଷୟକ୍ଷତି ଘଟିଥାନ୍ତା ବୋଲି ରୁଦ୍ରପ୍ରତାପ ବେହେରା ନାମକ ଜଣେ ଦୋକାନୀ କହିଛନ୍ତି। ସେହିପରି ପୂର୍ବାହ୍ନରେ ପାଚେରି କଡ଼ ବଗିଚାରେ ଏକ କାର୍ଯ୍ୟକ୍ରମ ପାଇଁ ବୈଠକ ଥିବାବେଳେ ଏହାପୂର୍ବରୁ ତାହା ଭୁଶୁଡି ପଡିଥିବାରୁ ବଡ଼ ଦୁର୍ଘଟଣା ଟଳି ଯାଇଥିବା ଛାତ୍ରୀମାନେ ପ୍ରକାଶ କରିବା ସହ ଅସନ୍ତୋଷ ପ୍ରକାଶ କରିଛନ୍ତି। ତେବେ ବିଶ୍ୱବିଦ୍ୟାଳୟ କୁଳପତି ଅପରାଜିତା ଚୌଧୁରୀ ଏହି ଘଟଣା ପାଇଁ ପାଚେରି କଡ଼ରେ ଥିବା ଭେଣ୍ଡିଂ ଜୋନ୍‌କୁ ଦାୟୀ କରିଛନ୍ତି। ସେ କହିଛନ୍ତି, ଏହା ଏକ ଦୁର୍ଭାଗ୍ୟପୂର୍ଣ୍ଣ ଘଟଣା। ଭେଣ୍ଡି ଜୋନ୍‌ର ଡ୍ରେନ୍ ପାଚେରି ତଳେ ଦିଆଯାଇଛି। ଏଥିପାଇଁ ପାଚେରି ମୂଳରୁ ପାଣି ବାହାରିବା ସହ ଦୁର୍ବଳ କରିଦେଇଥିଲା। ବିଶ୍ୱ ବିଦ୍ୟାଳୟ ଭିତରକୁ ପାଚେରି ତଳ ଦେଇ ଡ୍ରେନ୍ ପାଣି ଆସୁଥିବାରୁ ବିଏମ୍‌ସି ଓ ସ୍ମାର୍ଟ ସିଟି କର୍ତ୍ତୃପକ୍ଷଙ୍କୁ ମଧ୍ୟ ଅବଗତ କରାଇଥିଲୁ। ଏହି କାମ ଓଡ଼ିଶା ରାଜ୍ୟ ଆରକ୍ଷୀ ଗୃହ ନିର୍ମାଣ ଓ କଲ୍ୟାଣ ନିଗମ (ଓପିଏଚ୍‌ଡବ୍ଲ୍ୟୁସି)କୁ ଦିଆଯାଇଥିଲା। ସେମାନେ ଏହି ପାଚେରିରେ ପିଲର ଦେଇଥିଲେ କି ନାହିଁ ସେ ବିଷୟରେ କୌଣସି ମନ୍ତବ୍ୟ ଦେଇପାରିବିନି ବୋଲି କୁଳପତି କହିଛନ୍ତି।

### ଭାରତୀୟ ଯୋଗ ସଂସ୍ଥାନର ସ୍ଥାପନା ଦିବସ

ଭୁବନେଶ୍ୱର,୯।୪(ବ୍ୟୁରୋ)

ଭାରତୀୟ ଯୋଗ ସଂସ୍ଥାନ, ଓଡ଼ିଶାପ୍ରାନ୍ତ ପକ୍ଷରୁ ସଂସ୍ଥାନର ୫୭ତମ ସ୍ଥାପନା ଦିବସ ଧରମବିହାରସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ ରବିବାର ପାଳିତ ହୋଇଛି। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ସାଧିକାସାଧକ ସାମିଲ ହୋଇଥିଲେ। ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରଧାନ ଆଚାର୍ଯ୍ୟ ଶଶିଭୂଷଣ ଦାସ ସମ୍ମାନୀୟ ଅତିଥି ଭାବେ ଯୋଗଦେଇଥିଲେ। ଶୁଭ୍ରସୀମା ମହାନ୍ତି ମଞ୍ଚ ପରିଚାଳନା କରିଥିଲେ। ସାଧିକାସାଧକଙ୍କୁ ବିଭିନ୍ନ କେନ୍ଦ୍ରର ମୁଖ୍ୟମାନେ ଆସନ, ପ୍ରାଣାୟାମ ଅଭ୍ୟାସ କରାଇଥିଲେ। ନୟାପଲ୍ଲୀର ପ୍ରଦୀପ୍ତ ମହାନ୍ତି ଆସନର ଉପକାରିତା ସମ୍ପର୍କରେ କହିଥିବାବେଳେ ଖଣ୍ଡଗିରିର ପ୍ରଧାନ ପରମାନନ୍ଦ ପାତ୍ର ସଂସ୍ଥାନର ପରିଚୟ, ବରିଷ୍ଠପ୍ରାନ୍ତ ସଦସ୍ୟ ଖଣ୍ଡଗିରି ପ୍ରଭାରୀ ରାମାୟ ରେଡ୍ଡୀ ସଂସ୍ଥାନ ସାହିତ୍ୟ ଏବଂ ଶୁଦ୍ଧିକ୍ରିୟା ବିଷୟରେ କହିଥିଲେ। ପ୍ରାନ୍ତ ସଦସ୍ୟା ତଥା ନୟାପଲ୍ଲୀ ପ୍ରଭାରୀ ମଞ୍ଜୁଳା ମିଶ୍ର ଯୋଗର ସପ୍ତମ ଅଙ୍ଗଧ୍ୟାନର ଉପକାରିତା ସମ୍ପର୍କରେ ଅବଗତ କରାଇବା ସହ ଧ୍ୟାନର ଅଭ୍ୟାସ କରାଇଥିଲେ। ଖଣ୍ଡଗିରି ଜିଲା ମନ୍ତ୍ରୀ ନୀଳମଣି ରାଉତ ଧନ୍ୟବାଦ ଦେଇଥିଲେ।




ଡିଭାଇନ୍ ଡ୍ୟାନ୍ସ ଆଣ୍ଡ୍ ମ୍ୟୁଜିକ୍ ଏକାଡେମୀ ପକ୍ଷରୁ ଭଞ୍ଜକଳା ମଣ୍ଡପରେ ରବିବାର ଅନୁଷ୍ଠିତ 'ଡିଭାଇନ ଟ୍ୟାଲେଣ୍ଟ ହଣ୍ଟ'ରେ ଅଂଶଗ୍ରହଣ କରିଥିବା ପିଲାମାନେ।

### କଳିଙ୍ଗ ଗୌରବ ଟ୍ରଷ୍ଟର 'ସୁବର୍ଣ୍ଣ ମୁହୂର୍ତ୍ତ' ପଦକ୍ଷେପ ଶୁଭାରମ୍ଭ

ଭୁବନେଶ୍ୱର,୯।୪(ବ୍ୟୁରୋ)

ସମାଜରେ ପରିବର୍ତ୍ତନ ଆଣିବାକୁ ସାମାଜିକ ଓ ସାଂସ୍କୃତିକ ସଂଗଠନ କଳିଙ୍ଗ ଟ୍ରଷ୍ଟ ରବିବାର 'ସୁବର୍ଣ୍ଣ ମୁହୂର୍ତ୍ତ' ନାମକ ଏକ ପଦକ୍ଷେପ ଶୁଭାରମ୍ଭ କରିଛି। ଦୁର୍ଘଟଣା ସମୟରେ, ବିଶେଷକରି କୌଣସି ଦୁର୍ଘଟଣାର ପ୍ରଥମ ଘଣ୍ଟା ମଧ୍ୟରେ ଜୀବନ ରକ୍ଷାକାରୀ ପଦକ୍ଷେପ ଗ୍ରହଣ କରିବାର ଗୁରୁତ୍ୱ ବିଷୟରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବା ଏହାର ମୂଳଲକ୍ଷ୍ୟ। ମୁଖ୍ୟ ଅତିଥି ଭାବେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, କଳିଙ୍ଗ ଗୌରବ ଟ୍ରଷ୍ଟ ବ୍ରାଣ୍ଡ ଆମ୍ବାସାଡର ତଥା ଓଲିଉଡ୍ ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଡିଜିପି ସିଏମ୍‌ଡି ସଞ୍ଜୀବ ପାଟ୍ଟଯୋଶୀ, ଓଡ଼ିଶା ସରକାରଙ୍କ ପବ୍ଲିକ୍ ଏଣ୍ଟରପ୍ରାଇଜେସ୍‌ର ସଚିବ ପାର୍ଥସାରଥି ମିଶ୍ରଙ୍କ ସହ ବିଶିଷ୍ଟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ସୁବର୍ଣ୍ଣ ମୁହୂର୍ତ୍ତ ହିରୋ ପ୍ରିଭିଲେଜ୍ କାର୍ଡ, ସୁବର୍ଣ୍ଣ ମୁହୂର୍ତ୍ତ ଦୁର୍ଘଟଣା କିଟ୍, ସୁବର୍ଣ୍ଣ ମୁହୂର୍ତ୍ତ ଗୀତ, ସୁବର୍ଣ୍ଣ ମୁହୂର୍ତ୍ତ ବ୍ରାଣ୍ଡ ଆମ୍ବାସାଡର୍ସ ପୁରସ୍କାର ଏବଂ ୯ ଜଣଙ୍କୁ ସୁବର୍ଣ୍ଣ ମୁହୂର୍ତ୍ତ ହିରୋ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇ ଓମେନ୍ ଅଫ୍ ସବ୍‌ଷ୍ଟାନ୍ସ ଆୱାର୍ଡ-୨୦୨୩ ମାଧ୍ୟମରେ ବିଭିନ୍ନ କ୍ଷେତ୍ରର ୨୫ ଜଣ ମହିଳାଙ୍କୁ ଟ୍ରଷ୍ଟ ତରଫରୁ ସମ୍ମାନିତ କରାଯାଇଥିଲା। ସଡ଼କ ଦୁର୍ଘଟଣାରେ ଓଡ଼ିଶାର ହାର ସର୍ବାଧିକ। ଏହି ପଦକ୍ଷେପ ସାହାଯ୍ୟରେ ସମସ୍ୟାର ସମାଧାନ ଲାଗି ଚେଷ୍ଟା କରିବାକୁ ଅଭିନେତା ସିଦ୍ଧାନ୍ତ କହିଥିଲେ। ଟ୍ରଷ୍ଟର ଜେନେରାଲ ସେକ୍ରେଟାରି ଡ. ଚିଦାମ୍ବିକା ଖଟୁଆ କହିଛନ୍ତି, ଓଡ଼ିଶାରେ ସଡ଼କ ଦୁର୍ଘଟଣା ମୃତ୍ୟୁକୁ ହ୍ରାସ କରିବା ଏବଂ ଉଚିତ୍ ସମୟରେ ଜୀବନ ରକ୍ଷାକାରୀ ପଦକ୍ଷେପ ଗ୍ରହଣ କରିବା ପାଇଁ ସୁବର୍ଣ୍ଣ ମୁହୂର୍ତ୍ତ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏଥିରେ ଅମ୍ରିତା ସିଂ, ଟ୍ରଷ୍ଟ ପ୍ରେସିଡେଣ୍ଟ କେ. ତମନା ଏବଂ ପ୍ରଡ୍ୟୁସର ଶ୍ରୀଧର ମାର୍ଥା, ନିର୍ଦ୍ଦେଶକ ରାଜେନ୍ଦ୍ର ମହାନ୍ତି, ଉପଦେଷ୍ଟା ମେଜର କଳ୍ପନା ଦାସ, ରଜନୀକାନ୍ତ ମିଶ୍ର ଏବଂ ପୁନମ୍ ପାଠକ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

### ଶିଶୁ- କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା

ଭୁବନେଶ୍ୱର,୯।୪(ବ୍ୟୁରୋ)

ସଂଭାବନା ପକ୍ଷରୁ ଶନିବାର ଏକାମ୍ର ହାଟଠାରେ ଶିଶୁ-କିଶୋର ଓଡ଼ିଆ ସ୍ୱାଭିମାନ ପ୍ରତିଯୋଗିତା ଉପଲକ୍ଷେ ଓଡ଼ିଶୀ ଓ ଲଘୁନୃତ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଓଡିଶୀ ନୃତ୍ୟ ସହ ରୁଚିପୂର୍ଣ୍ଣ ଓଡିଆ ସଂଗୀତର ତାଳେ ତାଳେ ଲଘୁନୃତ୍ୟ ପରିବେଷଣ କରି ଶିଶୁ ଓ କିଶୋରମାନେ ଉପସ୍ଥିତ ଦର୍ଶକବୃନ୍ଦଙ୍କୁ ମୋହିତ କରିବା ସହ ଓଡ଼ିଆ ସଂସ୍କୃତି ଓ ପରମ୍ପରା ସହ ନିଜର ସଂପର୍କକୁ ପ୍ରମାଣିତ କରିଥିଲେ। ଅନୁଷ୍ଠାନର ସମ୍ପାଦକ ଦେବ ପ୍ରସାଦ ପରିଜାଙ୍କର ପ୍ରାରମ୍ଭିକ ସୂଚନା ପରେ ମଞ୍ଚରେ ଅତିଥି ଭାବେ ଅଧ୍ୟକ୍ଷ ଶରତ ଚନ୍ଦ୍ର ଭଦ୍ର, ଓଡ଼ିଆ ମହୋତ୍ସବର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ସିପିଆଇର ସର୍ବଭାରତୀୟ ସଂପାଦକ ରାମକୃଷ୍ଣ ପଣ୍ଡା ଓ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ମିନାକ୍ଷୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବିଚାରକ ଭାବେ ଗୁରୁ ମିନାକ୍ଷୀ ବେହେରା ଓ ଜି.ନାଗେଶ୍ୱରୀ ଉପସ୍ଥିତ ଥିଲେ। ପଚାଶରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟି ସ୍ମୃତି ମହାନ୍ତି ଓ ସଦସ୍ୟ ରାଜଶ୍ରୀ ଶତପଥ ପ୍ରଫୁଲ୍ଲ ଦେ ପ୍ରମୁଖ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଦୁଇ ଶିଶୁ ନୃତ୍ୟ ପ୍ରଦର୍ଶନ କରୁଛନ୍ତି।

## ରାଜରାସ୍ତାରେ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ

**ନିୟମିତ ନିଯୁକ୍ତି ଦାବି ତେଜିଲା**

ଭୁବନେଶ୍ୱର,୯।୪(ବ୍ୟୁରୋ)

୧୮ହଜାର ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ନିୟମିତ କରିବା ଦାବିରେ ଗତ ୧ ତାରିଖରୁ ଆନ୍ଦୋଳନ ଚଳାଇଛି ଓଡିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘ। ଏ ନେଇ ରବିବାର ଆୟୋଜିତ ସମାବେଶରେ ସମାନ ଦାବି ଉଠିବା ସହ ପୁଣିଥରେ ପ୍ରତିବାଦ ପ୍ରଦର୍ଶନ କରାଯାଇଛି। ତୃତୀୟ ଦିନରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ କମିଶର ତଥା ସଚିବ ଅଶ୍ୱଥି ଏସଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ସଚିବ ଅଶ୍ୱିନୀ ମିଶ୍ର ଓଡ଼ିଶା ସରକାରୀ ହାଇସ୍କୁଲ ଚୁକ୍ତିଭିତ୍ତିକ ଶିକ୍ଷକ ସଂଘର ଏକ ୬ଜଣିଆ ପ୍ରତିନିଧି ଦଳ ସହ ଆଲୋଚନା କରିଥିଲେ। ପରବର୍ତ୍ତୀ ସମୟରେ ବିଦ୍ୟାଳୟ ଓ ଗଣଶିକ୍ଷାମନ୍ତ୍ରୀ ସମୀର ରଞ୍ଜନ ଦାଶ ନିଯୁକ୍ତିକୁ ନିୟମିତ କରିବା ନେଇ ନିର୍ଦ୍ଦେଶାନାମା ପ୍ରକାଶ ପାଇବ ବୋଲି ଗଣମାଧ୍ୟମରେ ସୂଚନା ଦେଇଥିଲେ। ତେବେ ଦିନ ପରେ ଦିନ ଗଡ଼ିଚାଲିଥିଲେ ମଧ୍ୟ ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଥିବା ଆନ୍ଦୋଳନକାରୀମାନେ କହିଛନ୍ତି। ନିୟମିତ ହେବା ନେଇ ବିଜ୍ଞପ୍ତି ପ୍ରକାଶ ନ ହେବା ଯାଏ ଆନ୍ଦୋଳନ ପ୍ରତ୍ୟାହାର କରାଯିବ ନାହିଁ ବୋଲି ସଂଘ ସଭାପତି ପଞ୍ଚାନନ ଜେନା ଓ ସମ୍ପାଦକ ସତ୍ୟଭୂଷଣ ତରାଇ କହିଛନ୍ତି।

## ଯଶୁଆପୁର କ୍ରିକେଟ ଟୁର୍ନାମେଣ୍ଟ: ଶୈଳଶ୍ରୀବିହାର ଚାମ୍ପିୟନ

ବାଲକାଟୀ,୯।୪(ଡି.ଏନ୍.ଏ.)

ବାଲିଅନ୍ତା ବ୍ଲକ ଉମାଦେଇ ବ୍ରହ୍ମପୁର ପଞ୍ଚାୟତ ଯଶୁଆପୁର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଯଶୁଆପୁର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ସତ୍ୟଭାମାପୁର କ୍ରିକେଟ ଟିମ୍‌କୁ ହରାଇ ଭୁବନେଶ୍ୱରର ଶୈଳଶ୍ରୀବିହାର ଟିମ୍ ଚାମ୍ପିୟନ ହୋଇଛି। ଏହି ଟୁର୍ନାମେଣ୍ଟ ଦୁଇଦିନ ଧରି ଚାଲିଥିବା ବେଳେ ଏଥିରେ ୮ଟି ଟିମ୍ ଅଂଶଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ଟସ୍ ଜିତି ସତ୍ୟଭାମାପୁର ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୬ ଓଭରରେ ୪ ଉଇକେଟ ବିନିମୟରେ ୮୬ରନ ସଂଗ୍ରହ କରିଥିଲା। ଜବାବରେ ଶୈଳଶ୍ରୀବିହାର ଟିମ୍ ନିର୍ଦ୍ଧାରିତ ଓଭର ମଧ୍ୟରେ ୮୭ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ବୁଲୁ ସ୍ୱାଇଁ ଓ ପବିତ୍ର ସ୍ୱାଇଁ ମ୍ୟାଚ୍ ପରିଚାଳନା କରିଥିଲେ। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ସାମାଜିକ କର୍ମୀ ତଥା ସିନେ ପ୍ରଯୋଜକ ସତ୍ୟପ୍ରିୟ ବେହେରା ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଓ ରନରଅପ୍ ଟିମ୍‌କୁ ଟ୍ରଫି ପ୍ରଦାନ କରିଥିଲେ। ଯଶୁଆପୁର କ୍ରିକେଟ କ୍ଲବର ସମସ୍ତ ସଦସ୍ୟ ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### 'ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସନ୍ତୁଳିତ ଖାଦ୍ୟ ଜରୁରୀ'

ପୁରୁଣା ଭୁବନେଶ୍ୱର,୯।୪(ଡି.ଏନ୍.ଏ.)

ସ୍ୱାସ୍ଥ୍ୟ ଠିକ୍ ରହିଲେ ମଣିଷ ଦୀର୍ଘଜୀବୀ ରୁହେ। ଏହି ସୁନ୍ଦର ସ୍ୱାସ୍ଥ୍ୟ ପାଇଁ ସନ୍ତୁଳନ ଖାଦ୍ୟର ଆବଶ୍ୟକତା ରହିଛି। ସ୍ଥାନୀୟ ବ୍ରାହ୍ମଣ ନିଯୋଗ ସମିତି ପରିସରରେ ଫ୍ରି ବ୍ଲଡ୍ ଟେଷ୍ଟ କ୍ୟାମ୍ପ ଅବସରରେରେ ଉପସ୍ଥିତ ଡାକ୍ତରମାନେ ଏହା କହିଛନ୍ତି। କ୍ୟାମ୍ପରେ ପ୍ରାୟ ୧୨୦ଜଣ ରୋଗୀ ରକ୍ତ ପରୀକ୍ଷା କରାଇଥିଲେ। ବ୍ରାହ୍ମଣ ନିଯୋଗ ଅନୁକୂଲ୍ୟରେ ଭୁବନେଶ୍ୱର ଇନଷ୍ଟିଚ୍ୟୁଟ୍ ଅଫ ଲାଇଫ ଷ୍ଟାଇଲ ସହଯୋଗରେ କ୍ୟାମ୍ପରେ ବିରଞ୍ଚି ନାରାୟଣ ପତି, ଦାଶରଥି ଗରାବଡୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଯଶୁଆପୁର ମହୋତ୍ସବ ଉଦ୍‌ଘାଟିତ




ମହୋତ୍ସବର ଉଦ୍‌ଘାଟନ ଅବସରରେ ଉପସ୍ଥିତ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଓ ଅନ୍ୟ ଅତିଥିମାନେ।

ବାଲକାଟୀ,୯।୪(ଡି.ଏନ୍.ଏ.)

ରାଜଧାନୀ ଉପକଣ୍ଠ ଯଶୁଆପୁର ଗ୍ରାମରେ ରବିବାର ଷଷ୍ଠ ଯଶଆପୁର ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଯୋଗଦେଇଥିଲେ। ସମ୍ମାନିତ ଅତିଥିଭାବେ ଜୟଦେବ ବିଧାୟକ ଡ.ଅରବିନ୍ଦ ଢାଲି, ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟ, ପରିବେଶବିତ୍ ଦିଲ୍ଲୀପ ଶ୍ରୀଚନ୍ଦନ ମଞ୍ଚାସୀନ ଥିଲେ। ରଞ୍ଜନ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ମାନିତ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଇକ ଆଖଡ଼ା ଓ ଏକକ ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ସରପଞ୍ଚ ରମାଲତା ନାୟକ, ଶିକ୍ଷବିତ୍ ବିଧୁଭୂଷଣ ନାୟକ ଉପସ୍ଥିତ ଥିଲେ।

## ଡିଭାଇଡର ଡେଇଁ ଅଟୋକୁ ଧକ୍କାଦେଲା କାର୍

**ଓଭରବ୍ରିଜ୍ ଉପରେ ଦୁର୍ଘଟଣା**

**ଡ୍ରାଇଭର ମୃତ, ଜଣେ ଆହତ**

ଭୁବନେଶ୍ୱର,୯।୪ (ବ୍ୟୁରୋ)




ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗିଣିଆ ଓଭର ବ୍ରିଜ ଉପରେ ରବିବାର ଅପରାହ୍ନରେ ଏକ ଦୁର୍ଘଟଣା ଘଟିଛି। ଏକ କାର ଡିଭାଇଡର ଡେଇଁ ଅପରପାର୍ଶ୍ୱରେ ଯାଉଥିବା ଏକ ମାଲ୍‌ବାହୀ ଅଟୋକୁ ଧକ୍କା ଦେବାରୁ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତ ଅଟୋ ଚାଳକ ହେଲେ ଭରତପୁର ଥାନା ଅନ୍ତର୍ଗତ ସନ୍ତୋଷି ବସ୍ତିରେ ରହୁଥିବା ବାପି ନାହକ। ଏଥିରେ କାର ଚାଳକ ଜଣଙ୍କ ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଏମ୍‌ସରେ ଭର୍ତ୍ତି କରାଯାଇଥିବାବେଳେ ତାଙ୍କ ପରିଚୟ ଜଣାପଡି ନାହିଁ।

ସୂଚନା ଅନୁସାରେ, ବାପି ତାଙ୍କ ଡାଲା ଅଟୋରେ ପ୍ଲାଏ ଲୋଡ୍ କରି ଖଣ୍ଡଗିରିରୁ ଖୋର୍ଦ୍ଧା ଅଭିମୁଖେ ଯାଉଥିଲେ। ବିପରୀତ ଦିଗରୁ ଅର୍ଥାତ୍ ଖୋର୍ଦ୍ଧାରୁ ଭୁବନେଶ୍ୱର ଅଭିମୁଖେ ଦ୍ରୁତଗତିରେ ଆସୁଥିବା ଏକ କାର ଭାରସାମ୍ୟ ହରାଇ ଡିଭାଇଡର ଡେଇଁ ଉକ୍ତ ଅଟୋକୁ ଜୋର୍‌ରେ ଧକ୍କା ଦେଇଥିଲା। ଫଳରେ ଅଟୋର ସମ୍ମୁଖ ଭାଗ ନଷ୍ଟ ହୋଇଯାଇଥିବାବେଳେ ଚାଳକ ବାପି ଚାପି ହୋଇଯାଇଥିଲେ। ଫଳରେ ଘଟଣା ସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ। ଖବର ପାଇ ଖଣ୍ଡଗିରି ଥାନା ପୋଲିସ ଓ ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି କଟର ଦ୍ୱାରା ଅଟୋକୁ କାଟି ମୃତ ବାପିଙ୍କୁ ଉଦ୍ଧାର କରିଥିଲେ। ଭୁବନେଶ୍ୱର ଏମ୍ସରେ ଶବ ବ୍ୟବଚ୍ଛେଦ ପରେ ପରିବାରକୁ ମୃତଦେହ ହସ୍ତାନ୍ତର କରିଛି ପୋଲିସ। ଏହାସହ ଦୁଇଟି ଦୁର୍ଘଟଣାଗ୍ରସ୍ତ ଗାଡିକୁ ଜବତ କରି ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି।

## ସଂକ୍ଷେପରେ

### ବିଦ୍ୟା ବିକାଶ ସମିତି ଓଡ଼ିଶାର ବାର୍ଷିକ ଉତ୍ସବ

କଟକ ଅଫିସ,୯।୪: ବିଦ୍ୟା ବିକାଶ ସମିତି ଓଡ଼ିଶାର ବିଂଶତମ ବାର୍ଷିକ ଉତ୍ସବ କଟକ ଶହୀଦ୍ ଭବନରେ ରବିବାର ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନରେ ଅନୁଷ୍ଠିତ ଅଧିବେଶନକୁ ପ୍ରଫେସର ସୁରେଖା ସୁନ୍ଦରୀ ସ୍ୱାଇଁ ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ୨୫ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବମହନ୍ତ ରବୀନ୍ଦ୍ର ବସ୍ତିଆ, ସମ୍ମାନିତ ଅତିଥି ଭାବେ ଉପଦେଷ୍ଟା ବିଜୟ କୁମାର ନାଥ ଓ ଅଧ୍ୟାପକ କିଶୋର କୁମାର ଦାସ ଯୋଗଦେଇଥିଲେ। ଏହି ଅବସରରେ ପତଞ୍ଜଳି କିଷାନ୍ ସମିତିର ସଭାପତି ନିମାଇଁ ଚରଣ ଜେନା ଓ ଶିକ୍ଷାବିତ୍ ନୀରଦ କୁମାର ଆର୍ଯ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସନ୍ଧ୍ୟା ଅଧିବେଶନରେ ଖଣ୍ଡପଡ଼ା ବିଧାୟକ ସୌମ୍ୟରଞ୍ଜନ ପଟ୍ଟନାୟକ, ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ଓଡ଼ିଶା ନିର୍ବାଚନ ଆୟୋଗର ପୂର୍ବତନ ଉପଦେଷ୍ଟା ଡ. ଭଗବାନ ପ୍ରକାଶ, ରଘୁନାଥଜୀଉ କଲେଜ ଅଧ୍ୟକ୍ଷା ଡ. ସ୍ନେହା ମିଶ୍ର ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଆଇନଜୀବୀ ଆଲୋକ କୁମାର ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଡା. ରମେଶ ଚନ୍ଦ୍ର ଦାସ ଏଥିରେ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ଯୋଗେନ୍ଦ୍ର ନାଥ ବସ୍ତିଆ ବିବରଣୀ ପାଠ ଓ ସୁରେଶ ଚନ୍ଦ୍ର ପଣ୍ଡା ଧନ୍ୟବାଦ ଦେଇଥିଲେ। ଅଧିବେଶନକୁ ସନ୍ନ୍ୟାସିନୀ ବିଦ୍ୟୁତ୍ କୁମାରୀ ଲାଲା ଉଦ୍‌ଘାଟନ କରିଥିଲେ।

### ଶିକ୍ଷୟିତ୍ରୀଙ୍କ ବିୟୋଗରେ ଶୋକ

ମାହାଙ୍ଗା,୯।୪(ସ୍ୱ.ପ୍ର.): ମାହାଙ୍ଗା ବ୍ଲକ ପାଇକରାପୁର ପଞ୍ଚାୟତ ବ୍ରାହ୍ମଣମଣିଯୋରୀସ୍ଥିତ ରଘୁନାଥ ଜୀଉ ପଞ୍ଚାୟତର ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ଚିତା ପ୍ରଧାନଙ୍କ ବିୟୋଗରେ ମାହାଙ୍ଗାର ବିଭିନ୍ନ ମହଲରେ ଶୋକ ପ୍ରକାଶ ପାଇଛି। ତାଙ୍କ ବିୟୋଗରେ ମାହାଙ୍ଗା ବିଧାୟକ ପ୍ରତାପ ଜେନା, ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ବ୍ଲକ ବିଜେଡି ସଭାପତି ରାଜକିଶୋର ଜେନା, ଉପାଧ୍ୟକ୍ଷ ସତ୍ୟନାରାୟଣ ମହାନ୍ତି, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଶରତ ନାୟକ, ଓଡ଼ିଶା ରାଜ୍ୟ କୃଷକ କ୍ଲବ ସଭାପତି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ସରପଞ୍ଚଙ୍କ ପ୍ରତିନିଧି ପ୍ରତାପ ରାଉତ, ସମିତିସଭ୍ୟାଙ୍କ ପ୍ରତିନିଧି ସଞ୍ଜୟ ସାମଲ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ମୃତକଙ୍କ ପରିବାରକୁ ସମବେଦନା ଜଣାଇଛନ୍ତି।

### ଚୋରା ମୋବାଇଲ, ସ୍କୁଟି ବିକ୍ରି ବେଳେ ୨ ଗିରଫ

ଭୁବନେଶ୍ୱର,୯।୪ (ବ୍ୟୁରୋ): ଚୋରା ମୋବାଇଲ ଫୋନ୍ ଓ ସ୍କୁଟି ବିକ୍ରି କରୁଥିବାବେଳେ ଶହୀଦନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ପୁରୀର ପ୍ରତାପ ସାମଲ ଓ ଅନୁଗୋଳର ଅରବଜ ଖାନ୍ ଓରଫ ବିଟୁ। ସେମାନଙ୍କଠାରୁ ୫ଟି ଚୋରା ମୋବାଇଲ ଫୋନ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତ ପ୍ରତାପ ଓ ସହଯୋଗୀ ବିଟୁ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ ସାମ୍ନାରେ ରାସ୍ତାରେ ଲୋକଙ୍କୁ ଅଟକାଇ ମୋବାଇଲ ଓ ସ୍କୁଟିକୁ କମ୍ ଦାମରେ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ସେସବୁ ସାମଗ୍ରୀର ପ୍ରମାଣପତ୍ର ଦେଖାଇପାରି ନ ଥିଲେ। ପଚରାଉଚରାବେଳେ ସେଗୁଡିକ ଚୋରା ବୋଲି ସ୍ୱୀକାର କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।

# ରାଜଧାନୀରେ ଗ୍ୟାଙ୍ଗ୍ ସକ୍ରିୟ, ଟ୍ରାକିଂରେ ପୋଲିସ ଫେଲ୍

## ଘଟଣା ଘଟିବା ପରେ ବି ନିଦ ଭାଙ୍ଗୁନି

ଭୁବନେଶ୍ୱର,୯।୪(ବ୍ୟୁରୋ)

ଭୁବନେଶ୍ୱର ସହରାଞ୍ଚଳ ପୋଲିସ ଜିଲାରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ପୋଲିସକୁ ଚ୍ୟାଲେଞ୍ଜ ଦେଇ ଚୋରିଠୁ ଆରମ୍ଭ କରି ଛିନ୍‌ତାଇ, ଅପହରଣ, ମାର୍‌ପିଟ ଭଳି ଘଟଣା ପ୍ରତ୍ୟହ ଘଟିବାରେ ଲାଗିଛି। ଏହିସବୁ ଘଟଣା ପଛରେ ଏକାଧିକ ଗ୍ୟାଙ୍ଗ୍‌ର ସମ୍ପୃକ୍ତି ରହୁଥିବା କୁହାଯାଉଥିବାବେଳେ ପୋଲିସ ତା'ର ଟେର୍ ପାଇପାରୁନାହିଁ। ଅପରାଧ ଘଟିବା ପରେ ଅଭିଯୋଗ ଆସିଲେ ପୋଲିସ ତତ୍ପରତା ଦେଖାଇବା ସହ ଚଢ଼ାଉ କରୁଛି। ଫଳରେ ଗ୍ୟାଙ୍ଗ୍ ଚଳାଉଥିବା ମୁଖ୍ୟ ଅଭିଯୁକ୍ତ ଓ ଅନ୍ୟ ଅପରାଧୀମାନେ ବିଭିନ୍ନ ଗଳାବାଟ ଦେଇ ଖସିଯିବାକୁ ସୁଯୋଗ ପାଉଛନ୍ତି। ଫଳରେ ସହରରେ ଅପରାଧ ବୃଦ୍ଧି ପାଇବା ସହ ସହରବାସୀଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନିକଟରେ ନୟାପଲ୍ଲୀ ଥାନା ଅଞ୍ଚଳରେ ଏକ ବିବାଦୀୟ ଜମିକୁ ନିଜ ଅଧୀନକୁ ଆଣିବା ପାଇଁ ସୁପାରି ନେଇ ରାତିଅଧରେ ବସ୍ ଯୋଗେ ଏକ ଗ୍ୟାଙ୍ଗ୍‌ର ଶତାଧିକ ଲୋକ ଦଳବଦ୍ଧ ହୋଇ ଜେସିବି ଲଗାଇ ଦୋକାନ ଘର ଭାଙ୍ଗିବା ସହ ଲୁଟ୍ କରିବା ଏହାର ନଗ୍ନ ଉଦାହରଣ। ଘଟଣାରେ ୭ ବାଉନ୍‌ସରଙ୍କ ସମେତ ୧୪ ଜଣଙ୍କୁ ପୋଲିସ ଗିରଫ କରିଥିଲେ ମଧ୍ୟ ମାଷ୍ଟରମାଇଣ୍ଡ ରାଘବ ଜେନାଙ୍କ ସମେତ ଏକାଧିକ ବ୍ୟକ୍ତି ଏବେବି ଫେରାର ଅଛନ୍ତି। ଘଟଣାକୁ ୧୫ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ମାଷ୍ଟରମାଇଣ୍ଡକୁ ଧରିବା ତ ଦୂରର କଥା, ସେ ଏବେ କେଉଁଠି ତାହାର ପତ୍ତା ନ ପାଇବା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣା ସାମ୍ନାକୁ ଆସିବା ପରେ ସହରରେ ଆହୁରି ୩ରୁ ୪ ଗ୍ୟାଙ୍ଗ୍ ସକ୍ରିୟ ରହିଥିବା ଖୋଦ୍ ଡିସିପି ଖବରଦାତା ସମ୍ମିଳନୀରେ କହିବା ସହ ସେମାନଙ୍କୁ ଖୁବ୍‌ଶୀଘ୍ର ଧରାଯିବ ବୋଲି କହିଥିଲେ। କିନ୍ତୁ ଏଯାବତ୍ ସେହି ଗ୍ୟାଙ୍ଗ୍ ସମ୍ପର୍କରେ କୌଣସି ସୁରାକ୍ ମିଳିପାରିନାହିଁ। ଅପରାଧୀଙ୍କୁ ଟ୍ରାକିଂ କରିବାରେ ପୋଲିସ ବିଫଳ ହୋଇଛି। ସେହିଭଳି ଗତବର୍ଷ ଚନ୍ଦ୍ରଶେଖରପୁର ଅଞ୍ଚଳରେ ଏକ ବାର୍‌ରେ ପ୍ରବେଶ ପାଇଁ ଅନୁମତି ନ ଦେବାରୁ ସୁରକ୍ଷାକର୍ମୀ ଓ କର୍ମଚାରୀଙ୍କୁ ସଂଘବଦ୍ଧ ଆକ୍ରମଣ ହୋଇଥିଲା। ଏଥିରେ ୩୦ରୁ ଅଧିକ ଯୁବକ ଗ୍ୟାଙ୍ଗ୍ ହୋଇ ବସ୍‌ରେ ଆସି ଆକ୍ରମଣ କରିଥିଲେ। ଘଟଣାରେ ପୋଲିସ କେତେଜଣ ଯୁବକଙ୍କୁ ଗିରଫ କରିଥିବାବେଳେ ମୁଖ୍ୟ ଅଭିଯୁକ୍ତ ସଞ୍ଜୀବଙ୍କୁ ଏଯାବତ୍ ଧରିପାରିନାହିଁ। ତେବେ ସଞ୍ଜୀବ ଏକ ନିର୍ଦ୍ଦିଷ୍ଟ ଦଳର ଛାତ୍ରନେତା ଥିବାରୁ ପୋଲିସ ଗିରଫ କରୁ ନ ଥିବା କୁହାଯାଉଛି। କେବଳ ଏହି ଦୁଇଟି ଘଟଣା ନୁହେଁ, ପୂର୍ବରୁ ମଧ୍ୟ କେବିଏନ୍ ଗ୍ୟାଙ୍ଗ୍ ସମ୍ପର୍କରେ ଗଣମାଧ୍ୟମରେ ଖବର ପ୍ରସାରିତ ହେବା ପରେ ପୋଲିସ ଧରପଗଡ଼ କରିଥିଲା। ଅନ୍ୟପକ୍ଷେ ଓଡ଼ିଶାକୁ ବାହାର ରାଜ୍ୟର ଗ୍ୟାଙ୍ଗ୍ ଆସି ଅନେକ ସମୟରେ ଚୋରି, ଡକାୟତି, ଛିନ୍‌ତାଇ ଭଳି ଅପରାଧ ଘଟାଉଥିବା ନଜିର ରହିଛି। ହେଲେ ଗ୍ୟାଙ୍ଗ୍ ସଦସ୍ୟମାନେ ହୋଟେଲରେ ରହି ଖୁଲମ୍‌ଖୁଲା ସହରରେ ବୁଲି ବୁଲି ଅପରାଧ କରୁଥିଲେ ମଧ୍ୟ ପୋଲିସ ସେମାନଙ୍କ ଟେର୍ ନ ପାଇବା ଚିନ୍ତାର କାରଣ ପାଲଟିଛି।

ଏନେଇ ଡିସିପି ପ୍ରତୀକ ସିଂ କହିଲେ, ପୋଲିସ ପକ୍ଷରୁ ସହରରେ ଅପରାଧ ଘଟାଉଥିବା ଗ୍ୟାଙ୍ଗ୍‌କୁ ଧରିବାକୁ ଚେଷ୍ଟା କରାଯାଉଛି। ଲୋକମାନେ କୌଣସି ଅପରାଧର ଶିକାର ହେଲେ ଭୟ ନ କରି ଆଗକୁ ଆସି ଅଭିଯୋଗ କଲେ ପୋଲିସ ପଦକ୍ଷେପ ନେବ ବୋଲି ଡିସିପି କହିଛନ୍ତି।



ବାଲିଯାତ୍ରା ଉପର ପଡିଆରେ ଚାଲିଥିବା ଅନ୍ତର୍ଜାତୀୟ କଟକ ବୈଶାଖୀ ବାଣିଜ୍ୟ ମେଳାର ରବିବାର ଶେଷ ଦିନରେ ଲୋକଙ୍କ ଗହଳି।

# କୃଷକ, ମହିଳାଗୋଷ୍ଠୀଙ୍କ ଉନ୍ନତିରେ ସମବାୟ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ



ବ୍ୟାଙ୍କିଙ୍ଗ୍ ଓ ଋଣ ସମ୍ବନ୍ଧୀୟ କର୍ମଶାଳାରେ ବିଧାୟକ ଦେବୀ ପ୍ରସାଦ ମିଶ୍ର ଓ ଅନ୍ୟ ଅତିଥିମାନେ।

ବଡ଼ମ୍ବା,୯।୪(ଡି.ଏନ୍.ଏ.)

ବଡ଼ମ୍ବା ପଞ୍ଚାୟତ ସମିତି ପରିସରରେ ସମବାୟସ୍ତରୀୟ ବ୍ୟାଙ୍କିଙ୍ଗ ଓ ଋଣ ସମ୍ବନ୍ଧୀୟ କର୍ମଶାଳା ରବିବାର ଅନୁଷ୍ଠିତ ହୋଇଯାଇଛି। ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ସୁବାସ ଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବଡ଼ମ୍ବା ବିଧାୟକ ଦେବୀ ପ୍ରସାଦ ମିଶ୍ର ଯୋଗଦେଇ କୃଷକ, ମହିଳାଗୋଷ୍ଠୀଙ୍କ ଉନ୍ନତିରେ ସମବାୟ ବ୍ୟାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ମୁଖ୍ୟବକ୍ତା ଭାବେ କଟକ-୧ ଜିଲା ସମବାୟ ଉପନିବନ୍ଧକ ଲକ୍ଷ୍ମୀଧର ସୁବୁଦ୍ଧି ଯୋଗଦେଇ ସମବାୟ ବ୍ୟାଙ୍କର ଉପକାରିତାଠାରୁ ଆରମ୍ଭ କରି ଋଣ ପ୍ରଦାନ ପର୍ଯ୍ୟନ୍ତ ସୁବିଧା ଉପରେ ବହୁ ତଥ୍ୟ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧ୍ୟକ୍ଷ ରଘୁପତି ମହାନ୍ତି, ଜିଲାପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସାହୁ, ଉପାଧ୍ୟକ୍ଷା ସ୍ୱର୍ଣ୍ଣଲତା ବେହେରା, ରାଜ୍ୟ ସମବାୟ ବ୍ୟାଙ୍କ ନିର୍ଦ୍ଦେଶକ ଜ୍ଞାନରଞ୍ଜନ ପରିଡା, ସମିତି ସଭ୍ୟା ଗୋଲାପ ସାହୁ, ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କ ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଅଭୟ କୁମାର ଲେଙ୍କା, ଆଠଗଡ଼ ସହକାରୀ ନିବନ୍ଧକ ବିଜେନ୍ଦ୍ର କୁମାର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନିର୍ଦ୍ଦେଶକ ରବି ନାରାୟଣ ସ୍ୱାଇଁ, ମନୋଜ କୁମାର ବିଶ୍ୱାଳ ଓ ମନୋଜ ଦେହୁରୀ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଏକ ଧାନ ଅମଳ ଯନ୍ତ୍ର ସହ ୧୫ଟି ମିଳିତ ଦେୟ ଗୋଷ୍ଠୀ ଓ ୧ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀଙ୍କୁ ମୋଟ୍ ୨୫ ଲକ୍ଷ ଟଙ୍କା ଋଣ ସହାୟତା ବଣ୍ଟନ କରିଥିଲେ। ବାଙ୍କି କେନ୍ଦ୍ର ସମବାୟ ବ୍ୟାଙ୍କର ବଡ଼ମ୍ବା ଶାଖା ପରିଚାଳକ ସୂର୍ଯ୍ୟମଣି ମଲ୍ଲିକ ଅତିଥି ପରିଚୟ ଓ ସଭାପତି ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଦକ୍ଷତା ବିକାଶ ତାଲିମ କେନ୍ଦ୍ର ଉଦ୍‌ଘାଟିତ

ଫୁଲନଖରା,୯।୪(ଡି.ଏନ୍.ଏ.)

ଭୁବନେଶର ମହାନଗର ନିଗମ(ବିଏମ୍‌ସି) ୪୮ନଂ. ୱାର୍ଡ ଅଧୀନ ଜୟପୁର ଗ୍ରାମସ୍ଥିତ ମୁକ୍ତି ମହିଳା ସମିତି ପ୍ରାଙ୍ଗଣରେ ଦକ୍ଷତା ବିକାଶ ତାଲିମ କେନ୍ଦ୍ର ରବିବାର ଉଦ୍‌ଘାଟିତ ହୋଇଯାଇଛି। ମୁଖ୍ୟ ଅତିଥି ଭୁବନେଶ୍ୱର(ଉତ୍ତର) ବିଧାୟକ ସୁଶାନ୍ତ କୁମାର ରାଉତ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କର୍ପୋରେଟର ସୁକୁମାର ସାହୁ, ପୂର୍ବତନ କର୍ପୋରେଟର ଅକ୍ଷୟ ଲେଙ୍କା, ସ୍ୱତନ୍ତ୍ର ଅତିଥି ଭାବେ ଆସୋଟେକ୍ ଗ୍ରୁପ୍‌ର ପରିଚାଳନା ନିର୍ଦ୍ଦେଶକ ସଞ୍ଜୀବ ଶ୍ରୀବାସ୍ତବ ଯୋଗଦେଇଥିଲେ। ଆର୍ଥିକ ଓ ପଛୁଆବର୍ଗର ମହିଳାମାନଙ୍କୁ ତାଲିମ ମାଧ୍ୟମରେ ରୋଜଗାରକ୍ଷମ କରିବାକୁ ସୁଯୋଗ ସୃଷ୍ଟି କରାଯିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜୟପୁର ଗ୍ରାମର ୨୦ ଜଣ ମହିଳା ଦକ୍ଷତା ଭିତ୍ତିକ ତାଲିମ ନେବା ପାଇଁ ଆବେଦନ କରିଥିଲେ। ସୂଚନାଯୋଗ୍ୟ, ଦୀର୍ଘଦିନ ଧରି ଜୟପୁର ଗ୍ରାମର କମ୍ୟୁନିଟି ସେଣ୍ଟରଟି ଜରାଜୀର୍ଣ୍ଣ ଅବସ୍ଥାରେ ଥିଲା। ଏହାକୁ ପୁନରୁଦ୍ଧାର କରି ସ୍ଥାନୀୟ ଅଞ୍ଚଳର ମହିଳା ଓ ସାଧାରଣ ନାଗରିକଙ୍କୁ ମାଗଣାରେ ତାଲିମ ପ୍ରଦାନ ପାଇଁ ଆସୋଟେକ୍ ଗ୍ରୁପ୍ ପକ୍ଷରୁ ପ୍ରୟାଶ କରାଯାଇଛି।

# ମହେଶ୍ୱର ବିଦ୍ୟାପୀଠ ମହାଦ୍ରୁମରେ ପରିଣତ ହୋଇଛି

ତିଗିରିଆ,୯।୪(ଡି.ଏନ.ଏ.)

ତିଗିରିଆ ବ୍ଲକ ଅନ୍ତର୍ଗତ ପୁରୁଣା ତିଗିରିଆସ୍ଥିତ ମହେଶ୍ୱର ନୋଡାଲ ବିଦ୍ୟାପୀଠରେ ପୂଜ୍ୟପୂଜନ କାର୍ଯ୍ୟକ୍ରମ ୨୦୨୩ ଓ ସମ୍ବର୍ଦ୍ଧନା ସଭା ରବିବାର ଅନୁଷ୍ଠିତ ହୋଇଯାଇଛି।

୧୯୮୧ରେ ଏହା ଖାଲି ଚାଳ ଛପର ଘରେ ଆରମ୍ଭ ହୋଇଥିବା ମହେଶ୍ୱର ବିଦ୍ୟାପୀଠ ଏବେ ମହାଦ୍ରୁମରେ ପରିଣତ ହୋଇଛି ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ମହେଶ୍ୱର ବିଦ୍ୟାପୀଠର ପୁରାତନ ଶିକ୍ଷକ ଓ ଶିକ୍ଷା କର୍ମଚାରୀ ସଂସଦ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ବିଦ୍ୟାପୀଠର ପୂର୍ବତନ ପ୍ରଧାନ ଶିକ୍ଷକ ରବୀନ୍ଦ୍ର କୁମାର ବେହେରା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥିଭାବେ ବିଦ୍ୟାପୀଠର ପ୍ରତିଷ୍ଠାତା ଗଦାଧର ନାୟକ ଯୋଗଦେଇ ବିଦ୍ୟାଳୟ ପାଇଁ କିପରି ଶ୍ରମ ସାଧନା କରାଯାଇଥିଲା ପ୍ରକାଶ କରିଥିଲେ। ସମ୍ମାନିତ ଅତିଥିଭାବେ ବିଦ୍ୟାଳୟର ସହ ପ୍ରତିଷ୍ଠାତା କବିଚନ୍ଦ୍ର ନାୟକ, ପ୍ରସନ୍ନ କୁମାର ମିଶ୍ର, ସୁରେଶ ଚନ୍ଦ୍ର ସାହୁ, ଚନ୍ଦ୍ରମଣି ଧଳ, ବାଉରୀ ବନ୍ଧୁ ମହାନ୍ତି, ପ୍ରଫୁଲ୍ଲ କୁମାର ମହାରଣା, ପୁରାତନ ଛାତ୍ର କିଶୋର କୁମାର ଜେନା, ଲାଲ ମୋହନ ସାହୁ, ଦିଲୀପ ରଣା, ସୌଭାଗ୍ୟ ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ବକ୍ତାଭାବେ ବିଦ୍ୟାପୀଠର ପୂର୍ବତନ ଛାତ୍ର ତଥା ଉତ୍କଳ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନାର ସଂଯୋଜକ ମନୋରଞ୍ଜନ ମହାନ୍ତି ଯୋଗ ଦେଇଥିଲେ। ସ୍ୱତନ୍ତ୍ର ଅତିଥିଭାବେ ତିଗିରିଆ ପଞ୍ଚାୟତ ସମିତି ଅଧ୍ୟକ୍ଷା ସନ୍ଧ୍ୟାରାଣୀ ନାୟକ ଓ ପୁରୁଣା ତିଗିରିଆ ସରପଞ୍ଚ ପ୍ରତାପଚନ୍ଦ୍ର ଜେନା ଯୋଗ ଦେଇଥିଲେ। ଏହି ଅବସରରେ ଛାତ୍ରୀଛାତ୍ରମାନଙ୍କ ପାଠପଢ଼ାରେ ସହାୟତା ପାଇଁ ପ୍ରସନ୍ନ ୫୦ ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ କମିଟିର ସମ୍ପାଦକ ତଥା ପ୍ରଧାନ ଶିକ୍ଷକ ସୁଦାମ ସୋଲେମାନ ଗୋଛି ଓ ବିଦ୍ୟାପୀଠର ପୂର୍ବତନ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମଙ୍ଗରାଜ ରାଉତ ଏଥିରେ ସହଯୋଗ କରିଥିଲେ। ଏହି ଅବସରରେ କବିଚନ୍ଦ୍ର ନାୟକ,ଗଦାଧର ନାୟକଙ୍କୁ ଆଜୀବନ ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ମନ୍ଦରଧର ନାୟକଙ୍କୁ ମାନପତ୍ର ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




ପୂଜ୍ୟପୂଜନ କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥି ଓ ଅନ୍ୟମାନେ।

### ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

ମାଣିଆବନ୍ଧ,୯।୪(ଡି.ଏନ.ଏ)

ମାଣିଆବନ୍ଧ ଥାନା ଅନ୍ତର୍ଗତ ସନ୍ତରାବାଲୀ ପଞ୍ଚାୟତରେ ସାପ କାମୁଡ଼ାରେ ରବିବାର ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ୧ନଂ. ୱାର୍ଡ଼ର ଖଲି ମଲିକ(୬୮)। ସେ ଶନିବାର ରାତିରେ ଘରେ ଶୋଇଥିବାବେଳେ ଏକ ବିଷଧର ସାପ କାମୁଡ଼ି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ମାଣିଆବନ୍ଧ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ବଡ଼ ଡାକ୍ତରଖାନା ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଖଲିଙ୍କ ମୃତ୍ୟୁ ଘଟିଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

### ବାଇକ ଚୋରି କରୁଥିବା ଯୁବକ ଗିରଫ

ଭୁବନେଶ୍ୱର,୯।୪(ବ୍ୟୁରୋ)

ଖଣ୍ଡଗିରି ଥାନା ପୋଲିସ ଜଣେ ବାଇକ ଚୋରଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଭରତପୁର ଥାନା ଅଞ୍ଚଳରେ ରହୁଥିବା ଜଗତ୍‌ସିଂହପୁରର ସୌରଭ ଦାସ। ତାଙ୍କଠାରୁ ୨ଟି ଚୋରା ମୋଟରସାଇକେଲ ଜବତ କରାଯାଇଛି। ଅଭିଯୁକ୍ତ ଗୋଟିଏ ବାଇକ ଭୁବନେଶ୍ୱରରୁ ଓ ଅନ୍ୟଟି ଯାଜପୁରରୁ ଚୋରି କରିଥିଲେ। ତାହାକୁ ନିଜେ ବ୍ୟବହାର କରୁଥିଲେ ବୋଲି ତଦନ୍ତ ବେଳେ ଜଣାପଡିଛି।

# ଅଦ୍ୱୈତ ବଲ୍ଲଭ ବିଜୁବାବୁଙ୍କ ଘନିଷ୍ଠ ଥିଲେ



ସ୍ମୃତିଚାରଣ ସଭାରେ ବିଧାୟକ ପ୍ରତାପ ଜେନା ଓ ଅନ୍ୟମାନେ।

ମାହାଙ୍ଗା,୯।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଗୋପାଳପୁର ଗ୍ରାମର ସାମାଜିକ କର୍ମୀ ତଥା ଶିକ୍ଷାବିତ୍ ଅଦ୍ୱୈତ ବଲ୍ଲଭ ସାହୁଙ୍କ ଦ୍ୱାଦଶାହ ଅବସରରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶିକ୍ଷାବିତ୍ ବ୍ରଜସୁନ୍ଦର ନାୟକ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ମାହାଙ୍ଗା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା ଯୋଗଦେଇ ସ୍ୱର୍ଗତ ସାହୁଙ୍କ ସହ ବିଜୁବାବୁଙ୍କ ମଧ୍ୟରେ ଘନିଷ୍ଠ ସମ୍ପର୍କ ଥିଲା ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ବ୍ଲକ ଅଧ୍ୟକ୍ଷା ଦୀପା ମଲ୍ଲିକ, ଉପାଧ୍ୟକ୍ଷ ସତ୍ୟ ନାରାୟଣ ମହାନ୍ତି, ଜିଲା ପରିଷଦ ସଭ୍ୟ ପୂର୍ଣ୍ଣଚନ୍ଦ୍ର ସ୍ୱାଇଁ, କଲ୍ଲୋଳ ମହାନ୍ତି, ବିଧାୟକଙ୍କ ବ୍ୟକ୍ତିଗତ ସହାୟକ ଉମାଶଙ୍କର ବିଶ୍ୱାଳ, କବି ଗୌତମ ଚରଣ ଜେନା, ଡ. ପ୍ରସନ୍ନ କୁମାର ନାଥ ଶର୍ମା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋକପାତ କରିଥିଲେ।

# ମହାବୀରଙ୍କ ପୀଠରେ ଷୋଡ଼ଶ ବାର୍ଷିକ ଉତ୍ସବ

ମାହାଙ୍ଗା,୯।୪(ସ୍ୱ.ପ୍ର.)

ମାହାଙ୍ଗା ବ୍ଲକ ଅନ୍ତର୍ଗତ ଜଳେଶ୍ୱରପୁର ପଞ୍ଚାୟତସ୍ଥିତ ତୋଟାସାହିଠାରେ ମହାବୀରଙ୍କ ଷୋଡ଼ଶ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଅଙ୍କୁରାରୋପଣ, ଗୋପୂଜା, ସୂର୍ଯ୍ୟପୂଜା, କଳସଯାତ୍ରା, ଅଗ୍ନି ସଂଯୋଗ, ହୋମଯଜ୍ଞ, ଗୀତାଯଜ୍ଞ ଓ ପୂର୍ଣ୍ଣାହୁତି ଆଦି କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। କର୍ତ୍ତାଭାବେ ଅମୀୟ କୁମାର ସାମଲ ଓ କର୍ତ୍ତ୍ରୀ ଭାବେ ଦ୍ରୌପଦୀ ସାମଲ ପୂଜା କାର୍ଯ୍ୟରେ ବସିଥିବାବେଳେ ପୂଜକଭାବେ ପଣ୍ଡିତ ପ୍ରକାଶ କୁମାର କର, ପୂର୍ଣ୍ଣଚନ୍ଦ୍ର ପାଣି, ଆଶିଷ ମିଶ୍ର, ଗଣେଶ୍ୱର ପଣ୍ଡା, ନିରଞ୍ଜନ ଶତପଥୀ, ଦୀପ୍ତିରଞ୍ଜନ ଦାଶ ପ୍ରମୁଖ ଯୋଗଦେଇ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଧରଣୀଧର ସାମଲ, ରମାକାନ୍ତ ପଣ୍ଡା, ରଘୁନାଥ ସାମଲ, ଉମାକାନ୍ତ ପଣ୍ଡା, ଅନିରୁଦ୍ଧ ବାରିକ, ଦାଶରଥି ସାମଲ, ଉମାକାନ୍ତ ମହାରଣା, ସୁରତ ବାରିକ, ଭ୍ରମରବର ପତି, ଆଶିଷ ପାଣି ଓ ମୃତ୍ୟୁଞ୍ଜୟ ବରାଳ ପ୍ରମୁଖ ସହଯୋଗ କରିଥିଲେ। ଏହି ଅବସରରେ ଆୟୋଜିତ କଳସ ଯାତ୍ରାରେ ବହୁ ମହିଳା ଓ ପୁରୁଷ ସାମିଲ ହୋଇ ବିରୂପା ନଦୀରୁ ଜଳ ଉଠାଇ ଯଜ୍ଞସ୍ଥଳରେ ପହଞ୍ଚି ଘଟ ସ୍ଥାପନ କରିଥିଲେ। ସନ୍ଧ୍ୟାରେ ଭଜନକୀର୍ତ୍ତନ ଆଦି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।



କଳସ ଯାତ୍ରାରେ ସାମିଲ ହୋଇଥିବା ମହିଳା ଓ ପୁରୁଷ ଭକ୍ତମାନେ।

# ପୋଲିସକୁ ଚକ୍‌ମା ଦେଇ ବାବା ବେଶରେ ରହୁଥିଲେ

କଟକ ଅଫିସ,୯।୪:

ପୋଲିସ ଆଖିରେ ଧୂଳି ଦେଇ ଖସି ବୁଲୁଥିଲେ ହତ୍ୟା ଅଭିଯୁକ୍ତ। ଗିରଫଦାରିରୁ ବର୍ତ୍ତିବା ପାଇଁ ବାବା ବେଶରେ ରହୁଥିଲେ। ଦାଢ଼ି ରଖୁଥିଲେ ଆଉ ଗେରୁଆ ବସ୍ତ୍ର ପିନ୍ଧୁଥିଲେ। ନିଜକୁ ମହିମା ଅଲେଖ ଧାର୍ମିକ ଅନୁଷ୍ଠାନର ଜଣେ ସନ୍ଥ ଭାବେ ଲୋକଙ୍କୁ ପରିଚୟ ଦେଉଥିଲେ। ଏଭଳି ଜଣେ ବାବା ବେଶଧାରୀ ହତ୍ୟା ଅଭିଯୁକ୍ତଙ୍କୁ ବିଡ଼ାନାସୀ ପୋଲିସ ଢେଙ୍କାନାଳ ହିନ୍ଦୋଳ ଥାନା ଅଞ୍ଚଳରୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ବିଡ଼ାନାସୀ ଥାନା ଅନ୍ତର୍ଗତ ଶିବାଜୀ ନଗରର ଦୀପକ ମଲ୍ଲିକ (୪୦)।

ପୋଲିସ ସୂଚନା ଅନୁଯାୟୀ, ଲାଲବାଗ ଥାନା ଅନ୍ତର୍ଗତ ଅଲିଶାବଜାର ଭୂତିଆସାହିର ହାଡ଼ିଆ ଓରଫ ପ୍ରକାଶ ବେହେରାଙ୍କୁ ୨୦୨୦ ସେପ୍ଟେମ୍ବର ୨ ତାରିଖରେ ହତ୍ୟା କରାଯାଇଥିବା ନେଇ ତାଙ୍କ ସ୍ତ୍ରୀ ପୁଷ୍ପଲତା ବିଡ଼ାନାସୀ ଥାନାରେ ଅଭିଯୋଗ କରିଥିଲେ। ସେ ଏତଲାରେ ଦର୍ଶାଇଥିଲେ, ତାଙ୍କର ଜଣେ କର୍ମଚାରୀ ମୁକେଶ ଆହତ ହୋଇ ସେହି ରାତିରେ ତାଙ୍କ ଘରେ ପହଞ୍ଚିଥିଲେ। ପୁଷ୍ପଲତାଙ୍କ ସ୍ୱାମୀଙ୍କୁ ତାଙ୍କ ସାହିର ଦୀପକ ଓ ଶାନ୍ତନୁ ଅନ୍ୟ ୧୦ ଜଣ ସହଯୋଗୀଙ୍କ ଦ୍ୱାରା ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ମୁକେଶ ସେମାନଙ୍କୁ ବାଧା ଦେବାରୁ ସେମାନେ ତାଙ୍କୁ ବି ଆକ୍ରମଣ କରିଥିଲେ। ଏଭଳି କଥା ଶୁଣିବା ପରେ ପୁଷ୍ପଲତା ନିଜ ସମ୍ପର୍କୀୟଙ୍କୁ ସାଙ୍ଗରେ ନେଇ ସ୍ୱାମୀଙ୍କୁ ଖୋଜିବାକୁ ଯାଇଥିଲେ। ତାଙ୍କ ସ୍ୱାମୀ ଇପ୍‌ସାର କଲେଜ ଗଡ଼ା ନିକଟରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ତାଙ୍କୁ ତୁରନ୍ତ ନିକଟସ୍ଥ ଏକ ଘରୋଇ ମେଡିକାଲରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ହେବାରୁ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପୁଷ୍ପଲତା ବିଡ଼ାନାସୀ ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୧୮୯/୨୦) ରୁଜୁ କରିଥିଲା। ଏହି ଘଟଣାରେ ଶିବାଜୀ ନଗରର ଶାନ୍ତନୁ ଓରଫ କୃଷ୍ଣଚନ୍ଦ୍ର ମଲ୍ଲିକଙ୍କୁ ୨୦୨୧ ଫେବୃୟାରୀ ୨୪ରେ ଗିରଫ କରାଯାଇଥିଲା। ମାମଲାର ଚାର୍ଜଶିଟ୍ ୨୦୨୧ ଜୁନ୍ ୨୨ରେ କୋର୍ଟରେ ଦାଖଲ ହୋଇଥିବାବେଳେ ଅଭିଯୁକ୍ତ ଦୀପକ ଫେରାର ଥିଲେ। ପରେ ପୋଲିସ ବୈଷୟିକ ଜ୍ଞାନକୌଶଳ ଉପଯୋଗ କରି ଦୀପକଙ୍କୁ ଶନିବାର ଗିରଫ କରିଥିଲା। ପୂର୍ବରୁ ତାଙ୍କ ନାଁରେ ବିଡ଼ାନାସୀ ଓ ମର୍କତନଗର ଥାନାରେ ୫ଟି ମାମଲା ରହିଥିବା ତଦନ୍ତବେଳେ ପୋଲିସ ଜାଣିବାକୁ ପାଇଛି।

## ହାଡ଼ିଆ ହତ୍ୟା ମାମଲାରେ ଆଉ ଜଣେ ଗିରଫ



ଗିରଫ ଅଭିଯୁକ୍ତ ଦୀପକ ମଲ୍ଲିକ।

## ସଂକ୍ଷେପରେ

### ଦିଲୀପ ହୋତାଙ୍କୁ ବିଜେଡି ସାଙ୍ଗଠନିକ ଦାୟିତ୍ୱ

ଖୋର୍ଦ୍ଧା ଅଫିସ,୯।୪: ଆଗକୁ ୨୦୨୪ ସାଧାରଣ ନିର୍ବାଚନ ରହିଛି। ଏବେଠୁ ନିର୍ବାଚନ ରଣନୀତି ପ୍ରସ୍ତୁତିରେ ଲାଗିପଡିଛି ଶାସକଦଳ। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ବିଜେଡିର ଭଲ ପ୍ରଦର୍ଶନ ରହିଛି। ଏହାକୁ ଆହୁରି ଶକ୍ତ କରିବାକୁ ଦଳ ପକ୍ଷରୁ ପ୍ରୟାସ ଆରମ୍ଭ ହୋଇଛି। ରାଜ୍ୟ ବିଜୁ ଜନତା ଦଳର ନିଷ୍ପତ୍ତି ଅନୁସାରେ ରବିବାର ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ସାଙ୍ଗଠନିକ ଦାୟିତ୍ୱରେ ବିଜେଡି ଜିଲା ଉପସଭାପତି ତଥା ଯୁବ ନେତା ଦିଲୀପ କୁମାର ହୋତାଙ୍କୁ ନିଯୁକ୍ତ କରାଯାଇଥିବା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ରଙ୍କୁ ଚିଠି ଲେଖିଛନ୍ତି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀରେ ଦଳ ସଙ୍ଗଠନକୁ ମଜଭୁତ ପାଇଁ ଘରକୁ ଘର ଯାଇ ସକ୍ରିୟ ସଭ୍ୟ ସଂଗ୍ରହ, ପ୍ରତି ୱାର୍ଡ କମିଟି ଓ ବୁଥ୍ କମିଟି ଅଞ୍ଚଳରେ ସକ୍ରିୟ ସଭ୍ୟ ସହିତ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ଲୋକଙ୍କ ପାଖରେ ପହଞ୍ଚାଇବା ଦାୟିତ୍ୱ ହୋତାଙ୍କୁ ଦିଆଯାଇଛି। ସେ ଦୀର୍ଘଦିନ ହେବ ବିଜେଡି ଜିଲା ଉପସଭାପତି ଦାୟିତ୍ୱରେ ରହିଛନ୍ତି। ଖୋର୍ଦ୍ଧା ନିର୍ବାଚନମଣ୍ଡଳୀର ବିଜେଡିର ପ୍ରତ୍ୟେକ କାର୍ଯ୍ୟକ୍ରମର ସଙ୍ଗଠନ ଦାୟିତ୍ୱ ତୁଲାଇବେ। ଏନେଇ ଚିଠି ପାଇବା ପରେ ହୋତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, ଜିଲା ସଭାପତି ବିଭୂତି ଭୂଷଣ ବଳବନ୍ତରାୟ ଓ ଖୋର୍ଦ୍ଧା ବିଧାୟକ ମିତ୍ରଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।



### ୫୬ ମଇଁଷି ଉଦ୍ଧାର, ଡ୍ରାଇଭର ଫେରାର

ଖୋର୍ଦ୍ଧା ଅଫିସ,୯।୪: ଗତ କିଛିଦିନର ନୀରବତା ପରେ ପୁଣି ୧୬ ନମ୍ବର ଜାତୀୟ ରାଜପଥରେ ଗୋରୁ ମାଫିଆ ମାତିଛନ୍ତି। ଖୋର୍ଦ୍ଧା ସଦର ଥାନା ପୋଲିସ ଏକ ଢାବା ନିକଟରୁ ୫୬ ମଇଁଷି ବୋଝେଇ ଗାଡିକୁ ଜବତ କରିଥିବା ବେଳେ ଡ୍ରାଇଭର ଫେରାର ହୋଇଯାଇଛନ୍ତି। ଏନେଇ ଥାନାରେ ଏକ ମାମଲା (ନଂ.୧୧୭/୨୩) ରୁଜୁ ହୋଇଛି। ପୋଲିସ ଉଦ୍ଧାର ମଇଁଷିକୁ ନୟାଗଡ଼ସ୍ଥିତ ଏକ ଗୋଶାଳାକୁ ପଠାଇଛି। ସୂଚନା ମୁତାବକ, ଶନିବାର ବିଳମ୍ବିତ ରାତିରେ ପୋଲିସ ପାଟ୍ରୋଲିଂ କରୁଥିବା ବେଳେ ଗୋରୁ ବୋଝେଇ ଗାଡି ଭୁବନେଶ୍ୱର ଅଭିମୁଖେ ଯାଉଥିବା ଖବରପାଇ ଏକ ଟିମ୍ ରାଜପଥରେ ଛକି ରହିଥିଲେ। ରାସ୍ତା ଉପରେ ପୋଲିସକୁ ଦେଖି ଡ୍ରାଇଭର ଗାଡି ଛାଡି ଫେରାର ହୋଇଯାଇଥିବା ବେଳେ ପୋଲିସ ମଇଁଷିଙ୍କୁ ଉଦ୍ଧାର କରି ଥାନାକୁ ଆଣିଥିଲା।

### ପୂର୍ବତନ ଟାଙ୍ଗୀ ବ୍ଲକ ଅଧକ୍ଷଙ୍କ ପରଲୋକ

ନିରାକାରପୁର,୯।୪(ଡି.ଏନ୍.ଏ.): ପୂର୍ବତନ ଟାଙ୍ଗୀ ପୂର୍ବତନ ବ୍ଲକ ଅଧକ୍ଷ ନବକିଶୋର ଛୋଟରାୟଙ୍କ ରବିବାର ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୯୪ ବର୍ଷ ହୋଇଥିଲା। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସେ ଜଣେ ବିଶିଷ୍ଟ ରାଜନୈତିଜ୍ଞ ଓ ପରୋପକାରୀ ବ୍ୟକ୍ତି ଥିଲେ। ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବଡ଼ପୋଖରିଆ ଗ୍ରାମସ୍ଥିତ ବାସଭବନରେ ପହଞ୍ଚି ତାଙ୍କ ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

# ସୁଧୁରୁନି ସମସ୍ୟା, ବଢୁଛି ଅସନ୍ତୋଷ

ଖୋର୍ଦ୍ଧା ଅଫିସ,୯।୪

- ବହୁ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ
- ବରୁଣେଇ ସ୍ମାର୍ଟ ପାର୍କ କାର୍ଯ୍ୟ ସରୁନି

ଖୋର୍ଦ୍ଧା ସହରର ବିକାଶ ସ୍ଥାଣୁ ପାଲଟିଛି। ୩ ବର୍ଷ ପରେ ଜନତା ସିଧାସଳଖ ପୌରାଧକ୍ଷ ଏବଂ କାଉନସିଲରମାନଙ୍କୁ ଭୋଟ ଦେଇ ନିର୍ବାଚିତ କରିଥିଲେ। ପ୍ରଶାସନ ପାଖରୁ କ୍ଷମତା ନିର୍ବାଚିତ ପ୍ରତିନିଧିଙ୍କ ହାତକୁ ଆସିଲା। ଫଳରେ ସହରବାସୀ ଆଶା କରିଥିଲେ, ସ୍ଥାନୀୟ ସମସ୍ୟାର ସମାଧାନ ହେବ। କିନ୍ତୁ ସମସ୍ୟା ସୁଧୁରିନି। ଫଳରେ ସହରବାସୀଙ୍କ ଆଶା ଧୂଳିସାତ ହୋଇଛି।

ରାସ୍ତାକଡ଼ ଉଠାଦୋକାନୀଙ୍କୁ ଥଇଥାନ କେବଳ କାଗଜକଲମରେ ସୀମିତ ରହିଛି। ବାରମ୍ବାର ବୈଠକ ବସିଲେ ବି ସମାଧାନର ବାଟ ଫିଟୁନି। ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଓ ପ୍ରଶାସନିକ ଅବହେଳାରୁ କ୍ୟାବିନ ବିବାଦ ଦୂର ହୋଇପାରୁନାହିଁ। ୨୦ ବର୍ଷ ଧରି ଏହା ରାଜନୈତିକ ପଶାପାଲିରେ ପେଶି ହୋଇରହିଛି। ସେହିପରି ଅନେକ ଉନ୍ନୟନ କାର୍ଯ୍ୟ ଅଧାପନ୍ତରିଆ ହୋଇରହିଛି। କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର ବ୍ୟୟ ଅଟକଳରେ ଟିଏଲ୍ସି ରୋଡସ୍ଥିତ ସ୍ମାର୍ଟ ଶଶ୍ମାନ ଏବଂ ବରୁଣେଇସ୍ଥିତ ସ୍ମାର୍ଟ ପାର୍କ ଶିଳାନ୍ୟାସକୁ ଦୁଇବର୍ଷ ପୂରିଗଲାଣି। ହେଲେ ନିର୍ମାଣ କାର୍ଯ୍ୟ ସରୁନାହିଁ। ୧୨ନମ୍ବର ୱାର୍ଡରେ ୧୪ ଲକ୍ଷ ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ଭେଣ୍ଡିଂ ଜୋନ ବିବାଦ ପରେ ଅଧାରେ ଅଟକିଛି। ମୁକ୍ତା ଯୋଜନାରେ ସହରର ୨୨ଟି ୱାର୍ଡରେ ଲକ୍ଷାଧିକ ଟଙ୍କା ବ୍ୟୟରେ ଜଳ ସଂରକ୍ଷଣ ନାଁରେ ଲକ୍ଷାଧିକ ଟଙ୍କା ଆତ୍ମସାତ ନେଇ ଅଭିଯୋଗ ହେଉଛି। ଏହି ଯୋଜନାରେ କାର୍ଯ୍ୟାଦେଶ ଫଳକ ଲାଗିଥିବା ବେଳେ ପ୍ରକଳ୍ପ ନାହିଁ। ଏ ନେଇ କଂଗ୍ରେସ ନେତା ଶିଶିର ପରିଡ଼ା କହିଛନ୍ତି, ଖୋର୍ଦ୍ଧା ପୌର ପ୍ରଶାସନ ଦୁର୍ନୀତିରେ ବୁଡ଼ିଛି। ମୁକ୍ତା ଯୋଜନାରେ ଏସ୍ଏଚ୍ଜିଙ୍କ ଆଳରେ ଠିକାଦାରଙ୍କ ଦ୍ୱାରା କାମ କରାଯାଉଛି। ଲୋକଙ୍କ ପାଇଁ ଦୁଇବର୍ଷରେ ଏକାଧିକ ୱାର୍ଡରେ ଶୌଚାଳୟ (ଲୁ) ନିର୍ମାଣ କରାଯାଇଛି। ତେବେ ଉଦ୍‌ଘାଟନ ପରଠାରୁ ସବୁଠି ତାଲା ଝୁଲୁଛି। ପୁରୁଣା ବସଷ୍ଟାଣ୍ଡ ଏବଂ ନୂଆ ବସ୍ଷ୍ଟାଣ୍ଡରେ ଶୌଚାଳୟ ଏବେ ପରିତ୍ୟକ୍ତ ଅବସ୍ଥାରେ ଥିବାବେଳେ ଲୋକେ ହଇରାଣ ହେଉଛନ୍ତି। ଦୈନିକ ମେଡିକାଲ ରୋଡରୁ ମୁକୁନ୍ଦପ୍ରସାଦ ଓ ଟ୍ରାଫିକ ଛକଠାରୁ ନୂଆବସଷ୍ଟାଣ୍ଡ ପର୍ଯ୍ୟନ୍ତ ଟ୍ରାଫିକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନିୟନ୍ତ୍ରଣ କରାଯାଇପାରୁନାହିଁ। ସହରରେ ଜବରଦଖଲ ବଢ଼ିଚାଲିଛି। ମାଫିଆଙ୍କ କବ୍‌ଜାରେ ଅଧିକାଂଶ ସରକାରୀ ଜମି ରହିଛି। ଟାଉନ ହଲ ସମ୍ମୁଖ ଶହୀଦ ପାର୍କ ଦୀର୍ଘଦିନ ହେଲା ବନ୍ଦ ପଡ଼ିଥିବାବେଳେ ଅନାବନା ଗଛଲତା ମାଡ଼ିଗଲାଣି। ପାଇକ ବୀରଙ୍କ ପ୍ରତିମୂର୍ତ୍ତି ଓ ବ୍ରିଟିଶ ଅମଳର ତୋପ ନଷ୍ଟ ହୋଇଗଲାଣି। ପାର୍କ ଏବେ ମୁକ୍ତ ଶୌଚାଳୟ ପାଲଟିଛି। ୨୦୧୬ରେ ୫୦ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଜୟୀ ରାଜଗୁରୁ ଟାଉନହଲ ପୌର ପ୍ରଶାସନ ପକ୍ଷରୁ ପିଡବ୍ଲୁଡି ଦ୍ୱାରା ପୁନରୁଦ୍ଧାର କରାଯାଇଥିଲା। ତେବେ ନିମ୍ନମାନର କାର୍ଯ୍ୟ ଯୋଗୁ ଏହି କୋଠା ପରବର୍ତ୍ତୀ ପର୍ଯ୍ୟାୟରେ ଅବ୍ୟବହୃତ ହୋଇ ପଡ଼ିରହିଥିଲା। ୧ କୋଟି ୩୪ ଲକ୍ଷ ବ୍ୟୟ ଅଟକଳରେ ପୁଣି ଏହାର ପୁନରୁଦ୍ଧାର କରାଯାଇଛି। ତେବେ ପୁରୁଣା କୋଠାରେ ରଙ୍ଗ ବୋଳି ଅର୍ଥ ଆତ୍ମସାତ କରାଯାଇଥିବା ଅଭିଯୋଗ ହେଉଛି। ବରୁଣେଇ ପୀଠ ପର୍ଯ୍ୟଟନର ମାନ୍ୟତା ପାଇଥିଲେ ମଧ୍ୟ ଅବହେଳିତ ଅବସ୍ଥାରେ ରହିଛି। ପୀଠରେ ପାନୀୟଜଳ ବ୍ୟବସ୍ଥା ନ ଥିବାବେଳେ ଅନେକ ଷ୍ଟାଣ୍ଡପୋଷ୍ଟ ଭାଙ୍ଗିଯାଇଛି। ଏ ନେଇ ପର୍ଯ୍ୟଟକ ଅସନ୍ତୋଷ ପ୍ରକାଶ କରୁଛନ୍ତି। ଗଡ଼ଖୋର୍ଦ୍ଧା ଅସ୍ତିତ୍ୱ ହରାଇବାକୁ ବସିଛି। ପାଇକ ବିଦ୍ରୋହର ଏହା ଅନ୍ତୁଡ଼ିଶାଳ ଥିଲା। ଏବେ ଏହା ପରିତ୍ୟକ୍ତ ଅବସ୍ଥାରେ ରହିଛି। ଏହାର ବିକାଶ ପ୍ରତି ଗୁରୁତ୍ୱ ଦିଆଯାଉନାହିଁ। ଟିଏଲସି ରୋଡ଼ର ଦୁଇଟି ସ୍ଥାନରେ ଭେଣ୍ଡିଂ ଜୋନ ନିର୍ମାଣ କରାଯାଇ ଉଠାଦୋକାନୀ ଓ ପରିବା ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ପୌର ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ମିଳିଛି। ହେଲେ କେବେ ବ୍ୟବସାୟୀ ଥଇଥାନ ହେବେ ତାହା ପ୍ରଶ୍ନବାଚୀ ହୋଇଛି। ଅନ୍ୟପକ୍ଷରେ ଏଥିଲାଗି ପ୍ରକ୍ରିୟା ଆରମ୍ଭ ହୋଇଛି, ପ୍ରଥମେ କ୍ୟାବିନ ପରେ ଓ ପରେ ଅନ୍ୟ ବ୍ୟବସାୟୀଙ୍କୁ ଥଇଥାନ କରାଯିବ ବୋଲି ପୌର ନିର୍ବାହୀ ଅଧିକାରୀ ରିଜୱାନା କିଅକପ୍ କହିଛନ୍ତି। ମୁକ୍ତା ଯୋଜନା ତଦାରଖ ଲାଗି ଟେକ୍‌ନିକାଲ୍ ଟିମ୍ ରହିଛି ଏବଂ ଅଭିଯୋଗର ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସହରାଞ୍ଚଳ ଉନ୍ନୟନ କର୍ତ୍ତୃପକ୍ଷ (ଖୁଡା) ଅଧକ୍ଷ ଦିଗନ୍ତ ରାଉତରାୟ କହିଛନ୍ତି। ପୌର ଉପାଧକ୍ଷ ସୌର୍ଯ୍ୟ ରଞ୍ଜନ ମହାନ୍ତି କହିଛନ୍ତି, ସ୍ମାର୍ଟ ଶଶ୍ମାନ ଓ ବରୁଣେଇ ପାର୍କ ନିର୍ମାଣ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଖୁବଶୀଘ୍ର ଲୋକାର୍ପଣ କରାଯିବ। ସେହିପରି ଖୋର୍ଦ୍ଧାର ଦ୍ରୁତ ବିକାଶ ହେଉଥିବା ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ପ୍ରକାଶ କରିଛନ୍ତି।

### ଚୋରା ମୋବାଇଲ, ସ୍କୁଟି ବିକ୍ରି ବେଳେ ୨ ଗିରଫ

ଭୁବନେଶ୍ୱର,୯।୪ (ବ୍ୟୁରୋ)

ଚୋରା ମୋବାଇଲ ଫୋନ୍ ଓ ସ୍କୁଟି ବିକ୍ରି କରୁଥିବାବେଳେ ଶହୀଦନଗର ଥାନା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ରହୁଥିବା ପୁରୀର ପ୍ରତାପ ସାମଲ ଓ ଅନୁଗୋଳର ଅରବଜ ଖାନ୍ ଓରଫ ବିଟୁ। ସେମାନଙ୍କଠାରୁ ୫ଟି ଚୋରା ମୋବାଇଲ ଫୋନ୍ ଓ ଗୋଟିଏ ସ୍କୁଟି ଜବତ କରାଯାଇଛି। ଜାମିନ ନ ମିଳିବାରୁ ଉଭୟଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ସୂଚନାନୁଯାୟୀ, ଅଭିଯୁକ୍ତ ପ୍ରତାପ ଓ ସହଯୋଗୀ ବିଟୁ ଶ୍ୟାମାପ୍ରସାଦ ମୁଖାର୍ଜୀ ପାର୍କ ସାମ୍ନାରେ ରାସ୍ତାରେ ଲୋକଙ୍କୁ ଅଟକାଇ ମୋବାଇଲ ଓ ସ୍କୁଟିକୁ କମ୍ ଦାମରେ ବିକ୍ରି କରିବାକୁ ଉଦ୍ୟମ କରୁଥିଲେ। ବିଶେଷ ସୂତ୍ରରୁ ସୂଚନା ପାଇ ପୋଲିସ ପହଞ୍ଚି ସେମାନଙ୍କୁ କାବୁ କରିଥିଲା। ଅଭିଯୁକ୍ତମାନେ ସେସବୁ ସାମଗ୍ରୀର ପ୍ରମାଣପତ୍ର ଦେଖାଇପାରି ନ ଥିଲେ। ପଚରାଉଚରାବେଳେ ସେଗୁଡିକ ଚୋରା ବୋଲି ସ୍ୱୀକାର କରିବା ପରେ ପୋଲିସ ସେମାନଙ୍କୁ ଗିରଫ କରିଥିଲା।



୨୨ତମ ଜଟଣୀ ପୁସ୍ତକ ମେଳାର ଚତୁର୍ଥ ସନ୍ଧ୍ୟାରେ ବିଶ୍ୱ ଡ୍ୟାନ୍ସ ଗ୍ରୁପର କଳାକାରମାନେ ନୃତ୍ୟ ପରିବେଷଣ କରୁଛନ୍ତି।

### ଦିନରେ ଜଳୁଛି ଷ୍ଟ୍ରିଟ୍ ଲାଇଟ୍, ଶୁଣୁନି ପ୍ରଶାସନ

ଜଟଣୀ,୯।୪(ଡି.ଏନ୍.ଏ.)



ଏବେଠାରୁ ଯଦି ଶକ୍ତି ସଞ୍ଚୟ କରା ନ ଯାଏ, ତେବେ ଭବିଷ୍ୟତରେ ଶକ୍ତିସଙ୍କଟ ଦେଖାଯିବ। ଏପରି କ୍ଷେତ୍ରରେ ଜଟଣୀ ପୌରାଞ୍ଚଳ ୨୨ନଂ. ୱାର୍ଡ କୁଦିଆରୀ ଗ୍ରାମ ମେଳଣପଡ଼ିଆ ଅଞ୍ଚଳରେ ଦୀର୍ଘ ୨ ମାସ ହେବ ରାସ୍ତାକଡ଼ର ଷ୍ଟ୍ରିଟ୍ ଲାଇଟ୍ ଦିନରାତି ଜଳୁଥିବା ଦେଖିବାକୁ ମିଳୁଛି। ଅକାରଣେ ଏପରି ବିଦ୍ୟୁତ୍ ଅପଚୟକୁ ନେଇ ସ୍ଥାନୀୟ ବୁଦ୍ଧିଜୀବୀ କ୍ଷୋଭ ପ୍ରକାଶ କରିଛନ୍ତି। ଉକ୍ତ ଘଟଣାକୁ ନେଇ ସ୍ଥାନୀୟ କାଉନସିଲର ସୁନିତା ରାୟ ଗତମାସରେ ସମସ୍ୟା ଦୂର କରି ବିଦ୍ୟୁତ୍ ଶକ୍ତି ଅପଚୟ ରୋକିବା ପାଇଁ ପୌର କାର୍ଯ୍ୟାଳୟରେ ଲିଖିତ ଅଭିଯୋଗ କରିଥିଲେ। ଏହାପରେ ମଧ୍ୟ ପୌର ପ୍ରଶାସନର ଅବହେଳାକୁ ନେଇ ଅସନ୍ତୋଷ ଦେଖାଦେଇଛି। ଅନ୍ୟପଟେ ପୂର୍ବତନ କାଉନ୍‌ସିଲର ଲୁସେନ ରାୟ ରାଜନୈତିକ ଅଭିସନ୍ଧି ରଖି ପୌର କାର୍ଯ୍ୟାଳୟ ପକ୍ଷରୁ ସମସ୍ୟା ସମାଧାନ କରାଯାଉ ନ ଥିବା ଅଭିଯୋଗ କରିଛନ୍ତି। ଫନି ବାତ୍ୟାଠାରୁ ଷ୍ଟ୍ରିଟ୍ ଲାଇଟ୍‌ର ସଂଯୋଗ ଘରୋଇ ସଂଯୋଗରେ ଲାଗି ରହିଥିବାରୁ ଅଞ୍ଚଳର ଅଧା ଭାଗରେ ଷ୍ଟ୍ରିଟ୍ ଲାଇଟ ରାତି ଓ ଦିନ ତମାମ୍ ଜଳୁଛି। ଫଳରେ ବିଦ୍ୟୁତ୍ ଅପଚୟ ହେଉଛି। ପୌର ପ୍ରଶାସନ କର୍ମଚାରୀ ଅଭାବ ଆଳ ଦେଖାଇ କାର୍ଯ୍ୟାଳୟ ପକ୍ଷରୁ ଉକ୍ତ ସମସ୍ୟା ସମାଧାନ କରାଯାଉ ନ ଥିବା ଜଣାପଡ଼ିଛି।

# ନ୍ୟାୟ ପାଇଁ ଶାଶୁଘର ପିଣ୍ଡାରେ ବୋହୂ

ଖୋର୍ଦ୍ଧା ଅଫିସ,୯।୪

- ଭଲପାଇ ବାହାହୋଇଥିଲେ, ଏବେ ଉପେକ୍ଷିତ
- ଘୋଷାରି ପିଟିଲେ ଦିଅର, ଥାନାରେ ଏତଲା
- ପୋଲିସ ଶୁଣୁନି, ହତ୍ୟା ଧମକ ମିଳୁଛି

କୁହାଯାଏ ବିବାହ ଏକ ପବିତ୍ର ବନ୍ଧନ। ଭଲ ପାଇ ଜୀବନ ସାଥି ବାଛିଥିଲେ। ସାତଜନ୍ମର ସାଥି ହେବା ଲାଗି ପ୍ରତିଜ୍ଞା କରି ବିବାହ ବନ୍ଧନରେ ବାନ୍ଧି ହୋଇଥିଲେ। ଭାବିଥିଲେ ହସଖୁସିରେ ଜୀବନ କାଟିବେ। ତେବେ ସବୁ ପାଣି ଫୋଟକା ପରି ମିଳେଇ ଯାଇଥିଲା। ଯାହାକୁ ମନର ଦେବତା ଭାବି ହାତ ଧରିଥିଲେ, ଶେଷରେ ସେ ଦୂରେଇ ଦେଲେ। ଆଉ ଶେଷରେ ସ୍ୱାମୀଙ୍କୁ ଖୋଜି ନ ପାଇ ଅନୁଗୋଳ ଜିଲାର ବନଲକ୍ଷ୍ମୀ ବେହେରା ଓରଫ ପିଙ୍କି ନ୍ୟାୟ ପାଇ ଏବେ ଶ୍ୱଶୁର ଘର ସମ୍ମୁଖରେ ଧାରଣାରେ ବସିଛନ୍ତି।

ଏଭଳି ହୃଦୟ ବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି ଖୋର୍ଦ୍ଧା ଜିଲା ବାଘମାରୀ ଥାନା ଅଞ୍ଚଳରେ। ବନଲକ୍ଷ୍ମୀ ବାଘମାରୀ ଗାଁର ଅଶୋକ ଦାଶଙ୍କୁ ୭ବର୍ଷ ତଳେ ପ୍ରେମ ବିବାହ କରିଥିଲେ। ଭୁବନେଶ୍ୱରରେ ଘରଭଡ଼ା ନେଇ ରହୁଥିଲେ। ହସଖୁସିରେ ସଂସାର ଚାଲିଥିଲା। ହଠାତ୍ ତାଙ୍କ ଜୀବନରେ ଝଡ଼ ମାଡ଼ି ଆସିଲା। ଅଶୋକ ସ୍ତ୍ରୀଙ୍କୁ କିଛି ନ ଜଣାଇ କେଉଁଆଡ଼େ ଚାଲିଗଲେ। ତାଙ୍କୁ ବନଲକ୍ଷ୍ମୀ ଖୋଜାଖୋଜି କରି ନିରାଶ ହେବା ପରେ ଖାରବେଳନଗର ଥାନାରେ ଏତଲା ଦେଇଥିଲେ। ଶେଷରେ ବାଘମାରୀସ୍ଥିତ ସ୍ୱାମୀଙ୍କ ଘରେ ପହଞ୍ଚିଥିଲେ। ସେପଟେ ଶାଶୁଘର ଲୋକେ ଘରତାଲା ପକାଇ କେଉଁ ଆଡ଼େ ଚାଲିଯାଇଛନ୍ତି। ଶ୍ୱଶୁର ଘର ଲୋକଙ୍କ ସହ ଯୋଗାଯୋଗ କରି ନିରାଶ ହୋଇ ସ୍ତ୍ରୀର ହକ୍ ପାଇବା ପାଇଁ ଗତ ୫ ମାସ ହେଲା ଶାଶୁଘର ଆଗରେ ଖଣ୍ଡେ ଜରିପାଲ ଟାଣି ଖରାବର୍ଷା ସହି ବସିଛନ୍ତି। କେବେ ପରିବାର ଲୋକେ ତାଙ୍କୁ କୋଳେଇ ନେବେ ସେହି ସ୍ୱପ୍ନ ଦେଖୁଛନ୍ତି। ତେବେ ବନଲକ୍ଷ୍ମୀଙ୍କ ସ୍ୱପ୍ନ ଧୂଳିସାତ ହୋଇଯାଇଥିବାବେଳେ ଏବେ ତାଙ୍କ ଦିଅର ସନ୍ତୋଷ ଦାଣ୍ଡପିଣ୍ଡାରେ ଘୋଷାରି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏନେଇ ସେ ବାଘମାରୀ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅନୁସୂଚିତ ଜାତି ଓ ଜନଜାତି ଆକ୍ଟରେ ଦଫା ୨୯୪, ୩୫୪-ବି, ୩୨୩, ୫୦୬ରେ ଏକ ମାମଲା (ନଂ. ୫୬/୨୩) ରୁଜୁ ହୋଇଛି। ତେବେ ପୋଲିସ ମାମଲା ରୁଜୁ କରି ନୀରବଦ୍ରଷ୍ଟା ସାଜିଥିବା ବେଳେ ଦିଅର ବାହାରେ ବୁଲୁଛନ୍ତି ବୋଲି ବନଲକ୍ଷ୍ମୀ ଗଣମାଧ୍ୟମ ଆଗରେ କହିଛନ୍ତି। ସେପଟେ ପୋଲିସ ପକ୍ଷରୁ ତାଙ୍କୁ ଯୋଗାଇ ଦିଆଯାଇଥିବା ସୁରକ୍ଷାକୁ ହଟାଇ ନିଆଯାଇଛି।

ବନଲକ୍ଷ୍ମୀ ଅଭିଯୋଗରେ ଦର୍ଶାଇଛନ୍ତି, ସେ ତଫସିଲଭୁକ୍ତ ଜନଜାତି (ଶବର) ସମ୍ପ୍ରଦାୟର ମହିଳା। ଅଶୋକଙ୍କ ସହ ପାରିବାରିକ କଳହରୁ ସେ ୨୦୨୨ ନଭେମ୍ବରରୁ ଶାଶୁଘର ଆଗରେ ଧାରଣାରେ ବସିଛନ୍ତି। ଗତ ମାର୍ଚ୍ଚ ୩୧ରେ ଗାଁରେ ନାମ ସଂକୀର୍ତ୍ତନ ଆୟୋଜିତ ହୋଇଥିଲା। ଗାଁର ମର୍ଯ୍ୟାଦା ଦୃଷ୍ଟିରୁ ସେ ଘର ପଛ ଫାଟକ ପାଖକୁ ଉଠିଗଲେ। ଏହି ସମୟରେ ଦିଅର ସନ୍ତୋଷ ଦାଶ ଆସି ତାଙ୍କୁ ଜାତିଆଣ ଆକ୍ଷେପ କରି ଗାଳିଗୁଲଜ କରିବା ସହ ଘୋଷାରି ମାଡ଼ ମାରିଥିଲେ। ଏପରିକି ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଯନ୍ତ୍ରଣାରେ ଛଟପଟ ହୋଇ ସେ ମେଡିକାଲରେ ଚିକିତ୍ସିତ ହୋଇଥିବା ଦର୍ଶାଇଛନ୍ତି। ନ୍ୟାୟ ନ ମିଳିଲେ, ତାଙ୍କ ମୃତ୍ୟୁ ପାଇଁ ସ୍ୱାମୀ ଅଶୋକ, ଦିଅର ସନ୍ତୋଷ, ଶାଶୁ, ଦେଢଶୁର, ଜେଠେଇ ଶାଶୁ ଦାୟୀ ରହିବେ ବୋଲି ସେ ଅଭିଯୋଗରେ ଉଲ୍ଲେଖ କରିଛନ୍ତି। ସେପଟେ ବନଲକ୍ଷ୍ମୀଙ୍କ ଅଭିଯୋଗ ଉପରେ ତାଙ୍କ ସ୍ୱାମୀ କିମ୍ବା ଶାଶୁଘର ଲୋକଙ୍କର କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ସରିଲା ସର୍ବଭାରତୀୟ ଗାନ୍ଧୀଶିଳ୍ପ ବଜାର

ଭୁବନେଶ୍ୱର,୯।୪(ବ୍ୟୁରୋ)

**୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବେପାର**

ଏକାମ୍ର ହାଟଠାରେ ଚାଲିଥିବା ସର୍ବଭାରତୀୟ ହସ୍ତଶିଳ୍ପ ପ୍ରଦର୍ଶନୀ 'ଗାନ୍ଧୀଶିଳ୍ପ ବଜାର' ରବିବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ୧୬ ରାଜ୍ୟରୁ ୧୨୫ଜଣ କାରିଗର ନିଜ ନିଜର ହସ୍ତଶିଳ୍ପର ପସରା ମେଲାଇଥିବାବେଳେ ମୋଟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ବିକ୍ରିବଟା ହୋଇଛି। ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବେ ଡୋଭ୍ ଅନୁଗୋଳର ସମ୍ପାଦକ ଅନିଲ କୁମାର ମିଶ୍ର, ମୁଖ୍ୟ କାର୍ଯ୍ୟନିର୍ବାହୀ ଅଶୋକ କୁମାର ସାହୁ, ପ୍ରକଳ୍ପ ସଂଯୋଜକ ରବୀନ୍ଦ୍ର ସେନାପତି, ସଂଗ୍ରାମ କେଶରୀ ନାୟକ, ରାଜସ୍ଥାନର ନିପୁଣ କାରିଗର ଅରବିନ୍ଦ ଖତ୍ରୀ, ମହାରାଷ୍ଟ୍ରର କାରିଗର ରାଜେଶ ରୋଡ଼ା, ଛତିଶଗଡ଼ର ମୈତ୍ରୀ ବୋଷ, ପଣ୍ଡିଚେରୀର ଜୟନ୍ତୀ, ତାମିଲନାଡୁର କେ.ସି. ନଳିନୀ, ତ୍ରିପୁରାର ନମିତା ଦେଓନାଥ, ଭୋପାଳର ପ୍ରତିମା ବାନୋ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରକଳ୍ପ ସଂଯୋଜକ ସେନାପତି ଧନ୍ୟବାଦ ଜଣାଇଥିଲେ।

# ଚିତ୍ରାଙ୍କନ ପ୍ରତିଯୋଗିତାରେ ୧୯୮ ପ୍ରତିଯୋଗୀ

**କଳା ନୈପୁଣ୍ୟତା ଦେଖାଇଲେ ଛାତ୍ରୀଛାତ୍ର**

ଖୋର୍ଦ୍ଧା ଅଫିସ,୯।୪




ଅତିଥିଙ୍କ ଗହଣରେ କୃତୀ ପ୍ରତିଯୋଗୀମାନେ।

ମାତୃକୃପା ଅନୁଷ୍ଠାନ ଆନୁକୂଲ୍ୟରେ ଖୋର୍ଦ୍ଧାର ଚିତ୍ରଶିଳ୍ପୀ ଦେବାଂଶୀ ମହାନ୍ତିଙ୍କ ଦ୍ୱାରା ଅଙ୍କିତ ବିଭିନ୍ନ ଚିତ୍ରାଙ୍କନକୁ ନେଇ ସ୍ଥାନୀୟ ଗୀତାଭବନରେ ଶନିବାର ଚିତ୍ରାଙ୍କନ ପ୍ରଦର୍ଶନୀ ଆୟୋଜନ ହୋଇଥିଲା। ରବିବାର ବିଭିନ୍ନ ବର୍ଗର ପିଲାଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗିତା ଆୟୋଜିତ ହୋଇଛି। ଏହି ପ୍ରତିଯୋଗିତାରେ ଏଲ୍‌କେଜି ଠାରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପଢୁଥିବା ୧୯୮ଜଣ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଗ୍ରୁପ-ଏ(୫ମ/୬ଷ୍ଠ/୭ମ/୮ମ)ରେ ଆଦ୍ୟା ଅନ୍ୱେଷା, ଫୌଯଜା ହୁସେନ ଖାନ ଓ ଏସ୍.ଏସ. ସାହୁ ଯଥାକ୍ରମେ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଛନ୍ତି। ଗ୍ରୁପ-ବି(୨ୟ/୩ୟ/୪ର୍ଥ)ରେ ସୃଷ୍ଟି ପ୍ରଜ୍ଞା ବେହେରା ପ୍ରଥମ, ରିତେଶ ଭୁଜବଳ ୨ୟ ଓ ଭଂସିଖା ରାଉତରାୟ ଓ ପ୍ରୀତିପର୍ଣ୍ଣା ମହାରଣା ଯୁଗ୍ମଭାବେ ୩ୟ ସ୍ଥାନରେ ରହିଛନ୍ତି। ଗ୍ରୁପ-ସି(ଏଲକେଜି, ୟୁକେଜି ଓ ଷ୍ଟାଣ୍ଡାର୍ଡ-୧)ରେ ସୌମ୍ୟା ମହାନ୍ତି ୧ମ, ଡି. ସାମନ୍ତରାୟ ୨ୟ ଓ ଆରାଧ୍ୟା ହୋତା ୩ୟ ସ୍ଥାନରେ ରହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ମୁଖ୍ୟ ଅତିଥି, ପୌରାଧକ୍ଷା କନକଲକ୍ଷ୍ମୀ ମହାନ୍ତି ଓ ଉପାଧକ୍ଷ ସୌର୍ଯ୍ୟରଞ୍ଜନ ମହାନ୍ତି, ପୂର୍ବତନ ପୋଲିସ ପ୍ରଶାସକ ଦେବ ପ୍ରସାଦ ମଜୁମଦାର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବାଂଶୀଙ୍କ ଜେଜେବାପା ସନ୍ତୋଷ ମହାନ୍ତି, ଜେଜେମା' କାଦମ୍ବିନୀ, ଅଜା ସୁଧୀର ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଚିତ୍ରଗୁରୁ ସନ୍ତୋଷ କୁମାର ବେହେରା, ବିରଞ୍ଚି ଚହଟରାୟ ପ୍ରମୁଖ ମୂଲ୍ୟାଙ୍କନ କରିଥିଲେ। ବିଶ୍ୱଜିତ ମହାନ୍ତି, ପ୍ରୀତିଚନ୍ଦ୍ରା ମହାନ୍ତି ଓ ଅନ୍ୟମାନେ ପରିଚାଳନା କରିଥିଲେ।

# ତ୍ରୟୋଦଶ ଶମ୍ଭୁ ମିଳନ ଉତ୍ସବ

**ହରିବୋଲ, ହୁଳହୁଳି ଓ ଆତସବାଜିରେ କମ୍ପିଲା ପରିବେଶ**

ନିରାକାରପୁର,୯।୪(ଡି.ଏନ୍.ଏ.)



ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତସ୍ଥିତ କ୍ଷେତ୍ରବାସୀ ଏକାଡେମୀ ସ୍କୁଲ ପଡିଆରେ ରବିବାର ଅପରାହ୍ନରେ ତ୍ରୟୋଦଶ ଶମ୍ଭୁ ମିଳନ ଅନୁଷ୍ଠିତ ହୋଇଯାଇଛି। ଏହି ଶମ୍ଭୁ ମିଳନର ଥାନାପତି ଭାବେ ନିରାକାରପୁରର ଶ୍ରୀନୀଳକଣ୍ଠେଶ୍ୱର ଦେବ ହୋଇଥିବା ବେଳେ ହରିପୁରର ବିଶ୍ୱନାଥ ଦେବ, ଲେଣ୍ଡୋର ଚନ୍ଦେନେଶ୍ୱର ଦେବ, ପୁରୀ ଜିଲା ଦିଦ୍ୟସିଂହପୁରର କୃଷ୍ଣେଶ୍ୱର ଦେବ, ବାଦୁରାବରର କୁମୁଦେଶ୍ୱର ଦେବ, ବୋଡଙ୍ଗରାର ଲୋକନାଥ ଦେବ, ଆସେଲିର ଚନ୍ଦନେଶ୍ୱର ଦେବ, ଅରାଞ୍ଚଳର ଗ୍ରାମେଶ୍ୱର ଦେବ, ବାଲିଗାଁର କପିଳେଶ୍ୱର ଦେବ, ଗୋଳବାଇ ଗୁଣ୍ଡୁଣି ସାହିର କୃଷ୍ଣେଶ୍ୱର ଦେବ, ରୋଷଣାର ଈଶାନେଶ୍ୱର ଦେବ, ପାଣ୍ଡବପାଟଣାର କପିଳେଶ୍ୱର ଦେବ ଓ ହଜ୍ର ନାଟେଶ୍ୱର ଦେବ ପ୍ରମୁଖ ପଟୁଆରରେ ଆସିଥିଲେ। ନିରାକାରପୁରସ୍ଥିତ ଥାନାପତିଙ୍କ ନିକଟରେ ପହଞ୍ଚିବା ପରେ ସେଠାରେ ପୂଜାର୍ଚ୍ଚନା ପରେ ବିଭିନ୍ନ ସାହି ପରିକ୍ରମା କରିବା ସହ ସ୍କୁଲ ପଡ଼ିଆ ଅଭିମୁଖେ ବାହାରିଥିଲେ। ଗ୍ରାମବାସୀଙ୍କ ପକ୍ଷରୁ ଗାଁ ରାସ୍ତାରେ ନୂଆ ଲୁଗା ବିଛାଯିବା ସହିତ ବିଭିନ୍ନ ସ୍ଥାନରେ ମୁରୁଜ ପକାଇ ଠାକୁରଙ୍କୁ ନିମନ୍ତ୍ରିତ କରିଥିଲେ। ନିରାକାରପୁର ବଜାର ରାସ୍ତା ସଫେଇ କରାଯିବା ସହିତ ଗୋବର ପାଣି ଶିଞ୍ଚନ କରାଯାଇଥିଲା। ଏପରିକି ନିରାକାରପୁର ମାଛ ମାର୍କେଟ ରବିବାର ବନ୍ଦ ରହିବା ସହ ସେଠାରେ ଚୁନ ପାଣି ଶିଞ୍ଚନ ପାକାଯାଇଥିବା ଦେଖିବାକୁ ମିଳିଛି। ଠାକୁରମାନଙ୍କ ଏହି ମିଳନ ଦୃଶ୍ୟକୁ ଦର୍ଶନ କରିବା ପାଇଁ ନିରାକାରପୁର ସମେତ ଏହାର ଆଖପାଖ ଅଞ୍ଚଳର ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଏହି ଉପଲକ୍ଷେ ପଡିଆରେ ଆତସବାଜି ମରାଯାଇଥିବା ଦେଖିବାକୁ ମିଳିଥିଲା। ଶମ୍ଭୁ ମିଳନ କମିଟି ପକ୍ଷରୁ ସମସ୍ତ ବ୍ୟବସ୍ଥା କରାଯାଇଥିଲା।

# ବୃଦ୍ଧି ପାଇଛି କୋଇଲା ଆମଦାନୀ

## ୧୧ ମାସରେ ୩୨% ବଢ଼ିଛି

ନୂଆଦିଲ୍ଲୀ,୯।୪



କ୍ରମାଗତ ଭାବେ ଦେଶରେ କୋଇଲା ଆମଦାନୀ ବଢ଼ି ଚାଲିଛି। ୨୦୨୨-୨୩ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ଶେଷ ମଧ୍ୟରେ ପ୍ରାୟ ୩୨% କୋଇଲା ଆମଦାନୀ ହୋଇଥିବା ଜଣାପଡିଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷର ଏପ୍ରିଲରୁ ଫେବୃୟାରୀ ଶେଷ ମଧ୍ୟରେ ପ୍ରାୟ ୧୪୯ ମେଟ୍ରିକ ଟନ୍ (୧୪୮.୫୮ଏମ୍‌ଟି) କୋଇଲା ଆମଦାନୀ ହୋଇଥିବା ବେଳେ ୨୦୨୧-୨୨ ବର୍ଷରେ ୧୧୨.୩୮ ଏମ୍‌ଟି କୋଇଲା ଆମଦାନୀ ହୋଇଥିଲା। ଏପରିକି ୨୦୨୧-୨୨ ବର୍ଷର ଆମଦାନୀ ତୁଳନାରେ ୨୦୨୨-୨୩ ବର୍ଷର ଆମଦାନୀ ପ୍ରାୟ ୩୨% ଅଭିବୃଦ୍ଧି ଘଟିଛି ବୋଲି ଏମ୍ ଜଙ୍କସନ ପକ୍ଷରୁ ଜାରି ଏକ ବିସ୍ତୃତ ରିପୋର୍ଟରେ ଏ ନେଇ ଉଲ୍ଲେଖ କରାଯାଇଛି। ସେହିଭଳି ୨୦୨୨-୨୩ ଆର୍ଥିକ ବର୍ଷର ଏପ୍ରିଲ୍‌ରୁ ଫେବୃୟାରୀ ମଧ୍ୟରେ କେବଳ କୋକିଂ କୋଇଲା ଆମଦାନୀ ପ୍ରାୟ ୮ (୭.୬୯) % ବୃଦ୍ଧି ଘଟି ୫୦.୦୫ ଏମଟି ଟନ୍‌ରେ ପହଞ୍ଚିଛି। ଯାହା ଗୋଟିଏ ବର୍ଷ ପୂର୍ବରୁ ସମାନ ଅବଧିରେ ୪୬.୮୯ ଏମ୍‌ଟି ଥିଲା। ସେହିପରି ୨୦୨୨-୨୩ ଆର୍ଥିକ ବର୍ଷରେ ଅଣ-କୋକିଂ କୋଇଲାର ଆମଦାନୀ ୧୧.୬୮ ଏମଟି ହୋଇଥିଲା, ଯାହାକି ୨୦୨୨ ଫେବୃୟାରୀରେ ୯.୪୨ ଏମ୍‌ଟି ଆମଦାନୀ ରହିଥିଲା। ୨୦୨୩ ଫେବୃୟାରୀରେ କୋକିଂ କୋଇଲାର ଆମଦାନୀ ବଢ଼ି ୪.୪୦ ଏମଟିରେ ପହଞ୍ଚିଥିଲା, ଯାହା ୨୦୨୨ ଫେବୃୟାରୀରେ ୪.୦୩ ଏମଟି ରହିଥିଲା।

ଏ ସମ୍ପର୍କରେ ଏମ୍ ଜଙ୍କସନର ପ୍ରବନ୍ଧନ ନିର୍ଦ୍ଦେଶକ ବିନୟ ବର୍ମା କହିଛନ୍ତି, ଘରୋଇ ଆବଶ୍ୟକତା ସହ ସମୁଦ୍ରମାର୍ଗରେ ଆସୁଥିବା କୋଇଲା ଶସ୍ତା ପଡୁଥିବାରୁ ଭାରତୀୟ ବ୍ୟବସାୟୀ ଏବଂ ଉପଭୋକ୍ତାମାନେ ବ୍ୟାପକ ପରିମାଣରେ କୋଇଲା ଆମଦାନୀ କରୁଛନ୍ତି। ତେବେ ଷ୍ଟକ୍ ସ୍ଥିତି ଭଲ ରହିଥିବା କାରଣରୁ ଆଗାମୀ ମାସରେ କୋଇଲା ଆମଦାନୀରେ ହ୍ରାସ ହୋଇପାରେ ବୋଲି ଶର୍ମା ମତପ୍ରକାଶ କରିଛନ୍ତି।

## ଏଚ୍‌ସିଏଲ୍ ଜିଗସର ୪ର୍ଥ ସଂସ୍କରଣ

ନୂଆଦିଲ୍ଲୀ,୯।୪

ପ୍ରତି ବର୍ଷ ପରି ଚଳିତ ବର୍ଷ ମଧ୍ୟ ଏଚ୍‌ସିଏଲ୍ ଜିଗସର ଆୟୋଜନ କରାଯାଉଛି। ଏଚ୍‌ସିଏଲ୍ ପ୍ରିମିୟର କ୍ରିଟିକାଲ ରିଜଏନିଂ ପ୍ଲାଟ୍‌ଫର୍ମ 'ଏଚ୍‌ସିଏଲ୍ ଜିଗସ'ର ୪ର୍ଥ ସଂସ୍କରଣର ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରାଯାଇଛି। ଉକ୍ତ ପ୍ରତିଯୋଗିତା ପାଇଁ ପଞ୍ଜୀକରଣ ମଧ୍ୟ ଆରମ୍ଭ ହୋଇଯାଇଛି। ବିଶେଷ ୬ଷ୍ଠରୁ ୯ମ ଶ୍ରେଣୀର ଛାତ୍ରୀଛାତ୍ରଙ୍କୁ ନେଇ ମୂଲ୍ୟାୟନ କରିଥାଏ। ଏପରିକି ସେମାନଙ୍କୁ ବାସ୍ତବ ଦୁନିଆର ଆହ୍ୱାନଗୁଡିକୁ ସମାଧାନ କରିବା ଦିଗରେ ପ୍ରୟୋଗ କରିବାରେ ସହଯୋଗ କରିଥାଏ। ଉକ୍ତ ପ୍ରତିଯୋଗିତାରେ ଅଂଶଗ୍ରହଣ ପାଇଁ ଆଶାୟୀ ଛାତ୍ରୀଛାତ୍ର କିମ୍ବା ବିଦ୍ୟାଳୟଗୁଡିକ ୨୦୨୩ ଜୁଲାଇ ୩୧ ସୁଦ୍ଧା www.hcljigsw.comରେ ପଞ୍ଜୀକରଣ କରିପାରିବେ।

## ୟୁପିଡିଏର ବାର୍ଷିକ ସାଧାରଣ ଅଧିବେଶନ




ଭୁବନେଶ୍ୱର,୯।୪

ଉତ୍କଳ ପେଟ୍ରୋଲିୟମ ଡିଲର୍ସ ଆସୋସିଏଶନ (ୟୁପିଡିଏ)ର ବାର୍ଷିକ ସାଧାରଣ ଅଧିବେଶନ (ଏଜିଏମ୍) ରବିବାର ସ୍ଥାନୀୟ ଚନ୍ଦ୍ରଶେଖରପୁରସ୍ଥିତ ଏକ ହୋଟେଲଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ୟୁପିଡିଏର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ ଆସୋସିଏଶନର ସମସ୍ତ କାର୍ଯ୍ୟକଳାପ ଓ ଏଜିଏମର ଆଭିମୁଖ୍ୟ ସମ୍ପର୍କରେ ବିସ୍ତୃତ ଆଲୋକପାତ କରିଥିଲେ। ପରିଶେଷରେ ୟୁପିଡିଏର ନୂତନ କର୍ମକର୍ତ୍ତା ଓ କାର୍ଯ୍ୟାଳୟ ସଦସ୍ୟ ମନୋନୀତ କାର୍ଯ୍ୟକ୍ରମ ବିଧିବଦ୍ଧ ଭାବେ କରାଯାଇଥିଲା। ଉଲ୍ଲେଖଯୋଗ୍ୟ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ବ୍ୟବସାୟୀ ବିଶ୍ୱଜିତ ପଟ୍ଟନାୟକ ୟୁପିଡିଏର ସଭାପତି ଭାବେ ମନୋନୀତ ହୋଇଥିବାବେଳେ ଉପସଭାପତି ପ୍ରଦୀପ୍ତ କୁମାର ଦାସ, ସାଧାରଣ ସମ୍ପାଦକ ସଞ୍ଜୟ ଲାଠ,କୋଷାଧ୍ୟକ୍ଷ ମହେନ୍ଦ୍ର ସିଂ କଲସୀ ଏବଂ ଯୁଗ୍ମ ସମ୍ପାଦକ ଭାବେ ପବିତ୍ର ମୋହନ ଦାସ ଓ କାଳୀକିଙ୍କର ମୁଖାର୍ଜୀ ମନୋନୀତ ହୋଇଛନ୍ତି।

## ଆଇଟିଏଲ୍‌ର ବାର୍ଷିକ ବିକ୍ରି ଫଳାଫଳ

ନୂଆଦିଲ୍ଲୀ,୯।୪

ଇଣ୍ଟରନ୍ୟାଶନାଲ ଟ୍ରାକ୍ଟର୍ସ ଲିମିଟେଡ(ଆଇଟିଏଲ୍)ର ବାର୍ଷିକ ଫଳାଫଳ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ୨୦୨୨-୨୩ ଆର୍ଥିକ ବର୍ଷରେ କମ୍ପାନୀ ଉଲ୍ଲେଖନୀୟ ପ୍ରଦର୍ଶନ ସହ ବାର୍ଷିକ କାରବାର ଶେଷ କରିଛି। ଏପରିକି ଭାରତର ଏକ ନମ୍ବର ଟ୍ରାକ୍ଟର ରପ୍ତାନିକାରୀ ବ୍ରାଣ୍ଡ୍ ଆଇଟିଏଲ୍ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୧୫୧,୧୬୦ ଟ୍ରାକ୍ଟର ବିକ୍ରି ସହ ସର୍ବବୃହତ୍ ବାର୍ଷିକ ବିକ୍ରି ରେକର୍ଡ ହାସଲ କରିଛି। ଏହି ଚମତ୍କାର ସଫଳତା ଯୋଗୁ କମ୍ପାନୀ ୧୪.୧%ର ବଜାର ଅଂଶ ଓ ୧୧%ର ସାମଗ୍ରିକ ଅଭିବୃଦ୍ଧି ହାସଲ କରିପାରିଛି। ଏ ସମ୍ପର୍କରେ ଆଇଟିଏଲ୍‌ର ଯୁଗ୍ମ ପରିଚାଳନା ନିର୍ଦ୍ଦେଶକ ରମଣ ମିତ୍ତଲ କହିଛନ୍ତି, ଆମେ ୨୦୨୨-୨୩ ଆର୍ଥିକ ବର୍ଷରେ ମୋଟ ୧୫୧,୧୬୦ ୟୁନିଟ ଟ୍ରାକ୍ଟର୍‌ର ସର୍ବୋଚ୍ଚ ବାର୍ଷିକ ବିକ୍ରି ରେକର୍ଡ ହାସଲ କରିଛୁ। ଏପରିକି ବାର୍ଷିକ ୧ ଲକ୍ଷ ଟ୍ରାକ୍ଟର ବିକ୍ରି ପରେ ମଧ୍ୟ ଏହା ଆମ ପାଇଁ ୨ୟ ସର୍ବବୃହତ୍ ସଫଳତା । ଏହି ନୂତନ ସଫଳତା ଆମର ଏକାଧିକ ପଦକ୍ଷେପ ଯଥା ଉତ୍ପାଦ ଉଦ୍ଭାବନ ଉପରେ ଆମର ଠିକ୍ ଧ୍ୟାନ, ୱେବ୍‌ସାଇଟ୍‌ରେ ଟ୍ରାକ୍ଟର ମୂଲ୍ୟ ଉନ୍ମୋଚନ କରିବା, ଆମର ଏନ୍‌ବିଏଫ୍‌ସି ମାଧ୍ୟମରେ କୃଷକଙ୍କୁ ସହଜରେ ଋଣ ଉପଲବ୍ଧ କରିବା, ଆଇଟିଆଇ ଭଳି ଟେକ୍ନିକାଲ ଇନ୍‌ଷ୍ଟିଚ୍ୟୁଟ୍‌ଗୁଡିକରୁ ୩୦୦୦ରୁ ଅଧିକ ଯୁବପିଢ଼ିଙ୍କୁ ନିଯୁକ୍ତ କରିବା, ୩ x ୨ ସର୍ଭିସ୍ ପ୍ରତିଶ୍ରୁତି, ଡିଜିଟାଲାଇଜେଶନ ଓ କୃଷକଙ୍କ ସହ ଅନ୍-ଗ୍ରାଉଣ୍ଡ କନେକ୍ଟ ଆଦି ଦ୍ୱାରା ପରିଚାଳିତ ହୋଇଛି। ସେହିଭଳି ଆଇଟିଏଲ୍ ସବୁବେଳେ ଅଭିନବ ଟ୍ରାକ୍ଟରର ଉନ୍ମୋଚନ କରିବା ଏବଂ ସ୍ୱତନ୍ତ୍ର ଚାହିଦାଗୁଡିକୁ ପୂରଣ କରିବା ପାଇଁ ନିଜର ଚ୍ୟାନେଲ ପାର୍ଟନରଙ୍କ ସହ ତାଳମେଳ ବଜାୟ ରଖିବା ସୁନିଶ୍ଚିତ କରିଥାଏ। ଏହି ନୂଆ ବିକ୍ରି ସଫଳତା ଏକକ କୃଷି ସମାଧାନ ପ୍ରଦାନକାରୀ ସଂସ୍ଥା ଭାବେ ଆଇଟିଏଲ୍‌ରେ କୃଷକମାନଙ୍କ ବର୍ଦ୍ଧିତ ବିଶ୍ୱାସ ଏବଂ ବିଶ୍ୱବ୍ୟାପୀ କୃଷକଙ୍କ ଖୁସିକୁ ସୁନିଶ୍ଚିତ କରିବା ନେଇ କମ୍ପାନୀର ପ୍ରତିଶ୍ରୁତିକୁ ଆଲୋକିତ କରୁଛି।

## ବ୍ୟବସାୟ ସମ୍ପ୍ରସାରଣକୁ ଗୁରୁତ୍ୱାରୋପ

### ବ୍ରାଣ୍ଡ ନାମ ପରିବର୍ତ୍ତନ

ନୂଆଦିଲ୍ଲୀ,୯।୪




ଅନ୍ତଃରାଷ୍ଟ୍ରୀୟ ଉତ୍ପାଦନକାରୀ ସଂସ୍ଥା ଏନ୍‌ଜିକେ ସ୍ପାର୍କ ପ୍ଲଗ୍‌ସ ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ବର୍ତ୍ତମାନ ନିଟେରା ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍ ଭାବେ ପରିଚିତ ହେବ। ଏପରି କି କମ୍ପାନୀର ନାମ ପରିବର୍ତ୍ତନ ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ନିକଟରେ ଅନୁଷ୍ଠିତ ହୋଇଯାଇଛି। ନୂଆଦିଲ୍ଲୀଠାରେ ଆୟୋଜିତ ବିଶେଷ ସମାରୋହ ଉତ୍ସବରେ ବ୍ରାଣ୍ଡ୍‌ର ନାମ ପରିବର୍ତ୍ତନ ସମ୍ପର୍କରେ ଘୋଷଣା କରାଯାଇଥିଲ। ବିଶେଷ କରି କମ୍ପାନୀ ଦୀର୍ଘ ବର୍ଷ ଧରି ସ୍ପାର୍କ, ପ୍ଲଗ୍‌ସ, ସେନ୍‌ସର୍ସ ଏବଂ ଅନ୍ୟାନ୍ୟ ଅଟୋମୋଟିଭ ଉତ୍ପାଦଗୁଡ଼ିକ ନିର୍ମାଣ କରୁଛି। ଏପରି କି କମ୍ପାନୀ ଉଭୟ ଉତ୍ପାଦନ ଓ ବିକ୍ରେତା ଭାବେ ସାରା ଦୁନିଆରେ ବେଶ୍ ଲୋକପ୍ରିୟ ହୋଇପାରିଛି।

ଏ ସମ୍ପର୍କରେ ନିଟେରା ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ପରିଚାଳନା ନିର୍ଦ୍ଦେଶକ ମାମୁରୁ ମୁଶାଶା କହିଛନ୍ତି, କମ୍ପାନୀର ନାମ ପରିବର୍ତ୍ତନ ହୋଇଥିଲେ ସୁଦ୍ଧା ଉତ୍ପାଦନ ଓ ଉତ୍ପାଦର ଗୁଣ କମିବ ନାହିଁ। ଏପରି କି ପୂର୍ବଭଳି ଗୁଣାତ୍ମକ ମାନର ଉତ୍ପାଦ ସାଙ୍ଗକୁ ଗ୍ରାହକ ଚାହିଦାକୁ ଅଗ୍ରାଧିକାର ଦେବ। ସେହିଭଳି ଆଗାମୀ ଦିନରେ ବ୍ୟବସାୟର ସମ୍ପ୍ରସାରଣକୁ ସର୍ବାଧିକ ଗୁରୁତ୍ୱାରୋପ ଦିଆଯିବ ବୋଲି ସେ ମତପ୍ରକାଶ କରିଛନ୍ତି। ସେହିପରି ଇଣ୍ଡିଆ ପ୍ରାଇଭେଟ ଲିମିଟେଡ୍‌ର ଏସ୍‌ଭିପି ସୁଦୀପ୍ତୋ ସାନ୍ୟାଲ କହିଛନ୍ତି, କମ୍ପାନୀ ନାମ ପରିବର୍ତ୍ତନ ହୋଇଥିଲେ ମଧ୍ୟ ପୂର୍ବପରି ସେବା ଓ ସୁବିଧା ସାଙ୍ଗକୁ ବିକାଶ ଦିଗରେ ବ୍ୟାପକ ପଦକ୍ଷେପ ଓ ଆବଶ୍ୟକ କାର୍ଯ୍ୟ ହାତକୁ ନିଆଯିବ। ବ୍ୟବସାୟର ଅଭିବୃଦ୍ଧି ପାଇଁ ବିଭିନ୍ନ ସ୍ତରରେ ରଣନୀତିକ ପଦକ୍ଷେପମାନ ଗ୍ରହଣ କରାଯିବ ବୋଲି ସେ ମତବ୍ୟକ୍ତ କରିଛନ୍ତି।

## କଟକରେ କିଙ୍ଗ୍‌ସ ଆଣ୍ଡ କୁଇନ୍‌ର ଆଉଟଲେଟ

କଟକ,୯।୪




ସୌଖୀନ ଅଳଙ୍କାର ବ୍ରାଣ୍ଡ୍ କିଙ୍ଗ୍‌ସ ଆଣ୍ଡ କୁଇନ୍‌ର ଏକ୍ସକ୍ଲୁସିଭ ଆଉଟଲେଟ ରବିବାର କଟକ ବକ୍ସି ବଜାରଠାରେ ଉଦ୍‌ଘାଟିତ ହୋଇଯାଇଛି। ଏହି ଅବସରରେ ଓଡ଼ିଆ ଅଭିନେତା ମନୋଜ ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ରାଣ୍ଡ୍‌ର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ଆଉଟଲେଟ ସ୍ୱତ୍ୱାଧିକାରୀ ବାବୁରାମ ସିଂ କହିଛନ୍ତି, କିଙ୍ଗ୍‌ସ ଆଣ୍ଡ କୁଇନ୍ ୱାନ୍ ଗ୍ରାମ୍ ଗୋଲ୍ଡ଼ ସପରେ ବିଭିନ୍ନ ପ୍ରକାରର ସୌଖୀନ ଅଳଙ୍କାର ଉପଲବ୍ଧ। ଏଠାରେ ଉଭୟ ପାଇକାରୀ ଏବଂ ହୋଲସେଲ ଦରରେ ପ୍ରସ୍ତୁତ ଭିନ୍ନ ଭିନ୍ନ ଡିଜାଇନର ମନଲୋଭା ସୁନା ଅଳଙ୍କାର ଗ୍ରାହକଙ୍କୁ ଯୋଗାଇ ଦିଆଯାଉଛି। ଏପରିକି ଯାହା ଦେଖିବାକୁ ଅବିକଳ ସୁନା ଗହଣା ପରି ବୋଲି ସିଂ ମତପ୍ରକାଶ କରିଛନ୍ତି। ସେହିଭଳି ଆଜିକାଲିର ଚାକଚକ୍ୟ ଦୁନିଆରେ ବଞ୍ଚୁଥିବା ମଣିଷଙ୍କ ପାଇଁ ଏହା ବେଶ୍ ଲାଭକାରୀ ହେବ। ବିଶେଷକରି ସୁନା ଅଳଙ୍କାରର ଅହେତୁକ ଦର ବୃଦ୍ଧି ସହ ସାଧାରଣ ଲୋକଙ୍କ ସୁନା ଅଳଙ୍କାର ପିନ୍ଧିବାର ସଉକକୁ ଏହା କିଛି ମାତ୍ରାରେ ପୂରଣ କରିପାରିବ ବୋଲି ବାବୁରାମ ଆଶା ପ୍ରକାଶ କରିଛନ୍ତି। ସେହିପରି ଆଜିକାଲି ବଜାରରେ ଉପଲବ୍ଧ ହେଉଥିବା ସୁନା ପରି ଦେଖା ଯାଉଥିବା ଅନ୍ୟ ଅଳଙ୍କାର ସାମଗ୍ରୀଠାରୁ ଏ ସବୁ ଯଥେଷ୍ଟ ଉନ୍ନତମାନର ଏବଂ ତା' ସହିତ ଏହା ଡୁପ୍ଲିକେଟ ନୁହେଁ ବୋଲି ସିଂ ଦାବି କରିଛନ୍ତି। ଅପରପକ୍ଷରେ କେରଳ ଏବଂ ଗୁଜରାଟ ଭଳି ସହରର ପ୍ରମୁଖ ନାମୀଦାମୀ କାରଖାନାରୁ ଏହା ଆମଦାନୀ କରାଯାଉଛି।

ଫୁରସତ୍

# ଦାଢ଼ି ଧାରି ମହିଳାଙ୍କ ରେକର୍ଡ

ୱାଶିଂଟନ




ଆମେ ସବୁବେଳେ ପୁରୁଷମାନଙ୍କର ଦାଢ଼ି ଥିବା ଦେଖିଛେ। ହରମୋନ୍‌ର ମାତ୍ରା ଅନୁସାରେ ଦାଢ଼ି ଅଧିକ କିମ୍ବା କମ୍ ହୋଇଥାଏ। ହେଲେ ନିକଟରେ ଜଣେ ୭୪ ବର୍ଷୀୟା ମହିଳା ତାଙ୍କ ଦାଢ଼ିକୁ ନେଇ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ତେବେ ଏଥିପାଇଁ ତାଙ୍କ ନାମ ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସରେ ମଧ୍ୟ ସ୍ଥାନିତ ହୋଇଛି। ନିକଟରେ ଏକ ସାକ୍ଷାତ୍‌କାରରେ ମହିଳା ଜଣକ ତାଙ୍କ ଜୀବନ କାହାଣୀ କହିଛନ୍ତି। ଆମେରିକାରେ ରହୁଥିବା ଭିଭାନ ୱିଲର ନାମ୍ନୀ ଏହି ମହିଳାଙ୍କ ୩ ପିଲା ଅଛନ୍ତି। ହାଇପରଟ୍ରିଚୋସିସ୍ ସିଣ୍ଡ୍ରୋମ୍ କାରଣରୁ ତାଙ୍କ ମୁହଁରେ ଦାଢ଼ି ଉଠିବା ଆରମ୍ଭ କରିଥିଲା। ୨୦୧୧ରେ ସବୁଠୁ ଲମ୍ବା ଦାଢ଼ି ଥିବା ମହିଳା ଭାବେ ସେ ଗିନିଜ୍ ବୁକ୍ ଅଫ୍ ୱାର୍ଲ୍ଡ ରେକର୍ଡ୍ସରେ ନାମ ଲେଖାଇଥିଲେ। ତାଙ୍କ ଦାଢ଼ିର ଲମ୍ବ ୨୫ ସେମି। ରିପୋର୍ଟ ମୁତାବକ, ସେ ହେର୍ମାଫ୍ରୋଡିଟିଜମ୍‌ର ଶିକାର ହୋଇଛନ୍ତି, ଯେଉଁଥିରେ କି ଜଣେ ମଣିଷ ପାଖରେ ଉଭୟ ପୁରୁଷ ଏବଂ ମହିଳାଙ୍କ ପ୍ରଜନନ କଣିକା ଏକା ସମୟରେ ଏବଂ ଭିନ୍ନ ସମୟରେ ରହିଥାଏ। ତାଙ୍କର ଦାଢ଼ି ଉଠିବାକୁ ନେଇ ଲୋକେ ଥଟ୍ଟା କରିବାକୁ ଲାଗିଲେ। ସେଥିପାଇଁ ସେ ସେତେବେଳେ ଦାଢ଼ି କାଟି ଦେଉଥିଲେ। ସେ ୧୯୯୦ରେ ଏକ ସର୍କସ୍‌ରେ କାମ କଲେ। ତା' ପରଠୁ ସେ ତାଙ୍କ ଦାଢ଼ି କାଟିବା ବନ୍ଦ କରି ତାକୁ ବଢାଇବାକୁ ଚିନ୍ତା କଲେ। ତା' ପରେ ଗିନିଜ୍ ରେକର୍ଡ କରିବା ପରେ ନିଜକୁ ପରେ ଗର୍ବିତ ଅନୁଭବ କଲେ। ତେବେ ଏହି ହାଇପରଟ୍ରିଚୋସିସ୍ ସିଣ୍ଡ୍ରୋମ୍ ପୁରୁଷ ଏବଂ ମହିଳା ଉଭୟଙ୍କ ପାଖରେ ଦେଖାଯାଇଥାଏ। ହେଲେ ଏହି ସିଣ୍ଡ୍ରୋମ୍ ୧ କୋଟି ମଧ୍ୟରୁ ଜଣଙ୍କଠାରେ ଦେଖାଯାଏ।

## ଏସିଡ୍ ପୀଡ଼ିତାଙ୍କୁ ଭେଟିଲେ ଶାହରୁଖ୍



**ମୁମ୍ବାଇ:** ବଲିଉଡ୍ ସୁପରଷ୍ଟାର ଶାହରୁଖ୍ ଖାନ୍ କେବଳ ଦେଶରେ ନୁହେଁ ବିଦେଶରେ ମଧ୍ୟ ବହୁତ ପରିଚିତ। ତାଙ୍କ ଆକ୍ଟିଂ ସମସ୍ତଙ୍କୁ ବେଶ ପସନ୍ଦ ଆସିଥାଏ। ନିକଟରେ ଶାହରୁଖ୍ କେକେଆର୍ ଏବଂ ଆର୍‌ସିବି ମଧ୍ୟରେ ହେଉଥିବା ଆଇପିଏଲ୍ ମ୍ୟାଚ ଦେଖିବାକୁ କଲିକତାରେ ପହଞ୍ଚିଥିଲେ। ଏନେଇ ଏକ ଭିଡିଓ ମଧ୍ୟ ଦେଖିବାକୁ ମିଳିଥିଲା। ତେବେ ତାଙ୍କର ଏହି ଯାତ୍ରାରେ ସେ ଏସିଡ୍ ଆକ୍ରମଣର ଶିକାର ହୋଇଥିବା ମହିଳାମାନଙ୍କୁ ଭେଟିଛନ୍ତି। ସେମାନଙ୍କ ଜୀବନଧାରା ବିଷୟରେ ମଧ୍ୟ ଶାହାରୁଖ୍ ଆଲୋଚନା କରି ସେମାନଙ୍କ ସୁଖଦୁଃଖରେ ନିଜକୁ ସାମିଲ କରିଥିଲେ। ଏହାର କିଛି ଫଟୋ ଭାଇରାଲ ହେବାରେ ଲାଗିଛି। ତେବେ ଶେଷ ଥର ପାଇଁ ଶାହାରୁଖ୍‌ଙ୍କୁ ଫିଲ୍ମ 'ପଠାନ'ରେ ଦେଖିବାକୁ ମିଳିଥିଲା। ଏଥିରେ ତାଙ୍କ ସହ ବଲିଉଡ୍ ଅଭିନେତ୍ରୀ ଦୀପିକା ପାଦୁକୋନ ସ୍କ୍ରିନ ଶେୟାର କରିଥିଲେ। ଯାହା ଦେଶ ଓ ବିଦେଶରେ ବେଶ ଆଦର ଲାଭ କରିଛି। ବକ୍ସ ଅଫିସରେ ଫିଲ୍ମ ୧୦୦ କୋଟିରୁ ଉର୍ଦ୍ଧ୍ୱ ଆୟ କରିଥିଲା।

# ବୟସ୍କା ଗ୍ୟାଙ୍ଗଷ୍ଟର




**ନ୍ୟୁୟର୍କ:** ଅପରାଧ କରିବାକୁ କୌଣସି ବୟସ ନ ଥାଏ। କିଛି ବ୍ୟକ୍ତି ପରିସ୍ଥିତିରେ ପଡ଼ି ଅପରାଧ କରୁଥିବାବେଳେ ଅନେକେ ଅପରାଧକୁ ହିଁ ତାଙ୍କ ପେସା କରିଥାନ୍ତି। ଅନେକ ସମୟରେ ଦେଖିବାକୁ ମିଳେ ଯେ ଛୋଟ ପିଲା କିମ୍ବା ବ୍ୟକ୍ତିମାନେ ଚୋରି କରିଥାନ୍ତି। ହେଲେ ଏଠାରେ ଜଣେ ବୟସ୍କା ଗ୍ୟାଙ୍ଗଷ୍ଟରଙ୍କ ଲୁଟ୍ ବାବଦରେ ଜଣାପଡିଛି। ବର୍ତ୍ତମାନ ତାଙ୍କୁ ୭୮ ବର୍ଷ ବୟସ ହୋଇଥିବାବେଳେ ସେ ଗତ ୫୦ ବର୍ଷ ହେବ ଚୋରି କରି ଆସୁଛନ୍ତି। ହେଲେ ଏବେ ତାଙ୍କୁ ପୋଲିସ ଗିରଫ କରିନେଇଛି। ବୃଦ୍ଧା ବୋନି ଗୋଚ୍ ଗତ ଏପ୍ରିଲ ୬ରେ ମିସୋରିର ଏକ ବ୍ୟାଙ୍କ ଲୁଟିବା ସମୟରେ ଧରାପଡିଛନ୍ତି। ରିପୋର୍ଟ ମୁତାବକ, ବୋନି ବ୍ୟାଙ୍କକୁ ଆସି ସେଠାରେ କର୍ମଚାରୀଙ୍କୁ ଲୁଟ୍ କରିଥିଲେ। ବୟସ୍କ ଏବଂ ଅସହାୟ ଦୃଷ୍ଟିରୁ ସେଠାରୁ ପଳାଇଯାଉଥିଲେ। ପୂର୍ବରୁ ମଧ୍ୟ ତାଙ୍କ ନାମରେ ଲୁଟ୍ ଅଭିଯୋଗ ରହିଛି। ଏହା ପୂର୍ବରୁ ସେ ୨୦୨୦ରେ ଏକ ବ୍ୟାଙ୍କରୁ ଲୁଟ୍ କରିଥିଲେ। ସେଥିପାଇଁ ତାଙ୍କୁ ସେତେବେଳେ ପୋଲିସ ଗିରଫ କରିଥିଲା। ହେଲେ ତାଙ୍କ ପୁଅଙ୍କ କହିବା ମୁତାବକ, ବୋନିଙ୍କ ମୁଣ୍ଡ ଖରାପ ଅଛି। ସେ ରାଗିଯାଇ ବ୍ୟାଙ୍କରୁ ଏପରି ଲୁଟ କରିଥିଲେ। ପରେ ବୋନିଙ୍କୁ ୨୦୨୧ରେ ଛଡା ଯାଇଥିଲା। ହେଲେ ୧୯୭୭ରେ କାଲିଫର୍ନିଆରେ ବ୍ୟାଙ୍କ ଲୁଟ୍ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲା। ସେତେବେଳେ ବୋନି ଏକ ବଣ୍ଡ ପେପରରେ ଦସ୍ତଖତ କରି ଜେଲରୁ ବାହାରିଥିଲେ।

## ୧୯ ମହଲାରୁ ଖସିପଡ଼ିଲେ, ଗୀତ ଗାଇ ହସ୍ପିଟାଲ ଗଲେ



**ମେକ୍ସିକୋ:** ସାଧାରଣତଃ କିଛି ମହଲାରୁ କେହି ଯଦି ଗଳିପଡନ୍ତି, ତେବେ ତାଙ୍କର ମୃତ୍ୟୁ କିମ୍ବା ବଡ଼ ଧରଣର କ୍ଷତି ହୋଇଥାଏ। ନିକଟରେ ଜଣେ ୪୦ ବର୍ଷୀୟ ବ୍ୟକ୍ତି ୧୯ ମହଲାରୁ ଖସିପଡିଥିଲେ। କିନ୍ତୁ କିଛି ସମୟ ପରେ ଲୋକେ ଏବଂ ପୋଲିସର ଭିଡ ଲାଗିବାରୁ ସେ ନିଜେ ଉଠି ଗୀତ ଗାଇ ହସ୍ପିଟାଲ ଯାଇଛନ୍ତି, ଯାହା ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ଏହାର ଭିଡିଓ ଏବେ ସୋସିଆଲ ମିଡିଆରେ ବେଶ୍ ଭାଇରାଲ ହେବାରେ ଲାଗିଛି। ଉକ୍ତ ବ୍ୟକ୍ତିଙ୍କ କହିବା ମୁତାବକ, ସେ ପଡିବା ପୂର୍ବରୁ ନିଶା ସେବନ କରିଥିଲେ ଏବଂ ତା'ପରେ ସେଓ ଖାଇଥିଲେ। ସେ ୧୯ ମହଲା ଉପର ବାଲକୋନିରେ ଠିଆ ହୋଇ କଥା ହେଉଥିଲେ। ଅସାବଧାନତା ଯୋଗୁ ତାଙ୍କ ଗୋଡ଼ ଖସି ସେ ସେଠାରୁ ଗଳି ପଡିଥିଲେ। ସେ ତଳେ ଥିବା ଏକ କାର୍ ଉପରେ ପଡିଥିଲେ। ଏହା ଦେଖି ଲୋକେ ପୋଲିସକୁ ଖବର ଦେବାରୁ ପୋଲିସ ସେଠାରେ ପହଞ୍ଚିଥିଲା। ତାଙ୍କୁ ଉଠାଇବାବେଳକୁ ସେ ନିଜେ ଉଠିପଡିଥିଲେ ଏବଂ ଗୀତ ଗାଇ ହସ୍ପିଟାଲକୁ ଯାଇଥିଲେ।

# ଆଦାନୀ ଗ୍ରୁପ୍‌କୁ ବନ୍ଦର ଚଳାଇବା ଅନୁମତି ନେଇ ପ୍ରଶ୍ନ ଉଠାଇଲା କଂଗ୍ରେସ

**ନୂଆଦିଲ୍ଲୀ, ୯।୪(ପି.ଟି.)**

ଚାଇନା ସହ ସମ୍ପୃକ୍ତି ଥିବା ଆଦାନୀ ଗ୍ରୁପ୍‌କୁ ଭାରତରେ ବନ୍ଦର ପରିଚାଳନା ଅନୁମତି ଦିଆଯାଇଥିବାରୁ ଏହା ଉପରେ କଂଗ୍ରେସ ରବିବାର ପ୍ରଶ୍ନ ଉଠାଇଛି। କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ ଏକ ଗଣମାଧ୍ୟମ ରିପୋର୍ଟ ଦେଖାଇ କେନ୍ଦ୍ର ସରକାରଙ୍କୁ ଟାର୍ଗେଟ କରିଛନ୍ତି। ଉକ୍ତ ରିପୋର୍ଟ ଅନୁଯାୟୀ, ଚାଇନା ଫାର୍ମ ସହ ତାଇୱାନର ୱାନ୍ ହାଇ ନିର୍ଦ୍ଦେଶକଙ୍କ ସମ୍ପର୍କ ଥିବା ଜଣାପଡ଼ିବା ପାରେ ୨୦୨୨ରେ ସରକାର ଏପିଏମ୍ ଟର୍ମିନାଲ୍ସ ମ୍ୟାନେଜମେଣ୍ଟ କନ୍‌ସୋର୍ଟିୟମ ଏବଂ ୱାନ ହାଇ ଲାଇନ୍ସକୁ ସୁରକ୍ଷା ମଞ୍ଜୁରୀ ଦେବାକୁ ମନା କରିଦେଇଥିଲେ। ଫଳରେ ଉକ୍ତ କନ୍‌ସୋର୍ଟିୟମ୍‌ର ଜବାହରଲାଲ ନେହେରୁ ପୋର୍ଟ କର୍ତ୍ତୃପକ୍ଷ ଟର୍ମିନାଲରେ କଣ୍ଟେନର ପରିଚାଳନା ବନ୍ଦ ହୋଇଯାଇଥିଲା। ଚାଇନା କମ୍ପାନୀ ଏବଂ ଚାଇନା ସହ ସମ୍ପୃକ୍ତ ଥିବା ସଂସ୍ଥାକୁ ଭାରତର ବନ୍ଦର ଓ ଟର୍ମିନାଲରେ କାର୍ଯ୍ୟ କରିବାକୁ ନ ଦେବା ସରକାରଙ୍କ ନୀତି ବୋଲି ଏଥିରୁ ସ୍ପଷ୍ଟ ହୋଇଛି। ତେବେ ଆଦାନୀ ଗ୍ରୁପ୍‌ର ଚାଇନା ଲିଙ୍କ୍ ସତ୍ତ୍ୱେ ଏହାକୁ ବନ୍ଦର ପରିଚାଳନା ଅନୁମତି ଦିଆଯିବା ପ୍ରଶ୍ନବାଚୀ ସୃଷ୍ଟି କରିଛି ବୋଲି ଜୟରାମ କହିଛନ୍ତି। ଚାଇନା ନାଗରିକ ଚାଙ୍ଗ୍ ଚୁଙ୍ଗ-ଲିଙ୍ଗ୍ ଆଦାନୀ ଗ୍ରୁପ୍ ସହ ଘନିଷ୍ଠ ଭାବେ ଜଡ଼ିତ ବୋଲି କଂଗ୍ରେସ ବାରମ୍ବାର ଅଭିଯୋଗ କରିଆସୁଛି। ଆଦାନୀ ଗ୍ରୁପ୍‌ର ବିଭିନ୍ନ ବନ୍ଦର, ଟର୍ମିନାଲ, ରେଳ ଲାଇନ ଓ ଅନ୍ୟାନ୍ୟ ଭିତ୍ତିଭୂମି ନିର୍ମାଣ କରିଥିବା ପିଏମ୍‌ସି ପ୍ରୋଜେକ୍ଟର ମାଲିକ ହେଉଛନ୍ତି ଚାଙ୍ଗ୍‌ଙ୍କ ପୁଅ। ଆଦାନୀ ଗ୍ରୁପ୍ ଏବଂ ପିଏମ୍‌ସି ୫,୫୦୦ କୋଟି ଟଙ୍କାର ବିଦ୍ୟୁତ୍ ଉପକରଣ ଓଭର-ଇନ୍‌ଭଏସିଂ ଦୁର୍ନୀତିରେ ସମ୍ପୃକ୍ତ ବୋଲି ରାଜସ୍ୱ ଗୋଇନ୍ଦା ନିର୍ଦ୍ଦେଶାଳୟ ଅଭିଯୋଗ ଆଣିଥିବା ଜୟରାମ କହିଛନ୍ତି।


ଜୟରାମ ରମେଶ

# ଡିଗ୍ରୀ ବିବାଦକୁ ପାୱାରଙ୍କ ସମାଲୋଚନା

**ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଫୋକସ୍ କର**

**ମୁମ୍ବାଇ, ୯।୪**

ନେତାମାନଙ୍କ ଶିକ୍ଷାଗତ ଯୋଗ୍ୟତା ପ୍ରସଙ୍ଗ ଉଠାଉଥିବା ଲୋକଙ୍କୁ ଏନ୍‌ସିପି ଅଧ୍ୟକ୍ଷ ଶରଦ ପାୱାର ସମାଲୋଚନା କରିଛନ୍ତି। ଦେଶରେ ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ରହିଛି, ଯାହା ଉପରେ ଧ୍ୟାନ ଦିଆଯିବା ଆବଶ୍ୟକ। ଏହା ପରିବର୍ତ୍ତେ ଡିଗ୍ରୀ ପ୍ରସଙ୍ଗ ଉଠାଇ ସମୟ ବରବାଦ କରାଯାଉଛି ବୋଲି ପାୱାର କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କଲେଜ ଡିଗ୍ରୀକୁ ନେଇ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲ, ଶିବସେନା (ୟୁବିଟି) ନେତା ଉଦ୍ଧବ ଠାକ୍‌ରେ ଓ ଅନ୍ୟ ବିରୋଧୀ ନେତାମାନେ ପ୍ରଶ୍ନ ଉଠାଇଆସୁଥିବାବେଳେ ଏହା କ'ଣ ଏକ ରାଜନୈତିକ ପ୍ରସଙ୍ଗ କି ବୋଲି ପାୱାର କହିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ଡିଗ୍ରୀ ସମ୍ପର୍କିତ ତଥ୍ୟ ସର୍ବସାଧାରଣରେ ଉପଲବ୍ଧ ଥିବାବେଳେ ଅଦାଲତଙ୍କ ସମୟ ବରବାଦ କରିଥିବାରୁ ଗୁଜରାଟ ହାଇକୋର୍ଟ ନିକଟରେ କେଜ୍‌ରିୱାଲଙ୍କୁ ୨୫ ହଜାର ଟଙ୍କା ଜରିମାନା କରିଥିଲେ।


ଶରଦ ପାୱାର

ରବିବାର ଏକ ପ୍ରଶ୍ନର ଉତ୍ତରରେ ଏନ୍‌ସିପି ନେତା କହିଛନ୍ତି, ଦେଶରେ ବେରୋଜଗାରୀ, ଆଇନଶୃଙ୍ଖଳା, ମୁଦ୍ରାସ୍ଫୀତି ଭଳି ଅନେକ ପ୍ରସଙ୍ଗ ରହିଛି, ଯାହା ଉପରେ ଧ୍ୟାନ ଦିଆଯିବା ଜରୁରୀ। ଏହା ପରିବର୍ତ୍ତେ ନେତାମାନେ ଅଣପ୍ରସଙ୍ଗକୁ ଫୋକସ୍ କରୁଛନ୍ତି। କାହାର ଡିଗ୍ରୀ କ'ଣ ଏହା ରାଜନୈତିକ ପ୍ରସଙ୍ଗ ନୁହେଁ। ବେରୋଜଗାରୀ, ଆଇନଶୃଙ୍ଖଳା, ମୁଦ୍ରାସ୍ଫୀତି ଆଦିକୁ ନେଇ ସରକାରଙ୍କୁ ସମାଲୋଚନା କର। ଧର୍ମ ଓ ଜାତିକୁ ନେଇ ଲୋକଙ୍କ ମଧ୍ୟରେ ବିଭେଦ ସୃଷ୍ଟି କରାଯାଉଛି। ଅଦିନିଆ ବର୍ଷାରେ ଫସଲ ନଷ୍ଟ ହେଉଛି। ସେଗୁଡ଼ିକ ଉପରେ ଆଲୋଚନା କରାଯାଉ ବୋଲି ପାୱାର କହିଛନ୍ତି। ଦିନକ ପୂର୍ବରୁ ଏନ୍‌ସିପି ନେତା ଆଦାନୀ ଗ୍ରୁପ୍‌କୁ ସମର୍ଥନ କରିଥିଲେ।

# କେନ୍ଦ୍ର ବିରୋଧରେ ୧ କୋଟି ପତ୍ର ଅଭିଯାନ ଆରମ୍ଭ କରିବ ଟିଏମ୍‌ସି

**ନୂଆଦିଲ୍ଲୀ, ୯।୪**

ପଶ୍ଚିମବଙ୍ଗକୁ କେନ୍ଦ୍ରର ଭାଜପା ନେତୃତ୍ୱାଧୀନ ସରକାର ପାଣ୍ଠି ଯୋଗାଉ ନ ଥିବାରୁ ଏହାର ପ୍ରତିବାଦରେ ଶାସକ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ନୂଆ ଅଭିଯାନ ଘୋଷଣା କରିଛି। କେନ୍ଦ୍ରୀୟ ପାଣ୍ଠିରୁ ପଶ୍ଚିମବଙ୍ଗ ଭାଗ ଦାବି କରି ରାଜ୍ୟର ଜନସାଧାରଣ ପ୍ରଧାନମନ୍ତ୍ରୀଙ୍କ ପାଖକୁ ୧ କୋଟି ପତ୍ର ପଠାଇବେ। ଏହି ସମସ୍ତ ଚିଠିକୁ କେନ୍ଦ୍ର ସରକାରଙ୍କ ପାଖକୁ ଟିଏମ୍‌ସିର ସାଧାରଣ ସମ୍ପାଦକ ତଥା ଡାଇମଣ୍ଡ ହାର୍ବର ଏମ୍‌ପି ଅଭିଷେକ ବାନାର୍ଜୀ ନେଇଯିବେ ବୋଲି ଆଲିପୁରଦୁଆରଠାରେ ଏକ ସାଧାରଣ ସଭାରେ ଘୋଷଣା କରିଛନ୍ତି। ପଶ୍ଚିମବଙ୍ଗକୁ ଏମ୍‌ଜିଏନ୍‌ଆରଇଜିଏ (ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ ନିଯୁକ୍ତି ଗ୍ୟାରେଣ୍ଟି ଆଇନ) ଯୋଜନାର ବକେୟା ପାଣ୍ଠି ପୈଠ କରିବା ପାଇଁ ପ୍ରଧାନମନ୍ତ୍ରୀ ଓ ଗ୍ରାମାଞ୍ଚଳ ବିକାଶ ମନ୍ତ୍ରୀଙ୍କ ଉପରେ ଏହି ଚିଠି ମାଧ୍ୟମରେ ଚାପ ପକାଯିବ। ଏଥିପାଇଁ ଦଳ ପକ୍ଷରୁ ଦସ୍ତଖତ ସଂଗ୍ରହ ଅଭିଯାନ ଆରମ୍ଭ ହେବ ବୋଲି ଅଭିଷେକ କହିଛନ୍ତି। ଟିଏମ୍‌ସିର ବୁଥ୍‌ସ୍ତରୀୟ କର୍ମୀ ଜନସାଧାରଣଙ୍କଠାରୁ ବିଶେଷ କରି ଯେଉଁମାନେ ଏମ୍‌ଜିଏନ୍‌ଆରଇଜିଏରେ କାର୍ଯ୍ୟ କରି ମଜୁରି ପାଇନାହାନ୍ତି ସେମାନଙ୍କଠାରୁ ଚିଠି ସଂଗ୍ରହ କରିବେ। ପଶ୍ଚିମବଙ୍ଗକୁ କେନ୍ଦ୍ର ସରକାର ବକେୟା ଅନୁଦାନ ପଠାଉ ନ ଥିବାରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ନିକଟରେ ଦୁଇଦିନିଆ ଧାରଣାରେ ବସିଥିଲେ। ଅନ୍ୟପକ୍ଷରେ ଦୁର୍ନୀତିରେ ସମ୍ପୃକ୍ତ ତୃଣମୂଳ କଂଗ୍ରେସ ସରକାର ବିନିଯୋଗ ବିବରଣୀ ଦେଇପାରୁ ନ ଥିବାରୁ ବକେୟା ଅର୍ଥ ସ୍ଥଗିତ ରହିଥିବା ଭାଜପା କହିଛି।

## ଭାଜପାରେ ମିଶିଲେ ବିଜେଡି, କଂଗ୍ରେସ ନେତା

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

କଟକ ସଦର ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ପ୍ରଦୀପ ବେହେରା ରବିବାର ଆନୁଷ୍ଠାନିକ ଭାବେ ଭାଜପାରେ ସାମିଲ ହୋଇଛନ୍ତି । କଟକ ସଦର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଉତ୍ତରକୁଳ ଗ୍ରାମପଞ୍ଚାୟତର ସରପଞ୍ଚ ଶୁଭାସିନୀ ବେହେରା, ସ୍ଥାନୀୟ ନେତା ବିନୋଦ ଭୁୟାଁ, ନାଏବ ସରପଞ୍ଚ ଶକୁନ୍ତଳା ମାଦେଲୀ, ନିର୍ବାଚିତ ଜନପ୍ରତିନିଧି କବିତା ସାହୁ, ଉମାକାନ୍ତ ସାହୁ, ପପୁ ମଲ୍ଲିକ, ପ୍ରଭାତୀ ବେହେରା, ସନ୍ଧ୍ୟାରାଣୀ ସ୍ୱାଇଁ, ସୁବାସ ମଲିକ ପ୍ରମୁଖ ବିଜେଡି ଛାଡି ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି । ସେହିପରି କଂଗ୍ରେସ ନେତା ଅମୀୟ ସିଂ ମଧ୍ୟ ନିଜ ସମର୍ଥକଙ୍କ ସହ ଭାଜପାରେ ସାମିଲ ହୋଇଛନ୍ତି । ଭାଜପା ପ୍ରତି ରାଜ୍ୟବାସୀଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି ଏବଂ ଆଗାମୀ ଦିନରେ ଓଡ଼ିଶାରେ ଏହା ନିଶ୍ଚିତ ପ୍ରତିଫଳିତ ହେବ ବୋଲି ଦଳର ସାମିଲ ହୋଇଥିବା ନେତାମାନେ ଆଶା କରିଛନ୍ତି। ଦଳର ପ୍ରଭାରୀ ଡି ପୁରନ୍ଦେଶ୍ୱରୀଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗ ଦେଇଛନ୍ତି। ସମସ୍ତ ନୂତନ ସଦସ୍ୟଙ୍କୁ ଦଳୀୟ ଉତ୍ତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରାଯାଇଥିଲା। ଏହି ମିଶ୍ରଣ ପର୍ବ ଅବସରରେ ଜିଲା ସଭାପତି ପ୍ରକାଶ ଚନ୍ଦ୍ର ବେହେରାଙ୍କ ସହ ଅନ୍ୟ କେତେଜଣ ନେତା ଉପସ୍ଥିତ ଥିଲେ।

# ବିରୋଧୀ କହିଲେ ଏସବୁ କଳାଧନ

**ଭୁବନେଶ୍ୱର, ୯।୪(ବ୍ୟୁରୋ)**

**ବିଜେଡି ଦେଶର ଦ୍ୱିତୀୟ ଧନୀ ଆଞ୍ଚଳିକ ଦଳ**

ରାଜ୍ୟରେ ଶାସନ କ୍ଷମତାରେ ଥିବା ବିଜେଡି ହେଉଛି ଦେଶର ଦ୍ୱିତୀୟ ଧନୀ ଆଞ୍ଚଳିକ ଦଳ। ଏହାସହ ଆୟରେ ସର୍ବାଧିକ ଅଭିବୃଦ୍ଧି ମଧ୍ୟ ବିଜେଡିର ହୋଇଛି। ଏମିତିକି ବିଜେଡିର ଆୟ ୩୬ଟି ଛୋଟ ବଡ଼ ଆଞ୍ଚଳିକ ଦଳର ମୋଟ ଆୟର ୨୫.୩୩ ପ୍ରତିଶତ ବୋଲି ନିର୍ବାଚନୀ ସଂସ୍କାରରେ କାର୍ଯ୍ୟରତ ଏନ୍‌ଜିଓ ଆସୋସିଏଶନ ଅଫ୍ ଡେମୋକ୍ରାଟିକ୍ ରିଫର୍ମ(ଏଡିଆର୍) ରିପୋର୍ଟରେ ପ୍ରକାଶ ପାଇଛି। ଏହି ରିପୋର୍ଟ ଅନୁସାରେ ୩୬ଟି ଆଞ୍ଚଳିକ ଦଳର ମୋଟ ଆୟ ୧୨୧୩ କୋଟି ଟଙ୍କା ହୋଇଥିବାବେଳେ, କେବଳ ବିଜେଡିର ଆୟ ହେଉଛି ୩୦୭ କୋଟି। ୨୦୨୧ରେ ଦଳ ନିର୍ବାଚନ ପ୍ରଚାର ସମେତ ବିଭିନ୍ନ ବାଟରେ ୨୮.୫୩ କୋଟି ଖର୍ଚ୍ଚ କରିଛି। ବାକି ୨୭୮.୬୫୮ କୋଟି ଅର୍ଥାତ୍ ୯୦ ପ୍ରତିଶତରୁ ଅଧିକ ଟଙ୍କା ବଳକା ରହିଥିବା ରିପୋର୍ଟରେ ଉଲ୍ଲେଖ ରହିଛି। ତେବେ ବିରୋଧୀ ଏଡିଆର୍ ରିପୋର୍ଟକୁ ନେଇ ବିଜେଡି ଉପରେ ବର୍ଷିଛନ୍ତି।

ଭାଜପା ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି, ଲିଗାଲ ଫଣ୍ଡିଂ ବାଦ୍ ସାଢ଼େ ୪ ହଜାର କୋଟି ଟଙ୍କାର କଳାଧନ ବିଜେଡି ବିଭିନ୍ନ ଉପାୟରେ ଗଚ୍ଛିତ ରଖିଛି। ନିର୍ବାଚନରେ ବ୍ୟାପକ ଅର୍ଥ ଖର୍ଚ୍ଚ ଲାଗି ସେମାନଙ୍କୁ ଏକ ଖୋରାକ୍ ଯୋଗାଉଛି। ଦଳ ଅନେକ ଗୁଡ଼ିଏ ଅନିୟମିତତା କରିବାରେ ଲାଗିଛି। ନିକଟରେ ଶେଷ ହୋଇଥିବା ପଦମ୍ପୁର ଉପନିର୍ବାଚନରେ ଦଳ କେତେ ଖର୍ଚ୍ଚ କରିଥିଲା ସେକଥା ସମସ୍ତେ ଜାଣନ୍ତି। ବିଜେଡିର ଏହିଭଳି କାର୍ଯ୍ୟ ଲାଗି ଓଡ଼ିଶାକୁ ଅନେକ ଶିଳ୍ପ ସଂସ୍ଥା ଆସୁନାହାନ୍ତି ଏବଂ ଅନେକ ଫେରି ଯାଉଛନ୍ତି। ଏମ୍‌ଓୟୁ ନାଁରେ ମଧ୍ୟ ବିଜେଡି ବହୁ ଅର୍ଥ ଆଦାୟ କରୁଥିବା ପୃଥ୍ୱୀରାଜ କହିଛନ୍ତି।

କଂଗ୍ରେସ ବିଧାୟକ ସୁରେଶ କୁମାର ରାଉତରାୟ କହିଛନ୍ତି, ବଡ଼ ବଡ଼ ଶିଳ୍ପପତିଙ୍କ ଠାରୁ ଅର୍ଥ ନେଇ ଏବେ ବହୁତ ଟଙ୍କା ହେଇଯାଇଛି। ଅଣଓଡ଼ିଆ ଅଫିସରଙ୍କୁ ସାଙ୍ଗରେ ଧରି ଚାରିଆଡ଼େ ବୁଲାଇ କେବଳ ପଇସା ସଂଗ୍ରହ ଏମାନଙ୍କ କାମ। ନ ହେଲେ ଅନ୍ୟ କିଛି ନାହିଁ। ଯାହାସବୁ ଏମାନଙ୍କ ପାଖରେ ଅଛି ସବୁ କଳାଧନ। ଏମାନେ କାହାର କ'ଣ କରିଛନ୍ତି କି ବୋଲି ସୁରେଶ ପ୍ରଶ୍ନ କରିଛନ୍ତି। ଏମାନେ କେଉଁ ଶିକ୍ଷକଙ୍କୁ ସ୍ଥାୟୀ କରୁଛନ୍ତି। ଏଏନ୍‌ଏମ୍‌ଙ୍କ କଥା ହେଉ ବା ଜିଆର୍‌ଏସ୍ ଏବଂ ଭିଏଲ୍‌ଡବ୍ଲୁ ଏମାନେ କାହା ପାଇଁ ତ କିଛି କରିନାହାନ୍ତି ବୋଲି ସୁର କହିଛନ୍ତି।

ବିଜେଡି ବିଧାୟକ ଧ୍ରୁବ ସାହୁ କହିଛନ୍ତି, ଏଡିଆର୍ ରିପୋର୍ଟ ଦେଖିଲେ ଜଣିପାରିବେ ଭାଜପା ଦେଶର ସବୁଠାରୁ ଧନୀ ଦଳ। ତେଣୁ ସେମାନେ ବିଜେଡିକୁ ଆକ୍ଷେପ କରିବା ଠିକ୍ ହେଉନି। ବିଜେଡି ବା ଭାଜପା ଯେକୌଣସି ରାଜନୈତିକ ଦଳ ହୁଅନ୍ତୁ, ସରକାରଙ୍କ ନିକଟରେ ରିଟର୍ନ ଫାଇଲ ଯେଉଁମାନେ କରୁଛନ୍ତି ଏବଂ ଆୟ ବ୍ୟୟର ହିସାବ ଦେଉଛନ୍ତି ସେଥିରେ ଅସୁବିଧା କେଉଁଠି ରହିଲା। ସେମାନେ ଇଲେକ୍ଟୋରାଲ ବଣ୍ଡ ଆକାରରେ ହେଉ ବା ସଭ୍ୟ ଚାନ୍ଦା ଆକାରରେ ଦଳୀୟ ପାଣ୍ଠିକୁ ଅର୍ଥ ଆସିଥାଏ। ଏଥିରେ କିଛି ଆଇନଗତ ତ୍ରୁଟି ନାହିଁ ବୋଲି ସେ କହିଛନ୍ତି।

**ବିଜେଡି ଧନୀ ହେଲେ ଓଡ଼ିଆ ଦାଦନ ଖଟୁଛନ୍ତି: ଭାଜପା**

ଏଡିଆର୍ ରିପୋର୍ଟରେ ବିଜେଡି ଦେଶର ୩୬ ଆଞ୍ଚଳିକ ରାଜନୈତିକ ଦଳ ମଧ୍ୟରେ ଦ୍ୱିତୀୟ ଧନୀ ବୋଲି ପ୍ରକାଶ କରିଛି। ସେପଟେ ସିଏଜି ରିପୋର୍ଟ ମୁତାବକ ଓଡ଼ିଶାରେ ଉତ୍ପାଦିତ ଖଣିଜ ପଦାର୍ଥରୁ ୫୦ ହଜାର କୋଟି ଟଙ୍କାର ରୟାଲଟି ମିଳୁଛି ବୋଲି ପ୍ରକାଶ ପାଇଥିଲା। ଅନ୍ୟପଟେ ଦାଦନ ଶ୍ରମିକ କିନ୍ତୁ ମରି ଚାଲିଛନ୍ତି। ଉଚ୍ଚଶିକ୍ଷିତ ଯୁବତୀ ଯୁବକ ଚାକିରି ପାଉନାହାନ୍ତି। ଅର୍ଥାତ୍ ଓଡ଼ିଶା ଧନୀ, ବିଜେଡି ଆହୁରି ଧନୀ କିନ୍ତୁ ଓଡ଼ିଆ ଦାଦନ ଖଟୁଛନ୍ତି ବୋଲି ଭାଜପା ସାଧାରଣ ସମ୍ପାଦିକା ଲେଖାଶ୍ରୀ ସାମନ୍ତସିଂହାର ଏଭଳି ଅଭିଯୋଗ କରିଛନ୍ତି।

# ବିରୋଧୀ ମେଣ୍ଟରେ କଂଗ୍ରେସକୁ ମୁଖ୍ୟ ଭୂମିକା ନେବାକୁ ହେବ: ସିବଲ

**ନୂଆଦିଲ୍ଲୀ, ୯।୪(ପି.ଟି.)**

୨୦୨୪ ଲୋକ ସଭା ନିର୍ବାଚନରେ ଭାଜପାକୁ ପରାସ୍ତ କରିବାକୁ ହେଲେ ବିରୋଧୀ ମେଣ୍ଟରେ କଂଗ୍ରେସକୁ କେନ୍ଦ୍ରୀୟ ଭୂମିକା ନେବାକୁ ହେବ ବୋଲି ରାଜ୍ୟ ସଭା ସଦସ୍ୟ କପିଲ ସିବଲ କହିଛନ୍ତି। ଶକ୍ତିଶାଳୀ ମେଣ୍ଟ ଗଠନ ପାଇଁ ସମସ୍ତ ବିରୋଧୀ ଦଳଙ୍କୁ ପରସ୍ପରକୁ ସମାଲୋଚନା କରିବାରୁ ଦୂରେଇ ରହିବାକୁ ହେବ। ଭାଜପା ନେତୃତ୍ୱାଧୀନ ସରକାରଙ୍କୁ ବିରୋଧ କରୁଥିବା ସବୁ ଦଳ ପ୍ରଥମେ ଏକ ସାଧାରଣ ମଞ୍ଚ ବାଛିବାକୁ ସେ ପରାମର୍ଶ ଦେଇଛନ୍ତି। ୨୦୦୪ରେ ଅଟଳ ବିହାରୀ ବାଜପେୟୀଙ୍କୁ କ୍ଷମତାରୁ ହଟାଇବା ବେଳେ ବିରୋଧୀ ମେଣ୍ଟର କେହି ନେତା ଘୋଷିତ ହୋଇ ନ ଥିଲେ ବୋଲି ସିବଲ କହିଛନ୍ତି।

# ବି.ଏନ୍. ଚନ୍ଦ୍ରାପ୍ପା କର୍ଣ୍ଣାଟକ କଂଗ୍ରେସ କାର୍ଯ୍ୟକାରୀ ସଭାପତି

**ନୂଆଦିଲ୍ଲୀ, ୯।୪**



ବିଧାନସଭା ନିର୍ବାଚନ ହେବାକୁ ଯାଉଥିବା କର୍ଣ୍ଣାଟକରେ ପୂର୍ବତନ ଏମ୍‌ପି ବି.ଏନ୍. ଚନ୍ଦ୍ରାପ୍ପାଙ୍କୁ ରବିବାର ପ୍ରଦେଶ କଂଗ୍ରେସ କମିଟି କାର୍ଯ୍ୟକାରୀ ସଭାପତି ନିଯୁକ୍ତ କରାଯାଇଛି। ପୂର୍ବତନ ଏମ୍‌ପି ଧ୍ରୁବନାରାୟଣଙ୍କ ପରଲୋକ ପରେ ସେଠାରେ କାର୍ଯ୍ୟକାରୀ ସଭାପତି ପଦ ଖାଲି ପଡ଼ିଥିଲା। ଦଳିତ ନେତା ଚନ୍ଦ୍ରାପ୍ପା ଚିତ୍ରଦୁର୍ଗ ଆସନରୁ ଲୋକ ସଭାକୁ ନିର୍ବାଚିତ ହୋଇଥିଲେ। ପୂର୍ବରୁ ସେ ଲେଦର ଇଣ୍ଡଷ୍ଟ୍ରିଜ୍ ଡେଭେଲପମେଣ୍ଟ କର୍ପୋରେଶନର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ।

# ଅଯୋଧ୍ୟାରୁ ନୂଆ ଶକ୍ତି ନେଇ ମହାରାଷ୍ଟ୍ର ଫେରିବୁ: ଶିନ୍ଦେ

**ଅଯୋଧ୍ୟା, ୯।୪**

ଶିବସେନା ଏବଂ ଭାଜପାର ଚିନ୍ତାଧାରା ସମାନ। ଆସନ୍ତା ବର୍ଷ ସମଗ୍ର ମହାରାଷ୍ଟ୍ରରେ ଦୁଇ ଦଳର ଗୈରିକ ପତାକା ଉଡ଼ିବ ବୋଲି ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ ରବିବାର ଅଯୋଧ୍ୟାରେ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଗତ ଜୁନ୍‌ରେ ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଥର ପାଇଁ ଅଯୋଧ୍ୟା ଗସ୍ତ କରିଥିବା ଶିବସେନା ମୁଖ୍ୟ ଶିନ୍ଦେ ଏକ ଖବରଦାତା ସମ୍ମିଳନୀରେ କହିଛନ୍ତି, ଆମ ଦଳର ଭୂମିକା ସ୍ପଷ୍ଟ। ଆମ ବିଚାରଧାରା ହିନ୍ଦୁତ୍ୱ। ଆମେ ଅଯୋଧ୍ୟାରୁ ନୂଆ ଶକ୍ତି ନେଇ ମହାରାଷ୍ଟ୍ର ଫେରିବୁ ଓ ଲୋକଙ୍କ ସେବା କରିବୁ। ୨୦୨୪ରେ ଶିବସେନା ଏବଂ ଭାଜପାର ଗୈରିକ ପତାକା ରାଜ୍ୟ ସାରା ଉଡ଼ିବ। ମହାରାଷ୍ଟ୍ରରେ କେତେଜଣ ବ୍ୟକ୍ତି ଅଛନ୍ତି, ଯାହାଙ୍କର ହିନ୍ଦୁତ୍ୱ ପ୍ରତି ଆଲର୍ଜି ରହିଛି। କାରଣ ହିନ୍ଦୁତ୍ୱ ସାରା ଦେଶରେ ପହଞ୍ଚିଲେ ସେମାନଙ୍କ ଦୋକାନ ବନ୍ଦ ହୋଇଯିବ ବୋଲି ପରୋକ୍ଷରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେଙ୍କୁ ଶିନ୍ଦେ ଟାର୍ଗେଟ କରିଥିଲେ। ପ୍ରକାଶ ଯେ, ୨୦୨୪ରେ ଏକକାଳୀନ ଲୋକ ସଭା ଓ ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ। ଅଯୋଧ୍ୟାରେ ଶିନ୍ଦେଙ୍କ ରୋଡ୍ ଶୋ' ବେଳେ ଉତ୍ତର ପ୍ରଦେଶର ଅନେକ ହଜାର ଶିବସୈନିକ ସାମିଲ ହୋଇଥିଲେ। ରାମଲାଲାଙ୍କୁ ଦର୍ଶନ କରି ମନ୍ଦିର ନିର୍ମାଣ କାର୍ଯ୍ୟ ଦେଖିବା ପରେ ଶିନ୍ଦେ କହିଥିଲେ, ହିନ୍ଦୁ ହୃଦୟ ସମ୍ରାଟ ବାଲାସାହେବ ଠାକ୍‌ରେ ଏବଂ ବହୁ କୋଟି ରାମଭକ୍ତଙ୍କ ସ୍ୱପ୍ନ ସାକାର ହୋଇଛି। ଏହି ଅବସରରେ ଉପମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡ୍‌ନବିସ ଏବଂ ଭାଜପା ଏମ୍‌ପି ବ୍ରିଜ୍‌ଭୂଷଣ ଶରଣ ସିଂ ମଧ୍ୟ ଉପସ୍ଥିତ ଥିଲେ। ଅନ୍ୟପକ୍ଷେ ଅଦିନିଆ ବର୍ଷାରେ କ୍ଷତିଗ୍ରସ୍ତ ମହାରାଷ୍ଟ୍ର ଚାଷୀଙ୍କୁ ଅସୁବିଧାରେ ପକାଇ ଶିନ୍ଦେ ଓ ଫଡ୍‌ନବିସ ଅଯୋଧ୍ୟା ଗସ୍ତ କରିଥିବାରୁ ସେମାନଙ୍କୁ ରାଜ୍ୟବାସୀ କ୍ଷମା କରିବେ ନାହିଁ ବୋଲି ଉଦ୍ଧବଙ୍କ ନେତୃତ୍ୱାଧୀନ ମହାବିକାଶ ଅଘାଡ଼ି ପକ୍ଷରୁ ସମାଲୋଚନା କରାଯାଇଛି।


ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଏକନାଥ ଶିନ୍ଦେ।

**ରାଜ୍ୟ ଖବର**

# ଦ୍ୱିଭାଷୀ ବିଦ୍ୟାଳୟରେ ଶିକ୍ଷକ ଅଭାବ

**ରାୟଗଡ଼ା ଅଫିସ, ୯।୪**

ଓଡ଼ିଶା-ଆନ୍ଧ୍ର ସୀମାବର୍ତ୍ତୀ ରାୟଗଡା ଜିଲାରେ ଜନସଂଖ୍ୟା ହିସାବକୁ ଦେଖିଲେ ତେଲୁଗୁ ଭାଷାଭାଷୀ ଲୋକଙ୍କ ସଂଖ୍ୟା ଅର୍ଦ୍ଧାଧିକ। ତେଲୁଗୁ ପିଲା ଓଡ଼ିଆ ପିଲାଙ୍କ ସହ ମିଶି ପାଠ ପଢ଼ନ୍ତି। ଓଡ଼ିଶା ସରକାର ଏହାର ଗୁରୁତ୍ୱକୁ ଅନୁଧ୍ୟାନ କରି ଦ୍ୱିଭାଷୀ ସ୍କୁଲ ସ୍ଥାପନ କରିଛନ୍ତି। ଏଠାରେ ତେଲୁଗୁ ଶିକ୍ଷକ ନିଯୁକ୍ତି ଓ ତେଲୁଗୁ ଭାଷାରେ ପାଠ୍ୟପୁସ୍ତକ ଛପାଇ ପିଲାଙ୍କୁ ବାଣ୍ଟୁଥିବା ବେଳେ କିଛିବର୍ଷ ହେବ ବ୍ୟତିକ୍ରମ ଦେଖାଯାଉଛି। ତେଣୁ ତେଲୁଗୁ ପିଲାଙ୍କ ଅଭିଭାବକମାନେ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସେମାନେ ଖର୍ଚ୍ଚାନ୍ତ ହୋଇ ପିଲାଙ୍କୁ ଇଂଲିଶ ମିଡିୟମ ସ୍କୁଲକୁ ଛାଡୁଛନ୍ତି ନଚେତ ବାଧ୍ୟ ହୋଇ ଆନ୍ଧ୍ର ସ୍କୁଲକୁ ପଠାଉଛନ୍ତି। ଆନ୍ଧ୍ରପ୍ରଦେଶ ଏହାର ସୁଯୋଗ ନେଇ ଓଡ଼ିଶାର ତେଲୁଗୁ ପିଲାଙ୍କୁ ସମସ୍ତ ସୁବିଧା ଯୋଗାଇ ଦେଉଥିବା ଦେଖାଯାଉଛି।

ଜିଲାର କେବଳ ରାୟଗଡ଼ା ବ୍ଲକ ଅଞ୍ଚଳରେ ସରକାର ୧୧ଟି ଦ୍ୱିଭାଷୀ ବିଦ୍ୟାଳୟ ସ୍ଥାପନ କରିଛନ୍ତି। ଏଥିରେ ୪୫୧ ତେଲୁଗୁ ଭାଷାଭାଷୀ ପିଲା ପଢୁଥିବା ବେଳେ ମାତ୍ର ୧୭ ଜଣ ତେଲୁଗୁ ଶିକ୍ଷକ ଅଛନ୍ତି। ଫଳରେ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଦୀର୍ଘ ବର୍ଷ ହେବ ଏସବୁ ବିଦ୍ୟାଳୟରେ ତେଲୁଗୁ ଶିକ୍ଷକ ନିଯୁକ୍ତି ଦିଆଯାଉ ନାହିଁ କି ତେଲୁଗୁ ବହି ମଧ୍ୟ ଛପା ଯାଉନାହିଁ। ଦ୍ୱିଭାଷୀ ସ୍କୁଲ୍‌ଗୁଡିକରେ ଓଡ଼ିଆ ଶିକ୍ଷକମାନେ ଓଡ଼ିଆ ବହିକୁ ଅନୁବାଦ କରି ତେଲୁଗୁରେ ପଢାଉଛନ୍ତି। ରାୟଗଡ଼ା ଗୋପବନ୍ଧୁ ୟୁପି ସ୍କୁଲରେ ୬୨ ତେଲୁଗୁ ଭାଷାଭାଷୀ ପିଲା ଥିବାବେଳେ ୨ ଜଣ ତେଲୁଗୁ ଶିକ୍ଷକ ଅଛନ୍ତି। ଏକ୍ସବୋର୍ଡ ୟୁପି ସ୍କୁଲରେ ୬୮ ତେଲୁଗୁ ଛାତ୍ରୀଛାତ୍ରଙ୍କ ପାଇଁ ୨ ଜଣ ଶିକ୍ଷକ, ଜାଗିଲି ସାହି ପ୍ରାଇମେରୀ ସ୍କୁଲରେ ୨୫ ଜଣ ତେଲୁଗୁ ସମ୍ପ୍ରଦାୟର ପିଲା ପଢୁଥିଲେ ମଧ୍ୟ ତେଲୁଗୁ ଶିକ୍ଷକ ଜଣେ ବି ନାହାନ୍ତି। ଆରଏସି ଡବ୍ଲୁସି ପ୍ରାଇମେରୀ ସ୍କୁଲରେ ୨୧ ତେଲୁଗୁ ପିଲା ଥିବାବେଳେ ଜଣେ ଶିକ୍ଷକ, ଗୋପବନ୍ଧୁ ମ୍ୟୁନିସିପାଲିଟି ହାଇସ୍କୁଲରେ ୩୧ ପିଲା ଥିବା ବେଳେ ଜଣେ ଶିକ୍ଷକ, ଅମ୍ଲାଭଟ୍ଟା ଅପର ପ୍ରାଇମେରୀ ସ୍କୁଲରେ ୨୯ ପିଲାଙ୍କୁ ଜଣେ ତେଲୁଗୁ ଶିକ୍ଷକ ଅଛନ୍ତି। ଲକ୍ଷ୍ମୀପତି ସିଂଘାଣିଆ ପ୍ରାଇମେରୀ ସ୍କୁଲରେ ତେଲୁଗୁ ଛାତ୍ରୀଛାତ୍ରଙ୍କ ସଂଖ୍ୟା ୧୪୭। ହେଲେ ସେଠାରେ ମାତ୍ର ୩ ଜଣ ତେଲୁଗୁ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଗୋପବନ୍ଧୁ ଦ୍ୱିଭାଷୀ ୟୁପି ସ୍କୁଲ୍‌ରେ ୨୧ ଜଣ ତେଲୁଗୁ ଭାଷାଭାଷୀ ପିଲାଙ୍କ ଲାଗି ୨ ଶିକ୍ଷକ, କତାପେଟା ଅପଗ୍ରେଡ୍ ହାଇସ୍କୁଲରେ ୨୬ ପିଲାଙ୍କୁ ୨ ଜଣ ଶିକ୍ଷକ, ଜେମାଦେଇ ପେଣ୍ଠ ଅପର ପ୍ରାଇମେରୀ ସ୍କୁଲରେ ୨୧ପିଲାଙ୍କୁ ୩ ଜଣ ତେଲୁଗୁ ଶିକ୍ଷକ ପାଠ ପଢାଉଛନ୍ତି। ବାଳିକା ହାଇସ୍କୁଲ୍‌ରେ ୮ ତେଲୁଗୁ ଛାତ୍ରୀଛାତ୍ର ଥିବା ବେଳେ ତେଲୁଗୁ ଶିକ୍ଷକ କେହି ନାହାନ୍ତି। ଜେକେପୁର ଗୋପବନ୍ଧୁ ଦ୍ୱିଭାଷୀ ୟୁପି ହାଇସ୍କୁଲ ସଭାପତି ଏସ୍. ଜିବିତେଶ୍ୱର ରାଓ କହିଛନ୍ତି, ଅଞ୍ଚଳରେ ୬୫% ତେଲୁଗୁ ସମ୍ପ୍ରଦାୟ ଲୋକ ବସବାସ କରନ୍ତି। ମୁଖ୍ୟମନ୍ତ୍ରୀ ତେଲୁଗୁ ବିଦ୍ୟାଳୟର ଉନ୍ନତି କରନ୍ତୁ। ତେଲୁଗୁ ବହି ପ୍ରିଣ୍ଟ ସହ ତେଲୁଗୁ ଶିକ୍ଷକ ନିଯୁକ୍ତି ପାଇଁ ପଦକ୍ଷେପ ନିଅନ୍ତୁ। ଏ ନେଇ ଜିଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ବରିହା କହିଛନ୍ତି, ତେଲୁଗୁ ଭାଷାରେ ପାଠ୍ୟପୁସ୍ତକ ଛପାଇବା ଓ ତେଲୁଗୁ ଶିକ୍ଷକ ନିଯୁକ୍ତି ପାଇଁ ସରକାରଙ୍କୁ ଅବଗତ କରାଯାଇଛି।




# ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସ୍ମୃତିରେ ପ୍ରଚଳିତ ହୋଇଥିଲା ପଦ୍ମଚିହ୍ନର ସ୍ୱର୍ଣ୍ଣମୁଦ୍ରା




**ଡ. ସୁରେନ୍ଦ୍ର କୁମାର ମିଶ୍ର**

ଗତ ସଂଖ୍ୟାରେ ଗଜପତି ମହାରାଜାମାନେ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରାରେ ଯେପରି ଛେରାପହଁରା କରୁଛନ୍ତି, ସେତେବେଳେ ଶ୍ରୀଆଦିତ୍ୟନାରାୟଣଙ୍କ ରଥରେ ବି ଛେରାପହଁରା କରୁଥିଲେ। କୋଣାର୍କଠାରେ ଉପାସନା ଆରମ୍ଭ ହେବାପରେ ମହନୀୟ ମାହାରୀ ପରମ୍ପରା ବି ପ୍ରଚଳିତ ହୋଇଥିଲା ଆମେ ଆଲୋଚନା କରିଥିଲେ। ଏ ସମସ୍ତ ଘଟଣାରୁ ଜଣାପଡୁଛି ମନ୍ଦିର ନିର୍ମାଣ ଆରମ୍ଭ କାଳରୁ ଉପାସନା ପ୍ରଚଳନ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ସହିତ ଓଡ଼ିଶାର ଗଜପତି, ରାଜକର୍ମଚାରୀ, ପାଇକ ସେନା, ଶିଳ୍ପୀଗଣ ଓ ଜନସାଧାରଣ ଜଡ଼ିତ ଥିଲେ। ବାହାର ଲୋକ ଆସି ମନ୍ଦିର ଗଢ଼ିଲେ ଓ ଉପାସନା ଦେଶ ବାହାରୁ ଆସି କୋଣାର୍କରେ ପ୍ରଚଳିତ ହୋଇଥିଲା ବୋଲି ଯେଉଁ ତଥାକଥିତ ଅଗାଧୁ ନନ୍ଦ... ଲେଖକମାନେ (ସବୁ କଥାରେ ମୁରବି ସାଜି ହଲାଉଥାନ୍ତି ବାହାଟି, ଛୋଟ ମୋର ଗାଁଟି...) ଲେଖିଦେଇ ଗଲେ, ଏବେ ବି ଲେଖୁଛନ୍ତି... ସେମାନଙ୍କ ପାଇଁ ଉତ୍ତର ପ୍ରସ୍ତୁତ କରିବାକୁ ହେବ। ଆଖିରେ ଦେଖିଲା ପରି ଓଡ଼ିଆରେ କେତେଜଣ ଆଗବୋଲା ଲେଖିଲେ ଅକଥନୀୟ ଅତ୍ୟାଚାର ଦିଆଯାଉଥିଲା କୋଣାର୍କରେ। ସେମାନଙ୍କ ପାଇଁ ବି ଉତ୍ତର ପ୍ରସ୍ତୁତ କରିବା, ନଇଲେ ଐତିହ୍ୟ ବିକୃତ ହୋଇ ରହିଯିବ।

**ସୂର୍ଯ୍ୟଙ୍କ ରଥଯାତ୍ରାରେ ଶିଳ୍ପୀ:** ସେତେବେଳେ ପୁରୀର ରଥଯାତ୍ରା ଖୁବ୍ ପ୍ରସିଦ୍ଧ ଥିବା କଥା ଅନୁସନ୍ଧାନରୁ ଜଣାଯାଏ। କୋଣାର୍କରେ ମନ୍ଦିର ନିର୍ମାଣ ସମୟରେ ରଥଯାତ୍ରା ଉତ୍ସବରେ ଯୋଗଦେବା ପାଇଁ ନିର୍ମାଣ କାର୍ଯ୍ୟରେ ଜଡ଼ିତ ସମସ୍ତ ପ୍ରକାର ବ୍ୟକ୍ତିବିଶେଷଙ୍କୁ ପର୍ଯ୍ୟାୟକ୍ରମେ ସୁଯୋଗ ଦିଆଯାଇଥିଲା। ରଥଯାତ୍ରାରେ ଯୋଗ ଦେବା ପାଇଁ ଆସିବା ସମୟରେ ଯେପରି ନିର୍ମାଣ କାର୍ଯ୍ୟ ବନ୍ଦ ନ ହୁଏ, ସେଥିପାଇଁ ଦୃଷ୍ଟି ଦିଆଯାଇଥିଲା। ଶିଳ୍ପୀ ହେଉ କି ଶ୍ରମିକ, ସମସ୍ତଙ୍କ ପ୍ରତି ଉଦାରଭାବ ପୋଷଣ କରାଯାଉଥିଲା। ଏହା ଅତ୍ୟାଚାରର ଉଦାହରଣ ନୁହେଁ। ଜଗୁଆଳିମାନେ ରଥଯାତ୍ରାରେ ଯୋଗ ଦେବା ପାଇଁ ଚାହିଁଥିବାରୁ ୩୦ଜଣଙ୍କ ମଧ୍ୟରୁ ପ୍ରଥମେ ୧୦ ଜଣଙ୍କୁ ଅନୁମତି ମିଳିଥିଲା। ସେମାନଙ୍କୁ ଖର୍ଚ୍ଚ ବି ଦିଆଯାଇଥିଲା।

ମୁଖଶାଳାର ଅଁଳାଶ୍ରୀ ଖଞ୍ଜାଯିବା ପରେ ରଥଯାତ୍ରା ପଡ଼ିବାରୁ ୧୨ଜଣ ଶିଳ୍ପୀ ରଥଯାତ୍ରା ଦେଖିବା ପାଇଁ ପୁରୀ ଆସିଥିଲେ। ଯିବାଆସିବା ରାସ୍ତାରେ ଖାଇବା ପାଇଁ ଚାଉଳ, ମୁଗ ଯୋଗାଇ ଦିଆଯିବା ସହିତ ୩ ମାଢ଼ ସୁନା ମଧ୍ୟ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ଦିଆଯାଇଥିଲା।


ଗଜପତି ମହାରାଜା ଦିବ୍ୟସିଂହଦେବଙ୍କ ପୁଷ୍ୟାଭିଷେକ।(ଫଟୋ: ଯଜ୍ଞେଶ୍ୱର ମହାନ୍ତି)

**ନିର୍ମାଣ କାଳଖଣ୍ଡରେ ସୁନିଆଁ ମହୋତ୍ସବ:** ଗଙ୍ଗବଂଶ ଶାସନ କାଳରେ 'ସୁନିଆଁ' ଉତ୍ସବ ପାଳନ ହେଉଥିଲା ପୁରୁଷୋତ୍ତମ କ୍ଷେତ୍ରରେ। ଏହିଦିନଠାରୁ ନୂତନ ବର୍ଷ ଗଣନା ପ୍ରଚଳିତ ଥିଲା। ଉପହାର ଭେଟି ଦେବା ପ୍ରଥା ବି ଥିଲା। ଶିଳ୍ପୀ ବିଶ୍ୱନାଥ ମହାପାତ୍ର ଗଜପତିଙ୍କ ଶୋଭାଯାତ୍ରାର ମୂର୍ତ୍ତିଟିଏ ଗଢ଼ି ସୁନିଆଁ ପାଇଁ ପୁରୁଷୋତ୍ତମ କ୍ଷେତ୍ରକୁ କୋଣାର୍କରୁ ପଠାଇଥିଲେ।

ଏପରି ବି ଘଟିଛି ଯଦି ଗଜପତି ଲାଙ୍ଗୁଳା ନରସିଂହ ଦେବ ଶାସନ କାର୍ଯ୍ୟରେ ବ୍ୟସ୍ତ ରହି କୋଣାର୍କକୁ ଯାଇପାରି ନାହାନ୍ତି, ତେବେ ବି ତାଙ୍କ ପରାମର୍ଶ ତଥା ସହମତି ପାଇଁ ତାଙ୍କ ପାଖକୁ ଶିଳ୍ପୀ ଯିବାରେ ହେଳା କରିନାହାନ୍ତି। ବୁଢ଼ାଲିଙ୍ଗ ପାଟଣାର ଭଗବାନ ନାୟକ ଧାତୁମୂର୍ତ୍ତି ତିଆରି କରିବାରେ ଧୁରନ୍ଧର ଥିଲେ। ସେ ସୁନା, ସୀସା, ଲୁହା, ରୁପା, ତମ୍ବା ଓ ଛଣା ପିତଳ ପାଇଁ କଂସା ୧୪ ଭରି ମିଶାଇ ମହାଭାସ୍କରଙ୍କର ବିଜେ ପ୍ରତିମା ତିଆରି କରିଥିଲେ। ସେ ଦୁଇଟି ବିଜେ ପ୍ରତିମା କରିଥିଲେ। ଗୋଟିଏ ଏକ ହାତ ସାତ ଆଙ୍ଗୁଳ, ଉପର ଲିଖିତ ଛ' ପ୍ରକାର ଧାତୁରେ। କଂସା ଓ ଲାଖରେ ଆଉ ଗୋଟିଏ ଏକହାତ ଏକ ଆଙ୍ଗୁଳ ଦୁଇପଳର ବିଜେ ପ୍ରତିମା ତିଆରି କରିଥିଲେ। ପ୍ରଥମ ପ୍ରତିମାଟିକୁ ଗଜପତିଙ୍କୁ ଦେଖାଇବାକୁ ଶିଳ୍ପୀ ପୁରସ୍ତମକୁ ଯାଇଥିଲେ। କୋଣାର୍କରେ ଏକ 'ଶାଳ' ନିର୍ମାଣ ହୋଇ ବିଜେ ପ୍ରତିମା ତିଆରି ହୋଇଥିଲେ।

- ଗଜପତି ଲାଙ୍ଗୁଳା ନରସିଂହ ଦେବଙ୍କ ଅ୧୫ଙ୍କରେ ମହାସମାରୋହରେ ପୁରୀରେ ସୁନିଆଁ ଉତ୍ସବ ପାଳନ କରାଯାଇଥିଲା।
- ପୂର୍ବରୁ ସୁନିଆଁରେ ଶ୍ରୀପଦ୍ମକେଶର ମନ୍ଦିର ନିର୍ମାଣ ସ୍ମୃତିରେ ସୂର୍ଯ୍ୟଚିହ୍ନ ଥିବା ସ୍ୱର୍ଣ୍ଣମାଢ଼ ମୁଦ୍ରା ପ୍ରଚଳନ କରାଯାଇଥିଲା।
- ଚଳିତ ସୁନିଆଁରେ ଗଜପତିଙ୍କ ଆଦେଶ ଅନୁଯାୟୀ ବଡ଼ମାଢ଼ ୧୦୫୮ଟି ସ୍ୱର୍ଣ୍ଣମୁଦ୍ରା ଓ ୨୧୪ଟି ଛୋଟମୁଦ୍ରା ଫେରସ୍ତ ଗଲା ଶ୍ରୀପୁରୁଷୋତ୍ତମ ରାଜକୋଷକୁ।
- ଫେରସ୍ତ ଦେଲେ ମୁଖ୍ୟ ହିସାବରକ୍ଷକ ବାୟାକରଣ ମହାଶୟ।
- ପୁରାତନ ସୂର୍ଯ୍ୟଚିହ୍ନ ମୁଦ୍ରା ଏକ ତୋଳା ସୁନାର ଚାରି ଭାଗରୁ ଭାଗେ ଥିଲା। ଅର୍ଥାତ୍ ଭରିଏ ସୁନାର ଚାରି ଭାଗରୁ ଭାଗେ।
- ଗଜପତି ଆଦେଶ ଦେଇଥିଲେ ସୂର୍ଯ୍ୟଚିହ୍ନ ସ୍ଥାନରେ ପଦ୍ମଚିହ୍ନ ରହିବ। ଏକ ଭରିରେ ୦୫ଟି ମୁଦ୍ରା ହେବ।
- ପୁରୁଷୋତ୍ତମ କୋଷାଗାରରେ ଥିବା ମୁଦ୍ରା ମହାଶ୍ରମ (ଗଜପତି)ଙ୍କ ବ୍ୟକ୍ତିଗତ କୋଷାଗାରକୁ ଯିବ।
- ମୁଦ୍ରାଶାଳରେ ତାହା ପରିବର୍ତ୍ତନ ହେବ।

ଗଜପତିଙ୍କ ଅ୧୮ଙ୍କ ସୁନିଆଁ ଉତ୍ସବ ସ୍ମରଣୀୟ ଥିଲା। ତା' ପୂର୍ବରୁ ଗଜପତି ଲାଙ୍ଗୁଳା ନରସିଂହ ଦେବ ଦିଗ୍‌ବିଜୟରୁ ଫେରିଥା'ନ୍ତି। ଗଦେଇ ମହାପାତ୍ର ସୁନିଆଁରେ ଉପହାର ଦେବା ପାଇଁ ଛୋଟିଆ ହାତୀ ମୂର୍ତ୍ତିଟିଏ ପଥରରେ ଗଢ଼ିଥିଲେ। ଉକ୍ତ ପଥର ନିର୍ମିତ ହାତୀମୂର୍ତ୍ତି ଗୋଟିଏ ହାତୀ ଉପରେ ଲଦା ହୋଇ ପୁରୀ ଆସିଥିଲା।

**ଉପସଂହାର :**

ଏଥିରୁ ଆମେ ଜାଣୁଛେ ଓଡ଼ିଶାରେ ସ୍ଥାପତ୍ୟ, ଭାସ୍କର୍ଯ୍ୟ ଓ କଳାକୃତିର ଯେଉଁ ମହନୀୟ କାର୍ଯ୍ୟ ହେଉଥିଲା, ସେଥିରେ ଗଜପତିମାନଙ୍କର ଇଚ୍ଛାଶକ୍ତି ସହିତ ପ୍ରତ୍ୟେକ ଓଡ଼ିଆର ସହଯୋଗ ମାନସିକତା ସାମିଲ ଥିଲା। କେବଳ ମଣିଷପଣିଆରେ ଏହା ସଫଳ ହେଉ ନ ଥିଲା। ଗୋଟିଏ ଆଶ୍ଚର୍ଯ୍ୟ କଳାପରି କୃତୀଟିଏ ନିର୍ମାଣ ପାଇଁ ଅନ୍ୟ ଗୋଟିଏ କୃତୀର ଭଣ୍ଡାର ବି ଉନ୍ମୁକ୍ତ ହେଉଥିଲା। ମନ୍ଦିର ବା ସେବକଙ୍କ ସେବା ପାଇଁ ମନ୍ଦିରର ଭଣ୍ଡାର ଯେତିକି ଉପଯୋଗୀ, ଜାତିର ଗୌରବ ବୃଦ୍ଧି ପାଇଁ ସେତିକି ଉପଯୋଗୀ ଥିଲା। ଜାତିର ସମ୍ମିଳିତ ପ୍ରୟାସରେ ଭଣ୍ଡାର ସମୃଦ୍ଧ ଥିଲା, ଏବେ ବି ହେଉଛି। ଜାତିର ସାମୂହିକ ଉତ୍ଥାନ ପାଇଁ ଗୋଟିଏ ସୁଦୃଢ଼ ସ୍ତମ୍ଭର ଭୂମିକାରେ ଭଣ୍ଡାରର ଗୁରୁତ୍ୱ ଥିଲା। ସେଥିପାଇଁ ଆମେ ଏ ଦିଗରେ ଉଦାହରଣ ସୃଷ୍ଟି କରିଥିଲେ।

## ଜନ୍ମଦିନର ଶୁଭେଚ୍ଛା

ନାମ: ..................................
ବୟସ:..................................
ଜନ୍ମ ତାରିଖ: ............................


ଟିତୁଲ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# ରାଜାୱତ୍‌ଙ୍କୁ ପ୍ରଥମ ୱାର୍ଲ୍ଡ ଟୁର୍ ଟାଇଟଲ

**ଓର୍ଲିନ୍ସ, ୯।୪(ପି.ଟି.)**

ଡେନ୍‌ମାର୍କର ମାଗ୍ନସ ଜୋହାନସେନଙ୍କ ବିପକ୍ଷ ଫାଇନାଲରେ ରୋମାଞ୍ଚକ ବିଜୟ ସହ ଭାରତର ପ୍ରିୟାଂଶୁ ରାଜାୱତ୍ ଏଠାରେ ଚାଲିଥିବା ଓର୍ଲିନ୍ସ ମାଷ୍ଟର୍ସ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ପୁରୁଷ ସିଙ୍ଗଲ୍ସ ଚାମ୍ପିୟନ ହୋଇଛନ୍ତି। ଏହା ହେଉଛି ତାଙ୍କର ପ୍ରଥମ ବିଡବ୍ଲ୍ୟୁଏଫ୍(ବ୍ୟାଡ୍‌ମିଣ୍ଟନ ୱାର୍ଲ୍ଡ ଫେଡେରେଶନ)ୱାର୍ଲ୍ଡ ଟୁର୍ ସୁପର ୩୦୦ ଟାଇଟଲ। ମଧ୍ୟପ୍ରଦେଶର ଏହି ୨୧ ବର୍ଷୀୟ ଖେଳାଳି ୨୦୨୨ରେ ଥୋମାସ୍ କପ୍ ଜିତି ଐତିହାସିକ ସଫଳତା ହାସଲ କରିଥିବା ଭାରତୀୟ ଦଳର ଜଣେ ସଦସ୍ୟ ଥିଲେ। ତେବେ ସେ ମାତ୍ର ଗୋଟିଏ ମ୍ୟାଚ୍ ଖେଳିଥିଲେ। ଏଠାରେ ସେ ଫାଇନାଲରେ ବିଶ୍ୱର ୪୯ ନମ୍ବର ମାନ୍ୟତାପ୍ରାପ୍ତ ଜୋହାନସେନଙ୍କୁ ୨୧-୧୫, ୧୯-୨୧-୨୧-୧୬ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ୍‌କୁ ସେ ୬୮ ମିନିଟ୍‌ରେ ଜିତି ତାଙ୍କ କ୍ୟାରିୟରର ସବୁଠାରୁ ବଡ଼ ଟାଇଟଲ ହାସଲ କରିଛନ୍ତି। ସୂଚନାଯୋଗ୍ୟ, ଏହି ଦୁଇ ଖେଳାଳି ଯୋଗ୍ୟତା ପର୍ଯ୍ୟାୟ ମାଧ୍ୟମରେ ଟୁର୍ନାମେଣ୍ଟରେ ଖେଳିବା ସୁଯୋଗ ପାଇଥିଲେ। ରାଜାୱତ୍ ୨୦୨୨ ଓଡ଼ିଶା ଓପନରେ ରନର-ଅପ୍ ଥିଲେ। ଭାରତୀୟ ବ୍ୟାଡ୍‌ମିଣ୍ଟନ ଆସୋସିଏଶନ(ବାଇ) ଟ୍ରାଏଲ୍ସ ଜିତି ସେ ଥୋମାସ୍ କପ୍ ଟିମ୍ ପାଇଁ ମନୋନୀତ ହୋଇଥିଲେ। ପରେ ସେ ରାୟପୁର ଇଣ୍ଟରନ୍ୟାଶନାଲ ଚ୍ୟାଲେଞ୍ଜ ଜିତିଥିଲେ। ଡିସେମ୍ବରରେ ବାଂଲାଦେଶ ଓପନରେ ସେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲେ।


ପୁରସ୍କାର ସହ ମାଗ୍ନସ ଜୋହାନସେନ ଓ ପ୍ରିୟାଂଶୁ ରାଜାୱତ୍।

## ଚହର, ଷ୍ଟୋକ୍ସ ଆହତ

**ମୁମ୍ବାଇ, ୯।୪ :** ଚେନ୍ନାଇ ସୁପର କିଙ୍ଗ୍ସ (ସିଏସ୍‌କେ) ତଥା ଭାରତୀୟ ସିମ୍ ବୋଲର ଦୀପକ ଚହରଙ୍କ ସ୍କାନ କରାଯିବ। ଶନିବାର ରାତିରେ ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ ଖେଳୁଥିବା ବେଳେ ତାଙ୍କର ହାମଷ୍ଟ୍ରିଙ୍ଗ ଇଞ୍ଜୁରୀ ହୋଇଛି। ୱାଙ୍ଖେଡେ ଷ୍ଟାଡିୟମରେ ମ୍ୟାଚ ଆରମ୍ଭରେ ଚହର ମାତ୍ର ଗୋଟିଏ ଓଭର ବୋଲିଂ କରିଥିଲେ। ପ୍ରାଥମିକ ଚିକିତ୍ସା ପରେ ସେ ପଡ଼ିଆ ଛାଡ଼ିଥିଲେ। ସେ ପରେ ଫିଲ୍ଡିଂ କରିବାକୁ ଆସି ନ ଥିଲେ। ଅନ୍ୟପକ୍ଷରେ ସିଏସ୍‌କେ ତରଫରୁ ପ୍ରଥମ ଦୁଇଟି ମ୍ୟାଚ ଖେଳିଥିବା ବେନ୍ ଷ୍ଟୋକ୍ସ ଶନିବାର ମୁମ୍ବାଇ ଇଣ୍ଡିଆନ୍ସ ବିପକ୍ଷ ମ୍ୟାଚ ଖେଳି ନ ଥିଲେ। ତାଙ୍କ ପାଦ ଆଙ୍ଗୁଠିରେ ଆଘାତ ଲାଗିଛି। ତାଙ୍କ ବାମ ଆଣ୍ଠୁରେ ମଧ୍ୟ ସମସ୍ୟା ରହିଛି। ତେଣୁ ସେ ଆଇପିଏଲ୍‌ରେ ସେ ପୂର୍ଣ୍ଣ ମାତ୍ରାରେ ବୋଲିଂ କରିପାରି ନାହାନ୍ତି। ଗତ ଡିସେମ୍ବରରେ ଅନୁଷ୍ଠିତ ନିଲାମରେ ଇଂଲଣ୍ଡର ଏହି ଅଲରାଉଣ୍ଡରଙ୍କୁ ୧୬.୫ କୋଟି ଟଙ୍କା ବିନିମୟରେ କ୍ରୟ କରିଥିଲା ସିଏସ୍‌କେ।

# ମେସିଙ୍କ ପ୍ରଦର୍ଶନରେ ପିଏସ୍‌ଜି ବିଜୟୀ


ଗୋଲ ଦେବାପରେ ଲିଓନେଲ ମେସି (ଡାହାଣ)।

**ପ୍ୟାରିସ୍, ୯।୪(ଏପି)**

ଫ୍ରେଞ୍ଚ ଲିଗ୍‌ରେ ଲିଓନେଲେ ମେସିଙ୍କ ଉନ୍ନତ ପ୍ରଦର୍ଶନ ବଳରେ ପ୍ୟାରିସ୍ ସେଣ୍ଟ ଜର୍ମେନ୍(ପିଏସ୍‌ଜି)୨-୦ ଗୋଲ୍‌ରେ ନାଇସ୍ ଦଳକୁ ପରାସ୍ତ କରିଛି। ଫଳରେ ଦଳ ୬ ପଏଣ୍ଟ ସହ ପଏଣ୍ଟ ଟେବୁଲ ଶୀର୍ଷରେ ରହିଛି। ପ୍ରଥମେ ଖେଳର ୨୬ତମ ମିନିଟ୍‌ରେ ଲେଫ୍ଟ ବ୍ୟାକ୍ ନୁନୋ ମେଣ୍ଡିସ୍‌ଙ୍କ କ୍ରସ୍‌କୁ ଗୋଲ୍‌ରେ ପରିଣତ କରିଥିଲେ ଆର୍ଜେଣ୍ଟିନାର ଏହି ବିଶ୍ୱକପ୍ ବିଜୟୀ ଷ୍ଟାର ଖେଳାଳି। ପରେ ୭୬ତମ ମିନିଟ୍‌ରେ ବାମପାର୍ଶ୍ୱରୁ ମେସିଙ୍କ କର୍ନରକୁ ହେଡର ଜରିଆରେ ଗୋଲ୍ ସ୍କୋର କରିବାରେ ସଫଳ ହୋଇଥିଲେ ଭେଟେରାନ ଡିଫେଣ୍ଡର ସର୍ଗିଓ ରାମୋସ। ନାଇସ୍ ଏହି ଗେମ୍ ପୂର୍ବରୁ ଓଭରାଲ୍ କ୍ରମାଗତ ୧୪ଟି ମ୍ୟାଚ୍‌ରେ ଅପରାଜେୟ ରହିଥିଲା। ସୂଚନାଯୋଗ୍ୟ, ଗତ ସପ୍ତାହରେ ଘରୋଇ ପଡ଼ିଆରେ ଲିଅନ୍‌ଠାରୁ ପରାଜୟ ପରେ ପିଏସ୍‌ଜିର କିଛି ସମର୍ଥକ ମେସିଙ୍କୁ ସମାଲୋଚନା କରିଥିଲେ। ଏଥିଯୋଗୁ ସେ ଚଳିତ ଗ୍ରୀଷ୍ମଋତୁରେ ଦଳ ଛାଡ଼ିପାରନ୍ତି ବୋଲି କଳ୍ପନାଜଳ୍ପନା ପ୍ରକାଶ ପାଇଥିଲା।

# ଦୁର୍ଘଟଣାରେ ସାଇକ୍ଲିଷ୍ଟ ବୟେଜଙ୍କ ମୃତ୍ୟୁ

**ସାନ୍ ଫ୍ରାନ୍‌ସିସ୍କୋ, ୯।୪(ଏପି)**

ସାନ୍ ଫ୍ରାନ୍‌ସିସ୍କୋସ୍ଥିତ ନ୍ୟାଶନାଲ ପାର୍କ ନିକଟରେ ଏକ କାର୍ ଧକ୍କାରେ ବହୁ ପୁରସ୍କାର ବିଜୟୀ ସାଇକ୍ଲିଷ୍ଟ ଇଥାନ ବୟେଜଙ୍କ ମୃତ୍ୟୁ ଘଟିଛି। ତାଙ୍କୁ ୪୪ ବର୍ଷ ବୟସ ହୋଇଥିଲା। ମଙ୍ଗଳବାର ସେ ତାଙ୍କ ବାଇକ୍‌ରେ ଯାଉଥିବା ବେଳେ ଦୁର୍ଘଟଣା ଘଟିଥିଲା। ଚିକିତ୍ସା ପାଇଁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ ମୃତ ଘୋଷଣା କରାଯାଇଥିଲା। ବୟେଜ ତାଙ୍କ କ୍ୟାରିୟରରେ ଅନେକ ସଫଳତା ହାସଲ କରିଛନ୍ତି। ୨୦୧୫ରେ ସେ ଏକ ବୟସ ବର୍ଗ ୧,୦୦୦ ମିଟର ଟାଇମ୍ ଟ୍ରାଏଲ୍‌ରେ ରେକର୍ଡ କରିଥିଲେ। ସେ ମଧ୍ୟ ୧୦ଥର ଜାତୀୟ ଚାମ୍ପିୟନ ଥିଲେ। ତାଙ୍କ ଦେହାନ୍ତରେ ଆମେରିକାନ୍ ଟ୍ରାକ୍ ସାଇକ୍ଲିଂ କମ୍ୟୁନିଟି ଗଭୀର ଶୋକ ପ୍ରକାଶ କରିଛି। ଦୁର୍ଘଟଣା ସମ୍ପର୍କରେ ୟୁଏସ୍ ପାର୍କ ପୋଲିସ ବିଶେଷ କିଛି ସୂଚନା ଦେଇନାହିଁ।


ଇଥାନ ବୟେଜ

# ବିଜୟପଥକୁ ଫେରିବା ଲକ୍ଷ୍ୟରେ ଆର୍‌ସିବି

**ବେଙ୍ଗାଲୁରୁ, ୯।୪(ପି.ଟି.)**

ଇଣ୍ଡିଆନ ପ୍ରିମିୟର ଲିଗ୍ (ଆଇପିଏଲ୍)ରେ ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର (ଆରସିବି) ସୋମବାର ଲକ୍ଷ୍ନୌ ସୁପର ଜାଏଣ୍ଟ୍ସକୁ ଭେଟିବ। ଏଥିରେ ଦଳ ବ୍ୟାଟରମାନଙ୍କଠାରୁ ଅଧିକ ରନ ଏବଂ ଡେଥ୍ ଓଭରଗୁଡ଼ିକରେ ଶୃଙ୍ଖଳିତ ବୋଲିଂ ଆଶା କରିବ। ଆରସିବି ଏହି ମ୍ୟାଚ ପୂର୍ବରୁ କୋଲକାତା ନାଇଟ ରାଇଡର୍ସ (କେକେଆର)ଠାରୁ ନୈରାଶ୍ୟଜନକ ୮୧ ରନରେ ପରାଜିତ ହୋଇଛି। ଏମ୍. ଚିନ୍ନାସ୍ୱାମୀ ଷ୍ଟାଡିୟମରେ ଦଳ ବିଜୟ ପଥକୁ ଫେରିବାକୁ ଚେଷ୍ଟା କରିବ। ଆରସିବିର ଡେଥ୍ ବୋଲିଂ ଦଳ ପାଇଁ ବଡ଼ ଚିନ୍ତାର ବିଷୟ ହୋଇଛି। କେକେଆର୍ ବିପକ୍ଷ ମ୍ୟାଚର ଏକ ମୁହୂର୍ତ୍ତରେ ସିଜନର ଦ୍ୱିତୀୟ ବିଜୟ ହାସଲ କରିବ ବୋଲି ମନେ କରୁଥିଲା ଆର୍‌ସିବି। ସେତେବେଳେ ବିପକ୍ଷ ଦଳର ୧୨ତମ ଓଭରରେ ୫ଉଇକେଟରେ ୮୯ ରନ କରି ସଙ୍କଟରେ ପଡ଼ିଥିଲା। ମାତ୍ର ପରେ କେକେଆର ଦୃଢ଼ ପ୍ରତ୍ୟାବର୍ତ୍ତନ କରି ୨୦୪/୭ ସ୍କୋର କରିବାରେ ସମର୍ଥ ହୋଇଥିଲା। ଫଳତଃ ଆରସିବିକୁ ୮୧ରନରେ ପରାସ୍ତ ହେବାକୁ ପଡ଼ିଥିଲା। ଏହାପୂର୍ବରୁ ମୁମ୍ବାଇ ବିପକ୍ଷ ମ୍ୟାଚକୁ ଦଳ ୮ଉଇକେଟରେ ଜିତିଥିଲା। ଏହି ମ୍ୟାଚରେ ଡେଥ୍ ଓଭର ସ୍ପେଶାଲିଷ୍ଟ ହର୍ଶଲ ପଟେଲ ଓ ମହମ୍ମଦ ସିରାଜ ନୂଆ ବଲ୍‌ରେ ଭଲ ବୋଲିଂ କରିଥିଲେ ମଧ୍ୟ ଶେଷ ପର୍ଯ୍ୟାୟରେ ସେମାନେ ସଂଘର୍ଷ କରିଥିଲେ। ନ୍ୟାଶନାଲ ଡ୍ୟୁଟି ପାଇଁ ୱାନିନ୍ଦୁ ହସରଙ୍ଗା ଅନୁପସ୍ଥିତ ଅଛନ୍ତି। ଗୋଇଠିରେ ଆଘାତପ୍ରାପ୍ତ ଥିବା ଜୋସ୍ ହାଜେଲଉଡ୍ କ୍ରମେ ଫିଟ୍ ହେଉଛନ୍ତି। ଚଳିତ ସପ୍ତାହରେ ଉଭୟେ ଦଳର ଯୋଗଦେବା ପରେ ଆରସିବିର ଡେଥ୍ ଓଭର ବୋଲିଂ ସମସ୍ୟା ଦୂରୀଭୁତ ହୋଇପାରେ। କିନ୍ତୁ ସେମାନେ ଫେରିବା ପର୍ଯ୍ୟନ୍ତ ରିସି ଟପ୍‌ଲେଙ୍କ ସ୍ଥାନରେ ଦଳରେ ସାମିଲ ହୋଇଥିବା ଦକ୍ଷିଣ ଆଫ୍ରିକୀୟ ମିଡିୟମ ପେସ୍ ବୋଲର ୱେନ୍ ପାର୍ନେଲ ସହାୟକ ହୋଇପାରନ୍ତି। ଆରସିବିର ବ୍ୟାଟିଂ ଲାଇନ୍ ଅପ୍ ଖୁବ୍ ଶକ୍ତିଶାଳୀ। ମୁମ୍ବାଇ ବିପକ୍ଷ ବିଜୟରେ ଓପନର ବିରାଟ କୋହଲି ଓ ଫାଫ୍ ଡୁପ୍ଲେସିଙ୍କର ବିଶେଷ ଭୂମିକା ରହିଥିଲା। ମାତ୍ର କେକେଆର ସ୍ପିନରଙ୍କ ଆଗରେ ଦଳର ବ୍ୟାଟିଂ ଲାଇନ୍ ଅପ୍ ଭୁଶୁଡ଼ି ପଡ଼ିଥିଲା। ସୋମବାର ଖେଳାଯିବାକୁଥିବା ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ ସ୍ପିନର ମାନଙ୍କୁ ସାମ୍ନା କରିବା ଦଳ ପାଇଁ ଏକ ଚ୍ୟାଲେଞ୍ଜ ହେବ। ଲକ୍ଷ୍ନୌ ଇତିମଧ୍ୟରେ ଦୁଇଟି ମ୍ୟାଚ ଜିତିସାରିଥିବା ବେଳେ ଗୋଟିଏ ପରାଜୟ ବରଣ କରିଛି। ଦଳ ଯୁବ୍ ଲେଗ୍ ସ୍ପିନର ରବି ବିଷ୍ଣୋଇ ପ୍ରଭାବୀ ପ୍ରଦର୍ଶନ ଜାରି ରଖି ୬ ଉଇକେଟ ନେଇସାରିଲେଣି। ଭେଟେରାନ ଲେଗ୍ ସ୍ପିନର ଅମିତ ମିଶ୍ର ଓ କ୍ରୁନାଲ ପାଣ୍ଡ୍ୟା ମଧ୍ୟ ଉତ୍ତମ ପ୍ରଦର୍ଶନ କରୁଛନ୍ତି। ପେସ୍ ବିଭାଗରେ ଇଂଲଣ୍ଡ ଫାଷ୍ଟ ବୋଲର ମାର୍କ ଉଡ୍ ରହିଛନ୍ତି, ଯଏକି ବର୍ତ୍ତମାନ ଟୁର୍ନାମେଣ୍ଟର ମିଳିତ ଅଗ୍ରଣୀ ଉଇକେଟ ହାସଲକାରୀ ବୋଲର ଅଛନ୍ତି। ତାଙ୍କ ସହ ମିଡିୟମ ପେସ୍‌ର ଆଭେଷ ଖାନ୍ ରହିଛନ୍ତି। ବ୍ୟାଟିଂରେ ଦଳର କାଇଲ ମେୟର୍ସ ପ୍ରଭାବୀ ରହିଛନ୍ତି। ତେବେ ଅଧିନାୟକ କେ.ଏଲ୍ ରାହୁଲ ଓ ଅଲରାଉଣ୍ଡର ମାର୍କସ ଷ୍ଟୋଇନିସ୍‌ଙ୍କ ଫର୍ମକୁ ଦଳ ଚିନ୍ତିତ।


ଫାଫ୍ ଡୁ'ପ୍ଲେସି


ଲୋକେଶ ରାହୁଲ

### ହେଡ୍ ଟୁ ହେଡ୍

ମୋଟ ମ୍ୟାଚ୍: ୨
ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ବିଜୟୀ: ୨
ଗୁଜରାଟ ଟାଇଟାନ୍ସ ବିଜୟୀ: ୦

**ଷ୍ଟାଟିଷ୍ଟିକ୍ସ**

ଆର୍‌ସିବି ସର୍ବାଧିକ ସ୍କୋର: ୨୦୭
ଗୁଜରାଟ ସର୍ବାଧିକ ସ୍କୋର: ୧୯୩
ଆର୍‌ସିବି ସର୍ବନିମ୍ନ ସ୍କୋର: ୧୮୧
ଗୁଜରାଟ ସର୍ବନିମ୍ନ ସ୍କୋର: ୧୬୩
ସର୍ବାଧିକ ରନ୍: ରଜତ ପଟିଦାର (ଆର୍‌ସିବି)-୧୧୨
ସର୍ବାଧିକ ଷ୍ଟ୍ରାଇକ୍ ହାର: ରଜତ ପଟିଦାର (ଆର୍‌ସିବି)-୨୦୭.୪୦
ଶ୍ରେଷ୍ଠ ଆଭରେଜ୍: ଲୋକେଶ ରାହୁଲ (ଲକ୍ଷ୍ନୌ)-୫୪.୫୦
ସର୍ବାଧିକ ଉଇକେଟ: ଜୋଶ୍ ହାଜେଲଉଡ୍ (ଆର୍‌ସିବି)-୭
ଶ୍ରେଷ୍ଠ ବୋଲିଂ: ଜୋଶ୍ ହାଜେଲଉଡ୍ (ଆର୍‌ସିବି)-୪/୨୫
ଶ୍ରେଷ୍ଠ ଇକୋନୋମି: ଗ୍ଲେନ୍ ମ୍ୟାକ୍ସୱେଲ (ଆର୍‌ସିବି)-୫.୫୦

# ସାହାଣୀ କପ୍ ଫୁଟ୍‌ବଲରେ ୩୦ ଦଳ

**ଭୁବନେଶ୍ୱର, ୯।୪ (କ୍ରୀଡ଼ା ପ୍ରତିନିଧି)**

- ଏପ୍ରିଲ ୨୩ରୁ ମେ' ୧୪ ପର୍ଯ୍ୟନ୍ତ ଚାଲିବ ପ୍ରତିଯୋଗିତା
- ୮ ଗ୍ରୁପ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ଖେଳିବେ

ରାଜ୍ୟର ଅନ୍ୟତମ ମର୍ଯ୍ୟାଦାଜନକ ଫୁଟ୍‌ବଲ ଟୁର୍ନାମେଣ୍ଟ ସାହାଣୀ କପ୍ ଆନ୍ତଃ ଜିଲା ଫୁଟ୍‌ବଲ(ପୁରୁଷ) ଟୁର୍ନାମେଣ୍ଟ ଚଳିତ ମାସ ୨୩ ତାରିଖରୁ ଆରମ୍ଭ ହେବ। ମ୍ୟାଚ୍‌ଗୁଡ଼ିକ କଟକର ୪ ଗ୍ରାଉଣ୍ଡ ସତ୍ୟବ୍ରତ ଷ୍ଟାଡିୟମ, ଏନ୍‌ଆର୍‌ଆର୍‌ଆଇ ଗ୍ରାଉଣ୍ଡ, ଓଟିଏମ୍ ଗ୍ରାଉଣ୍ଡ ଚୌଦ୍ୱାର ଓ ବିଡ଼ାନାସୀ ପଡ଼ିଆରେ ଖେଳାଯିବ। ପ୍ରତିଯୋଗିତାରେ ମୋଟ ୩୦ଟି ଦଳ ଅଂଶଗ୍ରହଣ କରିବେ। ଦଳଗୁଡ଼ିକୁ ୮ଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ୬ଟି ଗ୍ରୁପ୍‌ରେ ୪ଟି ଲେଖାଏ ଏବଂ ୨ ଗ୍ରୁପ୍‌ରେ ୩ଟି ଲେଖାଏ ଦଳ ସ୍ଥାନ ପାଇଛନ୍ତି। ଗ୍ରୁପ୍ ମ୍ୟାଚ୍‌ଗୁଡ଼ିକ ସିଙ୍ଗଲ୍ ଲେଗ୍ ଲିଗ୍ ଫର୍ମାଟ୍‌ରେ ଅନୁଷ୍ଠିତ ହେବ। ପ୍ରତି ଗ୍ରୁପ୍‌ର ଶ୍ରେଷ୍ଠ ଦଳ କ୍ୱାର୍ଟର ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିବ। କ୍ୱାର୍ଟର ଫାଇନାଲର ୮ ଦଳକୁ ୨ଟି ଗ୍ରୁପ୍‌ରେ ବିଭକ୍ତ କରାଯିବ। ଦଳଗୁଡ଼ିକ ଲିଗ୍ ଫର୍ମାଟ୍‌ରେ ଖେଳିବାପରେ ଶ୍ରେଷ୍ଠ ୪ ଦଳ ସେମିଫାଇନାଲରେ ପ୍ରବେଶ କରିବେ। ଲିଗ୍ ମ୍ୟାଚ୍‌ଗୁଡ଼ିକ ଅପରାହ୍ନ ୩ଟାରେ ଆରମ୍ଭ ହେବ। ୨୩ ତାରିଖରେ ୪ଟି ମ୍ୟାଚ୍ ଅନୁଷ୍ଠିତ ହେବ। ଏହି ମ୍ୟାଚ୍ ଅବସରରେ ସୁନ୍ଦରଗଡ଼-ନୟାଗଡ଼, ଭୁବନେଶ୍ୱର-ପୁରୀ, ବାଲେଶ୍ୱର-ଜଗତ୍‌ସିଂହପୁର ଓ ଅନୁଗୋଳ-ବୌଦ୍ଧ ପରସ୍ପରକୁ ଭେଟିବେ।

**ଟୁର୍ନାମେଣ୍ଟ ଗ୍ରୁପିଂ**

ଗ୍ରୁପ୍ 'ଏ': ସୁନ୍ଦରଗଡ଼, ଭୁବନେଶ୍ୱର, ନୟାଗଡ଼, ପୁରୀ।
ଗ୍ରୁପ୍ 'ବି': ବରଗଡ଼, କୋରାପୁଟ, ଗଞ୍ଜାମ।
ଗ୍ରୁପ୍ 'ସି': ଅନୁଗୋଳ, ବୌଦ୍ଧ, ଜଗତ୍‌ସିଂହପୁର, ବାଲେଶ୍ୱର।
ଗ୍ରୁପ୍ 'ଡି': ବଲାଙ୍ଗୀର, ଝାରସୁଗୁଡ଼ା, ମୟୂରଭଞ୍ଜ, ପାରାଦୀପ ପୋର୍ଟ ଟ୍ରଷ୍ଟ।
ଗ୍ରୁପ୍ 'ଇ': କଟକ, କେନ୍ଦୁଝର, ଦେବଗଡ଼।
ଗ୍ରୁପ୍ 'ଏଫ୍': କନ୍ଧମାଳ, ଭଦ୍ରକ, ଢେଙ୍କାନାଳ, କେନ୍ଦ୍ରାପଡ଼ା।
ଗ୍ରୁପ୍ 'ଜି': ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ, ସୁବର୍ଣ୍ଣପୁର, ଯାଜପୁର, ନବରଙ୍ଗପୁର।
ଗ୍ରୁପ୍ 'ଏଚ୍': ସମ୍ବଲପୁର, କଳାହାଣ୍ଡି, ଖୋର୍ଦ୍ଧା, ନୂଆପଡ଼ା।

# ଆଇଏମ୍‌ଙ୍କ ସହ ଡ୍ର ରଖିଲେ ୧୨ ବର୍ଷୀୟ ଇଶାନ

**ମୁମ୍ବାଇ, ୯।୪(ପି.ଟି.)**

ସର୍ବଭାରତୀୟ ଫିଡେ ରେଟିଂ ଚେସ୍ ଟୁର୍ନାମେଣ୍ଟର ରାଉଣ୍ଡ-୩ରେ ଏକ ବଡ଼ ବିପର୍ଯ୍ୟୟ ସୃଷ୍ଟି କରିଛନ୍ତି ୧୨ ବର୍ଷୀୟ ଇଶାନ ତେନ୍ଦୋଲକର। ଟପ୍ ସିଡ୍ ତଥା ଇଣ୍ଟରନ୍ୟାଶନାଲ ମାଷ୍ଟର ବିକ୍ରମାଦିତ୍ୟ କୁଲକର୍ଣ୍ଣୀଙ୍କ ବିପକ୍ଷ ଗେମ୍ ସେ ଡ୍ର' ରଖିବାରେ ସମର୍ଥ ହୋଇଛନ୍ତି। ଦୁହିଁଙ୍କ ମଧ୍ୟରେ ୯୬ ମୁଭ୍ ଖେଳ ହୋଇଥିଲା। ଇଣ୍ଡିଆ ଚେସ୍ ସ୍କୁଲ୍ ଆନୁକୂଲ୍ୟରେ ଅନୁଷ୍ଠିତ ହେଉଥିବା ୩.୦୦ ଲକ୍ଷ ଟଙ୍କା ପୁରସ୍କାର ରାଶିବିଶିଷ୍ଟ ଏହି ଟୁର୍ନାମେଣ୍ଟର ଆହୁରି ୬ ରାଉଣ୍ଡ ଖେଳ ବାକି ରହିଛି। ଦ୍ୱିତୀୟ ସିଡ୍ ସୌରଭ ଖେର୍ଡେକର(ଏଲୋ ରେଟିଂ ପଏଣ୍ଟ ୨୦୯୦), ତୃତୀୟ ସିଡ୍ ରାଘବ(୨୦୬୬), ଚତୁର୍ଥ ସିଡ୍ ଅର୍ନବ ଖେର୍ଡେକର(୧୭୨୨), ୬ଷ୍ଠ ସିଡ୍ ଗୁରୁପ୍ରକାଶ(୧୬୯୧) ଏବଂ ୭ମ ସିଡ୍ ୟୋହାନ ବୋରିଚା(୧୬୩୯) ପ୍ରମୁଖ ସେମାନଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ବିପକ୍ଷରେ ବିଜୟ ହାସଲ କରିଛନ୍ତି।


ଇଶାନ ତେନ୍ଦୋଲକର


## Classified Everyday 0674-2580101, 2549949



REAL ESTATE
SALE

କଟକ-ଭୁବନେଶ୍ୱର ମଧ୍ୟଭାଗରେ ନିର୍ମିତ Grandbazar ସମ୍ମୁଖରୁ walkable ଦୂରତାରେ ଘର ଉପଯୋଗୀ plot କିଣନ୍ତୁ ଓ ଗୃହନିର୍ମାଣ କରନ୍ତୁ। 8249310759. D-74841

ଜଟଣୀ NISER (Tahasil Chhak) ସାମ୍ନାରେ ଘରବାରି, yellowzone, 30ft. road ଏବଂ boundarywall ସ୍ଥିତିବାନ୍ plot କିଣି ଘର କରନ୍ତୁ। Contact: 9938066403, 9438315973. D-2998

ନଖରା ହଂସପାଳ, ରଙ୍ଗବଜାର, ପିପିଲି, ଇଲେକ୍ଟ୍ରି ଥାଇ ବାଉଣ୍ଡାରି ପ୍ଲଟ୍ ବିକ୍ରିହେବ। 9438299931. D-3128

Xavier ୟୁନିଭରସିଟିରୁ ୪ କି.ମି. (ପିପିଲି-ଜଟଣୀ ରୋଡ୍‌ରେ) ବର୍ଗଫୁଟକୁ- 800/-, 550/-ରେ ପ୍ଲଟ୍ କିଣି ଘର କରନ୍ତୁ। 9938016295. D-74838

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1200sqft.- 3,60,000/-, ଛତାବର 1200sqft.- 3,00,000/-, ନଖରା 300/-, 6371569855. D-74837




ଘର ଭଡା ଦିଆଯିବ ବଡଶଂଖ ନିକଟ ବାଘ ଆଖଡା ଲେନ୍‌ରେ। ୨ୟ ମହଲାରେ ୩ଟି ଘର ଖାଲିଅଛି, ଭଡା ନେବାକୁ ଇଚ୍ଛୁକ ବ୍ୟକ୍ତି ନିମ୍ନ phoneରେ ଯୋଗାଯୋଗ କରନ୍ତୁ। Mob- 9040533062, 9437523421. D-0066

2 Rooms,kitchen, toilet, Dinings pace Ground floor opposite hotel Presidency, Nayapalli 7077754377. D-74840




Newly open health benefits SPA special Offer @ 799, Jaydev Vihar. 8018429809. D-73697

Relax, Refresh your body, Mind at Saikrupa Spa with best therapies. 8984068077. D-0034

Newly open Spa Positively health benefit with expert. Contact- 7749976301 D-74532

Asribada Panchakarma Herbal SPA, Kesarimall, Bhubaneswar. Contact: 8926173473. D-74669

All types of professional body massage by professional therapy. Contact: 9556924059, 7077933109. D-0046

ଧରିତ୍ରୀ DHARITRI
Scan & Pay
ଧରିତ୍ରୀ କ୍ଲାସିଫାଏଡ୍ ବିଜ୍ଞାପନ ବାବଦୀୟ ଦେୟକୁ ନିମ୍ନପ୍ରଦତ୍ତ QR Code ସ୍କାନ୍ କରି ଯେକୌଣସି UPI App ମାଧ୍ୟମରେ ସହଜରେ ପୈଠ କରନ୍ତୁ।
BHIM UPI
ଦେୟ ପୈଠ ହେଲାପରେ ରସିଦ୍‌ର Screenshotକୁ classifieddharitri@gmail.com ରେ ଇମେଲ୍ କରନ୍ତୁ।

AFFIDAVIT
By virtue of an affidavit sworn before the Executive Magistrate, Khurda I have Changed My name From "SUMITRA PARIDA" to "SUMITRA PANDA" after Marriage. Henceforth, I shall be known as "SUMITRA PANDA" for all purpose. SUMITRA PANDA. D-0064

By virtue an affidavit before Executive Magistrate, BBSR, my wife name have changed Banishree Pattnaik to Banishree Mahapatra. Henceforth she shall be known as Banishree Mahapatra for all purposes. D-0062

ପାଠକଙ୍କ ପାଇଁ ସୂଚନା
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଉତ୍ତମ ସ୍ୱାସ୍ଥ୍ୟ ଓ ମସଲା



ଡା. ବସନ୍ତ କୁମାର ଷଡ଼ଙ୍ଗୀ

"ଖାଦ୍ୟ ନିମନ୍ତେ ବ୍ୟବହୃତ ମସଲା ସାମଗ୍ରୀ ପାଇଁ ଉପଯୋଗ ହେଉଥିବା ପ୍ରତ୍ୟେକ ଦ୍ରବ୍ୟରେ ଭିନ୍ନ ଭିନ୍ନ ଭିଟାମିନ ଏବଂ ଔଷଧୀୟ ଗୁଣ ଭରିରହିଛି। ଏହା ନୀରୋଗ ତଥା ଦୀର୍ଘଦିନ ବଞ୍ଚିରହିବାରେ ସାହାଯ୍ୟ କରିଥାଏ। ଉକ୍ତ ମସଲା ଦ୍ରବ୍ୟଗୁଡ଼ିକରେ କ୍ୟାଲସିୟମ, ମ୍ୟାଗ୍ନେସିୟମ, ଆଇରନ ରହିଥାଏ; ଯାହାକି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ । ଏଥିସହ ଏପରି କିଛି ମସଲା ଦ୍ରବ୍ୟ ରହିଛି, ଯାହାକି ଆମ ଶରୀରକୁ ଫିଟ୍ ରଖିବା ସହ ସୌନ୍ଦର୍ଯ୍ୟ, ଶାରୀରିକ ଗଠନ ତଥା ବୟସ ଅନୁଯାୟୀ ଓଜନକୁ ସନ୍ତୁଳିତ ରଖିଥାଏ।"



ବିଭିନ୍ନ ଦେଶରେ ଦୈନନ୍ଦିନ ଖାଦ୍ୟ ନିମନ୍ତେ ବ୍ୟବହୃତ ଚାଉଳ, ଅଟା, ମଇଦା, ଡାଲି,ବିଭିନ୍ନ ପନିପରିବା କେତେ ସ୍ୱାସ୍ଥ୍ୟୋପଯୋଗୀ ତାହା କହିବା ଅନାବଶ୍ୟକ। କିନ୍ତୁ ଖାଦ୍ୟ ପ୍ରସ୍ତୁତ ଲାଗି ବ୍ୟବହାର କରାଯାଉଥିବା ମସଲା ମଧ୍ୟ ସୁସ୍ଥ ତଥା ନୀରୋଗ ଶରୀର ପାଇଁ ଦରକାର। ଜିରା, ଧନିଆ, ମେଥି, ପାନମହୁରି, ସୋରିଷ, ଜୁଆଣି, ଅଦା, ରସୁଣ, ଅଳେଇଚ, ତେଜପତ୍ର, ହଳଦୀ, କସ୍ତୁରୀ ମେଥି, ଡାଲଚିନି, ଅନାସି ଫୁଲ, ଗୋଲମରିଚ,ଶୁଣ୍ଠି ପିପ୍ପଳୀ, ପୋସ୍ତ, ଲଙ୍କା ଆଦି ମସଲା ପ୍ରସ୍ତୁତି ପାଇଁ କିମ୍ବା ବେଳେ ବେଳେ ଉକ୍ତ ଦ୍ରବ୍ୟଗୁଡିକ ବିଭିନ୍ନ ଖାଦ୍ୟ ପଦାର୍ଥରେ ବ୍ୟବହାର କରାଯାଇଥାଏ। କାରଣ ସେଗୁଡିକ ଖାଦ୍ୟର ଗୁଣବତ୍ତା ବଢ଼ାଇବା ସହ ତାହାକୁ ସୁସ୍ୱାଦୁ, ଉତ୍ତମ ବାସ୍ନାଯୁକ୍ତ କରିଥାଏ। ଉକ୍ତ ମସଲା ଦ୍ରବ୍ୟଗୁଡିକରେ ଅନେକ ପ୍ରକାର ଔଷଧୀୟ ଗୁଣ ଭରି ରହିଛି ଯାହା ସ୍ୱାସ୍ଥ୍ୟ ପାଇଁ ବେଶ୍ ଉପଯୋଗୀ। ତା'ସହ ଏହା ମଧ୍ୟ ଦୀର୍ଘାୟୁ ସ୍ୱାସ୍ଥ୍ୟ ପାଇଁ ସହାୟକ ହୋଇଥାଏ। ଏଗୁଡିକ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଖାଦ୍ୟ ନିମନ୍ତେ ବ୍ୟବହୃତ ମସଲା ସାମଗ୍ରୀ ପାଇଁ ଉପଯୋଗ ହେଉଥିବା ପ୍ରତ୍ୟେକ ଦ୍ରବ୍ୟରେ ଭିନ୍ନ ଭିନ୍ନ ଭିଟାମିନ ଏବଂ ଔଷଧୀୟ ଗୁଣ ଭରି ରହିଛି। ଏହା ନୀରୋଗ ତଥା ଦୀର୍ଘଦିନ ବଞ୍ଚିରହିବାରେ ସାହାଯ୍ୟ କରିଥାଏ। ଉକ୍ତ ମସଲା ଦ୍ରବ୍ୟ ଗୁଡିକରେ କ୍ୟାଲସିୟମ, ମ୍ୟାଗ୍ନେସିୟମ,ଆଇରନ ରହିଥାଏ ଯାହାକି ଶରୀରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି କରାଇବାରେ ସାହାଯ୍ୟ କରିଥାଏ। ଏହା ସହ ଏପରି କିଛି ମସଲା ଦ୍ରବ୍ୟ ରହିଛି ଯାହାକି ଆମ ଶରୀରକୁ ଫିଟ୍ ରଖିବା ସହ ଶାରୀରିକ ଗଠନ ତଥା ବୟସ ଅନୁଯାୟୀ ଓଜନକୁ ସନ୍ତୁଳିତ ରଖିଥାଏ। ଏସବୁ ବିଷୟରେ ଭାରତୀୟ ପାରମ୍ପରିକ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ବିଶଦ ଭାବେ ବର୍ଣ୍ଣନା କରାଯାଇଛି।



**ଜିରା:** ଦୈନନ୍ଦିନ ପ୍ରସ୍ତୁତ କରାଯାଉଥିବା ତରକାରିରେ ବ୍ୟବହୃତ ହେଉଥିବା ମସଲା ଦ୍ରବ୍ୟ ମଧ୍ୟରେ ଜିରା ଏକ ପ୍ରମୁଖ ବ୍ୟବହାର ଉପଯୋଗୀ ତଥା ଔଷଧୀୟ ଗୁଣସମ୍ପନ୍ନ ଦ୍ରବ୍ୟ। ଏହା ଜିରାରାଇସ, ଡାଲି, ସନ୍ତୁଳା ଆଦିରେ ଫୁଟଣ ରୂପେ ବ୍ୟବହାର କରଯାଇଥାଏ। ଏହା ଖାଦ୍ୟର ଗୁଣବତ୍ତା, ବାସ୍ନା, ଖାଦ୍ୟର ସ୍ୱାଦ ବଢ଼ାଇବା ସହ ହଜମଶକ୍ତିକୁ ବୃଦ୍ଧି କରିଥାଏ। ଜିରା ମଧ୍ୟ ପାକସ୍ଥଳୀ ଏବଂ ପାଚନ ତନ୍ତ୍ରକୁ ଠିକ୍ ରଖିବାରେ ସହାୟକ ହୋଇଥାଏ। ଜିରାକୁ ଖାଦ୍ୟ ଖାଇସାରିବା ପରେ ଚୋବାଇ ଖାଇବା ଦ୍ୱାରା ଗରିଷ୍ଠ ଖାଦ୍ୟ ହଜମ ହେବା ସହ ଶରୀରର ଓଜନକୁ କେତେକାଂଶରେ ସନ୍ତୁଳିତ ରଖିଥାଏ।

**ଜୁଆଣି:** ବିଭିନ୍ନ ମସଲା ପ୍ରସ୍ତୁତିରେ ଏହାକୁ ବ୍ୟବହାର କରାଯାଇଥାଏ। ତା' ସହ ଏଥିରେ ଔଷଧୀୟ ଗୁଣ ମଧ୍ୟ ଭରିରହିଛି। ଏହାକୁ କଞ୍ଚା ଚୋବାଇ ଖାଇବା କିମ୍ବା ପାଣିରେ ବତୁରାଇ ଉକ୍ତ ପାଣିକୁ ସେବନ କରିବା ଦ୍ୱାରା ବିଭିନ୍ନ ପ୍ରକାର ପେଟ ସମସ୍ୟା ଦୂର ହୋଇଥାଏ।

**ମେଥି:** ମେଥି ମସଲା ପ୍ରସ୍ତୁତିରେ ଏକ ପ୍ରମୁଖ ଦ୍ରବ୍ୟ। ଏହା ଶରୀର ନିମନ୍ତେ ଅମୃତ ତୁଲ୍ୟ। ମେଥିକୁ ଉଷୁମ ପାଣିରେ ୨-୩ ଘଣ୍ଟା ବତୁରାଇ ଚୋବାଇ ଖାଇପାରନ୍ତି। ତା' ସହ ଉକ୍ତ ବତୁରା ପାଣିକୁ ସେବନ କରିବା ଦ୍ୱାରା ପେଟର ବିଭିନ୍ନ ସମସ୍ୟା ଦୂର ହେବା ସହ ଡାଇବେଟିସ୍‌କୁ ନିୟନ୍ତ୍ରଣ ରଖିବାରେ ସହାୟକ ହୋଇଥାଏ। ମେଥି ପ୍ରତିଦିନ ଖାଇବା ଦ୍ୱାରା ଶରୀରରେ ମେଟାବୋଲିଜିମ ବୃଦ୍ଧି ଘଟାଇବା ସହିତ ଓଜନକୁ ସନ୍ତୁଳିତ ରଖିଥାଏ।

**ରସୁଣ:** ଭାରତୀୟ ପ୍ରାଚୀନ ଆୟୁର୍ବେଦ ଚିକିତ୍ସା ଶାସ୍ତ୍ରରେ ରସୁଣ ଆମ ଶରୀର ପାଇଁ କିପରି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ ତାହା ବର୍ଣ୍ଣନା କରାଯାଇଛି। ପ୍ରତିଦିନ କଞ୍ଚା ରସୁଣ ୧-୩ ପାଖୁଡ଼ା ଖାଲି ପେଟରେ ଖାଇଲେ ତାହା ଶରୀର ପାଇଁ ଉପକାରୀ। ଏଥିରେ ଆଣ୍ଟି ବ୍ୟାକ୍ଟେରିଆ ଏବଂ ବେଦନା ନାଶକ ଉପାଦାନ ରହିଛି। ଏହା ବଦ ହଜମି, ଥଣ୍ଡା, ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ଡାଇବେଟିସ୍ ଏବଂ ରକ୍ତରେ ଶର୍କରା (ସୁଗାର) ପରିମାଣକୁ ନିୟନ୍ତ୍ରଣରେ ରଖିଥାଏ। କଞ୍ଚା ରସୁଣକୁ ଛୋଟ ଛୋଟ କରି କାଟି ଖାଇବା ଉଚିତ। କାରଣ ଏହି କଟା ରସୁଣ ବାୟୁ ସଂସ୍ପର୍ଶରେ ଆସିବା ଦ୍ୱାରା ଏଥିରେ ରହିଥିବା ଜୀବାଣୁ ନାଶକ ଦ୍ରବ୍ୟ (ଲାଇସିନ୍) ଅଧିକ କ୍ରିୟାଶୀଳ ହୋଇଥାଏ, ଯାହାକି ଆମ ଶରୀର ପାଇଁ ଯଥେଷ୍ଟ ଉପକାରୀ।

**ହଳଦୀ:** କଞ୍ଚାହଳଦୀକୁ ଶିଳରେ ବାଟି ଛୋଟ ଗିଲ ସଦୃଶ କରି ୨ରୁ ୩ଟି ଗୁଳା ଖାଲି ପେଟରେ ଖାଇବା ଦ୍ୱାରା ଶରୀରରେ କୃମି ନଷ୍ଟ ହୋଇଥାଏ। ତା'ସହ ପେଟର ଯାବତୀୟ ରୋଗ ନଷ୍ଟ ହେବା ସହ ରକ୍ତ ପରିଷ୍କାର ରହିଥାଏ। ଏହା ଶରୀରରେ ଆଣ୍ଟିବାୟୋଟିକ ସଦୃଶ କାମ କରିଥାଏ। କଞ୍ଚାହଳଦୀକୁ ପାଣିରେ ସିଝାଇ ଚାରି ଭାଗରୁ ଭାଗେ ରହିବା ପରେ ସେଥିରେ ମହୁ ମିଶାଇ ପିଇବା ଦ୍ୱାରା ବହୁ ଉପକାର ମିଳିଥାଏ। କଞ୍ଚା ହଳଦୀରେ ୧୦-୧୨ ପ୍ରତିଶତ ଜଳ, ୪-୧୨ ପ୍ରତିଶତ ଫ୍ୟାଟି ଅଏଲ, ୪-୧୪ ପ୍ରତିଶତ ଏସେନ୍ସିଆଲ ଅଏଲ, ୫-୧୩ ପ୍ରତିଶତ ମିନେରାଲ୍ସ ଏବଂ ୭୦ ପ୍ରତିଶତ କାର୍ବୋହାଇଡ୍ରେଟ ଓ ଭିଟାମିନ 'ଇ' ମଧ୍ୟ ଥାଏ। ହଳଦୀ ଶରୀରରେ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ।

**ଧନିଆ:** ଧନିଆ ଓ ଧନିଆ ପତ୍ର ଖାଦ୍ୟ ଓ ମସଲାରେ ବ୍ୟବହାର ବହୁ ପୁରାତନ। ଏହା ହୃଦ୍‌ରୋଗ, ପେଟ ରୋଗ, ଅଜୀର୍ଣ୍ଣ, ବାନ୍ତି, ପେଟରେ ଅମ୍ଳ ହେବା ତଥା ବିଭିନ୍ନ ଚର୍ମରୋଗକୁ ଦୂର କରିବାରେ ସାହାଯ୍ୟ କରିଥାଏ। ଧନିଆ ପତ୍ର ଖାଦ୍ୟପଦାର୍ଥର ବାସ୍ନା ଓ ସ୍ୱାଦ ବଢ଼ାଇ ଥାଏ।

**ପାନମହୁରି:** ଭାରତୀୟ ପାରମ୍ପରିକ ଚିକିତ୍ସା ଶାସ୍ତ୍ରରେ ପାନମହୁରିକୁ ଘରୋଇ ଔଷଧ ରୂପେ ବ୍ୟବହାର କରାଯାଇଥାଏ। ଏହା ଏକ ସୁଗନ୍ଧ, ରୁଚିକର, ସୁସ୍ୱାଦୁ ଦ୍ରବ୍ୟ। ଏହା ବିଭିନ୍ନ ପେଟରୋଗ, ଅମ୍ଳନାଶକ, ବାୟୁ ନାଶକ, କୋଷ୍ଠକାଠିନ୍ୟ, ପାଟିର ଦୁର୍ଗନ୍ଧ ଦୂର କରିବା ସହ ପାଟିର ବ୍ୟାକ୍ଟେରିଆକୁ ନଷ୍ଟ କରିଥାଏ। ପାନମହୁରିରେ ଆସପେରିଟିକ ଏସିଡ, ଭିଟାମିନ ସି, ଆମିନୋଚ ଏସିଡ, ମ୍ୟାଗ୍ନେସିୟମ, ମିନେରାଲ ଆଦି ତତ୍ତ୍ୱ ରହିଛି। ଏହା ରକ୍ତଚାପ ଏବଂ ଓଜନକୁ ସନ୍ତୁଳିତ ରଖେ। ଏହାବ୍ୟତୀତ ରୋଗପ୍ରତିରୋଧକ ଶକ୍ତି ବୃଦ୍ଧି କରିଥାଏ। ଭାରତୀୟ ମୌଳକ ଚିକିତ୍ସା ଶାସ୍ତ୍ରରେ ଦୈନନ୍ଦିନ ଖାଦ୍ୟ ପଦାର୍ଥରେ ବ୍ୟବହୃତ ହେଉଥିବା ଉପରୋକ୍ତ ମସଲା ଆମ ଶରୀର ପାଇଁ ବେଶ୍ ଉପକାରୀ ସାବ୍ୟସ୍ତ ହୋଇଥାଏ। ଏଗୁଡିକୁ ଆମ ପୂର୍ବ ପୁରୁଷମାନେ ବ୍ୟବହାର କରିଆସୁଥିଲେ ଏବଂ ବର୍ତ୍ତମାନ ଆମେ ସେଗୁଡିକୁ ବ୍ୟବହାର କରୁଛେ। ଆଜିର ଆଧୁନିକ ଚିକିତ୍ସା ଶାସ୍ତ୍ରରେ ଏହି ମସଲାଗୁଡିକୁ ବହୁ ପରୀକ୍ଷା ନିରୀକ୍ଷା କରି ତାହାର ଉପକାରୀ ଗୁଣ ବିଷୟରେ ସୂଚନା ଦିଆଯାଇଛି।

-ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ଚନ୍ଦାହାଣ୍ଡି,
ନବରଙ୍ଗପୁର
ମୋ: ୭୮୯୪୧୧୨୪୮୭

## ସ୍ୱାସ୍ଥ୍ୟୋପକାରୀ ଆମ୍ବ



ଆମ୍ବ ହେଉଛି ଆମ ଦେଶର ଏକ ମୁଖ୍ୟ ଫଳ। ଏଥିରେ ପ୍ରଚୁର ପରିମାଣରେ ପାଣି ଏବଂ ବିଭିନ୍ନ ପୁଷ୍ଟିକାରକ ଦ୍ରବ୍ୟ ଭରିରହିଛି। ଗୋଟିଏ ବଡ଼ ଆମ୍ବରେ ୧୩୫ କ୍ୟାଲୋରି ଥାଏ। ଆମ୍ବ ଖାଇଲେ ତାହା ଶରୀରରେ କ୍ୟାଲୋରିକୁ କେତେକାଂଶରେ ସନ୍ତୁଳିତ ରଖେ। ଏହାବ୍ୟତୀତ ଆମ୍ବରେ ପୋଟାସିୟମ, ଭିଟାମିନ୍ 'ଏ', ବିଟା କାରୋଟିନ୍, ଭିଟାମିନ୍ 'ସି', 'କେ', କ୍ୟାଲସିୟମ, ଫସ୍‌ଫରସ, ମାଗ୍ନେସିୟମ ଏବଂ ଆଉ କେତେକ ପୁଷ୍ଟିକାରକ ଦ୍ରବ୍ୟ ରହିଛି। ଆମ୍ବରେ ମଧ୍ୟ ପ୍ରଚୁର ପରିମାଣରେ ଏଞ୍ଜାଇମ୍ ରହିଛି। ଏହାକୁ ଖାଇଲେ ତାହା ହଜମ କ୍ରିୟାକୁ ଆହୁରି ସକ୍ରିୟ କରାଇଥାଏ। ଗୋଟିଏ ଆମ୍ବରେ ୪ ଗ୍ରାମ ଫାଇବର ବା ତନ୍ତୁ ଥାଏ। ଆମ୍ବରେ ୩୦ ଗ୍ରାମ ପ୍ରାକୃତିକ ସୁଗାର ରହିଛି। ଏହାକୁ ଖାଇଲେ ଶରୀରରେ କୋଲେଷ୍ଟରଲ ପରିମାଣ ସନ୍ତୁଳିତ ରହିଥାଏ। ଆଉ ଏକ ଖାସ୍ କଥା ହେଲା ଯେ, ଓଜନକୁ ନିୟନ୍ତ୍ରିତ ରଖିବାରେ ଆମ୍ବ କେତେକାଂଶରେ ସହାୟକ ହୋଇଥାଏ। ଦୃଷ୍ଟିଶକ୍ତି ବୃଦ୍ଧି କରିବାରେ ଏହାର ମଧ୍ୟ ଭୂମିକା ରହିଛି। ନିୟମିତ ଆମ୍ବ ଖାଇଲେ ତାହା ସ୍ମରଣ ଶକ୍ତି ବଢ଼ାଇଥାଏ ବୋଲି କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି।

## ବ୍ଲଡ୍‌ପ୍ରେସର ଲୋ ରହୁଥିଲେ...

ସାଧାରଣତଃ ବ୍ଲଡ୍‌ପ୍ରେସର ଦୁଇ ପ୍ରକାର- ହାଇ ବ୍ଲଡ୍‌ପ୍ରେସର (ଉଚ୍ଚ ରକ୍ତଚାପ) ଏବଂ ଲୋ ବ୍ଲଡପ୍ରେସର (ନିମ୍ନ ରକ୍ତଚାପ)। ଯଦି ଆପଣଙ୍କର ରକ୍ତଚାପ ଲୋ' ରହୁଛି ତେବେ କେତୋଟି ବିଷୟ ପ୍ରତି ନଜର ଦେବାକୁ ଭୁଲନ୍ତୁ ନାହିଁ। ଏହି ସମୟରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ପ୍ରଥମେ ଏ ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ଶରୀରରେ ଜଳୀୟ ଅଂଶ ସନ୍ତୁଳିତ ରହିବା ନିହାତି ଜରୁରୀ। ଯଦି ଏହା ଏପଟ ସେପଟ ହେଲା, ତେବେ ତାହା ରକ୍ତ ସଞ୍ଚାଳନକୁ ପ୍ରଭାବିତ କରେ। ତେଣୁ ପ୍ରଚୁର ପାଣି ପିଅନ୍ତୁ। କାରଣ ଏହା ଲୋ' ବ୍ଲଡପ୍ରେସରକୁ ଅନେକାଂଶରେ ନିୟନ୍ତ୍ରଣ କରିବାରେ ସହାୟକ ହୋଇଥାଏ। ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଅନ୍ତୁ। ଲୋ ବ୍ଲଡପ୍ରେସର ରୋଗୀଙ୍କ ପାଇଁ ଓଟ୍‌ସ ବହୁତ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ। ଏଥିରେ ଥିବା ଫାଇବର ତତ୍ତ୍ୱ ଲୋ ବ୍ଲଡ୍ ପ୍ରେସରକୁ ସନ୍ତୁଳିତ ରଖେ। ଲୋ ବ୍ଲଡ୍ ପ୍ରେସରକୁ ନିୟନ୍ତ୍ରଣରେ ରଖିବା ଲାଗି ପ୍ରତିଦିନ ରସୁଣ ଖାଇପାରନ୍ତି।



## ମନେରଖନ୍ତୁ

- ପ୍ରତିଦିନ ସକାଳୁ ଅତିକମ୍‌ରେ ଅଧ ଘଣ୍ଟାଏ ଚାଲନ୍ତୁ।
- ସକାଳୁ ଠିକ୍ ସମୟରେ ବ୍ରେକ୍‌ଫାଷ୍ଟ ଖାଇବାକୁ ଭୁଲନ୍ତୁ ନାହିଁ।
- ବୟସ ବଢ଼ିବା ସହ ସ୍ୱାସ୍ଥ୍ୟ ପ୍ରତି ଅଧିକ ସଚେତନ ରୁହନ୍ତୁ।
- ଯଦି ଆପଣଙ୍କର କୌଣସି ସ୍ୱାସ୍ଥ୍ୟ ସମସ୍ୟା ରହିଛି ତେବେ ନିୟମିତ ସମୟ ବ୍ୟବଧାନରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ଦୃଷ୍ଟିଶକ୍ତିଜନିତ ସମସ୍ୟା ଥିଲେ ନିର୍ଦ୍ଦିଷ୍ଟ ସମୟରେ ଆଖି ଏବଂ ଚଷମା ପରୀକ୍ଷା କରାଇ ନିଅନ୍ତୁ।
- ଅନ୍ୟ କାହା ପରାମର୍ଶରେ ଔଷଧ ନ ଖାଇବା ଭଲ। ରୋଗ ଏବଂ ଏହାର ଚିକିତ୍ସା ବିଷୟରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ।
- ସବୁବେଳେ ତଟକା ତଥା ସବୁଜ ପନିପରିବାରୁ ପ୍ରସ୍ତୁତ ଖାଦ୍ୟ ଖାଆନ୍ତୁ।



## ନିଦ୍ରାହୀନତା ଓ ମସ୍ତିଷ୍କ ରୋଗ



ଜଣେ ବ୍ୟକ୍ତି ରାତିରେ ଅତିକମ୍‌ରେ ୬-୭ ଘଣ୍ଟା ଶୋଇବା ଦରକାର। ହେଲେ କେତେଜଣ ନିଦ୍ରାହୀନତାର ଶିକାର ହୋଇଥାଆନ୍ତି। ଏଭଳି ସମସ୍ୟା ପରୋକ୍ଷରେ କେତେକ ରୋଗର କାରଣ ହୋଇଥାଏ। ବିଶେଷଭାବରେ ନିଦ୍ରାହୀନତା ଦୀର୍ଘଦିନ ଧରି ଲାଗିରହିଲେ ତାହା କେତେକ ମସ୍ତିଷ୍କ ରୋଗକୁ ଡାକି ଆଣିଥାଏ ବୋଲି ସିଡନୀ ୟୁନିର୍ଭସିଟିର ବିଶେଷଜ୍ଞମାନେ ପ୍ରକାଶ କରିଛନ୍ତି। 'ନିଦ୍ରାହୀନତା ଓ ମସ୍ତିଷ୍କ ରୋଗ' ଶୀର୍ଷକ ବିଷୟକୁ ନେଇ ସେମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ତଥା ଦୀର୍ଘ ଦିନ ଧରି ନିଦ୍ରାହୀନତାର ସମ୍ମୁଖୀନ ହୋଇଥିବା ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୪୦ପ୍ରତିଶତଙ୍କଠାରେ ମସ୍ତିଷ୍କଜନିତ ରୋଗର ଲକ୍ଷଣ ଦେଖିବାକୁ ମିଳିଥିଲା। ତେବେ ରାତିରେ ଶୋଇବାକୁ ଯିବା ପୂର୍ବରୁ ନିଜ ମନକୁ ଶାନ୍ତ ରଖନ୍ତୁ। କାରଣ ଅଧିକାଂଶ ସମୟ ଟେନ୍‌ସନ କିମ୍ବା ଚିନ୍ତାଗ୍ରସ୍ତ ରହିଲେ ତାହା ଗଭୀର ଭାବରେ ନିଦ୍ରାକୁ ପ୍ରଭାବିତ କରିଥାଏ।

## ସ୍ୱାସ୍ଥ୍ୟ ସୂଚନା

➤ଆଜିକାଲି ନିଜର ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। କାରଣ ନିଜକୁ କେତେକାଂଶରେ ସୁସ୍ଥ ରଖିବାରେ ଏହା ସାହାଯ୍ୟ କରିଥାଏ।

➤ଏଭଳି କେତେକ ସ୍ୱାସ୍ଥ୍ୟ ସମସ୍ୟା ରହିଛି, ଯାହାକୁ ଆଦୌ ଅବହେଳା କରିବା ଠିକ୍ ନୁହେଁ। ତନ୍ମଧ୍ୟରୁ ପ୍ରମୁଖ ହେଲା ଡାଇବେଟିସ୍ ଏବଂ ବ୍ଲଡପ୍ରେସର। ଏହି ଦୁଇଟି ଲାଗି ପ୍ରାୟ ସାରା ଜୀବନ ମେଡିସିନ୍ ଖାଇବାକୁ ପଡିଥାଏ। ତେଣୁ ଯଦି ଏଭଳି ସ୍ୱାସ୍ଥ୍ୟ ସମସ୍ୟା ରହିଛି, ତେବେ ସେଥିପ୍ରତି ସଚେତନ ରୁହନ୍ତୁ।



➤ସବୁବେଳେ ଖାଦ୍ୟ ପ୍ରତି ଅଧିକ ଲୋଭକୁ ନିୟନ୍ତ୍ରଣରେ ରଖନ୍ତୁ। ସ୍ୱାଦିଷ୍ଟ ଖାଦ୍ୟ ଦେଖିଲେ ଖାଇବାକୁ ବା କାହାର ଇଚ୍ଛା ନ ହୁଏ। କିନ୍ତୁ କେତେକ ପରିସ୍ଥିତି ଆମକୁ ଖାଦ୍ୟ ପ୍ରତି ସର୍ତକ ରହିବାକୁ ବାଧ୍ୟ କରିଥାଏ।

➤ଟେନସନ୍ ଏବଂ ଅବସାଦ ଏଭଳି ଦୁଇଟି ସମସ୍ୟା ଯାହା ନୀରବ ଘାତକ ଭାବରେ କାମ କରେ। ଏଗୁଡିକ ପ୍ରତି ସତର୍କ ନ ହେଲେ ତାହା ପରୋକ୍ଷରେ ଆଉ କେତେକ ରୋଗର କାରଣ ସାଜିଥାଏ।

➤ଅଣ୍ଟାଜନିତ ସମସ୍ୟାଠାରୁ ନିଜକୁ ଦୂରେଇ ରଖିବା ଲାଗି ଚେୟାରେ ସିଧା ହୋଇ ବସନ୍ତୁ ଏବଂ ତଳେ ବସିଥିଲେ ଉଠିବା ବେଳେ ସତର୍କତାର ସହ ଉଠନ୍ତୁ।

➤ନିୟମିତ ଖାଦ୍ୟ ତାଲିକାରେ ବିଭିନ୍ନ ପ୍ରକାର ଶାଗ ସାମିଲ କରନ୍ତୁ। କାରଣ ଏଥିରେ ବିଭିନ୍ନ ପ୍ରକାର ଭିଟାମିନ୍ ଭରିରହିଛି।

## ହୋମିଓପରିବାର, ସର୍ବଜନ ସ୍ୱାସ୍ଥ୍ୟ

ଆଧୁନିକ ଚିକିତ୍ସା ବିଜ୍ଞାନରେ ହୋମିଓପ୍ୟାଥିକର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଅନେକ ପ୍ରକାର ରୋଗର ଚିକିତ୍ସା ଏହାଦ୍ୱାରା କରାଯାଇପାରୁଛି। ପ୍ରତିବର୍ଷ ଏପ୍ରିଲ ୧୦ ତାରିଖକୁ 'ବିଶ୍ୱ ହୋମିଓପ୍ୟାଥି ଦିବସ' ଭାବରେ ପାଳନ କରାଯାଇଥାଏ। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି- 'ହୋମିଓପରିବାର, ସର୍ବଜନ ସ୍ୱାସ୍ଥ୍ୟ'। ଉକ୍ତ ଦିବସ ପାଳନର ଏକ ତାତ୍ପର୍ଯ୍ୟ ମଧ୍ୟ ରହିଛି। ଏହି ଶୁଭ ଦିନରେ ଖ୍ରୀଷ୍ଟିଆନ୍ ଫେଡରିକ୍ ସାମୁଏଲ୍ ହାନିମ୍ୟାନ୍ ଜନ୍ମଗ୍ରହଣ କରିଥିଲେ। ହୋମିଓପ୍ୟାଥି ଚିକିତ୍ସାରେ ତାଙ୍କର ଭୂମିକା କ'ଣ ଥିଲା ତାହା କହିବା ଅନାବଶ୍ୟକ। କାରଣ ଏହି ଚିକିତ୍ସାକୁ ଆହୁରି ଲୋକାଦୃତ କରିବାରେ ତାଙ୍କର ଭୂମିକା ସବୁବେଳେ ସ୍ମରଣୀୟ ହୋଇ ରହିବ। ହାନିମ୍ୟାନ୍‌ଙ୍କର ଏଭଳି ଅବଦାନ ପାଇଁ ତାଙ୍କୁ 'ହୋମିଓପ୍ୟାଥି ଚିକିତ୍ସାର ଜନକ' ଭାବରେ ଅଭିହିତ କରାଯାଇଥାଏ। ଜର୍ମାନୀର ଏହି ହୋମିଓପ୍ୟାଥିର ସ୍ରଷ୍ଟା ୧୭୫୫ ଏପ୍ରିଲ ୧୦ରେ ଜନ୍ମଗ୍ରହଣ କରିଥିଲେ। ସମଗ୍ର ବିଶ୍ୱରେ ଏଭଳି ଚିକିତ୍ସାକୁ ଲୋକପ୍ରିୟ କରାଇବାରେ ତାଙ୍କର ଭୂମିକାକୁ ସର୍ବାଗ୍ରେ ସ୍ମରଣ କରାଯାଇଥାଏ। ତେଣୁ ତାଙ୍କୁ ମନେପକାଇବା ପାଇଁ ପ୍ରତିବର୍ଷ ତାଙ୍କ ଜନ୍ମ ଦିନକୁ 'ବିଶ୍ୱ ହୋମିଓପ୍ୟାଥି ଦିବସ' ଭାବରେ ପାଳନ କରାଯାଇଆସୁଅଛି। ୨୦୦୫ ଏପ୍ରିଲ ୧୦ ତାରିଖରେ ପ୍ରଥମ 'ବିଶ୍ୱ ହୋମିଓପ୍ୟାଥି ଦିବସ' ପାଳନ କରାଯାଇଥିଲା।



ଫେଡରିକ୍ ସାମୁଏଲ୍ ହାନିମ୍ୟାନ

ହୋମିଓପ୍ୟାଥି ଏଭଳି ଏକ ସ୍ୱତନ୍ତ୍ର ଚିକିତ୍ସା ପଦ୍ଧତି,



ଆଜି ହେଉଛି 'ବିଶ୍ୱ ହୋମିଓପ୍ୟାଥି ଦିବସ'। ସେ ସମ୍ପର୍କିତ ବିଷୟକୁ ନେଇ ଉପସ୍ଥାପନା...

ଯାହାକି ରୋଗୀର ବ୍ୟକ୍ତିଗତ ବୈଶିଷ୍ଟ୍ୟ ଏବଂ ଲକ୍ଷଣକୁ ପ୍ରାଧାନ୍ୟ ଦିଆଯାଇଥାଏ। ଏଥିରେ ରୋଗୀର ସମ୍ପୂର୍ଣ୍ଣ ଚିକିତ୍ସା ଉପରେ ଗୁରୁତ୍ୱ ଦିଆଯାଏ। ରୋଗୀ ହୋମିଓପ୍ୟାଥି ଚିକିତ୍ସାକୁ ଶତ ପ୍ରତିଶତ ଭରସା କରି ଯଦି ଚିକିତ୍ସିତ ହୁଏ ତେବେ ସେଥିରୁ ସୁଫଳ ମିଳିଥାଏ। କାରଣ ଯେକୌଣସି ଚିକିତ୍ସାରେ ରୋଗୀର ବିଶ୍ୱାସ ହେଉଛି ବଡ଼ କଥା। ଏହି ଚିକିତ୍ସାରେ ରୋଗୀର ରୋଗପ୍ରତିରୋଧକ ଶକ୍ତି ବ୍ୟବସ୍ଥାର ଅଭାବ ଅକ୍ଷମତା କିମ୍ବା ଅସମାନତାକୁ ରୋଗର ପ୍ରାରମ୍ଭ ବୋଲି ବିବେଚନା କରାଯାଏ। ତା'ପରେ ରୋଗୀର ରୋଗପ୍ରତିରୋଧକ ବ୍ୟବସ୍ଥାକୁ ପ୍ରାକୃତିକ ଉପାୟରେ ସକ୍ଷମ କରି ହୋମିଓପ୍ୟାଥି ଔଷଧ ମାଧ୍ୟମରେ ରୋଗର ମୂଳୋତ୍ପାଟନ କରାଯାଇଥାଏ।

ଏହି ଚିକିତ୍ସା ପଦ୍ଧତି ସରଳ, ପାର୍ଶ୍ୱ ପ୍ରତିକ୍ରିୟାବିହୀନ ଏବଂ ସ୍ୱଳ୍ପ ବ୍ୟୟଯୁକ୍ତ ହୋଇଥିବାରୁ ଏହା ସାରା ବିଶ୍ୱରେ ୮୦ରୁ ଅଧିକ ଦେଶରେ ବହୁଳ ଭାବରେ ପ୍ରସାରିତ ହୋଇପାରିଛି। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା (ୱାର୍ଲ୍ଡ ହେଲ୍‌ଥ ଅର୍ଗାନାଇଜେଶନ) ଦୃଷ୍ଟିରେ ହୋମିଓପ୍ୟାଥି ଏକ ଉତ୍ତମ ବିକଳ୍ପ (ଅଲଟରନେଟିଭ) ଏବଂ ସାହାଯ୍ୟକାରୀ (କମ୍ପ୍ଲିମେଣ୍ଟାରି) ଚିକିତ୍ସା ପଦ୍ଧତି। ସାଧାରଣ ପେଟ ରୋଗ, ଶିଶୁ ରୋଗ, ଶ୍ୱାସଜନିତ ରୋଗ, କଷ୍ଟସାଧ ଚର୍ମରୋଗ, ଅସ୍ଥି ରୋଗ, ସ୍ନାୟୁ ରୋଗ, ମାନସିକ ରୋଗ, ଅନିୟନ୍ତ୍ରିତ ଜୀବନଶୈଳୀଜନିତ ରୋଗ (ଡାଇବେଟିସ୍, ରକ୍ତଚାପ, ମେଦବୃଦ୍ଧି ଇତ୍ୟାଦି) ବ୍ୟତୀତ ଦୁରାସାଧ ଜେନେଟିକ୍ ତ୍ରୁଟିଜନିତ ସମସ୍ୟାର ଉପଯୁକ୍ତ ଓ ପ୍ରଭାବଶାଳୀ ଫଳାଫଳ ପାଇଁ ହୋମିଓପ୍ୟାଥି ବେଶ୍ ଲୋକପ୍ରିୟତା ହାସଲ କରିଛି।

ହୋମିଓପ୍ୟାଥି ଚିକିତ୍ସା ବିଜ୍ଞାନର ଉନ୍ନତି ପାଇଁ ଅନୁସନ୍ଧାନମୂଳକ ଗବେଷଣା ବିଭିନ୍ନ ସ୍ତରରେ ଜାରି ଥିବା ସ୍ଥଳେ ଭାରତ ସରକାର ହୋମିଓପ୍ୟାଥିକୁ ଆୟୁଷ ସିଷ୍ଟମ ଅଫ୍ ଅଲ୍ଟରନେଟିଭ ମେଡିସିନ୍‌ରେ ଅନ୍ତର୍ଗତ କରି ୨୦୦୫ ମସିହାରୁ ପ୍ରୋତ୍ସାହନ ଦେଇଆସୁଛନ୍ତି।

-ଡା. ସୁକାନ୍ତି ସୁଚରିତା ଷଡ଼ଙ୍ଗୀ
ଅଧ୍ୟାପିକା, ବିଜୁ ପଟ୍ଟନାୟକ ହୋମିଓପ୍ୟାଥିକ ମେଡିକାଲ କଲେଜ ଆଣ୍ଡ ହସ୍ପିଟାଲ, ବ୍ରହ୍ମପୁର

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/21-23. ଭୁବନେଶ୍ୱର, ସୋମବାର, ଏପ୍ରିଲ ୧୦/୨୦୨୩ Bhubaneswar, Monday, April 10/ 2023

# ଶେଷ ଓଭର: ୧, ୬, ୬, ୬, ୬, ୬

- ଧମାକାଦାର ବ୍ୟାଟିଂ କରି ହିରୋ ସାଜିଲେ ରିଙ୍କୁ ସିଂ
- କୋଲକାତା ନାଇଟ ରାଇଡର୍ସର ନାଟକୀୟ ବିଜୟ
- ଫିକା ପଡ଼ିଲା ରଶିଦ ଖାଁଙ୍କ ହ୍ୟାଟ୍ରିକ

**ଅହମଦାବାଦ, ୯।୪**

ସ୍ଥାନୀୟ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉପସ୍ଥିତ ଭରପୂର ଦର୍ଶକଙ୍କ ସମ୍ମୁଖରେ ଗୁଜରାଟ ଟାଇଟନ୍ସ-କୋଲ୍‌କାତା ନାଇଟ୍ ରାଇଡର୍ସ ଆଇପିଏଲ୍ ମ୍ୟାଚ୍‌ର ରୋମାଞ୍ଚକ ପରିସମାପ୍ତି ଘଟିଛି। ବିଭିନ୍ନ ସମୟରେ ମ୍ୟାଚ୍ ନାଟକୀୟ ମୋଡ଼ ନେବାପରେ ଶେଷରେ ବାଜି ମାରିଛି ନାଇଟ୍ ରାଇଡର୍ସ। ଶେଷ ଓଭରରୁ ମ୍ୟାଚ୍ ବିଜୟ ପାଇଁ କୋଲ୍‌କାତା ୨୯ ରନ୍ ଆବଶ୍ୟକ କରୁଥିଲା। ବୋଲିଂ କରିଥିଲେ ଗୁଜରାଟର ଯାଶ୍ ଦୟାଲ। ଉମେଶ ଯାଦବ ପ୍ରଥମ ବଲ୍‌ରୁ ସିଙ୍ଗଲ ରନ୍ ନେଇ ନନ୍ ଷ୍ଟ୍ରାଇକର ଏଣ୍ଡକୁ ଯାଇଥିଲେ। ପରବର୍ତ୍ତୀ ୫ ବଲ୍‌କୁ ଛକା ( ୬, ୬, ୬, ୬ ଓ ୬) ମାରି ରେକର୍ଡ ବୁକ୍‌ରେ ନିଜକୁ ସାମିଲ କରିଥିଲେ କୋଲ୍‌କାତାର ରିଙ୍କୁ ସିଂ। ଶେଷ ବଲ୍‌କୁ ସେ ଛକାରେ ପରିଣତ କରିବାପରେ କୋଲ୍‌କାତା ଦଳର ଭାବପୂର୍ଣ୍ଣ ବିଜୟ ଉତ୍ସବ ଆରମ୍ଭ ହୋଇଯାଇଥିଲା। ଆଇପିଏଲ୍ ଇତିହାସରେ ଶେଷ ଓଭରରେ ଏହା ଥିଲା ସର୍ବାଧିକ ରନ୍‌ଚେଜ୍। ବିସ୍ଫୋରକ ବ୍ୟାଟିଂ କରି ୪୮ ରନ୍‌ରେ ଅପରାଜିତ ରହିବା ସହ ଗୁଜରାଟ ହାତରୁ ମ୍ୟାଚ୍ ଛଡ଼ାଇ ଆଣିଥିବା ରିଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୪ ଉଇକେଟ ହରାଇ ୨୦୪ ରନ୍ କରିଥିବାବେଳେ କୋଲ୍‌କାତା ନାଇଟ ରାଇଡର୍ସ ୨୦ ଓଭରରେ ୭ ଉଇକେଟ ହରାଇ ୨୦୭ ରନ୍ ସଂଗ୍ରହ କରି ନେଇଥିଲା।

## ହ୍ୟାଟ୍ରିକ ନେବାରେ ରଶିଦ ୨୨ତମ ବୋଲର

କୋଲ୍‌କାତା-ଗୁଜରାଟ ମ୍ୟାଚ୍ ବିଭିନ୍ନ ସମୟରେ ଭିନ୍ନ ମୋଡ଼ ନେଇଥିଲା। ନାଇଟ ରାଇଡର୍ସର ଆରମ୍ଭ ଭଲ ହୋଇ ନ ଥିଲେ ମଧ୍ୟ ମିଡିଲ ଅର୍ଡରରେ ଇମ୍ପାକ୍ଟ ପ୍ଲେୟର ଭେଙ୍କଟେଶ ଆୟାର ଓ ଅଧିନାୟକ ନୀତୀଶ ରାଣା ଉପଯୋଗୀ ବ୍ୟାଟିଂକରି ଦଳକୁ ଲକ୍ଷ୍ୟ ପଥରେ ଅଗ୍ରସର କରାଇଥିଲେ। ମାତ୍ର ନୀତୀଶ ୨୯ ବଲ୍‌ରୁ ୪୫ (୪ ଚୌକା, ୩ ଛକା) ଓ ଭେଙ୍କଟେଶ୍ ୪୦ ବଲ୍‌ରୁ ୮୩ (୮ ଚୌକା, ୫ ଛକା) ରନ୍‌କରି ଆଉଟ ହେବାପରେ ମ୍ୟାଚ୍ ଗୁଜରାଟ ଆଡ଼କୁ ଢଳିଥିଲା। କୋଲ୍‌କାତା ୩୦ ବଲ୍‌ରୁ ୫୬ ରନ୍ ଆବଶ୍ୟକ କରୁଥିବାବେଳେ ରଶିଦ୍ ଖାଁ ମ୍ୟାଜିକ୍ ସ୍ପେଲ୍ ବୋଲିଂକରି ହ୍ୟାଟ୍ରିକ୍ ଅର୍ଜନ କରିଥିଲେ। ସେ ୧୭ତମ ଓଭରର ପ୍ରଥମ ବଲ୍‌ରେ ଆନ୍ଦ୍ରେ ରସେଲ, ଦ୍ୱିତୀୟ ବଲ୍‌ରେ ସୁନୀଲ ନାରିନ ଓ ତୃତୀୟ ବଲ୍‌ରେ ଶାର୍ଦ୍ଦୁଳ ଠାକୁରଙ୍କ ଉଇକେଟ ନେଇ କୋଲ୍‌କାତା ଦଳକୁ ବ୍ୟାକ୍‌ଫୁଟ୍‌କୁ ଠେଲି ଦେଇଥିଲେ। ଆଇପିଏଲ ଇତିହାସରେ ୨୨ତମ ବୋଲରଭାବେ ସେ ହ୍ୟାଟ୍ରିକ୍ ଉଇକେଟ ନେଇଛନ୍ତି। ମାତ୍ର ତାଙ୍କର ଏହି ସଫଳତା ଗୁଜରାଟର ପରାଜୟ ସହ ଫିକା ପଡ଼ିଥିଲା। ଶେଷ ଓଭରରେ ରିଙ୍କୁଙ୍କ ଧମାକା କୋଲ୍‌କାତାକୁ ଅବିଶ୍ୱସନୀୟ ବିଜୟ ଭେଟି ଦେଇଥିଲା। ଅସୁସ୍ଥ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ସ୍ଥାନରେ ଗୁଜରାଟ ଟାଇଟନ୍ସ ଅଧିନାୟକ ଦାୟିତ୍ୱ ତୁଲାଇଥିବା ରଶିଦ୍ ଖାଁ ଏଠାରେ ଟସ୍ ଜିତି ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ। ଟାଇଟନ୍ସ ଯଦିଓ ଋଦ୍ଧିମାନ ଶାହା(୧୭)ଙ୍କ ଉଇକେଟ ଶୀଘ୍ର ହରାଇଥିଲା ତଥାପି ଶୁବମନ ଗିଲ୍‌ଙ୍କ ଉପଯୋଗୀ ଇନିଂସ ଏବଂ ସାଇ ସୁଦର୍ଶନ ଓ ବିଜୟ ଶଙ୍କରଙ୍କ ବିସ୍ଫୋରକ ବ୍ୟାଟିଂ ବଳରେ ବଡ଼ ସ୍କୋର କରିବାରେ ସକ୍ଷମ ହୋଇଥିଲା। ଶୁବମନ ୩୧ ବଲ୍‌ରୁ ୩୯ ରନ୍ କରି ଆଉଟ ହୋଇଥିଲେ। ଏହି ଅବସରରେ ସେ ଆଇପିଏଲ୍‌ରେ ୨୦୦୦ ରନ୍ ପୂରଣ କରିଥିଲେ। ସାଇ ସୁଦର୍ଶନ ତାଙ୍କ ଚମତ୍କାର ଫର୍ମ ଅବ୍ୟାହତ ରଖି ଏଠାରେ ମଧ୍ୟ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ମାତ୍ର ୩୮ଟି ବଲ୍‌ର ସମ୍ମୁଖୀନ ହୋଇ ୩ ଚୌକା ଓ ୨ ଛକା ସହାୟତାରେ ୫୩ ରନ୍ କରିଥିଲେ। ବ୍ୟାଟିଂ କ୍ରମରେ ୪ ନମ୍ବରରେ ଆସିଥିବା ଅଭିନବ ମନୋହର ୮ ବଲ୍‌ରୁ ୧୪ ରନ୍ କରିଥିବାବେଳେ ସୂୟାଶ ଶର୍ମାଙ୍କ ଶିକାର ହୋଇଥିଲେ। ଗୁଜରାଟ ଦଳ ୨୦୦ ରନ୍ ଅତିକ୍ରମ କରିବା ପଛରେ ବିଜୟ ଶଙ୍କରଙ୍କ ବଡ଼ ଅବଦାନ ରହିଥିଲା। ସେ ମାତ୍ର ୨୪ ବଲ୍‌ରୁ ୬୩ ରନ୍‌କରି ଶେଷପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ତାଙ୍କ ଇନିଂସରେ ୪ ଚୌକା ଓ ୫ ଛକା ସାମିଲ ଥିଲା। ତାଙ୍କ ବ୍ୟାଟିଂ ଆଗରେ କୋଲ୍‌କାତା ବୋଲିଂ ଅତ୍ୟନ୍ତ ମାମୁଲି ସାବ୍ୟସ୍ତ ହୋଇଥିଲା। ଡେଭିଡ୍ ମିଲର ମାତ୍ର ୨ ରନ୍‌କରି ଅପରାଜିତ ରହିଥିଲେ। ମାତ୍ର ବିଜୟ ଶଙ୍କର ଦ୍ରୁତହାରରେ ରନ୍ ସଂଗ୍ରହ କରିଥିବାରୁ ଅସମାପ୍ତ ୫ମ ଉଇକେଟ ଭାଗୀଦାରିରୁ ମାତ୍ର ୧୬ ବଲ୍‌ରୁ ୫୧ ରନ୍ ଆସିଥିଲା। କୋଲକାତା ବୋଲରଙ୍କ ମଧ୍ୟରେ ସୁନୀଲ ନାରିନ ୩ଟି ଏବଂ ସୂୟାଶ ଶର୍ମା ଗୋଟିଏ ଉଇକେଟ ନେଇଥିଲେ।

ଏହି ମ୍ୟାଚ୍‌ରେ ଗୁଜରାଟ ଦଳରେ ସାଇ ସୁଦର୍ଶନଙ୍କ ସ୍ଥାନରେ ଜୋଶୁଆ ଲିଟଲ ଏବଂ କୋଲ୍‌କାତା ଦଳରେ ସୂୟାଶ ଶର୍ମାଙ୍କ ସ୍ଥାନରେ ଭେଙ୍କଟେଶ ଆୟାରଙ୍କୁ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍‌ଭାବେ ସୁଯୋଗ ମିଳିଥିଲା।




### ଆଇପିଏଲ୍ କାର୍ଯ୍ୟସୂଚୀ

(ଆଜିର ମ୍ୟାଚ)

**ବାଙ୍ଗାଲୋର ବନାମ ଲକ୍ଷ୍ନୌ**

ସ୍ଥାନ:ବେଙ୍ଗାଲୁରୁ, ସମୟ: ରାତି ୭.୩୦

ପ୍ରସାରଣ: ଷ୍ଟାର ସ୍ପୋର୍ଟ୍ସ

### ଆଇପିଏଲ୍‌ରେ ଶେଷ ଓଭରରେ ସର୍ବାଧିକ ରନ୍ ଚେଜ୍

**୨୯ ରନ୍:** କୋଲକାତା ବନାମ ଗୁଜରାଟ, ଅହମଦାବାଦ, ୨୦୨୩
**୨୩ ରନ:** ରାଇଜିଂ ପୁଣେ ସୁପରଜାଏଣ୍ଟ୍ସ ବନାମ ପଞ୍ଜାବ କିଙ୍ଗ୍ସ, ଭାଇଜାଗ୍, ୨୦୧୬
**୨୨ ରନ:** ଗୁଜରାଟ ଟାଇଟନ୍ସ ବନାମ ସନ୍‌ରାଇଜର୍ସ ହାଇଦ୍ରାବାଦ, ମୁମ୍ବାଇ, ୨୦୨୨

**ସଂକ୍ଷିପ୍ତ ସ୍କୋର**

ଗୁଜରାଟ ଟାଇଟନ୍ସ ୨୦ ଓଭରରେ ୨୦୪/୪ (ବିଜୟ ଶଙ୍କର-୬୩*, ସାଇ ସୁଦର୍ଶନ-୫୩, ଶୁବମନ ଗିଲ୍-୩୯, ସୁନୀଲ ନାରିନ-୩/୩୩, ସୂୟାଶ ଶର୍ମା-୧/୩୫)। କୋଲକାତା ନାଇଟ୍ ରାଇଡର୍ସ ୨୦ ଓଭରରେ ୨୦୭/୭(ଭେଙ୍କଟେଶ ଆୟାର-୮୩, ରିଙ୍କୁ ସିଂ-୪୮*, ନୀତୀଶ ରାଣା-୪୫, ରଶିଦ୍ ଖାଁ-୩/୩୭, ଆଲଜାରି ଜୋସେଫ-୨/୨୭, ମହମ୍ମଦ ଶାମି-୧/୨୮, ଜୋଶୁଆ ଲିଟଲ-୧/୪୫)।

### ଆଇପିଏଲ୍ ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ | ରନ ହାର |
|---|---|---|---|---|---|
| ରାଜସ୍ଥାନ ରୟାଲ୍ସ | ୩ | ୨ | ୧ | ୪ | +୨.୦୬୭ |
| କୋଲକାତା ନାଇଟ ରାଇଡର୍ସ | ୩ | ୨ | ୧ | ୪ | +୧.୩୭୫ |
| ଲକ୍ଷ୍ନୌ ସୁପର ଜାଏଣ୍ଟ୍ସ | ୩ | ୨ | ୧ | ୪ | +୧.୩୫୮ |
| ଗୁଜରାଟ ଟାଇଟନ୍ସ | ୩ | ୨ | ୧ | ୪ | +୦.୪୩୧ |
| ଚେନ୍ନାଇ ସୁପର କିଙ୍ଗ୍ସ | ୩ | ୨ | ୧ | ୪ | +୦.୩୫୬ |
| ପଞ୍ଜାବ କିଙ୍ଗ୍ସ | ୩ | ୨ | ୧ | ୪ | -୦.୨୩୫ |
| ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର | ୨ | ୧ | ୧ | ୨ | -୧.୨୫୬ |
| ସନ୍‌ରାଇଜର୍ସ ହାଇଦ୍ରାବାଦ | ୩ | ୧ | ୨ | ୨ | -୧.୫୦୨ |
| ମୁମ୍ବାଇ ଇଣ୍ଡିଆନ୍ସ | ୨ | ୦ | ୨ | ୦ | -୧.୩୯୪ |
| ଦିଲ୍ଲୀ କ୍ୟାପିଟାଲ୍ସ | ୩ | ୦ | ୩ | ୦ | -୨.୦୯୨ |



କୋଲକାତା ବିପକ୍ଷ ଆଇପିଏଲ୍ ମ୍ୟାଚରେ ହ୍ୟାଟ୍ରିକ ଉଇକେଟ ନେବାପରେ ଗୁଜରାଟ ଟାଇଟନ୍ସର ରଶିଦ ଖାଁ।

# ମହିଳା ଦଳ ପାଇଁ ଅସ୍ଥାୟୀ ନିଯୁକ୍ତି ମନା

### ବିସିସିଆଇ ଆପେକ୍ସ କାଉନ୍‌ସିଲ ବୈଠକ

**ନୂଆଦିଲ୍ଲୀ, ୯।୪ (ପି.ଟି.)**

ଭାରତୀୟ ମହିଳା କ୍ରିକେଟ ଦଳର ସପୋର୍ଟ ଷ୍ଟାଫ୍‌ଙ୍କୁ ଆଉ ଅସ୍ଥାୟୀ ଭାବେ ନିଯୁକ୍ତି ଦିଆଯିବ ନାହିଁ। ଏଣକି ଏହା ଦୀର୍ଘ ମିଆଦି ବିଶିଷ୍ଟ ହେବ। ରବିବାର ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)ର ଭର୍ଚ୍ଚୁଆଲ ଆପେକ୍ସ କାଉନ୍‌ସିଲ ବୈଠକରେ ଏ ସମ୍ପର୍କରେ ନିଷ୍ପତ୍ତି ନିଆଯାଇଛି। ବିସିସିଆଇ ସମ୍ବିଧାନ ଅନୁସାରେ କ୍ରିକେଟ ଉପଦେଷ୍ଟା କମିଟି ମୁଖ୍ୟ କୋଚ୍‌ଙ୍କୁ ବାଛିଥାଏ। ଚୟନକର୍ତ୍ତାମାନେ ସପୋର୍ଟ ଷ୍ଟାଫ ଚୟନ କରିଥାନ୍ତି। ହେଲେ ମହିଳା ଟିମ୍‌ର ସପୋର୍ଟ ଷ୍ଟାଫ୍‌ଙ୍କ ନିଯୁକ୍ତି କ୍ଷେତ୍ରରେ ଏସବୁ କାର୍ଯ୍ୟକାରୀ ହେଉ ନ ଥିଲା। ବିସିସିଆଇ ଅସ୍ଥାୟୀ ଭାବେ ନ୍ୟାଶନାଲ କ୍ରିକେଟ ଏକାଡେମୀ (ଏନସିଏ)ରୁ ଆଣି କୋଚ୍ ନିଯୁକ୍ତି ଦେଉଥିଲା। ଦୀର୍ଘ ମିଆଦି ନିଯୁକ୍ତି ଦିଆଯିବା ଦ୍ୱାରା ଦଳରେ ସ୍ଥିରତା ଆସିବ ବୋଲି ମନେ କରାଯାଉଛି। ଡିସେମ୍ବରରେ ରମେଶ ପାୱାର ବହିଷ୍କୃତ ହେବାପରଠାରୁ ମହିଳା କ୍ରିକେଟ ଟିମ୍ ମୁଖ୍ୟ କୋଚ୍ ବିନା ଖେଳିଆସୁଛି। ଏପରି ଦଳ କୋଚିଂ ଷ୍ଟାଫ୍ ମୁଖ୍ୟଙ୍କ ବିନା ଫେବୃୟାରୀରେ ଟି୨୦ ବିଶ୍ୱକପ୍ ଖେଳିଛି। ସିନିୟର ମହିଳା ଦଳ ଏପର୍ଯ୍ୟନ୍ତ ବିଶ୍ୱକପ୍ ଟାଇଟଲ ଜିତିପାରି ନାହିଁ। ପରବର୍ତ୍ତୀ ଆଇସିସି ଇଭେଣ୍ଟର ପ୍ରସ୍ତୁତି ପାଇଁ ଏହା ପ୍ରଥମ ପଦକ୍ଷେପ ବୋଲି କୁହାଯାଉଛି।

# ଇଷ୍ଟବେଙ୍ଗଲ ସହ ମ୍ୟାଚ ଡ୍ର ରଖିଲା ଓଡ଼ିଶା ଏଫ୍‌ସି

**ଭୁବନେଶ୍ୱର, ୯।୪ (କ୍ରୀଡ଼ାପ୍ରତିନିଧି):** କେରଳର ମଞ୍ଜେରିଠାରେ ଚାଲିଥିବା ସୁପର କପ୍ ଫୁଟବଲ ଟୁର୍ନାମେଣ୍ଟରେ ଓଡ଼ିଶା ଏଫ୍‌ସି ଡ୍ର ସହ ଅଭିଯାନ ଆରମ୍ଭ କରିଛି। ରବିବାର ଅନୁଷ୍ଠିତ ମ୍ୟାଚରେ ଇଷ୍ଟବେଙ୍ଗଲ ସହ ପଏଣ୍ଟ ଭାଗ କରିଛି ଭୁବନେଶ୍ୱର ଭିତ୍ତିକ ଦଳ। ଗ୍ରୁପ୍ 'ବି'ର ଏହି ମ୍ୟାଚର ୩୮ତମ ମିନିଟରେ ମୋବାସିର ରହମନ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ମାତ୍ର ନନ୍ଦ କୁମାର ସେକର ୭୭ତମ ମିନିଟରେ ଗୋଲଟି ପରିଶୋଧ କରି ଦେଇଥିଲେ। ଅନ୍ୟଏକ ମ୍ୟାଚରେ ହାଇଦ୍ରାବାଦ ଏଫ୍‌ସି ୨-୧ ଗୋଲରେ ଆଇଜଲ ଏଫ୍‌ସିକୁ ପରାସ୍ତ କରିଛି।







# ସନ୍‌ରାଇଜର୍ସ ହାଇଦ୍ରାବାଦକୁ ବିଜୟ ସ୍ୱାଦ

**ହାଇଦ୍ରାବାଦ, ୯।୪**

ଚଳିତ ଆଇପିଏଲ୍‌ରେ ପ୍ରଥମ ବିଜୟ ସ୍ୱାଦ ଚାଖିଛି ସନ୍‌ରାଇଜର୍ସ ହାଇଦ୍ରାବାଦ୍। ରବିବାର ଅନୁଷ୍ଠିତ ମ୍ୟାଚ୍‌ରେ ଏହି ଦଳ ୮ ଉଇକେଟରେ ପଞ୍ଜାବ କିଙ୍ଗ୍ସକୁ ପରାସ୍ତ କରିଛି। ଶିଖର ଧାୱନଙ୍କ ଲଢୁଆ ବ୍ୟାଟିଂ ବଳରେ ପଞ୍ଜାବ ୨୦ ଓଭରରେ ୯ ଉଇକେଟ ହରାଇ ୧୪୩ ରନ୍ କରିଥିଲା। ଜବାବରେ ରାହୁଲ ତ୍ରିପାଠୀଙ୍କ ଦ୍ରୁତ ଅର୍ଦ୍ଧଶତକ ସହାୟତାରେ ସନ୍‌ରାଇଜର୍ସ ୧୭.୧ ଓଭରରେ ୨ ଉଇକେଟ ହରାଇ ୧୪୫ ରନ୍ ସଂଗ୍ରହ କରିନେଇଥିଲା। ପଞ୍ଜାବ ପରାଜିତ ହୋଇଥିଲେ ହେଁ ଲଢୁଆ ବ୍ୟାଟିଂ ପାଇଁ ଧାୱନ ପ୍ଲେୟର ଅଫ୍ ଦି ମ୍ୟାଚ ପୁରସ୍କାର ପାଇଥିଲେ। ପୂର୍ବ ୨ ମ୍ୟାଚ୍‌ରେ ହାଇଦ୍ରାବାଦ୍ ଦଳ ଯଥାକ୍ରମେ ରାଜସ୍ଥାନ ରୟାଲ୍ସ ଓ ଲକ୍ଷ୍ନୌ ସୁପର ଜାଏଣ୍ଟ୍ସଠାରୁ ହାରିଯାଇଥିଲା। ୧୪୪ ରନ୍ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ସନ୍‌ରାଇଜର୍ସ ୪୫ ରନ୍‌ରେ ୨ ଉଇକେଟ ହରାଇଥିଲା। ତେବେ ରାହୁଲ ତ୍ରିପାଠୀ ଓ ଅଧିନାୟକ ଏଡେନ ମାରକ୍ରାମ ଅସମାପ୍ତ ତୃତୀୟ ଉଇକେଟରେ ୫୨ ବଲ୍‌ରୁ ୧୦୦ ରନ୍‌ର ଭାଗୀଦାରି ଗଢ଼ି ଦଳକୁ ବହୁ ପ୍ରତୀକ୍ଷିତ ବିଜୟ ଦେଇଥିଲେ। ତ୍ରିପାଠୀ ୪୮ ବଲ୍‌ରୁ ୭୪ (୧୦ ଚୌକା, ୩ ଛକା) ଓ ମାରକ୍ରାମ ୨୧ ବଲ୍‌ରୁ ୩୭ (୬ ଚୌକା) ରନ୍‌ରେ ଅପରାଜିତ ରହିଥିଲେ।

## ଏକା ଲଢ଼ିଲେ ଧାୱନ

ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ପଞ୍ଜାବ ଖାତା ଖୋଲିବା ପୂର୍ବରୁ ପ୍ରଭସିମରନ ସିଂଙ୍କ ଉଇକେଟ ହରାଇଥିଲା। ଏହାପରେ କ୍ରମାଗତ ବ୍ୟବଧାନରେ ଉଇକେଟ ପଡ଼ିଥିଲା। ଗୋଟିଏପଟେ ଅଧିନାୟକ ଶିଖର ଧାୱନ୍ ଲଢ଼େଇ ଜାରି ହେଁ ୧୫ ଓଭର ଶେଷବେଳକୁ ୮୮ ରନ୍‌ରେ ଦଳ ୯ ଉଇକେଟ ହରାଇଥିଲା। ଧାୱନ୍ ଶେଷପର୍ଯ୍ୟନ୍ତ ଲଢ଼ି ୯୯ (୬୬ ବଲ, ୧୨ ଚୌକା, ୫ ଛକା) ରନ୍‌ରେ ଅପରାଜିତ ରହିଥିଲେ। ଦଳର ୧୧ ନମ୍ବର ଖେଳାଳି ମୋହିତ ରାଠୀ ୨ ବଲ୍‌ର ସମ୍ମୁଖୀନ ହୋଇ ୧ ରନ୍‌ରେ ଅପରାଜିତ ରହିଥିଲେ। ମାତ୍ର ଧାୱନ୍ ଯୋଜନାବଦ୍ଧଭାବେ ଖେଳିବାରୁ ଅସମାପ୍ତ ଅନ୍ତିମ ଉଇକେଟ ଯୋଡ଼ିରୁ ୫୫(୩୦ ବଲ୍)ରନ୍ ସଂଗୃହୀତ ହୋଇପାରିଥିଲା। ଧାୱନ୍‌ଙ୍କ ବ୍ୟତୀତ କେବଳ ସାମ୍ କୁରାନ ଦୁଇଅଙ୍କ ସ୍ପର୍ଶ କରିଥିଲେ। ବ୍ୟାଟିଂ ବିପର୍ଯ୍ୟୟକୁ ଦୃଷ୍ଟିରେ ରଖି ପଞ୍ଜାବ ଟିମ୍ ମ୍ୟାନେଜ୍‌ମେଣ୍ଟ ପ୍ରଥମ ଇନିଂସ୍ ଅବସରରେ ଇମ୍ପାକ୍ଟ ସବ୍‌ଷ୍ଟିଚ୍ୟୁଟ୍ ରୂପରେ ସିକନ୍ଦର ରାଜାଙ୍କୁ ନେଇଥିଲା। ମାତ୍ର ସେ ମଧ୍ୟ ନିରାଶ କରି ୫ ରନ୍‌ରେ ପାଭିଲିୟନ ଫେରିଥିଲେ। ସନ୍‌ରାଇଜର୍ସ ବୋଲରଙ୍କ ମଧ୍ୟରେ ମୟଙ୍କ ମାର୍କଣ୍ଡେ ୪ଟି, ମାର୍କୋ ଜାନସେନ ଓ ଉମ୍ରାନ୍ ମଲିକ ୨ଟି ଲେଖାଏ ଏବଂ ଭୁବନେଶ୍ୱର କୁମାର ଗୋଟିଏ ଉଇକେଟ ନେଇଥିଲେ।




ମୟଙ୍କ ମାର୍କଣ୍ଡେ

**ସଂକ୍ଷିପ୍ତ ସ୍କୋର**

ପଞ୍ଜାବ କିଙ୍ଗ୍ସ ୨୦ ଓଭରରେ ୧୪୩/୯ (ଶିଖର ଧାୱନ୍-୯୯*, ସାମ୍ କୁରାନ-୨୨, ମୟଙ୍କ ମାର୍କଣ୍ଡେ-୪/୧୫, ମାର୍କୋ ଜାନସେନ-୨/୧୬, ଉମ୍ରାନ୍ ମଲିକ-୨/୩୨, ଭୁବନେଶ୍ୱର କୁମାର-୧/୩୩)। ସନ୍‌ରାଇଜର୍ସ ହାଇଦ୍ରାବାଦ ୧୭.୧ ଓଭରରେ ୧୪୫/୨ (ରାହୁଲ ତ୍ରିପାଠୀ-୭୪*, ଏଡେନ ମାରକ୍ରାମ-୩୭*, ଅର୍ଶଦୀପ ସିଂ-୧/୨୦, ରାହୁଲ ଚହର-୧/୨୮)।

3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ